# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧/୨୦୨୨ (୧୪ ପୃଷ୍ଠା) | Balasore, Tuesday, March 1/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେବେ ମୟଙ୍କ**
ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ ପାଇଁ ଓପନର ମୟଙ୍କ ଅଗ୍ରୱାଲ ପଞ୍ଜାବ କିଙ୍ଗ୍ସର ଅଧିନାୟକ ମନୋନୀତ ହୋଇଛନ୍ତି। ୧୪

୧୨ **ଆକ୍ସନ ମୋଡ୍‌ରେ ବଲିଉଡ୍ କୁଇନ୍**
ଫିଲ୍ମ 'ଧକଡ୍'ରେ କଙ୍ଗନାଙ୍କୁ ଆକ୍ସନ ଅବତାରରେ ଦେଖିବେ ଦର୍ଶକ।




# ସବୁଠି ବିଜେଡି ଗଡ଼

## ୧୦ ଜିଲାରେ ଭାଜପା, ୧୮ରେ କଂଗ୍ରେସ ଖାତା ଖୋଲିପାରିଲେନି

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ଗତ ୩ ଦିନ ଧରି ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ଭୋଟ ଗଣନା ସୋମବାର ଶେଷ ହୋଇଛି। ତିନୋଟି ପର୍ଯ୍ୟାୟ ଗଣତି ପରେ ବିଜେଡି ରେକର୍ଡ ବିଜୟ ହାସଲ କରିଛି। ୮୫୩ଟି ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡି ୫୫୨ ସିଟ୍‌ରେ ବିଜୟୀ ହୋଇଥିବା ବେଳେ ୨୧୧ ସିଟ୍‌ରେ ଆଗୁଆ ରହିଛି। ସେହିପରି ଭାଜପା ୩୧ଟିରେ ବିଜୟୀ, ୧୫ଟିରେ ଆଗୁଆ ରହିଥିବାବେଳେ କଂଗ୍ରେସ ୩୦ଟି ଆସନରେ ବିଜୟୀ ଏବଂ ୬ଟିରେ ଆଗୁଆ ରହିଛି। ସ୍ୱାଧୀନ ଓ ଅନ୍ୟାନ୍ୟ ଦଳ ୭ଟି ଆସନ ହାତେଇଛନ୍ତି। ୯୦ ପ୍ରତିଶତ ଆସନ ବିଜେଡି ସପକ୍ଷରେ ଯାଇଥିବା ବେଳେ ମାତ୍ର ୧୦ ପ୍ରତିଶତ ଆସନରେ ଭାଜପା, କଂଗ୍ରେସ ଏବଂ ଅନ୍ୟାନ୍ୟ ପ୍ରାର୍ଥୀଙ୍କୁ ସନ୍ତୁଷ୍ଟ ହେବାକୁ ପଡିଛି। କହିବାକୁ ଗଲେ ବିଜେଡି ପଞ୍ଚାୟତ ଜନମତକୁ ସମ୍ପୂର୍ଣ୍ଣ ପୋଛିନେଇଛି। ପଞ୍ଚାୟତ ଜନମତ ବିରୋଧୀ ଦଳ ଭାଜପା ଓ କଂଗ୍ରେସକୁ ଜୋରଦାର ଝଟକା ଦେଇଛି। ଏପରିକି ଉଭୟ ଦଳ ନିଜର ପୂର୍ବସ୍ଥିତିକୁ ମଧ୍ୟ ହରାଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ୪୭୩ ଜିଲାପରିଷଦ ଆସନରେ ବିଜୟୀ ହୋଇଥିବା ବେଳେ ଭାଜପା ୨୯୭ ଓ କଂଗ୍ରେସ ୬୦ଟି ସିଟ୍‌ରେ ବିଜୟୀ ହୋଇଥିଲେ। ତେବେ ଚଳିତ ନିର୍ବାଚନରେ କଂଗ୍ରେସ ହାତରୁ ଅଧା ଜିଲାପରିଷଦ ଆସନ ଚାଲିଯାଇଥିବା ବେଳେ ଭାଜପା ପ୍ରାୟ ୨୫୦ ସିଟ୍ ହରାଇଛି।

ଭାଜପା ୧୦ ଜିଲାରେ ଖାତା ଖୋଲିପାରି ନାହିଁ। ସେହି ଜିଲାଗୁଡ଼ିକ ହେଲା ଭଦ୍ରକ, ଦେବଗଡ଼, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ, ଭାଜପା ନିଜ ଗଡ଼ ବଞ୍ଚାଇବାରେ ମଧ୍ୟ ବିଫଳ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ, କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଆଦି ଜିଲାରେ ଭଲ ପ୍ରଦର୍ଶନ କରିଥିଲା। ତେବେ ଚଳିତ ନିର୍ବାଚନରେ ସେସବୁ ଜିଲାରେ ଦଳକୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ପଞ୍ଚାୟତ ନିର୍ବାଚନରେ ଲୋକମାନେ ଭାଜପାକୁ ଏକପ୍ରକାର ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି।

କଂଗ୍ରେସ ମଧ୍ୟ ଚଳିତ ନିର୍ବାଚନରେ ମାଟି କାମୁଡ଼ି ପଡ଼ିଛି। ୧୮ଟି ଜିଲାରେ କଂଗ୍ରେସ ଖାତା ଖୋଲିପାରି ନାହିଁ। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ☞ ପୃଷ୍ଠା-୪

**ଜିଲା ପରିଷଦ ନିର୍ବାଚନ ଫଳାଫଳ (ରାତି ୧୦ଟା ସୁଦ୍ଧା)**

| ଜିଲା | ମୋଟ ଜୋନ | ବିଜେଡି ବିଜୟୀ/ଆଗୁଆ | ଭାଜପା ବିଜୟୀ/ଆଗୁଆ | କଂଗ୍ରେସ ବିଜୟୀ/ଆଗୁଆ | ଅନ୍ୟାନ୍ୟ ବିଜୟୀ/ଆଗୁଆ |
|---|---|---|---|---|---|
| ଅନୁଗୋଳ | ୨୮ | ୧୫/୧୨ | ୧/୦ | ୦/୦ | ୦/୦ |
| ବାଲେଶ୍ୱର | ୪୫ | ୨୨/୧୭ | ୪/୧ | ୧/୦ | ୦/୦ |
| ବରଗଡ଼ | ୩୪ | ୧୮/୮ | ୫/୨ | ୦/୦ | ୦/୦ |
| ଭଦ୍ରକ | ୨୮ | ୧୬/୧୨ | ୦/୦ | ୦/୦ | ୦/୦ |
| ବଲାଙ୍ଗୀର | ୩୪ | ୨୩/୫ | ୩/୧ | ୨/୨ | ୦/୦ |
| ବୌଦ୍ଧ | ୦୯ | ୪/୩ | ୨/୦ | ୦/୦ | ୦/୦ |
| କଟକ | ୪୬ | ୨୮/୧୭ | ୧/୦ | ୦/୦ | ୦/୦ |
| ଦେବଗଡ଼ | ୦୭ | ୬/୧ | ୦/୦ | ୦/୦ | ୦/୦ |
| ଢେଙ୍କାନାଳ | ୨୭ | ୧୫/୯ | ୧/୨ | ୦/୦ | ୦/୦ |
| ଗଜପତି | ୧୪ | ୧୦/୧ | ୧/୦ | ୨/୦ | ୦/୦ |
| ଗଞ୍ଜାମ | ୬୯ | ୪୩/୨୫ | ୧/୦ | ୦/୦ | ୦/୦ |
| ଜଗତ୍‌ସିଂହପୁର | ୨୬ | ୧୬/୯ | ୦/୦ | ୦/୧ | ୦/୦ |
| ଯାଜପୁର | ୩୯ | ୨୨/୧୭ | ୦/୦ | ୦/୦ | ୦/୦ |
| ଝାରସୁଗୁଡ଼ା | ୦୯ | ୮/୧ | ୦/୦ | ୦/୦ | ୦/୦ |
| କଳାହାଣ୍ଡି | ୩୬ | ୨୩/୧୦ | ୨/୦ | ୧/୦ | ୦/୦ |
| କନ୍ଧମାଳ | ୧୮ | ୧୩/୦ | ୨/୦ | ୩/୦ | ୦/୦ |
| କେନ୍ଦ୍ରାପଡ଼ା | ୩୨ | ୧୯/୧୨ | ୦/୧ | ୦/୦ | ୦/୦ |
| କେନ୍ଦୁଝର | ୩୭ | ୨୪/୯ | ୧/୨ | ୦/୦ | ୦/୦ |
| ଖୋର୍ଦ୍ଧା | ୩୦ | ୧୮/୯ | ୨/୧ | ୦/୦ | ୦/୦ |
| କୋରାପୁଟ | ୨୯ | ୧୫/୧ | ୦/୦ | ୧୧/୧ | ୧/୦ |
| ମାଲକାନଗିରି | ୧୫ | ୧୦/୨ | ୦/୦ | ୨/୧ | ୦/୦ |
| ମୟୂରଭଞ୍ଜ | ୫୬ | ୪୯/୪ | ୦/୦ | ୦/୦ | ୩/୦ |
| ନବରଙ୍ଗପୁର | ୨୬ | ୧୮/୬ | ୦/୦ | ୧/୦ | ୧/୦ |
| ନୟାଗଡ଼ | ୨୪ | ୧୪/୮ | ୦/୧ | ୦/୦ | ୧/୦ |
| ନୂଆପଡ଼ା | ୧୪ | ୧୦/୨ | ୦/୧ | ୦/୧ | ୦/୦ |
| ପୁରୀ | ୩୩ | ୨୧/୮ | ୧/୩ | ୦/୦ | ୦/୦ |
| ରାୟଗଡ଼ା | ୨୨ | ୧୪/୪ | ୦/୦ | ୬/୦ | ୦/୦ |
| ସମ୍ବଲପୁର | ୧୮ | ୧୬/୦ | ୨/୦ | ୦/୦ | ୦/୦ |
| ସୁବର୍ଣ୍ଣପୁର | ୧୩ | ୧୦/୧ | ୧/୦ | ୧/୦ | ୦/୦ |
| ସୁନ୍ଦରଗଡ଼ | ୩୫ | ୩୨/୧ | ୧/୦ | ୦/୦ | ୧/୦ |
| | ୮୫୩ | ୫୫୨/୨୧୧ | ୩୧/୦ | ୩୦/୦ | ୭/୦ |
| ମୋଟ | | ୭୬୩ | ୪୬ | ୩୬ | ୭ |

# ସେନା ପ୍ରତ୍ୟାହାର କରୁ ରୁଷିଆ

## ଶାନ୍ତି ବୈଠକରେ ୟୁକ୍ରେନ୍‌ର ଦାବି



**କ୍ୱିଭ୍, ୨୮।୨**

ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ସୋମବାର ୫ମ ଦିନରେ ପହଞ୍ଚିଛି। ଯୁଦ୍ଧ ଭିତରେ ଉଭୟ ଦେଶ ବେଲାରୁଷ ସୀମାସ୍ଥିତ ଗୋମେଲରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ପ୍ରଥମ ଥର ଶାନ୍ତି ଆଲୋଚନା କରିଛନ୍ତି। ଏଥିରେ ଦୁଇ ଦେଶର ପ୍ରତିନିଧି ଉପସ୍ଥିତ ଥିଲେ। ରୁଷିଆ ତୁରନ୍ତ ଅସ୍ତ୍ରବିରତି କରିବା ସହ ନିଜ ସୈନ୍ୟଙ୍କୁ ୟୁକ୍ରେନ୍‌ରୁ ପ୍ରତ୍ୟାହାର ନିମନ୍ତେ ଶାନ୍ତି ଆଲୋଚନାରେ କ୍ୱିଭ୍ ପକ୍ଷରୁ ଦାବି ହୋଇଛି। ଉଭୟ ପକ୍ଷ ମଧ୍ୟରେ ହୋଇଥିବା ବୁଝାମଣା ଉପରେ ମସ୍କୋ ଏବଂ କ୍ୱିଭ୍‌ରେ ବିଚାରବିମର୍ଷ ହେବ। ପରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ବୈଠକ ବସିବ ବୋଲି ଜଣାଯାଇଛି। ବୈଠକରେ ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରୀ ଓଲେକ୍ସି ରେଜ୍‌ନିକୋଭ୍, ଡେପୁଟି ବହିର୍ବ୍ୟାପାର ମନ୍ତ୍ରୀ ମିକୋଲା ତୋଚ୍ୟେତ୍‌ସ୍କି, ରୁଷିଆ ଡେପୁଟି ପ୍ରତିରକ୍ଷା ମନ୍ତ୍ରୀ ଆଲେକ୍‌ଜାଣ୍ଡର ଫୋମିନ୍ ଏବଂ ବେଲାରୁଷରେ ଥିବା ରୁଷିଆ ରାଷ୍ଟ୍ରଦୂତ ବୋରିସ୍ ଗ୍ରିଜ୍‌ଲୋଭ୍ ଯୋଗ ଦେଇଥିଲେ। ବେଲାରୁଷ ବହିର୍ବ୍ୟାପାର ମନ୍ତ୍ରୀ ଭ୍ଲାଡିମିର ମକେଇ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ☞ ପୃଷ୍ଠା-୪

## ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ଯିବେ ୪ ମନ୍ତ୍ରୀ

**ୟୁକ୍ରେନ୍ ସଙ୍କଟ**

**ନୂଆଦିଲ୍ଲୀ,୨୮।୨**

ରୁଷିଆ ଆକ୍ରମଣ ପରେ ୟୁକ୍ରେନ୍‌ରେ ଫସି ରହିଥିବା ଭାରତୀୟମାନଙ୍କୁ ନିରାପଦର ସହ ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ୪ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି, ଜ୍ୟୋତିରାଦିତ୍ୟ ସିନ୍ଧିଆ, କିରେନ ରିଜିଜୁ ଏବଂ ଜେନେରାଲ ଭି.କେ. ସିଂ ୟୁକ୍ରେନ୍‌ର ପଡୋଶୀ ଦେଶଗୁଡ଼ିକୁ ଯାଇ ସେଠାରେ ଭାରତୀୟମାନଙ୍କ ଉଦ୍ଧାର କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବେ। ସିନ୍ଧିଆ ରୋମାନିଆ ଏବଂ ମୋଲଡୋଭା ଯିବାକୁ ଥିବାବେଳେ ରିଜିଜୁ ସ୍ଲୋଭାକିଆ, ହରଦୀପ୍ ହଙ୍ଗେରି ଏବଂ ଭି.କେ. ସିଂ ପୋଲାଣ୍ଡ ଯିବେ। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହାର ତଦାରଖ ଲାଗି ୪ କେନ୍ଦ୍ରମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ରବିବାର ରାତିରେ ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଯୁଦ୍ଧ ଲାଗିବା ପରେ ୟୁକ୍ରେନ୍‌ରୁ ବର୍ତ୍ତମାନ ସୁଦ୍ଧା ୬ ଥରରେ ୧,୪୦୦ ଭାରତୀୟଙ୍କୁ ଫେରାଇ ଅଣାଗଲାଣି ବୋଲି କେନ୍ଦ୍ର ସରକାର ସୋମବାର କହିଛନ୍ତି। ରୋମାନିଆର ବୁକାରେଷ୍ଟରୁ ୪ ଥର ଏବଂ ହଙ୍ଗେରିର ବୁଦାପେଷ୍ଟରୁ ୨ ଥର ବିମାନରେ ସେମାନଙ୍କୁ ଅଣାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ୟୁକ୍ରେନ୍‌ରେ ପାଖାପାଖି ୧୯,୦୦୦ ଭାରତୀୟ ରହିଯାଇଛନ୍ତି। ☞ ପୃଷ୍ଠା-୪

# ଶିଶୁକନ୍ୟାକୁ ପିଟି ମାରିଲେ ବାପା, ସାବତ ମା'

## ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, ଅଭିଯୁକ୍ତଦ୍ୱୟ ଜେଲ ଗଲେ

**ଦିଗପହଣ୍ଡି,୨୮।୨(ଡି.ଏନ୍.ଏ.)**



ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍‌ଏସି ଅଧୀନ ୫ନଂ. ୱାର୍ଡ ତେନ୍ତୁଳିଆ ସାହିରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ୬ ବର୍ଷୀୟା ଶିଶୁକନ୍ୟା ଏ. ତପସ୍ୟାଙ୍କୁ ନିଜ ବାପା ଏ. ଦିବାକର ଓ ସାବତ ମା' ଏସ୍. ତାପୟୀ ଓରଫ ଏ. ମାନିନୀ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ତପସ୍ୟାଙ୍କ ଅଜା କେ. ଭୀମଙ୍କ ଏତଲାକୁ ଭିତ୍ତିକରି ସୋମବାର ଦିଗପହଣ୍ଡି ପୋଲିସ ନଂ.୯୨/୨୨ ଅନୁଯାୟୀ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ, ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ, ଏସ୍‌ଆଇ ବଳଭଦ୍ର ଗଣ୍ଡ ସଦଳବଳ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ଦିଗପହଣ୍ଡି ବଜାରସାହିର ଏ. ଦିବାକର ସ୍ଥାନୀୟ ଆଠଗଡ଼ିଆ ସାହିର କେ. ଭୀମଙ୍କ କନ୍ୟା କେ. ଶଶୀଙ୍କୁ ୭ ବର୍ଷ ☞ ପୃଷ୍ଠା-୪

# କୁକୁରକୁ ବଳିଦେଇ ରକ୍ତ ପିଇଲେ ୫ଶିଶୁ

**ବଲାଙ୍ଗୀର ଅଫିସ,୨୮।୨**



ପରମ୍ପରା ନାଁରେ ପଶୁବଳି ଦିଆଯିବା ଘଟଣା ଶିଶୁ ମାନସିକତା ଉପରେ କିଭଳି କୁପ୍ରଭାବ ପକାଇଥାଏ ତାହା ବଲାଙ୍ଗୀର ଜିଲା ସଦର ଥାନା ଅନ୍ତର୍ଗତ ପଣ୍ଡାରାପିଟା ଗାଁରେ ଘଟିଥିବା ଏକ ଘଟଣାରୁ ଜଣାପଡ଼ିଛି। ଖେଳରେ ପଶୁବଳି ଦେଇ ୫ଶିଶୁ ଏକ କୁକୁର ଛୁଆର ରକ୍ତ ପିଇଥିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଘଟଣା ଘଟିଛି ଫେବୃୟାରୀ ୧୯ତାରିଖରେ। ପଣ୍ଡରାପିଟା ଗାଁରେ ୫ ଜଣ ଶିଶୁ (ସମସ୍ତଙ୍କ ବୟସ ୫/୬ ବର୍ଷ ହେବ) ଗାଁମୁଣ୍ଡରେ ଖେଳୁଥିଲେ। ଏହି ୫ ଶିଶୁ ସେଠାରେ ଦେବୀ ପୂଜା ଖେଳ ଖେଳିଥିଲେ। ହଠାତ୍ ପାଖରେ ବୁଲୁଥିବା ଏକ କୁକୁର ଛୁଆକୁ ଟେକି ଆଣି ପୂଜାର୍ଚ୍ଚନା କରିଥିଲେ। ସଂଗ୍ରହ କରିଥିବା ଧୂପ କାଠି ଜଳେଇବା ☞ ପୃଷ୍ଠା-୪

## ପୌର ନିର୍ବାଚନ: ପ୍ରକାଶ ପାଇଲା ବିଜ୍ଞପ୍ତି

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ପୌର ନିର୍ବାଚନ ପାଇଁ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ୧୦୬ ପୌରପାଳିକା ଓ ୩ ମହାନଗର ନିଗମ ପକ୍ଷରୁ ଏହି ବିଜ୍ଞପ୍ତି ଜାରି ହୋଇଛି। ୧୦୬ ପୌରପାଳିକା ସଂସ୍ଥା ମଧ୍ୟରେ ୫୯ ଏନ୍‌ଏସି ଓ ୪୭ ପୌର ପରିଷଦ ରହିଛି।

ମାର୍ଚ୍ଚ ୨ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ୯ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି ୧୪ ତାରିଖ। ମାର୍ଚ୍ଚ ୨୪ରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ୨୬ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଗତ ୨୫ ତାରିଖରୁ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ସହ ଭୋଟ ହେବାକୁ ଥିବା ସବୁ ପୌରାଞ୍ଚଳରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଏହା ମାର୍ଚ୍ଚ ୨୬ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

ଆସନ୍ତା ୨୪ ତାରିଖରେ ରାଜ୍ୟର ୧୦୬ଟି ପୌର ପରିଷଦ ଓ ଏନ୍‌ଏସି ଏବଂ ୩ଟି ମହାନଗର ନିଗମରେ ପ୍ରାୟ ୪୧ଲକ୍ଷ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। କେବଳ ପୁରୀ ପୌର ପରିଷଦ ଏବଂ ☞ ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଭାରତ ଅଧିକ ବିପଦାପନ୍ନ







ୟୁକ୍ରେନ୍‌ର ଖର୍କିଭ୍‌ଠାରେ ରୁଷିଆର ଯୁଦ୍ଧାସ୍ତ୍ର ବହନକାରୀ ଗାଡ଼ି ଜଳୁଛି।

# ଭାରତୀୟଙ୍କୁ ପିଟିଲେ ୟୁକ୍ରେନ୍ ସୈନ୍ୟ

**କ୍ବିଭ:** ୟୁକ୍ରେନ୍‌ରେ ଫସିଥିବା ଭାରତୀୟ ଛାତ୍ରୀଛାତ୍ର ସ୍ୱଦେଶ ଫେରିବା ପାଇଁ ସୀମାମୁହାଁ ହୋଇଛନ୍ତି। ଏ ସବୁ ଭିତରେ ସେଠାରୁ ପ୍ରତି ଭାରତୀୟଙ୍କୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଜାତିସଂଘରେ ରୁଷିଆ ବିରୋଧରେ ଭୋଟ ଦେବାରୁ ବିରତ ରହିବାରୁ ୟୁକ୍ରେନ୍ ସୈନ୍ୟ ତଥା ନାଗରିକ ଭାରତୀୟଙ୍କୁ ଶତ୍ରୁ ନଜରରେ ଦେଖୁଛନ୍ତି। ଏପରିକି ୟୁକ୍ରେନ୍ ସୈନ୍ୟ ସେମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ଏହାର ଭିଡିଓ ସାମ୍ନାକୁ ଆସିଛି। ଭାରତୀୟ ଛାତ୍ରୀଛାତ୍ର ରୋମାନିଆ ସୀମା ନିକଟରେ ପହଞ୍ଚିଥିବାବେଳେ ସେମାନଙ୍କୁ ବର୍ଡର ପାର କରିବାକୁ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ୟୁକ୍ରେନ୍‌ବାସୀଙ୍କୁ ଦେଶଛାଡ଼ିବାକୁ ଅନୁମତି ଦିଆଯାଉଛି। ପୋଲିସ ଓ ସୈନ୍ୟ ଭାରତୀୟଙ୍କୁ ଲାଠି ଓ ଲାତ ମାରିଥିବା ଛାତ୍ରୀଛାତ୍ରମାନେ ଭିଡିଓରେ ବଖାଣିଛନ୍ତି। ଭିଜା ପାଇବାକୁ ହେଲେ ହଣ୍ଟର ନାମକ ଏକ ଗେମ୍ ଖେଳିବାକୁ ମଧ୍ୟ ଧମକ ଦିଆଯାଉଥିବା ସେମାନେ ପ୍ରକାଶ କରିଛନ୍ତି।



ଟ୍ରେନ୍‌ରେ ଚଢ଼ିବାକୁ ଅନୁମତି ନ ମିଳିବାରୁ ଭାରତୀୟ ଛାତ୍ରମାନେ ୟୁକ୍ରେନ୍‌ର ଏକ ରେଳ ଷ୍ଟେଶନରେ ବସିଛନ୍ତି।

# ପାଶ୍ଚାତ୍ୟ ରାଷ୍ଟ୍ର ମିଥ୍ୟା ସାମ୍ରାଜ୍ୟ

ମସ୍କୋ,୨୮।୨

ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଆମେରିକା, ବ୍ରିଟେନ ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହା ଉପରେ ପ୍ରତିବନ୍ଧକ ବଢ଼ାଇବାରେ ଲାଗିଛନ୍ତି। ରୁଷିଆର କେତେକ ବ୍ୟାଙ୍କକୁ ସ୍ୱିଫ୍ଟ ସିଷ୍ଟମରୁ ବାଦ୍ ଦେବାକୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ନିଷ୍ପତ୍ତି ନେବା ପରେ ସୋମବାର ରୁବଲ୍ ଭୁଶୁଡ଼ି ପଡ଼ିଛି। ରୁଷୀୟମାନେ ସେମାନଙ୍କ ଜମା ଅର୍ଥ ଉଠାଇ ନେବାକୁ ବ୍ୟଗ୍ର ହୋଇପଡ଼ିଛନ୍ତି। ପାଶ୍ଚାତ୍ୟ କଟକଣାରେ ପ୍ରଭାବିତ ହୋଇଥିବା ରୁଷିଆରୁ ରାଷ୍ଟ୍ର ପୁଞ୍ଜିବାଦର ଅନ୍ତ ଘଟାଇବାକୁ ଆହ୍ୱାନ ଦିଆଗଲାଣି। ପଶ୍ଚିମ ରାଷ୍ଟ୍ରଗୁଡ଼ିକର ପ୍ରତିବନ୍ଧକ ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କ୍ଷୁବ୍ଧ ହୋଇଛନ୍ତି। ସେ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଏଲଭିରା ନବିଉଲ୍ଲିନା ଏବଂ ସର୍ବବୃହତ ଋଣପ୍ରଦାନକାରୀ ସଂସ୍ଥା ସବେରବ୍ୟାଙ୍କର ସିଇଓ ଜର୍ମାନ ଗ୍ରେଫ୍‌ଙ୍କ ସମେତ ଉଚ୍ଚ ପଦାଧିକାରୀମାନଙ୍କୁ ବୈଠକ ଡାକିଥିଲେ। ଉକ୍ତ ବୈଠକରେ ପୁଟିନ୍ ୟୁରୋପୀୟ ସଂଘକୁ ମିଥ୍ୟାର ସାମ୍ରାଜ୍ୟ ବୋଲି କହିଛନ୍ତି। ମିଛର ସାମ୍ରାଜ୍ୟ ଆମ ଦେଶ ବିରୋଧରେ କଟକଣା ଲଗାଉଛି।



ଭ୍ଲାଡିମିର ପୁଟିନ୍

ପାଶ୍ଚାତ୍ୟ ସହଯୋଗୀ ଦେଶଗୁଡ଼ିକର କଟକଣା ପରେ ସପ୍ତାହର ପ୍ରଥମ ଦିନରେ ରୁଷିଆର ଅର୍ଥନୀତିରେ ଅଚଳାବସ୍ଥା ଦେଖାଦେଇଛି। ସ୍ୱିଫ୍ଟ ବ୍ୟାଙ୍କ ମେସେଜିଂ ସିଷ୍ଟମରୁ ରୁଷିଆର କେତେକ ବ୍ୟାଙ୍କ ବାଦ୍ ପଡ଼ିଥିବାବେଳେ ଏହାର କେନ୍ଦ୍ରୀୟ ବ୍ୟାଙ୍କ ସମ୍ପତ୍ତିକୁ ଅଚଳ କରିଦିଆଯାଇଛି। ପୁଟିନ୍‌ଙ୍କ ୟୁକ୍ରେନ୍ ଆକ୍ରମଣକୁ ଅରବପତି ମିଖାଇଲ୍ ଫ୍ରିଡମାନ୍ ବିରୋଧ କରିଥିବାବେଳେ ରାଷ୍ଟ୍ର ପୁଞ୍ଜିବାଦ ଅନ୍ତ ଘଟିବା ସମୟ ଆସିଯାଇଛି ବୋଲି ରୁଷିଆର ଅନ୍ୟତମ ଟାଇକୁନ୍ ଓଲେଗ ଡେରିପାସ୍କା କହିଛନ୍ତି। ସେହିପରି ବିଲୟନେୟାର ଓଲେଗ ଟିଙ୍କୋଭ୍ ଯୁଦ୍ଧକୁ ବିରୋଧ କରିବା ସହ ଔଷଧ ଓ ଗବେଷଣାରେ ସରକାର ଅର୍ଥ ବ୍ୟୟ କରିବା ଆବଶ୍ୟକ ବୋଲି କହିଛନ୍ତି।

## କଟକଣା ସମ୍ଭାଳିବାକୁ ସକ୍ଷମ ରୁଷିଆ

ୟୁକ୍ରେନ୍ ଉପରେ ଆକ୍ରମଣକୁ ନେଇ ରୁଷିଆକୁ ଏକ ଘରିକିଆ କରିବାରେ ଲାଗିଛନ୍ତି ଆମେରିକା ଓ ପାଶ୍ଚାତ୍ୟ ଦେଶ। ବିଭିନ୍ନ ପ୍ରକାର କଟକଣା ଲାଗିବା ପରେ ରୁଷିଆର ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ରୁଷିଆ ମୁଦ୍ରା ରୁବଲର ମୂଲ୍ୟ ଡଲାର ତୁଳନାରେ ୩୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଫଳରେ ରୁଷିଆ ସେଣ୍ଟ୍ରାଲ ବ୍ୟାଙ୍କ ଏହାର ସୁଧହାର ୯.୫ ପ୍ରତିଶତରୁ ୨୦ ପ୍ରତିଶତକୁ ବଢ଼ାଇଛି। ପୁଞ୍ଜିବଜାର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ରୁଷିଆର କେତେକ ଆର୍ଥିକ ଅନୁଷ୍ଠାନକୁ ଗ୍ଲୋବାଲ ପେମେଣ୍ଟ ସିଷ୍ଟମ ଏସ୍‌ଡବ୍ଲ୍ୟୁଆଇଏଫ୍‌ଟି ବା ସ୍ୱିଫ୍ଟ (ସୋସାଇଟି ଫର୍ ୱାର୍ଲ୍ଡୱାଇଡ୍ ଇଣ୍ଟରବ୍ୟାଙ୍କ୍ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ) ସିଷ୍ଟମରୁ ବାଦ୍ ଦେବାକୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ନିଷ୍ପତ୍ତି ନେଇଛନ୍ତି। ରୁଷିଆ ନିମନ୍ତେ ଅନେକ ଦେଶ ସେମାନଙ୍କ ଏୟାର ସ୍ପେସ୍ ବ୍ୟାନ କରିଛନ୍ତି। ତେବେ ଯେତେ କଟକଣା ଲଗାଗଲେ ବି ରୁଷିଆ ଏ ସବୁକୁ ପ୍ରତିହତ କରି କ୍ଷତି ପୂରଣ କରିବା ଦିଗରେ ସକ୍ଷମ ବୋଲି କ୍ରେମେଲିନ୍ ମୁଖପାତ୍ର ଡିମିଟ୍ରି ପେଶ୍‌କୋଭ କହିଛନ୍ତି। ଏଥିସହ ଗଚ୍ଛିତ ବିଦେଶୀ ମୁଦ୍ରାର ୮୦ ପ୍ରତିଶତକୁ ରୁବଲରେ ପରିଣତ କରାଯିବ ବୋଲି କ୍ରେମଲିନ ପକ୍ଷରୁ କୁହାଯାଇଛି। ରୁଷିଆ ନାଗରିକ ବାହାରକୁ ଅର୍ଥ ପଠାଇବା ଉପରେ କଟକଣା ଲଗାଯାଇଛି।



ଡିମିଟ୍ରି ପେଶ୍‌କୋଭ

# ଭାରତ ଫେରିଲେ ୧୪ଶହ

- 'ମିଶନ ଗଙ୍ଗା'ରେ ସ୍ପାଇସ୍‌ଜେଟ୍ ସାମିଲ ହେବ
- ୟୁକ୍ରେନ୍‌କୁ ଭାରତ ଯୋଗାଇବ ମେଡିକାଲ ସହାୟତା

ଯୁଦ୍ଧଭୂମି ୟୁକ୍ରେନ୍‌ରେ ଫସିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି ଭାରତ ସରକାର। ବିନା ବିରତିରେ ଭାରତୀୟଙ୍କ ଉଦ୍ଧାର ଚାଲିଛି। 'ମିଶନ ଗଙ୍ଗା' ଜରିଆରେ ୬ଟି ବିମାନରେ ପ୍ରାୟ ୧୪୦୦ ଭାରତୀୟ ୟୁକ୍ରେନ ଛାଡ଼ିଥିବା ବହିର୍ବ୍ୟାପାର ସଚିବ ଅରିନ୍ଦମ ବାଗ୍‌ଚୀ କହିଛନ୍ତି । ୪ଟି ବିମାନ ବୁକାରେଷ୍ଟ ଏବଂ ୨ଟି ବିମାନ ବୁଦାପେଷ୍ଟରୁ ଉଡ଼ାଣ ଭରିଥିଲା। ଭରତ ପକ୍ଷରୁ ପ୍ରଥମ ଆଡଭାଇଜରି ଜାରିହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ ହଜାର ଭାରତୀୟଙ୍କୁ ମିଶନ ଗଙ୍ଗା ଜରିଆରେ ଭାରତ ଅଣାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଆଉ ତିନିଟି ବିମାନ ପ୍ରସ୍ତୁତ ରଖିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏୟାର ଇଣ୍ଡିଆର ସ୍ୱତନ୍ତ୍ର ବିମାନ ଏଥିରେ ସାମିଲ ହୋଇଥିବାବେଳେ ବର୍ତ୍ତମାନ ସ୍ପାଇସ୍‌ଜେଟ୍ ଏଥିରେ ସାମିଲ ହେବ। କ୍ବିଭ୍ ଛାଡ଼ି ହଙ୍ଗେରି ରାଜଧାନୀ ବୁଦାପେଷ୍ଟରେ ଅଟକି ରହିଥିବା ଭାରତୀୟଙ୍କ ଉଦ୍ଧାର ଲାଗି ସ୍ପାଇସ୍‌ଜେଟ୍ ଶୁକ୍ରବାର ନିଜର ସ୍ୱତନ୍ତ୍ର ବିମାନ ବୋଇଂ ୭୩୭ ମାକ୍ସ ପଠାଇବ। ରୁଷିଆ ଆକ୍ରମଣ କାରଣରୁ ୟୁକ୍ରେନ ଗତ ୨୪ ତାରିଖରୁ ଦେଶର ସମସ୍ତ ଏୟାରସ୍ପେସ୍ ବନ୍ଦ କରିଥିବାବେଳେ ରୋମାନିଆ ଏବଂ ହଙ୍ଗେରି ଏୟାରସ୍ପେସ୍‌ରୁ ଭାରତୀୟଙ୍କୁ ଉଦ୍ଧାର କରାଯାଉଛି। ତେବେ କ୍ବିଭ୍‌ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟଙ୍କ ପାଇଁ ସ୍ୱତନ୍ତ୍ର ବସ୍ ସୁବିଧା ଯୋଗାଯିବ; ଯାହା ଦ୍ୱାରା ସେମାନେ ସହଜରେ ଗହଳି ସ୍ଥାନରୁ ବାହାରି ବିମାନ ନିକଟରେ ପହଞ୍ଚିପାରିବେ। ସେହିପରି ହଙ୍ଗେରି, ପୋଲାଣ୍ଡ ଏବଂ ରୋମାନିଆ ସୀମାରେ ଛାତ୍ରୀଛାତ୍ରଙ୍କ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯିବ ବୋଲି ସୋମବାର ଭାରତୀୟ ଦୂତାବାସ ପକ୍ଷରୁ ଜାରି ଗାଇଡ୍‌ଲାଇନ୍‌ରେ କୁହାଯାଇଛି। ଭାରତୀୟଙ୍କୁ ଉଦ୍ଧାର କରିବାରେ ପୋଲାଣ୍ଡ ପକ୍ଷରୁ କରାଯାଉଥିବା ସହଯୋଗ ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଟୁଇଟରରେ ଏକ ପୋଷ୍ଟ ସେୟାର କରି ପୋଲାଣ୍ଡକୁ ପ୍ରଶଂସା କରିଛନ୍ତି। ସେହିପରି ଯୁଦ୍ଧ ସମୟର ୟୁକ୍ରେନର ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ମେଡିକାଲ ସୁବିଧା ଯୋଗାଯିବ ବୋଲି ବାଗଚି କହିଛନ୍ତି।

# ବିଶ୍ୱର ବୃହତ୍ତମ ବିମାନ ନଷ୍ଟ

ରୁଷିଆ ମିଶାଇଲ ଅକ୍ରମଣରେ ବିଶ୍ୱର ବୃହତ୍ତମ ବିମାନ ଆଣ୍ଟୋନୋଭ ଏନ୍-୨୨୫ ତଥା ମରିୟା ନଷ୍ଟ ହୋଇଥିବା ୟୁକ୍ରେନ କହିଛି। ୟୁକ୍ରେନରେ ଏହି ବିମାନ 'ଡ୍ରିମ୍'ଭାବେ ବେଶ୍ ଜଣାଶୁଣା। ରୁଷୀୟ ସୈନ୍ୟ ହୋଷ୍ଟୋମେଲର ଏୟାରବେସ୍ ଉପରକୁ ଆକ୍ରମଣ କରିଥିବାବେଳେ ମରିୟା ଉକ୍ତ ଏୟାରବେସ୍‌ରେ ମରାମତି ପାଇଁ ରଖାଯାଇଥିଲା। ସାଟେଲାଇଟ୍ ଚିତ୍ର ଅନୁସାରେ ରୁଷିଆ ପକ୍ଷରୁ କରାଯାଇଥିବା ମିଶାଇଲ ମାଡ଼ରେ ମରିୟାର ଅଧିକାଂଶ ଭାଗ ଜଳି ଯାଇଛି। ଡ୍ରିମ୍' ବିମାନକୁ ପୁଣିଥରେ ସଜଡ଼ାଯିବ ଏବଂ ବ୍ୟବହାର ଉପଯୋଗୀ କରାଯିବ ବୋଲି ୟୁକ୍ରେନ ବହିର୍ବ୍ୟାପାର ମନ୍ତ୍ରୀ ଡିମାଇଟ୍ରୋ କୁଲେବା କହିଛନ୍ତି। ମରିୟାକୁ ପୁଣିଥରେ ସଜାଡ଼ିବା ପାଇଁ ୩ ବିଲିୟନ ଡଲାର ଖର୍ଚ୍ଚ ହେବା ସହ ଏଥିପାଇଁ ୫ ବର୍ଷ ସମୟ ଲାଗିବ ବୋଲି ଉକ୍ରୋବୋରୋନପ୍ରୋମ ଡିଫେନ୍ସ କମ୍ପାନୀ ପକ୍ଷରୁ କୁହାଯାଉଛି। ଏହି କମ୍ପାନୀ ଦ୍ୱାରା ମରିୟାକୁ ତିଆରି କରିଥିବା ଆଣ୍ଟୋନୋଭ ପରିଚାଳିତ। କ୍ବିଭ୍‌ର ଆଣ୍ଟୋନୋଭ କମ୍ପାନୀ ବିଶ୍ୱର ବୃହତମ ବିମାନ ମରିୟାର ନିର୍ମାଣକର୍ତ୍ତା। ଏହି ବିମାନରେ ୪ ଗୋଟି ଏନ୍-୧୨୪ ଇଞ୍ଜିନ ସଂଲଗ୍ନ। ଏହାର ୱିଙ୍ଗ୍‌ର ଲମ୍ବ ୨୯୦ ଫୁଟ। ୧୯୮୮ରୁ ଏହି ବିମାନକୁ ୟୁକ୍ରେନ୍ ବ୍ୟବହାର କରିଆସୁଛି। ସୋଭିଏତ ସଂଘର ଏରୋନେଟିକାଲ କାର୍ଯ୍ୟକ୍ରମରେ ଏହାକୁ ବ୍ୟବହାର କରାଯାଉଥିଲା। ୧୯୯୧ରେ ଯେତେବେଳେ ସୋଭିଏତ୍ ସଂଘରୁ ବାଦ୍ ପଡ଼ିବା ପରେ ୟୁକ୍ରେନ ଏହାକୁ ମାଲ୍ ପରିବହନରେ ବ୍ୟବହାର କରାଗଲା। ବିଶ୍ୱରେ ଥିବା ସର୍ବବୃହତ୍ ବିମାନଗୁଡ଼ିକ ଭିତରୁ ମରିୟା ବେଶ୍ ଚର୍ଚ୍ଚିତ ଏବଂ ଭିନ୍ନ।





ୟୁକ୍ରେନ୍‌ରେ ଶାନ୍ତି କାମନା କରି ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ 'ପିସ୍ ଅର୍ଗାନାଇଜେଶନ' ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ପରମାଣୁ ଶକ୍ତି ନେଇ ଆଲୋଚନା କରୁ ଜାପାନ

ଟୋକିଓ,୨୮।୨

ରୁଷିଆ-ୟୁକ୍ରେନ ଯୁଦ୍ଧ ଉପରେ ବିଶ୍ୱବାସୀଙ୍କ ନଜର ଥିବାବେଳେ ଜାପାନର ପୂର୍ବତନ ପ୍ରଧାନ ମନ୍ତ୍ରୀ ସିଞ୍ଜୋ ଆବେଙ୍କ ବୟାନ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ସ୍ଥାନୀୟ ଗଣମାଧ୍ୟମ ଏକ କାର୍ଯ୍ୟକ୍ରମ ଯୋଗ ଦେବା ଅବସରରେ ପରମାଣୁ ଶକ୍ତି ନେଇ ଆବେ ଚିନ୍ତା ପ୍ରକାଟ କରିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଦୃଷ୍ଟିରେରଖି ଆବେ ଆମେରିକା ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଯଦି ତାଇୱାନ ଉପରକୁ ଚାଇନା ଆକ୍ରମଣ କରେ ତେବେ ଆମେରିକାର ଆଭିମୁଖ୍ୟ କ'ଣ ରହିବ? ତାଇୱାନ ଓ ଚାଇନା ମଧ୍ୟରେ ଯୁଦ୍ଧ ହେଲେ ଜାପାନ ଅଧିକ କ୍ଷତିଗ୍ରସ୍ତ ହେବ । ତାଇୱାନକୁ କରଗତ କରିବା ପାଇଁ ଚାଇନା ସବୁ ପ୍ରକାର ବଳ ପ୍ରୟୋଗ କରିବ। ଯେଉଁଥିରେ ପରମାଣୁ ଶକ୍ତି ମଧ୍ୟ ସାମିଲ ଅଛି। ତାଇୱାନଠାରୁ ୧୧୦ କିମି ଦୂରରେ ଜାପାନର ୟୋନାଗୁନି ଦ୍ୱୀପ ଅବସ୍ଥିତ। ଚାଇନା ଓ ତାଇୱାନ ମଧ୍ୟରେ ସଂଘର୍ଷ ହେଲେ ଚାଇନା ପ୍ରଥମେ ଜଳ ଏବଂ ଆକାଶ ମାର୍ଗକୁ ବାଛିବ। ବର୍ତ୍ତମାନ ବଳପୂର୍ବକ ରୁଷିଆ ଯଦି ଯୁଦ୍ଧରେ ବିଜୟୀ ହୁଏ ତେବେ ତାଇୱାନ ଉପରକୁ ଆକ୍ରମଣ ପାଇଁ ଚାଇନାକୁ ପରୋକ୍ଷ ଭାବେ ରୁଷିଆର ସମର୍ଥନ ମିଳିଯିବ। ଚାଇନା ଓ ତାଇୱାନ ବିବାଦ ନେଇ ଜାପାନ ସର୍ବଦା ଚୁପ୍ ରହି ଆସିଛି। କାରଣ ଜାପାନର ଅର୍ଥନୀତି ସମ୍ପୂର୍ଣ୍ଣଭାବେ ଚାଇନା ଉପରେ ନିର୍ଭରଶୀଳ। ତାଇୱାନ ଉପରେ ଚାଇନାର ଆକ୍ରମଣକୁ ଆଶଙ୍କା କରି ପରମାଣୁ ଶକ୍ତି ବିଷୟରେ ଉଭୟ ନାଟୋ ଏବଂ ଆମେରିକା ସହ ଜାପାନ ଆଲୋଚନା କରୁ ବୋଲି ସେ କହିଛନ୍ତି।



ସିଞ୍ଜୋ ଆବେ

# ୟୁକ୍ରେନ୍‌କୁ ବଢ଼ୁଛି ସହଯୋଗ

ୟୁକ୍ରେନରେ ରୁଷିଆର ଆକ୍ରମଣ ଜାରି ଥିବାବେଳେ ବିଭିନ୍ନ ଦେଶ କ୍ବିଭ୍‌କୁ ସେମାନଙ୍କ ସାମରିକ ସହାୟତା ପ୍ରଦାନ କରିବାରେ ଲାଗିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୩୫୦ ମିଲିୟନ ଡଲାରର ସାମରିକ ଏବଂ ୫୪ ମିଲିୟନ ଡଲାରର ମାନବୀୟ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ବୈଦେଶିକ ସହାୟତା ଆଇନ ଅନୁସାରେ ୟୁକ୍ରେନ ପ୍ରତିରକ୍ଷା ବିଭାଗକୁ ଉକ୍ତ ଅର୍ଥ ଦିଆଯିବ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ବ୍ରିଟେନ ମଧ୍ୟ ୟୁକ୍ରେନ୍‌କୁ ସାମରିକ ସହାୟତା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଘୋଷଣା କରିଛନ୍ତି। ସେଥିମଧ୍ୟରେ ଘାତକ ଅସ୍ତ୍ରଶସ୍ତ୍ର ସାମିଲ କରାଯାଇଛି। ଫ୍ରାନ୍ସ ଡିଫେନ୍ସିଭ୍ ଆଣ୍ଟି-ଏୟାରକ୍ରାଫ୍ଟ ସମେତ ଡିଜିଟାଲ ସହାୟତା ଦେଇଛି। ୟୁକ୍ରେନ୍‌କୁ ୨୦୦ ଷ୍ଟିଙ୍ଗର ଏୟାର ଡିଫେନ୍ସ ରକେଟ ଏବଂ ୫୦ ଆଣ୍ଟି-ଟ୍ୟାଙ୍କ୍ ସିଷ୍ଟମ ସହ ୪୦୦ ରକେଟ୍ ଯୋଗାଇଦେବାକୁ ଡଚ୍ ସରକାର ଘୋଷଣା କରିଛନ୍ତି। ଏହା ଜର୍ମାନୀ ସହ ମିଳିତ ଭାବେ ସ୍ଲୋଭାକିଆରେ ଏକ ନାଟୋ ଯୁଦ୍ଧଗୋଷ୍ଠୀକୁ ପାଟ୍ରିଓଟ୍ ଏୟାର ଡିଫେନ୍ସ ସିଷ୍ଟମ ପଠାଇବାକୁ ଯୋଜନା କରିଛି। ଜର୍ମାନୀ ୧ ହଜାର ଆଣ୍ଟି-ଟ୍ୟାଙ୍କ ଅସ୍ତ୍ରଶସ୍ତ୍ର, ଭୂମିରୁ ଆକାଶକୁ ନିକ୍ଷେପ ହେଉଥିବା ୫୦୦ ଷ୍ଟିଙ୍ଗର ମିଶାଇଲ ଯୋଗାଣ କରିବ ବୋଲି କହିଛି। କାନାଡା ପ୍ରାୟ ୩୯୪ ମିଲିୟନ ଡଲାରର ଘାତକ ଅସ୍ତ୍ରଶସ୍ତ୍ର ୟୁକ୍ରେନ୍‌କୁ ପଠାଇବା ଆରମ୍ଭ କରିଛି।

ସୁଇଡେନ୍ ୫ ହଜାର ଆଣ୍ଟି-ଟ୍ୟାଙ୍କ୍ ରକେଟ୍ ସହ ଅଙ୍ଗରକ୍ଷାକାରୀ କବଚ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ପଠାଇବାକୁ ନିଷ୍ପତ୍ତି ନେଇଛି। ୧୯୩୯ରେ ସୋଭିଏଟ୍ ୟୁନିୟନ ଫିନ୍‌ଲାଣ୍ଡ ଉପରେ ଆକ୍ରମଣ କରିବା ପରଠାରୁ ପ୍ରଥମ ଥର ପାଇଁ ସୁଇଡେନ୍ ନିରପେକ୍ଷ ରହିବା ବଦଳରେ କୌଣସି ଯୁଦ୍ଧ ପ୍ରଭାବିତ ଦେଶକୁ ସାହାଯ୍ୟ କରିବାକୁ ଆଗେଇ ଆସିଛି। ବେଲ୍‌ଜିୟମ ୩ ହଜାର ସ୍ୱୟଂଚାଳିତ ରାଇଫଲ୍, ୨୦୦ ଆଣ୍ଟି-ଟ୍ୟାଙ୍କ ଅସ୍ତ୍ରଶସ୍ତ୍ର ସହ ୩,୮୦୦ ଟନ୍ ଇନ୍ଧନ ଯୋଗାଇବାକୁ କହିଛି। ପର୍ତ୍ତୁଗାଲ ନାଇଟ୍-ଭିଜନ ଚଷମା, ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ, ହେଲମେଟ, ଗ୍ରେନେଡ, ଜି-୩ ରାଇଫଲ ସହ ଅନ୍ୟ ଯୁଦ୍ଧାସ୍ତ୍ର ପଠାଇବା ଆରମ୍ଭ କରିଛି। ଗ୍ରୀସ ବିଭିନ୍ନ ପ୍ରକାର ଯୁଦ୍ଧାସ୍ତ୍ର ସହ ମାନବୀୟ ସହାୟତା ପଠାଇବା ଜାରି ରଖିଛି। ୟୁକ୍ରେନ ସୀମା ସଂଲଗ୍ନ ଦେଶ ରୋମାନିଆ ୧୧ ମିଲିଟାରି ହସ୍ପିଟାଲ, ଇନ୍ଧନ, ବୁଲେଟ୍ ପ୍ରୁଫ୍ ପୋଷାକ, ହେଲମେଟ ସହ ପ୍ରାୟ ୩.୩ ମିଲିୟନ ଡଲାରର ସହାୟତା ପ୍ରଦାନ ନିମନ୍ତେ ଆଗେଇ ଆସିଛି। ସ୍ପେନ୍ ୟୁକ୍ରେନ୍‌କୁ ଚିକିତ୍ସା ଉପକରଣ ସହ ଯୁଦ୍ଧାସ୍ତ୍ର ଯୋଗାଣ ନିମନ୍ତେ ଘୋଷଣା କରିଛି। ଚେକ୍ ରିପବ୍ଲିକ୍ ୪ ହଜାର ମୋର୍ଟାର, ୩୦ ହଜାର ପିସ୍ତଲ, ୭ ହଜାର ଆସଲ୍ଟ ରାଇଫଲ, ୩ ହଜାର ମେଶିନ୍ ଗନ୍ ସହ ସ୍ନାଇପର ରାଇଫଲ ଏବଂ ୧୦ ଲକ୍ଷ ବୁଲେଟ ୟୁକ୍ରେନ୍‌କୁ ପଠାଇବା ଆରମ୍ଭ କରିଛି।



ରୁଷିଆ ସୈନ୍ୟଙ୍କ ସହ ଲଢ଼ିବାକୁ ଅସ୍ତ୍ର ଉଠାଇଛନ୍ତି ୟୁକ୍ରେନ୍‌ବାସୀ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୩,୬୪,୫୩,୩୪୨ | ୫୯,୭୦,୬୦୮ | ୩୬,୭୧,୫୨,୦୪୦ |
| ଭାରତ | ୪,୨୯,୨୪,୧୩୦ | ୫,୧୩,୮୪୩ | ୪,୨୩,୦୭,୬୮୬ |
| ଓଡ଼ିଶା | ୧୨,୮୫,୦୩୮ | ୯୦୭୧(+୫୩) | ୧୨,୭୩,୭୩୪ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୟୁକ୍ରେନ୍ ଫେରନ୍ତା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

- ■ନିରାପଦରେ ଫେରିଥିବାରୁ ମୁଖ୍ୟମନ୍ତ୍ରୀ ଆଶ୍ୱସ୍ତ
- ■ସମସ୍ତ ଛାତ୍ରୀଛାତ୍ର ଫେରିବାକୁ ଉଦ୍ୟମ ହେଉଛି
- ■ମୁମ୍ବାଇ ବିମାନ ବନ୍ଦରରେ ଖୋଲିବ ହେଲ୍ପ ଡେସ୍କ
- ■କୃତଜ୍ଞତା ଜଣାଇଲେ ଛାତ୍ରୀଛାତ୍ର

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରୁ ଛାତ୍ରୀଛାତ୍ର ନିରାପଦରେ ଭାରତ ଫେରିଆସିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶ୍ୱସ୍ତ ହୋଇଛନ୍ତି । ସୋମବାର ୟୁକ୍ରେନରୁ ଫେରିଆସି ନୂଆଦିଲ୍ଲୀରେ ଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ସହିତ ଅନ୍‌ଲାଇନରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରି ୟୁକ୍ରେନ୍‌ରେ ରହିଯାଇଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ଫେରିବା ପାଇଁ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଛାତ୍ରୀଛାତ୍ରମାନଙ୍କ ଫେରିବା ସମ୍ପର୍କରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି । ପୁଣି ଥରେ ମଧ୍ୟ ଏ ବିଷୟରେ କଥାବାର୍ତ୍ତା କରି ପଦକ୍ଷେପ ନେବେ ବୋଲି କହିଥିଲେ ।

ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ, ସେମାନେ ସମସ୍ତେ ରୋମାନିଆ ସୀମା ଅତିକ୍ରମ କରି ଭାରତୀୟ ଅଧିକାରୀମାନଙ୍କ ସହିତ ବୁକାରେଷ୍ଟ ଯାଇ ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ଆସିଥିଲେ । ନୂଆଦିଲ୍ଲୀରେ ଅବସ୍ଥାପିତ ରେସିଡେଣ୍ଟ କମିଶନର ସେମାନଙ୍କ ସହିତ ସବୁ ସମୟରେ ଅନ୍‌ଲାଇନରେ ଯୋଗାଯୋଗରେ ଥିଲେ ବୋଲି ସେମାନେ କହିଥିଲେ । ୟୁକ୍ରେନ୍‌ର ଅନ୍ୟ ସ୍ଥାନରେ ଥିବା ବିଶେଷକରି ଖାରକିବରେ ବହୁ ଓଡ଼ିଆ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ୟୁକ୍ରେନ୍‌ରୁ ଫେରୁଥିବା ପିଲାଙ୍କ ସୁବିଧା ପାଇଁ ମୁମ୍ବାଇ ବିମାନ ବନ୍ଦରରେ ହେଲ୍ପ ଡେସ୍କ ଖୋଲିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭୁବନେଶ୍ୱରରେ ପହଞ୍ଚିବା ପରେ ପିଲାମାନଙ୍କୁ ଓଟିଡିସି ବସ୍ ଯୋଗେ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଲୋଚନାକୁ ସଂଯୋଜନା କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୟୁକ୍ରେନ୍‌ରୁ ଫେରିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ସହ ସୋମବାର ଭିଡିଓ କନ୍‌ଫରେନ୍ସରେ କଥା ହେଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।




ନାରାୟଣୀ ମୋଟର୍ସର ନେକ୍ସା ରାଜଭବନ ରୋଡ୍ ଶୋ'ରୁମ୍ ପରିସରରେ ସୋମବାର ମାରୁତି ସୁଜୁକିର 'ନ୍ୟୁ ଏଜ୍ ବାଲେନୋ' ଶୁଭ ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ବାମରୁ ନାରାୟଣୀ ମୋଟର୍ସ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ପୁରୁଷୋତ୍ତମ ବୁଦ୍ଧରାଜା, ମାରୁତି ସୁଜୁକିର ଆଞ୍ଚଳିକ ପରିଚାଳକ(ଆର୍‌ଏମ୍) କାର୍ତ୍ତିକ ରାଜ, ଏସ୍‌ବିଆଇର ଆର୍‌ଏମ୍ ଶ୍ରୀକାନ୍ତ ଜେନା, ରମେଶ ଚନ୍ଦ୍ର ନାଗ୍ ଏବଂ ମାରୁତି ସୁଜୁକିର ଟେରିଟୋରି ସେଲ୍ସ ମ୍ୟାନେଜର ଅନୁଭବ ବେହେରା।

# ସର୍ବସାଧାରଣରେ ହୋଲି ଖେଳ ମନା

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

**ମାର୍ଚ୍ଚ ଗାଇଡ୍‌ଲାଇନ ଜାରି**

- ■ସାମାଜିକ କାର୍ଯ୍ୟରେ ସର୍ବାଧିକ ୫ଶହ ଜଣଙ୍କୁ ଅନୁମତି
- ■ବିବାହ ଶୋଭାଯାତ୍ରାରେ ଶହେ, ଅନ୍ତ୍ୟେଷ୍ଟି କ୍ରିୟାରେ ୨୫୦

ରାଜ୍ୟ ସରକାର ସୋମବାର ମାର୍ଚ୍ଚ ମାସ ପାଇଁ କୋଭିଡ୍ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏଥିସହ ମହାଶିବରାତ୍ରି, ଦୋଳ ପୂର୍ଣ୍ଣିମା ଓ ହୋଲି ପାଳନ ନେଇ କଟକଣା ଲଗାଇଛନ୍ତି। ଚଳିତବର୍ଷ ଭଳି ଚଳିତ ଥର ମଧ୍ୟ ସର୍ବସାଧାରଣ ସ୍ଥାନରେ ଲୋକେ ହୋଲି ଖେଳିପାରିବେ ନାହିଁ। କେବଳ ନିଜ ପରିବାର ଲୋକଙ୍କ ସହିତ ଘର ଭିତରେ ହୋଲି ଖେଳିବାକୁ ଅନୁମତି ରହିଛି। ସେହିପରି ସାଧାରଣ ଲୋକ ଯାତାୟାତ କରୁଥିବା ରାସ୍ତାରେ ମଧ୍ୟ ରଙ୍ଗ ଖେଳିବାକୁ ବାରଣ କରାଯାଇଛି। ତେବେ ପୂର୍ବରୁ ଜାରି ନିର୍ଦ୍ଦେଶନାମା ଅନୁସାରେ କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ମହାଶିବରାତ୍ରି ପାଳିତ ହେବ। ଦୋଳ ପୂର୍ଣ୍ଣିମା ସମୟରେ ଲୋକେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ମାସ୍କ ପିନ୍ଧି ଓ ସାନିଟାଇଜର ବ୍ୟବହାର କରି ଆବଶ୍ୟକ କୋଭିଡ୍ ଗାଇଡ଼ଲାଇନ ମଧ୍ୟରେ ଉତ୍ସବ ପାଳିବେ। ମହାଶିବରାତ୍ରି ଓ ଦୋଳ ମେଳଣ ନିମନ୍ତେ ଜିଲାପାଳ ଓ ମହାନଗର ନିଗମ କମିଶନର ସ୍ଥାନୀୟ ସ୍ଥିତିକୁ ଦେଖି ମନ୍ଦିର ଭିତରେ ଓ ବାହାରେ କଟକଣା ଲଗାଇ ପାରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଗାଇଡଲାଇନ୍ ଅନୁସାରେ, ୨୦୨୨ ମାର୍ଚ୍ଚ ୧ ସକାଳ ୫ଟାରୁ ୩୧ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ କଟକଣା ଲାଗିବ ନାହିଁ। କିନ୍ତୁ ସାମାଜିକ, ଧାର୍ମିକ, ରାଜନୈତିକ ଓ କ୍ରୀଡ଼ା ସମାବେଶ, ପ୍ରଦର୍ଶନୀ, ବାଣିଜ୍ୟ ମେଳା, ଏକ୍ସପୋ କୋଭିଡ୍ କଟକଣାରେ ହେବ। ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ ନିର୍ବାଚନ ରାଲି ହେବ। ବିବାହ, ବ୍ରତ ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମରେ ସର୍ବାଧିକ ୫୦୦ ଜଣ ଏବଂ ବିବାହ ଶୋଭାଯାତ୍ରାରେ ୧୦୦ଜଣଙ୍କୁ ଅନୁମତି ଦିଆଯାଇଛି। ଅନ୍ତ୍ୟେଷ୍ଟିକ୍ରିୟାରେ ୨୫୦ ଲୋକ ସାମିଲ ହୋଇପାରିବେ। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜି ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ନିରଜ ଡାଙ୍ଗି

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ସଭ୍ୟ ଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଏମ୍‌ପି ନିରଜ ଡାଙ୍ଗିଙ୍କୁ ପ୍ରଦେଶ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେ ବୁଧବାରଠାରୁ ୩ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ଗୁରୁବାର ନୀଳାଦ୍ରି ବିହାରସ୍ଥିତ ଲୁମ୍ବିନୀ କନ୍‌ଭେନ୍‌ଶନଠାରେ କଂଗ୍ରେସ କର୍ମକର୍ତ୍ତା ଓ ନେତୃବୃନ୍ଦଙ୍କୁ ନେଇ ହେବାକୁ ଥିବା ବୈଠକରେ ଯୋଗଦେବେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିବେ ଓ ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ସମ୍ପାଦକ ଜି. ରୁଦ୍ର ରାଜୁ ଓ ଅତିରିକ୍ତ ପ୍ରଦେଶ ନିର୍ବାଚନ ଅଧିକାରୀ ସନ୍ଦୀପ ସିଂ ଓ ଅମିତାଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଡାଙ୍ଗି ବରିଷ୍ଠ ନେତୃବୃନ୍ଦ ଓ କଂଗ୍ରେସ କର୍ମୀଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ନକଲି ଡାକ୍ତରଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ ହେବ

- ■ପୁଣି ରିମାଣ୍ଡରେ ଆସିବେ ରମେଶ
- ■କେଆରଟେକରଙ୍କୁ ଜେରାକଲା ପିଙ୍କ୍ ଟିମ୍

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଦୁଇଟି ପର୍ଯ୍ୟାୟରେ ୮ ଦିନ ରିମାଣ୍ଡରେ ଆଣି କମିଶନରେଟ ପୋଲିସ ତାଙ୍କଠାରୁ ଠକେଇ କାରନାମାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତେବେ ଜେରା ସମୟରେ ସେ ଆହୁରି ଅନେକ ଗୋପନ ତଥ୍ୟ ଲୁଚାଉଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ରମେଶଙ୍କୁ ଆଉଥରେ ରିମାଣ୍ଡରେ ଆଣି ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ ଯୋଜନା କରୁଛି କମିଶନରେଟ ପୋଲିସ। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଖଣ୍ଡଗିରି ଓ ଭରତପୁର ଥାନାରେ ରମେଶଙ୍କ ନାମରେ ମାମଲା ରହିଛି। ତେଣୁ ଉକ୍ତ ମାମଲାରେ ତାଙ୍କୁ ରିମାଣ୍ଡରେ ଆଣିବାକୁ କମିଶନରେଟ୍ ପୋଲିସ ପ୍ରୟାସ ଆରମ୍ଭ କରିଛି। ରବିବାର ୩ ଦିନିଆ ରିମାଣ୍ଡ ଅବଧି ସରିବା ପରେ ସୋମବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏଥିସହ ଆଉ ୭ଦିନ ରିମାଣ୍ଡରେ ଆଣିବାକୁ ମହିଳା ଥାନା ପୋଲିସ କୋର୍ଟରେ ଆବେଦନ କରିଥିଲା। ହେଲେ କୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି। ପରେ ଆଉଥରେ ରିମାଣ୍ଡ ଆବେଦନ କରାଯିବ ବୋଲି ଜଣାପଡ଼ିଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରମେଶଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ରିମାଣ୍ଡରେ ଆଣିଥିଲୁ। ଏହା ଭିତରେ ତାଙ୍କ ନାମରେ ଅନେକ ଅଭିଯୋଗ ଆସିବା ସହ ମାମଲା ମଧ୍ୟ ରୁଜୁ କରାଯାଇଛି। ତଦନ୍ତର ଅନେକଗୁଡ଼ିଏ ଦିଗ ବାକି ରହିଛି। ରିମାଣ୍ଡବେଳେ ରମେଶ ଯେଉଁ ତଥ୍ୟ ଦେଇଛନ୍ତି, ସେସବୁ ଭୁଲ୍ ତଥ୍ୟ ବୋଲି ଆମକୁ ଲାଗୁଛି। ତାଙ୍କୁ ଆଉଥରେ ରିମାଣ୍ଡରେ ଆଣି ଲାଏ ଡିଟେକ୍ସନ୍ ଟେଷ୍ଟ କରାଯିବ ବୋଲି ଡିସିପି କହିଛନ୍ତି। ସେପଟେ ରମେଶଙ୍କ ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ କ୍ଲିନିକ୍‌ର କେଆରଟେକରଙ୍କୁ ପୋଲିସ ଜେରା କରି ଆଉକିଛି ତଥ୍ୟ ହାସଲ କରିଛି।

### ୱେବ୍ ସିରିଜ୍ ପ୍ରସ୍ତୁତ କରିବ ମୁମ୍ବାଇ ସଂସ୍ଥା

ରମେଶ ଡାକ୍ତର ନ ହୋଇ ମଧ୍ୟ ନିଜକୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ଉପନିର୍ଦ୍ଦେଶକ କହି ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିଭିନ୍ନ ରାଜ୍ୟର ୧୪ଜଣଙ୍କୁ ବିବାହ କରିଥିଲେ। ପରେ ସେମାନଙ୍କଠାରୁ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟିଥିଲେ। ଏଥିରେ ତାଙ୍କୁ ଭଉଣୀ ରଶ୍ମିତା ଓ ଭିଣୋଇ ଗଣେଶ୍ୱର ବେହୁରା, ଡ୍ରାଇଭର ପପୁ ସହଯୋଗ କରୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ରମେଶଙ୍କ ପୂରା କଳାକାରନାମା ପଦାକୁ ଆସିଥିଲା। ଏଥିସହ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ରମେଶ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚଳାଇଥିବା ଏହି କଳାକାରନାମାକୁ ନେଇ ଏକ ୱେବ୍ ସିରିଜ୍ ପ୍ରସ୍ତୁତ କରିବାକୁ ମୁମ୍ବାଇର ଏକ ପ୍ରଯୋଜନା ସଂସ୍ଥା ପ୍ରୟାସ ଆରମ୍ଭ କରିଛି। ପ୍ରଯୋଜନା ସଂସ୍ଥାର ଏକ ଟିମ୍ ଭୁବନେଶ୍ୱରରେ ପହଞ୍ଚି ପୋଲିସ ପାଖରୁ ରମେଶଙ୍କ କାହାଣୀ ଶୁଣୁଛି।

# ଭବିଷ୍ୟତ ପାଇଁ ପ୍ରସ୍ତୁତ ହୁଅନ୍ତୁ ପିଲା



ଡକ୍ଟର ଏସ୍. ସି. ନାୟକ, ପ୍ରତିଷ୍ଠାତା ପରିଚାଳନା ଟ୍ରଷ୍ଟି, ନିସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ, ଭୁବନେଶ୍ୱର

ଧରିତ୍ରୀ | OrissaPOST BUSINESS EMINENCE AWARDS

**▶▶ କୋଭିଡ୍ ମହାମାରୀ ସମୟରେ ଏନ୍‌ଆଇଆଇଏସ୍ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ କି ସୁବିଧା ପ୍ରଦାନ କରାଯାଇଛି?**

ମହାମାରୀ ବେଳେ ସମସ୍ତ ଶାଖାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସୁବିଧା ଯୋଗାଇବା ଏକ କଠିନ ବ୍ୟାପାର ଥିଲା। ତେବେ ଆମେ ଏହାକୁ ଏକ ଆହ୍ୱାନ ମନେକରି ୨୦୨୦ ଆରମ୍ଭରୁ କର୍ମଚାରୀମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ। ଏହାଦ୍ୱାରା ଶିକ୍ଷକମାନେ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରଭାବୀ ଢଙ୍ଗରେ ଶିକ୍ଷାଦାନ କରିପାରିଥିଲେ। ଏପରି କି ସେମିନାର୍ ଏବଂ କର୍ମଶାଳା ଆୟୋଜନ ସହ ଟେକ୍ନିକାଲ୍ ଛାତ୍ରୀଛାତ୍ରଙ୍କ ପାଇଁ କର୍ପୋରେଟ୍ କ୍ଲାଏଣ୍ଟଙ୍କଠାରୁ ଅନଲାଇନ୍ ପ୍ରୋଜେକ୍ଟର ସହାୟତା ନିଆଯାଇଥିଲା। କର୍ପୋରେଟ୍ କ୍ଷେତ୍ରର ଦକ୍ଷ ବ୍ୟକ୍ତିବିଶେଷ ଏବଂ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ମଧ୍ୟ ପିଲାଙ୍କ ପାଇଁ ଆମନ୍ତ୍ରଣ କରାଯାଇଥିଲା। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରତ୍ୟେକ ଶିକ୍ଷକ ନିଜ ଘରୁ ଅଥବା କଲେଜରୁ ଗୁଗଲ୍ ମିଟ୍ ଏବଂ ଜୁମ୍ ମାଧ୍ୟମରେ ଅନ୍‌ଲାଇନ କ୍ଲାସ୍ ନେଇଥିଲେ। ଆପ୍ ଜରିଆରେ ଆମେ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ୱେବିନାର୍ସ, କର୍ପୋରେଟ୍ ଟକ୍ସ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ଆୟୋଜନ କରିପାରିଥିଲୁ। ଅଭିଭାବକଙ୍କ ଆର୍ଥିକ ବୋଝ କମ୍ କରିବା ପାଇଁ ଅନୁଷ୍ଠାନ ଫି', ଛାତ୍ରଛାତ୍ରୀଙ୍କ ପରିବହନ ଶୁଳ୍କ ଏବଂ ଛାତ୍ରାବାସ ଶୁଳ୍କରେ ରିହାତି ଦିଆଯାଇଥିଲା।

**▶▶ ଅନ୍‌ଲାଇନ୍ ଶିକ୍ଷାର ବଡ଼ ଅସୁବିଧା କ'ଣ?**

ଅଫ୍‌ଲାଇନ୍ କ୍ଲାସ୍‌ରେ ସବୁ ପିଲାଙ୍କୁ ଧ୍ୟାନ ଦିଆଯାଏ। କିନ୍ତୁ ଅନ୍‌ଲାଇନ୍ କ୍ଲାସ୍ ସମୟରେ ଏକାବେଳେ ସର୍ବାଧିକ ୬-୭ ପିଲାଙ୍କ ଉପରେ ନଜର ରଖିବା ସମ୍ଭବ। ଅନ୍‌ଲାଇନ୍ ପଢ଼ାବେଳେ ଅନ୍ୟ କୌଣସି ୱେବ୍‌ସାଇଟ୍ ଅଥବା ସୋସିଆଲ୍ ମିଡିଆ ସେମାନଙ୍କ ଏକାଗ୍ରତା ଭଙ୍ଗ କରିବା ଆଶଙ୍କା ଥାଏ। ସେହିପରି ଇଣ୍ଟରନେଟ୍‌ରେ ବାଧା ଅନ୍‌ଲାଇନ୍ ଶିକ୍ଷା ଆଗରେ ପ୍ରତିବନ୍ଧକ। ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରଶିକ୍ଷଣ ଟେକ୍ନିକ୍‌କୁ ନ ବୁଝିପାରିଲେ ଭ୍ରମ ସୃଷ୍ଟିର ଆଶଙ୍କା ଥାଏ। ଆର୍ଥିକ ଅସ୍ୱଚ୍ଛଳ ପିଲାମାନଙ୍କ ଲାଗି ଏହା ଅସୁବିଧା ସୃଷ୍ଟି କରିପାରେ। ସାଧାରଣ ଶ୍ରେଣୀ ବ୍ୟବସ୍ଥାରେ ସହପାଠୀଙ୍କ ସହିତ ଉତ୍ତମ ବାତାବରଣରେ ଅଧ୍ୟୟନର ସୁଯୋଗ ଥାଏ, ଯାହାକି ଅନ୍‌ଲାଇନ୍ କ୍ଲାସ୍‌ରେ ମିଳି ନ ଥାଏ। ଏହାବାଦ୍ ଭର୍ଚୁଆଲ ମାଧ୍ୟମ ଯୋଗୁଁ ପିଲାମାନେ ଲଗାତର ବହୁ ସମୟ ଧରି ଡିଭାଇସ୍ ସ୍କିନ୍‌କୁ ଚାହିଁ ରୁହନ୍ତି। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ପାଲଟେ।

**▶▶ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଆପଣଙ୍କର ମତ କଣ?**

ଓଡ଼ିଶାର ଛାତ୍ରୀଛାତ୍ର ନିଜ ଉନ୍ନତି ଦିଗରେ ଆଗେଇ ଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ କୋଭିଡ୍-୧୯ର ସଫଳ ମୁକାବିଲା ପ୍ରଶଂସନୀୟ। ପିଲାମାନେ ମଧ୍ୟ ଗାଇଡ୍‌ଲାଇନ୍‌କୁ ମାନିଛନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳରେ ପିଲାଙ୍କ ଅନ୍‌ଲାଇନ ଶିକ୍ଷା ଭିତ୍ତିଭୂମି ସଜାଡ଼ିବା ଫଳରେ ଅନ୍‌ଲାଇନ୍ ଜରିଆରେ ବିଜ୍ଞାନ, ବାଣିଜ୍ୟ, କମ୍ପ୍ୟୁଟର ବିଜ୍ଞାନ ଭଳି ବିଷୟଗୁଡ଼ିକରେ ପାଠ ପଢ଼ା ହୋଇପାରିଥିଲା। ସେମାନେ କଲେଜ, କୋଚିଂ କ୍ଲାସ୍‌ରେ ଅଂଶଗ୍ରହଣ କରିବା ସହିତ ଶ୍ରେଣୀକକ୍ଷ ଏବଂ ସେମିନାର୍‌ରେ ଭାଗନେଇ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ ହୋଇଛନ୍ତି।

**▶▶ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆପଣଙ୍କ ଅନୁଷ୍ଠାନ କିଭଳି ଭାବରେ ପ୍ରେରଣା ଯୋଗାଉଛି?**

ଆମ ଅନୁଷ୍ଠାନ ପକ୍ଷରୁ ପିଲାଙ୍କ ପାଇଁ ସାଧାରଣ କ୍ଲାସ୍ ଛଡ଼ା ସେମିନାର୍, ବିଷୟଭିତ୍ତିକ ୱେବିନାର୍, କର୍ପୋରେଟ୍ ବାର୍ତ୍ତା, ଉଦ୍ୟୋଗ ବିଶେଷଜ୍ଞଙ୍କ ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ପ୍ରଶିକ୍ଷଣ ସୁବିଧା କରାଯାଇଥିଲା। ଆମେ ଉଦ୍ୟୋଗ ଏବଂ ଏକାଡେମିକ୍ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଟେକ୍ନିକାଲ୍ ଛାତ୍ରୀଛାତ୍ରଙ୍କ ଲାଗି ଅନ୍‌ଲାଇନ୍ ଇଣ୍ଡଷ୍ଟ୍ରିଆଲ୍ ପ୍ରକଳ୍ପଗୁଡ଼ିକର ଆୟୋଜନ କରିଥିଲୁ। ପିଲାଙ୍କୁ ଉତ୍ତମ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଗଢ଼ିତୋଳିବା ପାଇଁ କୁଇଜ୍, ମ୍ୟାନେଜ୍‌ମେଣ୍ଟ ଗେମ୍ସ, ଲିଡରଶିପ୍ ଗେମିଂ, ପୋଷ୍ଟର ପ୍ରତିଯୋଗିତା ସହ ମ୍ୟାନେଜ୍‌ମେଣ୍ଟ ଛାତ୍ରୀଛାତ୍ରଙ୍କ ଲାଗି ଡିବେଟ୍, କ୍ଲବ୍ସ ଏବଂ ସାଧାରଣ ଜ୍ଞାନ ସମ୍ବନ୍ଧରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରିଥିଲୁ। ବିନା କୌଣସି ଏକ୍ସଟ୍ରା ଫି'ରେ ଟ୍ୟୁଟୋରିଆଲ୍ କ୍ଲାସ୍ ନିଆଯାଇଥିଲା।

**▶▶ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ କି ଉପଦେଶ ଦେବେ?**

ପ୍ରତ୍ୟେକ ଘଟଣା ଓ ନିଜ ଆଖପାଖରେ ଥିବା ସମସ୍ତ ଲୋକଙ୍କଠାରୁ କିଛି ନା କିଛି ଶିଖିବାକୁ ମିଳିଥାଏ। ଯେତେବେଳେ ସବୁକିଛି ଠିକ୍‌ରେ ଚାଲୁଥିବ ଆପଣ ତା' ଉପରେ ଧ୍ୟାନ ଦେବା ଆବଶ୍ୟକ। କିନ୍ତୁ ଜୀବନ ପଥରେ କିଛି ଖରାପ ଘଟୁଥିବାବେଳେ ସେଗୁଡ଼ିକ ପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ। ଦୃଢ଼ ବ୍ୟକ୍ତିଙ୍କ ସହିତ ମିଶି ଉକ୍ତ ସମସ୍ୟାର ସମାଧାନ କରିବା ଆବଶ୍ୟକ। ପିଲାମାନେ ନିଜ ଦେଶର ଭବିଷ୍ୟତ ପାଇଁ ଶିକ୍ଷା, ଟେକ୍ନୋଲୋଜି ଏବଂ ଦକ୍ଷତା ଦ୍ୱାରା ନିଜକୁ ପ୍ରସ୍ତୁତ କଲେ ଆଗକୁ ବଢ଼ିପାରିବେ। ଏନ୍‌ଇପି ୨୦୨୦ର ଏକ ଅଂଶ ହିସାବରେ କୋଭିଡ୍ ଲକ୍‌ଡାଉନ୍ ସମୟରେ ସମସ୍ତ ପ୍ରକାର ଜ୍ଞାନ ଏକାଠି କରିବାକୁ ପିଲାମାନଙ୍କ ନିକଟରେ ଯଥେଷ୍ଟ ସମୟ ଥିଲା। ମୁଁ ଯୁବକମାନଙ୍କୁ ସମସ୍ତ ବିଷୟରେ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେବି। ପିଲାମାନେ ସମସ୍ତ ବିଷୟରେ ପାରଙ୍ଗମ ହେବା ଦେଶ ପାଇଁ ଏକ ଭଲ ସଙ୍କେତ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ କରିଚି ଓଷା**
**ଡୋଲିକ ଚାଉଳ ଓଲିକେ ଖାଇଲା**
**ଦାନ୍ତ ଅଛି ଦରଘଷା।**

ଓଷା କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡେ। ଖାଇବା, ପିଇବା କମ୍ କରାଯାଏ। କିନ୍ତୁ ଓଷାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ଭଲ ପିନ୍ଧି ମଉଜ କରିବାର ମାନେ ଓଷା ନୁହେଁ, ଏହା ଏକ ଭାଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଓଷା ବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଳପ ଧନ**
**ବିକଳ ମନ।**

ମନୁଷ୍ୟର ଆବଶ୍ୟକତାର ସୀମା ନାହିଁ। ବାସ, ବେଶ ତଥା ସୁଖସ୍ୱାଚ୍ଛନ୍ଦ ପାଇଁ ସେ ବିଭିନ୍ନ ପଦାର୍ଥ ସଂଗ୍ରହ ଲାଗି ସଦାବେଳେ ତତ୍ପର ଥାଏ। ଏଥିପାଇଁ ଲୋଡ଼ା ହୁଏ ଧନ। ଧନହୀନ ବ୍ୟକ୍ତିର ଆବଶ୍ୟକତା ତ ଥାଏ ମାତ୍ର ହାତରେ ଧନର ଅଭାବ। ଏପରି ଅବସ୍ଥାରେ ତା'ର ମନ ଉଣା କରିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଆବଶ୍ୟକ ପଦାର୍ଥ ସଂଗ୍ରହ ନ କରି ସେ ବ୍ୟଥାରେ ବିକଳ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଜ୍ଞାନରଞ୍ଜନ ସ୍ୱାଇଁ ଇସ୍ତଫାପତ୍ର ପ୍ରତ୍ୟାହାର କଲେ

**କଟକ ଅଫିସ,୨୮।୨:** କଟକ ମହାନଗର ନିଗମ ୱାର୍ଡ ନମ୍ବର ୧୦ର ପୂର୍ବତନ କର୍ପୋରେଟର ଜ୍ଞାନରଞ୍ଜନ ସ୍ୱାଇଁ ଗତ ଶନିବାର ବିଜେଡି ଜିଲା ସଭାପତିଙ୍କୁ ଦେଇଥିବା ଇସ୍ତଫାପତ୍ରକୁ ସୋମବାର ପ୍ରତ୍ୟାହାର କରିନେଇଛନ୍ତି। ଏ ସମ୍ପର୍କରେ ସ୍ୱାଇଁ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ବିଜେଡିର ଜଣେ ସକ୍ରିୟ ସଭ୍ୟ ଭାବେ ୧୦ ନମ୍ବର ୱାର୍ଡରେ କାର୍ଯ୍ୟ କରୁଥିଲି। କିନ୍ତୁ ଦଳ ଅବହେଳା କରୁଛି ବୋଲି ଭାବି ଜିଲା ସଭାପତିଙ୍କୁ ଇସ୍ତଫାପତ୍ର ଦେଇଥିଲି। କିନ୍ତୁ ଇସ୍ତଫାପତ୍ର ପ୍ରତ୍ୟାହାର କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ନେତା ଆଶୀର୍ବାଦ ବେହେରାଙ୍କ ନିର୍ଦ୍ଦେଶ ଅନୁଯାୟୀ ଦଳର ଶୃଙ୍ଖଳିତ ସଭ୍ୟ ଭାବେ କାର୍ଯ୍ୟ କରିବେ ବୋଲି ସ୍ୱାଇଁ କହିଛନ୍ତି।


# classifieds Everyday
0674-2580101, 2549302




## SALE

Plot for Sale at Chhatabar per sq.ft @99/-. 7381268181, 9583295832. D-23232

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.-949/-, 9938016295. D-71800

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

ଭୁବନେଶ୍ୱର-ପୁରୀ ବାଇପାସ ରୋଡ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଛି। ବର୍ଗଫୁଟକୁ ଟ୧୬୦୦ଙ୍କାରେ । ଯୋଗାଯୋଗ- **9827339640/ 8328992008.** D-23279

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ- 9778822812. D-23066

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9348673415, 6372694842.** D-71799

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947




Ashirvaad Saloon and SPA get good massage for your health tha best therapy. 7077181074. D-71870

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Newly opening SPA positively health benefits with expert therapist. 8917332216. D-71949

Refreshing your mind and body with the best therapy, 7873794731. D-23024

Newly open full body massage ladies and gents. 8327740003. D-71869

**Relax, Refresh your Body, Mind at Lotus Spa with Best Therapies. 8018891951.** D-23276

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

DOCUMENT LOST- I, Santosh Kumar Lohia, S/o- Late Jaychand Lal Lohia, residing at Nandighosh Newas, Gandhi Nagar 2nd lane, Berhampur, Dist.- Ganjam, Odisha declaring that, I have purchased a flat bearing Flat No: 3/ B4-04 on 3rd floor of "Hitech Plaza Apartment", Mouza: Madhipur, PS: Airfield, Tahasil:Jatani, Dist: Khorda, vide Regd. Sale Deed Application No:1121104025 /2011 Dt:15.12.2011, Document No:11121103920. While I was travelling from house to Kamapalli Market, Berhampur. I lost my Sale Deed bearing Application No:1121104025/2011, Document No: 11121103920, Dt:15.12.2011. I have not created any charge, mortgage, lien with any Financial Institution by mortgaging the above property. I had made an affidavit on Dt: 10.02.2022 by declaring about lost Sale Deed. I am going to sale the property to Mrs Nibedita Pati. The above statement is true to best of my knowledge. If anybody got this, please handover it to any branch of SBI or Contact No.- Santosh Kumar Lohia, Cont: 94370 66563. D-23275

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ପୂର୍ବତନ ମନ୍ତ୍ରୀ ଅଞ୍ଜଳି ପଛୁଆ

**ଢେଙ୍କାନାଳ ଅଫିସ, ୨୮।୨**


ଅଞ୍ଜଳି ବେହେରା

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗିରିଧରପ୍ରସାଦ ପଞ୍ଚାୟତରୁ ସମିତିସଭ୍ୟ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅଞ୍ଜଳି ବେହେରା ସପ୍ତମ ରାଉଣ୍ଡ ସୁଦ୍ଧା ପଛୁଆ ଅଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ସମର୍ଥିତ ପ୍ରାର୍ଥିନୀ କାମିନୀ ନାୟକ ତାଙ୍କଠାରୁ ୬୩୩ ଭୋଟରେ ଆଗୁଆ ରହି ବିଜୟ ଆଡ଼କୁ ଅଗ୍ରସର ହେଉଛନ୍ତି। ଅଞ୍ଜଳିଙ୍କୁ ୮୪୮ ଖଣ୍ଡ ଭୋଟ ମିଳିଥିବାବେଳେ କାମିନୀ ୧,୪୭୨ ଖଣ୍ଡ ଭୋଟ ପାଇଛନ୍ତି। ଏହି ପଦବୀ ଲାଗି ୪ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଅଞ୍ଜଳି ବିଜେଡି ଛାଡ଼ି ଭାଜପାରେ ସାମିଲ ହେବା ପରେ ଚଳିତ ପଞ୍ଚାୟତ ନିର୍ବାଚନରେ ସମିତିସଭ୍ୟ ଆସନରେ ଭାଗ୍ୟ ପରୀକ୍ଷା କରୁଛନ୍ତି।

# ଜୁଲାଇ ସୁଦ୍ଧା ୟୁଜି, ପିଜି ଶେଷବର୍ଷ ପରୀକ୍ଷା ସରିବ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜି ଶେଷବର୍ଷ ସେମିଷ୍ଟର ପରୀକ୍ଷା ଜୁଲାଇ ୩୧ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସୋମବାର ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମସ୍ତ ଡିଗ୍ରୀ କଲେଜ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେହିପରି ଅଗଷ୍ଟ ୧୫ ସୁଦ୍ଧା ଫଳାଫଳ ପ୍ରକାଶ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେଉଁଠି ପାଠ୍ୟକ୍ରମ ଶେଷ ହୋଇ ନ ଥିବ ଓ ଏକ୍ସଟ୍ରା କ୍ଲାସ୍ କରିବା ପାଇଁ ଚାହୁଁଥିଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତାହା କରିପାରିବେ। ସେହିଭଳି ୟୁଜି ଓ ପିଜିର ଅନ୍ୟ ସେମିଷ୍ଟର ପରୀକ୍ଷା ଉଚିତ ସମୟ ଦେଖି କରାଯାଇ ପାରିବ ବୋଲି କୁହାଯାଇଛି।

ପ୍ରଥମ ପୃଷ୍ଠାରୁ...

## ସବୁଠି ବିଜେଡି...

ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼। ତେବେ ଏହି ପରାଜୟକୁ କଂଗ୍ରେସ ଜନସାଧାରଣଙ୍କ ଉପରେ ଲଦିଛି। ଲୋକମାନେ ରାଜ୍ୟରେ ଗଣତନ୍ତ୍ର ମାଧ୍ୟମରେ ଏକଛତ୍ରବାଦ ଶାସନ ସ୍ଥାପନ କରିବାକୁ ଚାହୁଁଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଚଳିତ ପଞ୍ଚାୟତ ନିର୍ବାଚନରେ ଭାଜପା ଓ କଂଗ୍ରେସ ଧରାଶାୟୀ ହୋଇଛନ୍ତି। ଏହି ନୈରାଶ୍ୟଜନକ ପ୍ରଦର୍ଶନ ଉଭୟ ଦଳର ନେତା ଓ କର୍ମୀଙ୍କୁ ବ୍ୟଥିତ କରିଛି। ଉଭୟ ଦଳରେ ନେତୃତ୍ୱ ସଙ୍କଟ ଯୋଗୁ ଏଭଳି ଦଶା ଭୋଗିବାକୁ ପଡୁଛି ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମାସ୍କନ୍ଧ ନେତା ନ ଥିବା ଯୋଗୁ ଉଭୟ ଦଳ ଜନତାଙ୍କ ବିଶ୍ୱାସଭାଜନ ହୋଇପାରୁ ନ ଥିବା ଆଲୋଚନା ହେଉଛି। ଯେଉଁ ନେତାଙ୍କୁ ଦଳ ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ କରୁଛନ୍ତି ତାଙ୍କୁ ଦଳୀୟ ନେତା ଓ ଜନତା କେତେ ଗ୍ରହଣ କରୁଛନ୍ତି ସେସବୁର ସମୀକ୍ଷା କରାଯାଉ ନାହିଁ। ଲବି ଆଧାରରେ ରାଜ୍ୟରେ ଦଳର ମୁଖିଆ ନିଯୁକ୍ତ ହେଉଛନ୍ତି। ଏହାକୁ ନେଇ ଦଳ ଭିତରେ ଅସନ୍ତୋଷ ଦେଖା ଦେଉଥିବା ବେଳେ ସାଙ୍ଗଠନିକ କ୍ଷେତ୍ର ମଧ୍ୟ ଦୁର୍ବଳ ହେଉଛି। ନିଜକୁ ସୁହାଇଲା ଭଳି ସଂଗଠନ ଗଢ଼ାଯାଉଥିବାରୁ ନିର୍ବାଚନରେ ତାହାର ଲାଭ ମିଳିବା ବଦଳରେ ଦଳକୁ ଅନେକ କ୍ଷତି ସହିବାକୁ ପଡୁଛି। ଚଳିତ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି।

## ସେନା ପ୍ରତ୍ୟାହାର...

ବୈଠକ ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରୁଷିଆ ଆଗରେ ଆତ୍ମସମର୍ପଣ କରିବେ ନାହିଁ ରାଷ୍ଟ୍ର ଉଦ୍ଦେଶ୍ୟରେ କହିଥିଲେ। ଏଥିସହ ସକାଳେ କ୍ୱିଭ୍‌ରେ ଲାଗୁ କରାଯାଇଥିବା କର୍ଫ୍ୟୁ ଉଠାଯାଇ ସେଠାରେ ଥିବା ଲୋକଙ୍କୁ ତୁରନ୍ତ ରାଜଧାନୀ ଛାଡ଼ିବାକୁ କୁହାଯାଇଥିଲା। ଭାରତୀୟ ଛାତ୍ରୀଛାତ୍ରମାନେ ମଧ୍ୟ ରେଳ ଷ୍ଟେଶନରେ ପହଞ୍ଚିବା ନିମନ୍ତେ ଆଡ୍‌ଭାଇଜରି ଜାରି କରାଯାଇଥିଲା। ଆସନ୍ତା ୨୪ ଘଣ୍ଟା ୟୁକ୍ରେନ୍ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଜେଲେନ୍‌ସ୍କି କହିଥିଲେ। ଏସବୁ ଭିତରେ ୟୁକ୍ରେନ୍‌କୁ ତତ୍କାଳଭିତ୍ତିରେ ୟୁରୋପୀୟ ସଂଘ (ଇୟୁ)ର ସଦସ୍ୟତା ପ୍ରଦାନ କରାଯିବାକୁ ଜେଲେନ୍‌ସ୍କି ଦାବି କରିବା ସହ ଏ ସମ୍ପର୍କିତ ଆବେଦନରେ ହସ୍ତାକ୍ଷର କରିଛନ୍ତି।

ଯୁଦ୍ଧର ପଞ୍ଚମ ଦିନରେ ମଧ୍ୟ ରାଜଧାନୀ କ୍ୱିଭ୍ ଏବଂ ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭର ବିଭିନ୍ନ ସ୍ଥାନରେ ରୁଷିଆ ବ୍ୟାପକ ମିଶାଇଲ ଓ ବୋମା ମାଡ଼ କରିଛି। ଚେର୍ନିହିଭ୍ ସହରରେ ଏକ ବାସଭବନ ବିଲ୍ଡିଂ କ୍ଷେପଣାସ୍ତ୍ର ମାଡ଼ରେ ନଷ୍ଟ ହୋଇଯାଇଛି। ଏହା ସହ ଆଉ ଏକ ତେଲ ଡିପୋରେ ନିଆଁ ଲାଗି ତାହା ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏଥିଯୋଗୁ ଚାରିପାଖ ଆକାଶ ଧୂଆଁମୟ ହୋଇଉଠିଥିଲା। ଆକ୍ରମଣରେ ଖର୍କିଭ ସହରର ୧୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଏ ପର୍ଯ୍ୟନ୍ତ ୩୫୨ ଲୋକଙ୍କ ଜୀବନ ଯାଇଥିବାବେଳେ ସେମାନଙ୍କ ମଧ୍ୟରେ ୧୬ ଜଣ ଶିଶୁ ଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଆହୁରି ୧୬୮୪ ଜଣ ଆହତ ହୋଇଛନ୍ତି। କ୍ୱିଭ୍, ଖର୍କିଭ ସମେତ ବିଭିନ୍ନ ସହରକୁ କବ୍‌ଜାକୁ ନେବା ପାଇଁ ରୁଷିଆ ସୈନ୍ୟ ମାଡ଼ି ଆସୁଥିବାବେଳେ ୟୁକ୍ରେନ୍ ସେମାନଙ୍କୁ ଅଟକାଇବାକୁ ନିଜର ସମସ୍ତ ବଳ ଲଗାଇଛି। ମସ୍କୋର ପ୍ରାୟ ୫,୩୦୦ ସୈନ୍ୟ ନିହତ ହୋଇଥିବା ଏବଂ ଏହାର ୧୫୧ ଟ୍ୟାଙ୍କ, ୨୯ ବିମାନ, ୨୯ ହେଲିକପ୍ଟର ନଷ୍ଟ କରାଯାଇଥିବା ୟୁକ୍ରେନ୍ ଦାବି କରିଛି। କ୍ୱିଭ୍‌କୁ କବ୍‌ଜା କରାଯାଇଥିବା ରୁଷିଆ କହୁଥିବାବେଳେ ଏହାକୁ ୟୁକ୍ରେନ୍ ଖଣ୍ଡନ କରିଛି। ରୁଷିଆ ସହ ଲଢ଼ିବାକୁ ୟୁକ୍ରେନ୍ ନିଜ ନାଗରିକଙ୍କୁ ଯୁଦ୍ଧରେ ସାମିଲ କରିଛି। ଜେଲରେ ବନ୍ଦୀଥିବା ଲୋକଙ୍କୁ ମଧ୍ୟ ଏଥିନିମନ୍ତେ ଟ୍ରେନିଂ ଦେଉଛି। ୟୁରୋପୀୟ ଦେଶ ୟୁକ୍ରେନ୍‌କୁ ସାମରିକ ଓ ବିଭିନ୍ନ ପ୍ରକାର ସହାୟତା ଯୋଗାଇବାରେ ଲାଗିଛନ୍ତି। ଲାଟ୍‌ଭିଆ ନିଜ ଇଚ୍ଛୁକ ନାଗରିକଙ୍କୁ ରୁଷିଆ ସୈନ୍ୟଙ୍କ ବିରୋଧରେ ଲଢ଼େଇ ନିମନ୍ତେ ଅନୁମତି ପ୍ରଦାନ କରିଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ୟୁକ୍ରେନ୍‌ରୁ ୫ ଲକ୍ଷ ଲୋକ ପଡୋଶୀ ଦେଶକୁ ପଳାଇଥିବା ଜାତିସଂଘ ଉଚ୍ଚାୟୁକ୍ତ ଫିଲିପ୍ପୋ ଗ୍ରାଣ୍ଡି କହିଛନ୍ତି। ଯୁଦ୍ଧ ଯୋଗୁ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ୟୁକ୍ରେନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମସ୍ୟା ବଢ଼ିଛି। କୋଭିଡ୍ ସଂକ୍ରମିତଙ୍କ ନିମନ୍ତେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି। ଗଚ୍ଛିତ ଅକ୍ସିଜେନ୍ ୨୪ ଘଣ୍ଟା ପରେ ଶେଷ ହେବାକୁ ଥିବାବେଳେ ଏଥିଯୋଗୁ ସେଠାରେ ଗମ୍ଭୀର ସ୍ଥିତି ଉପୁଜିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମହାସଚିବ ଟେଡ୍ରସ୍ ଅଧନୋମ୍ ଘେବ୍ରିୟସ୍ ସତର୍କ କରାଇଛନ୍ତି। ୟୁକ୍ରେନ ସଙ୍କଟ ଉପରେ ଜାତିସଂଘ ୧୯୩ ସଦସ୍ୟ ରାଷ୍ଟ୍ରକୁ ନେଇ ଏକ ସ୍ୱତନ୍ତ୍ର ଜରୁରିକାଳୀନ ଅଧିବେଶନ ଡାକିବା ଉପରେ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ରେ ସୋମବାର ଭୋଟିଂ ହୋଇଥିଲା। ଏଥିରେ ୧୧ ଭୋଟ ଅଧିବେଶନ ସପକ୍ଷରେ ପଡ଼ିଛି। ପୂର୍ବଥର ପରି ଭାରତ ସମେତ ଚାଇନା ଓ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ମଧ୍ୟ ଭୋଟ ଦେବାରୁ ବିରତ ରହିଛନ୍ତି। କୂଟନୈତିକ ରାସ୍ତା ଏବଂ ଆଲୋଚନାକୁ ଫେରିବା ଛଡା ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ଜାତିସଂଘରେ ଭାରତ ରାଷ୍ଟ୍ରଦୂତ ଟି. ଏସ୍. ତିରୁମୂର୍ତ୍ତି କହିଥିଲେ। ଏଥିସହ ବେଲାରୁଷ ସୀମାରେ ଆଲୋଚନା କରିବା ପାଇଁ ରୁଷିଆ ଓ ୟୁକ୍ରେନ୍‌ର ଘୋଷଣାକୁ ସେ ସ୍ୱାଗତ କରିଥିଲେ। ୧୯୫୦ ମସିହା ପରଠାରୁ ଏହା ଜାତିସଂଘରେ ବସିଥିବା ୧୧ ତମ ଜରୁରିକାଳୀନ ଅଧିବେଶନ। ବିନା ସର୍ତ୍ତରେ ରୁଷିଆ ସୈନ୍ୟ ପ୍ରତ୍ୟାହାର କରିବା ନିମନ୍ତେ ଏହି ଅଧିବେଶନରେ ୟୁକ୍ରେନ୍ ପ୍ରତିନିଧି ଦାବି କରିଛନ୍ତି।

ଅନ୍ୟପକ୍ଷରେ ଯୁଦ୍ଧବିରତି ଦାବିରେ ବିଶ୍ୱର ବିଭିନ୍ନ ଦେଶରେ ଆନ୍ଦୋଳନ ତେଜିବାରେ ଲାଗିଛି। ରୁଷିଆରେ ବିକ୍ଷୋଭକାରୀଙ୍କ ମଧ୍ୟରୁ ୨ ହଜାରରୁ ଊର୍ଦ୍ଧ୍ୱଙ୍କୁ ଗିରଫ କରାଯାଇଛି। ବ୍ୟାପକ କଟକଣା ଯୋଗୁ ରୁଷିଆ ମୁଦ୍ରା ରୁବଲ ମୂଲ୍ୟ ଡଲାର ତୁଳନାରେ ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଛି। ଫଳରେ ରୁଷିଆ ସେଣ୍ଟ୍ରାଲ ବ୍ୟାଙ୍କ ଏହାର ସୁଧହାର ୯.୫ ପ୍ରତିଶତରୁ ୨୦ ପ୍ରତିଶତକୁ ବଢ଼ାଇଛି। ଯେତେ କଟକଣା ଲଗାଗଲେ ବି ରୁଷିଆ ଏ ସବୁକୁ ପ୍ରତିହତ କରିବାକୁ ସକ୍ଷମ ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ଯୁଦ୍ଧ ଓ ଆଲୋଚନା ଭିତରେ ରୁଷିଆ ଆଣବିକ ଫୋର୍ସ ୟୁନିଟ୍‌କୁ ହାଇଆଲର୍ଟରେ ରଖିଛି।

## ଭାରତୀୟଙ୍କୁ ଫେରାଇ...

ସେମାନଙ୍କୁ ଫେରାଇ ଆଣିବା ପାଇଁ ମିଶନ ଗଙ୍ଗା ମାଧ୍ୟମରେ ସମସ୍ତ ଉଦ୍ୟମ ଜାରି ରହିଛି। ଯୁଦ୍ଧ ଯୋଗୁ ୟୁକ୍ରେନ୍ ଏହାର ବାୟୁସୀମାକୁ ବନ୍ଦ କରିଦେଇଥିବାରୁ ସେଠାରେ ଅଟକି ରହିଥିବା ଭାରତୀୟମାନେ ସଡ଼କ ପଥରେ ପଡୋଶୀ ରୋମାନିଆ, ହଙ୍ଗେରି, ପୋଲାଣ୍ଡ ଆଦି ଦେଶକୁ ଯାଇ ସେଠାରୁ ବିମାନ ଯୋଗେ ସ୍ୱଦେଶ ଫେରୁଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ୟୁକ୍ରେନ୍ ଓ ଏହାର ପଡୋଶୀ ଦେଶରେ ଥିବା ଦୂତାବାସ ସହ କ୍ରମାଗତ ଯୋଗାଯୋଗରେ ରହିଛି। ସେହିପରି ଭାରତୀୟ ଛାତ୍ରୀଛାତ୍ରଙ୍କ ନିରାପଦ ଉଦ୍ଧାର ଲାଗି ରୁଷିଆ ରାଷ୍ଟ୍ରଦୂତଙ୍କ ସହ ମଧ୍ୟ ଆଲୋଚନା ହୋଇଛି ଓ ରୁଷିଆ ସରକାର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି।

## ପୌର ନିର୍ବାଚନ...

ଭଦ୍ରକ ପୌର ପରିଷଦର ୪ ନମ୍ବର ୱାର୍ଡରେ ନିର୍ବାଚନକୁ ନେଇ ମାମଲା କୋର୍ଟରେ ଥିବାରୁ ସେଠାରେ ନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ଏହି ପୌର ନର୍ବାଚନ ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ହେବ। ଭୋଟ ଗଣତି ମାର୍ଚ୍ଚ ୨୬ତାରିଖରେ ହେବ। ଚଳିତଥର ମ୍ୟୁନିସିପାଲିଟି ଓ ଏନ୍‌ଏସି ଅଧ୍ୟକ୍ଷ ପଦବୀ ଏବଂ ମହାନଗର ନିଗମରେ ମେୟର ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେବ।

ନିର୍ବାଚନରେ ଭୋଟରମାନେ ଇଭିଏମ୍ ମାଧ୍ୟମରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ପୌରାଞ୍ଚଳ ଓ ଏନ୍‌ଏସି ଅଧ୍ୟକ୍ଷ ପଦବୀ ଏବଂ ମହାନଗର ମେୟର ପଦବୀ ନିମନ୍ତେ ହଳଦିଆ ବାଲଟ ପେପର ରହିଥିବା ବେଳେ କାଉନସିଲର ଓ କର୍ପୋରେଟରଙ୍କ ପାଇଁ ଗୋଲାପୀ ରଙ୍ଗର ବାଲଟ ପେପର ରହିବ। ଚଳିତ ଥର ଭୋଟରମାନେ ନୋଟା (ନନ୍ ଅଫ୍ ଦି ଏବଭ୍)ର ଉପଯୋଗ ମଧ୍ୟ କରିପାରିବେ। କୌଣସି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନ ଚାହିଁଲେ ମତଦାତା ନୋଟାକୁ ବାଛି ପାରିବେ। ଆସନ୍ତା ଏପ୍ରିଲ ୭ ତାରିଖରେ ଡେପୁଟି ଚେୟାରମ୍ୟାନ ପଦବୀ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଏପ୍ରିଲ ୮ରେ ଡେପୁଟି ମେୟର ପଦ ପାଇଁ ନିର୍ବାଚନ ହେବ।

## ଶିଶୁକନ୍ୟାକୁ ପିଟି...

ପୂର୍ବେ ବିବାହ କରିଥିଲେ। ତାଙ୍କର ଏକ କନ୍ୟା ତପସ୍ୟା ଜନ୍ମ ହୋଇଥିଲେ। ୨ ବର୍ଷ ପୂର୍ବେ ରୋଗରେ ଆକ୍ରାନ୍ତ ହୋଇ ଶଶୀଙ୍କ ମୃତ୍ୟୁ ଘଟିବା ପରେ ତପସ୍ୟା ଅଜାଘରେ ରହୁଥିଲେ। ପରେ ଦିବାକର ବ୍ରହ୍ମପୁର ସଦର ଥାନା ଅଧୀନ କୁକୁଡ଼ାଖଣ୍ଡିର ମାନିନୀଙ୍କୁ ୨ୟ ବିବାହ କରି ସେଠାରେ ରହୁଥିଲେ। ଗତ ୧ ମାସ ହେଲା ଦିବାକର ଏବଂ ମାନିନୀ ତେନ୍ତୁଳିଆ ସାହିରେ ଏକ ଘର ଭଡ଼ା ନେଇ ରହୁଥିଲେ। ୩ ଦିନ ପୂର୍ବେ ଦିବାକର ତପସ୍ୟାଙ୍କୁ ଅଜାଘରୁ ଡାକିନେଇ ପାଖରେ ରଖିଥିଲେ। ତାଙ୍କୁ ଭଲ ଭାବେ ଖାଇବାକୁ ଦେଉ ନ ଥିଲେ। ରବିବାର ରାତିରେ ସମସ୍ତେ ଖାଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ତପସ୍ୟାଙ୍କୁ ପରିସ୍ରା କରାଇବାକୁ ମାନିନୀ ଉଠାଇଥିଲେ। କିନ୍ତୁ ତପସ୍ୟା ପରିସ୍ରା କରି ଆଉ ଶୋଇନଥିଲେ। ଏଥିରେ ରାଗିଯାଇ ମାନିନୀ ତାଙ୍କୁ ମାଡ଼ମାରି ଠେଲିଦେବାରୁ ତପସ୍ୟାଙ୍କ ମୁଣ୍ଡ କାନ୍ଥରେ ପିଟି ହୋଇଯାଇଥିଲା। ପରେ ବାପା ଏକ ବାଡ଼ିରେ ତପସ୍ୟାଙ୍କୁ ନିସ୍ତୁକ ମାଡ଼ ମାରିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ସମସ୍ତ ଶୋଇପଡ଼ିଥିଲେ। ସୋମବାର ସକାଳେ ପରିବାର ଲୋକେ ତପସ୍ୟାଙ୍କୁ ଉଠାଇବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଖବର ପାଇ ତପସ୍ୟାଙ୍କ ଅଜା କେ. ଭୀମ ନାତୁଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତପସ୍ୟାଙ୍କ କାନ ଓ ନାକରୁ ରକ୍ତ ବୋହି ଶୁଖିଯାଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟାରେ ବ୍ୟବହୃତ ବାଡ଼ି ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଅଜା ଏବଂ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କୁକୁରକୁ ବଳିଦେଇ...

ସହ କୁକୁର ମୁଣ୍ଡରେ ସିନ୍ଦୂର ବୋଳିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପ୍ଲାଷ୍ଟିକ ଡବାକୁ ବାଜା ଭାବରେ ବଜେଇଥିଲେ। ଜଣେ ଶିଶୁ ପୂଜକ ସାଜିଥିବା ବେଳେ ଅନ୍ୟ ଶିଶୁ ବରୁଆ ଭୂମିକା ନିର୍ବାହ କରିଥିଲେ। ଏହାପରେ ଏକ ଧାରୁଆ ଅସ୍ତ୍ରରେ କୁକୁର ଛୁଆର ତଣ୍ଟି କାଟି ବଳି ଦେଇଥିଲେ। ପରେ ୫ଜଣ ଯାକ ଶିଶୁ କୁକୁର ଛୁଆର ରକ୍ତ ପିଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ଖେଳି ସାରି ଆସିବା ପରେ ଶିଶୁମାନେ ଅସୁସ୍ଥ ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ପଚାରିବା ପରେ ୫ ଜଣ ଶିଶୁ ସମସ୍ତ ବିବରଣୀ କହିଥିଲେ। ଏହାପରେ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣି ଚିକିତ୍ସା କରିଥିବା ଜଣାପଡିଛି। ଖେଳରେ ବଳିଖେଳ ଖେଳି କୁକୁର ଛୁଆ ମାରି ୫ ଶିଶୁ ରକ୍ତ ପିଇବା ଜଣାପଡିବା ପରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ସ୍ତମ୍ଭୀଭୂତ ହୋଇ ଯାଇଛନ୍ତି। ପ୍ରତ୍ୟେକ ବର୍ଷ ଦଶହରାରେ ଏହି ଗାଁରେ ପାଟଖଣ୍ଡା ଯାତ୍ରା ଆୟୋଜନ କରାଯାଇଥାଏ। ସେଥିରୁ ଶିଶୁମାନଙ୍କ ଉପରେ ଏଭଳି ପ୍ରଭାବ ପଡିଥିବା ସନ୍ଦେହ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ମନ ଚାହୁଁ ନ ଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ କୌଣସି ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କାର୍ଯ୍ୟ ହାସଲ ସକାଶେ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଗବେଷଣା, ଆଇନ ଅଦାଲତ ତଥା ପ୍ରଶାସନ କ୍ଷେତ୍ରରେ ସୁଫଳ ପାଇବେ।

**ବୃଷ**

ଆକସ୍ମିକ ପରିସ୍ଥିତି ବଦଳିଯିବା କାରଣରୁ ବନ୍ଧୁମାନଙ୍କର ଆଶାନୁରୂପ ସାହାଯ୍ୟ ପାଇପାରିବେ ନାହିଁ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବ ଓ ସେହି ଦିଗରୁ ପ୍ରାୟତଃ ସମସ୍ୟା ରହିବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ**

ସାମୟିକ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ସୁସ୍ଥ ମାନସିକତା କାରଣରୁ ଜୀବନଚର୍ଯ୍ୟା ମନ୍ଦ ହେବନି। ସ୍ତ୍ରୀ ସମ୍ପର୍କ, ଆର୍ଥିକ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ଅଫିସରେ କିମ୍ବା ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଭଳି କାମ କରିବା ଠିକ୍ ହେବ ନାହିଁ।

**କର୍କଟ**

ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଦ୍ୱାରା ସ୍ଥଗିତ ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ମନେ ମନେ ଭାବୁଥିବା କାମଟି ସକାଶେ କିଛି ସହଯୋଗ ଲାଗି ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିବେ ନାହିଁ।

**ସିଂହ**

ଆଜି ସକାଳୁ ଆନୁଷ୍ଠାନିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ଖର୍ଚ୍ଚ ବୃଦ୍ଧି କାରଣରୁ ଚିନ୍ତିତ ହେବେ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ।

**କନ୍ୟା**

ଆଜିର କର୍ମକ୍ଷେତ୍ରରେ ବିଳମ୍ବିତ ସମୟରେ ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ସହଜରେ କାମ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କଷ୍ଟକର ହେବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାର୍ଯ୍ୟକ୍ରମ ମାନ୍ଦା ହେବ ନାହିଁ।

**ତୁଳା**

ସକାଳୁ ସକାଳୁ ଅର୍ଥ, ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କୀୟ ଚିନ୍ତା କରିବେ। ଅବଶ୍ୟ, ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଘରୋଇ କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାଧାରଣ ବାଧାପ୍ରାପ୍ତ ହୋଇପାରେ।

**ବିଛା**

ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରି କାମ ହାସଲ କରିପାରିବେ। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟରେ ସଫଳତା ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ଧନୁ**

ମାନସିକ ଅସ୍ଥିରତା ଥିଲେ ମଧ୍ୟ କଥାବାର୍ତ୍ତାରେ ସତର୍କ ନ ରହିଲେ କଳହ ଲାଗିପାରେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି ପାଇଁ ଦିନଟି ଭଲ। ଅପରାହ୍ନେ କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ହାସଲ କରିବେ।

**ମକର**

ଯାହା ଓ ଯେମିତି ଭାବୁଛନ୍ତି ଆଜି ତାହା ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ଦେଖାଦେଇପାରେ। ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ପାରିବାରିକ ସମସ୍ୟାକୁ ବଢ଼ାଇ ଦେଇପାରେ। କର୍ମଜଞ୍ଜାଳ ବୃଦ୍ଧି ସାଙ୍ଗକୁ ଦୂରସ୍ଥାନକୁ ଯାତ୍ରା କାର୍ଯ୍ୟକ୍ରମ ନେଇ ଚିନ୍ତିତ ହେବେ।

**କୁମ୍ଭ**

ପାରିବାରିକ କ୍ଷେତ୍ରରେ ଥିବା ବ୍ୟତିକ୍ରମକୁ ନେଇ ଚିନ୍ତିତ ରହିବେ। ପୂର୍ବରାଗକୁ କେନ୍ଦ୍ରକରି ନିଜର ଆତ୍ମୀୟ ଓ ପାଖ ପଡ଼ୋଶୀଙ୍କ ସହ ସମ୍ପର୍କ ମଧ୍ୟ ଭଲ ରହିବ ନାହିଁ। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମୀନ**

କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିଲେ ମଧ୍ୟ ପାରିବାରିକ ସହଯୋଗ ମନକୁ ହାଲୁକା ରଖିବ। ପ୍ରତିବେଶୀଙ୍କ ସହ ସୁସମ୍ପର୍କ ରଖିପାରିଲେ ସାହାଯ୍ୟ ସହଯୋଗ ଅବଶ୍ୟ ମିଳିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ପଛରେ ବିରୁଦ୍ଧାତ୍ମକ କଥା କହିପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବ୍ୟସ୍ତ ହୋଇପାରନ୍ତି।

## ସଂକ୍ଷେପରେ

### ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



ଭଣ୍ଡାରିପୋଖରୀ, ୨୮।୨(ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବେଲ ଦେଈ (୧୦୬)ଙ୍କର ସୋମବାର ମଧାହ୍ନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବୟସାଧିକ କାରଣରୁ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ଖଗେଶ୍ୱର ନାୟକଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ପଞ୍ଚାନନ ନାୟକ ମୁଖାଗ୍ନି ଦେଇଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣୀତକାନ୍ତି ସାମଲ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ସାମାଜିକ କର୍ମୀ ରଜନୀକାନ୍ତ ଚନ୍ଦ, ଲଳିତ ରାଉତ, ଲକ୍ଷ୍ମୀଧର ସାହୁ, ଅନନ୍ତ ତ୍ରିପାଠୀ, ସତ୍ୟାନନ୍ଦ ମହାପାତ୍ର, ଦେବେନ୍ଦ୍ର ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ୭ରେ ଏଚ୍ଏଲ୍ଟି, ଏସ୍ଏସ୍ ପରୀକ୍ଷା

#### ୨୧ କେନ୍ଦ୍ରରେ ପରୀକ୍ଷା ଦେବେ ୩୬୦୪ ଛାତ୍ରୀଛାତ୍ର

କଟକ,୨୮।୨: ଆସନ୍ତା ମାର୍ଚ୍ଚ ୭ତାରିଖରେ ଅଷ୍ଟମଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରଥମ ଷାଣ୍ମାସିକ ଓଡ଼ିଆ ଭାଷା ପରୀକ୍ଷା (ଏଚ୍ଏଲ୍ଟି) ଏବଂ ଦଶମ ଶ୍ରେଣୀର ପ୍ରଥମ ଏକକ ବିଷୟ (ଏସ୍ଏସ୍) ପରୀକ୍ଷା ଅନୁଷ୍ଠିତ ହେବ। ୫୯୧ଜଣ ଏଚ୍ଏଲ୍ଟି ଏବଂ ୩୦୧୩ ଜଣ ପରୀକ୍ଷାର୍ଥୀ ଏକକ ବିଷୟରେ ପରୀକ୍ଷା ଦେବେ। ରାଜ୍ୟର ୨୧ଟି ପରୀକ୍ଷା କେନ୍ଦ୍ରରେ ଉକ୍ତ ଦୁଇଟି ପରୀକ୍ଷା କରାଯିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବାହ୍ନ ୮ଟାରୁ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ଏସ୍ଏସ୍ ପରୀକ୍ଷା ହେବ। ସେହିପରି ପୂର୍ବାହ୍ନ ୮ଟାରୁ ୯ଟା ମଧରେ ଏଚ୍ଏଲ୍ଟିର ଲିଖିତ ପରୀକ୍ଷା ସରିବା ପରେ ୧୦ଟାରୁ ମୌଖିକ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍ସାଇଟ୍ (bseodisha.ac.in)ରୁ ଆଡ୍ମିଟ୍ କାର୍ଡ ପାଇପାରିବେ ବୋଲି ସୋମବାର ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

### ବାପାଙ୍କ ଟାଙ୍ଗିଆ ଚୋଟରେ ୧୩ ବର୍ଷ ଝିଅର ମୃତ୍ୟୁ

#### ସ୍ତ୍ରୀ ଓ ଶାଳକ ଗୁରୁତର

ବୌଦ୍ଧ/ବାଉଁଶୁଣୀ,୨୮।୨(ସ୍ୱ.ପ୍ର./ଡି.ଏନ.ଏ.)- ବୌଦ୍ଧ ଜିଲା ବାଉଁଶୁଣୀ ଥାନାର ଗୋଛାପଡା ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ବ୍ୟକ୍ତିଙ୍କ ଟାଙ୍ଗିଆ ଆକ୍ରମଣରେ ତାଙ୍କର ୧୩ ବର୍ଷର ଝିଅର ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଓ ଶାଳକ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗୋଛାପଡା ଗ୍ରାମର ରାଜକୁମାର ମେହେର ନିଜ ପରିବାର ସହ ରହି ଆସୁଥିଲେ। ଘଟଣାଦିନ ରାତିରେ ପାରିବାରିକ କଳହରୁ ହଠାତ୍ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ତ୍ରୀ ତୁଳେଶ୍ୱରୀ, ଝିଅ ଶ୍ରାବଣୀ ଓ ଶାଳକଙ୍କୁ ଆକ୍ରମଣ କରିଥିଲେ। ଫଳରେ ତିନି ଜଣ ଯାକ ଗୁରୁତର ହୋଇ ପଡିଥିଲେ। ସମସ୍ତଙ୍କୁ ବାଉଁଶୁଣୀ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଝିଅ ଶ୍ରାବଣୀଙ୍କ ମୃତ୍ୟୁ ଘଟିଥିଲା। ତୁଳେଶ୍ୱରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବାଉଁଶୁଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏହି ଘଟଣାରେ ଅଭିଯୁକ୍ତ ରାଜକୁମାର ଓ ତାଙ୍କ ବାପାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନା ପକ୍ଷରୁ ନଂ ୧୫/୨୨ରେ ମାମଲା ରୁଜୁ ହେବା ସହ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ ପ୍ରକାଶ କରିଛନ୍ତି।

# ପିଲାଙ୍କୁ ସ୍ୱାଗତ କଲା ସ୍କୁଲ

## ନାଚଗୀତ, ଖେଳକୁଦରେ ବିତିଲା ପ୍ରଥମ ଦିନ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ଦୁଇବର୍ଷ ପରେ ସୋମବାର ସ୍କୁଲ ମାଟି ମାଡ଼ିଛନ୍ତି ପ୍ରଥମରୁ ପଞ୍ଚମ ପିଲା। ସେମାନଙ୍କ ସହ ଷଷ୍ଠ ଓ ସପ୍ତମ ଛାତ୍ରୀଛାତ୍ର ମଧ୍ୟ ସ୍କୁଲ୍ ଯାଇଛନ୍ତି। ସେହିପରି ପ୍ଲେ ସ୍କୁଲ୍ ମଧ୍ୟ ଖୋଲିଛି। ଦୀର୍ଘଦିନ ଧରି ଅପେକ୍ଷା କରି ରହିଥିବା ଶିକ୍ଷାୟତନ ନିଜ ପିଲାଙ୍କୁ ପାଇ ପୁଣି ଉଚ୍ଛୁଳି ଉଠିଛି। ଆଉ ସାଙ୍ଗସାଥୀ, ଶିକ୍ଷୟିତ୍ରୀଶିକ୍ଷକଙ୍କ ମେଳରେ ନାଚଗୀତ, ଖେଳକୁଦରେ କୁନି ପିଲାଙ୍କ ପ୍ରଥମ ଦିନ ବିତିଛି।

କରୋନା ସଂକଟ ପାଇଁ ସ୍କୁଲ୍ ବନ୍ଦ ରହିଥିବାବେଳେ ଶ୍ରେଣୀଗୃହ, ପରିସର ସବୁକିଛି ଖାଁଖାଁ ହୋଇ ରହିଥିଲା। ଗତ ୧୪ ତାରିଖରୁ ସ୍କୁଲ୍ ଖୋଲିଥିଲେ ମଧ୍ୟ ୨୮ ତାରିଖରୁ ସ୍କୁଲ୍ ଯିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍ଲାଇନ୍ ଜାରି ହୋଇଥିଲା। ସେହି ଅନୁସାରେ ସ୍କୁଲ୍ର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପୂରା ପ୍ରସ୍ତୁତ ହୋଇ ରହିଥିଲେ। ସ୍କୁଲ ପ୍ରବେଶ ଦ୍ୱାରରେ ପିଲାଙ୍କୁ ସ୍ୱାଗତ କରିବା ପାଇଁ ଫୁଲରେ ସାଜସଜ୍ଜା କରାଯାଇଥିଲା। ପିଲାଙ୍କୁ ଫୁଲ, ଚନ୍ଦନ ଟିକା ଦେଇ ସ୍ୱାଗତ କରାଯିବା ସହିତ ସାନିଟାଇଜର, ଥର୍ମାନ ସ୍କ୍ରିନିଂ କରାଯାଇଥିଲା। ଅନେକ ପିଲା ନୂଆ କରି ସ୍କୁଲ ଯାଇଥିଲେ। ସେମାନଙ୍କ ପାଇଁ ସ୍କୁଲ ପରିବେଶ ପୂରା ଭିନ୍ନ ରହିଥିଲା। ପ୍ରଥମ ୬ ଦିନ ପିଲାମାନେ ପାଠପଢ଼ିବେ ନାହିଁ। କେବଳ ସେମାନଙ୍କ ସାମାଜିକ ଭାବାବେଗ ଶିକ୍ଷା (ସୋସିଓ ଇମୋଶନାଲ୍ ଲର୍ନିଂ) ଉପରେ ଗୁରୁତ୍ୱ ଦିଆଯିବ। ଖେଳକୁଦ, ନାଚ, ଗୀତ, ବିଭିନ୍ନ ପ୍ରତିଯୋଗିତା ଆଦି ଆକ୍ଟିଭିଟି ମାଧ୍ୟମରେ ସ୍କୁଲ ସହିତ ପିଲାଙ୍କୁ ବାନ୍ଧି ରଖିବାକୁ ନିର୍ଦ୍ଦେଶ ଥିବାରୁ ସବୁ ସ୍କୁଲରେ ତାହା ହିଁ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ରବେଶ ପଥରୁ ହିଁ ପିଲାଙ୍କ ସହ ମିଶି ସେମାନଙ୍କ ମୁହଁରେ ହସ ଫୁଟାଇଥିଲେ। ସ୍କୁଲ୍ର ସମୟସାରଣୀ ଅନୁସାରେ ପୂର୍ବାହ୍ନ ୧୦ଟାରେ ଘଣ୍ଟା ବାଜିଥିଲା। ଏହାପରେ ଗୁରୁଙ୍କ ସହ ମିଶି ପିଲାମାନେ ପ୍ରାର୍ଥନା କରିଥିଲେ। ଶ୍ରେଣୀଗୃହ ଓ ବାହାରେ ବିଭିନ୍ନ ଆକ୍ଟିଭିଟି କ୍ଲାସ୍ରେ ପିଲାଙ୍କୁ ସାମିଲ କରାଯାଇଥିଲା। ନିର୍ଦ୍ଧାରିତ ସମୟ ଅପରାହ୍ନ ୧ଟାରେ ସ୍କୁଲ ଛୁଟି ହେବା ପରେ ପିଲାମାନେ ଖୁସି ମନରେ ଘରକୁ ଫେରିଥିଲେ। ସୂଚନାଯୋଗ୍ୟ, କରୋନାର ତୃତୀୟ ଲହର ଯୋଗୁ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ସ୍ଥିତିରେ ସୁଧାର ଆସିବା ପରେ କିଛିଦିନ ତଳେ ଅଷ୍ଟମରୁ ଦ୍ୱାଦଶ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିଥିଲା। କିନ୍ତୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହୋଇ ନ ଥିଲା। ଏବେ ସବୁ ସ୍କୁଲ ଖୋଲିଥିଲେ ମଧ୍ୟ କାହାକୁ ସ୍କୁଲ ଆସିବା ପାଇଁ ବାଧ କରାଯିବ ନାହିଁ। ଅଭିଭାବକଙ୍କ ବିନା ଅନୁମତିରେ ପିଲାମାନେ ସ୍କୁଲ ଆସିପାରିବେ ନାହିଁ। ଏଥିସହ ଉଭୟ ଅଫ୍ଲାଇନ୍ ଓ ଅନ୍ଲାଇନ୍ ପାଠପଢ଼ା ଜାରି ରହିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି।



ପଳାଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

# ସେପ୍ଟେମ୍ବରରେ ଓସିଏସ୍ ପ୍ରିଲିମିନାରି ପରୀକ୍ଷା

## ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଓପିଏସ୍ସି ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶିତ

କଟକ ଅଫିସ,୨୮।୨

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ପକ୍ଷରୁ ସୋମବାର ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏହି କ୍ୟାଲେଣ୍ଡର ଅନୁଯାୟୀ ୨୦୨୨-୨୩ ଶିକ୍ଷାବର୍ଷରେ ଓପିଏସ୍ସି ପକ୍ଷରୁ ହେବାକୁ ଥିବା ନିଯୁକ୍ତି ପରୀକ୍ଷାଗୁଡ଼ିକର ସମୟ ଏବଂ ମାସ ସ୍ଥିର କରାଯାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ୨୨ଟି ପରୀକ୍ଷା, ପରୀକ୍ଷା ଫଳାଫଳ ଓ ସାକ୍ଷାତ୍କାର ନେଇ ମାସ ଏବଂ ତାରିଖ ଧାର୍ଯ୍ୟ କରାଯାଇଛି। ଏହି କ୍ୟାଲେଣ୍ଡର ଅନୁଯାୟୀ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷା-୨୦୨୦ର ସାକ୍ଷାତକାର ଅଗଷ୍ଟରେ ହେବାକୁ ଥିବାବେଳେ ଏହାର ଫଳାଫଳ ସେପ୍ଟେମ୍ବର ମଧ୍ୟରେ ପ୍ରକାଶ ପାଇବ। ସେହିପରି ଓଡ଼ିଶା ସିଭିଲ ସର୍ଭିସ-୨୦୨୧ ପ୍ରିଲିମ ପରୀକ୍ଷା ସେପ୍ଟେମ୍ବର ଓ ଲିଖିତ ପରୀକ୍ଷା ୨୦୨୩ ଜାନୁୟାରୀରେ ହେବ। ସାକ୍ଷାତକାର ୨୦୨୩ ସେପ୍ଟେମ୍ବର କିମ୍ବା ନଭେମ୍ବର ମଧ୍ୟରେ ଅନୁଷ୍ଠିତ ହେବ। ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏସ୍ଓ) ପରୀକ୍ଷା ନଭେମ୍ବରରେ, ଓଡ଼ିଶା ଜୁଡ଼ିସିଆଲ ସର୍ଭିସ ପ୍ରିଲିମ ପରୀକ୍ଷା ମାର୍ଚ୍ଚ ୭ରେ ହେବାକୁ ଥିବା ବେଳେ ଲିଖିତ ଏବଂ ସାକ୍ଷାତକାର ଜୁନ ଓ ସେପ୍ଟେମ୍ବରରେ ହେବ। ଓଡ଼ିଶା ଏଜୁକେଶନ ସର୍ଭିସ (ବି) ପରୀକ୍ଷା ଡିସେମ୍ବରରେ ହେବ ବୋଲି ଉକ୍ତ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଛି। ଯଦି ସବୁ ପରିସ୍ଥିତି ଠିକ ରହେ ତେବେ ଧାର୍ଯ୍ୟ ମାସ ଓ ତାରିଖରେ ଓପିଏସ୍ସି ପକ୍ଷରୁ ଉକ୍ତ ପରୀକ୍ଷାଗୁଡ଼ିକ କରାଯିବ। ସେଥିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଓପିଏସ୍ସି ସେକ୍ରେଟାରି ଅଶୋକ କୁମାର ଦାସ କହିଛନ୍ତି ।

# ବନ୍ଦେ ଉତ୍କଳ ଜନନୀ ଗାଇଲେ ରାଜ୍ୟପାଳ

କଟକ ଅଫିସ,୨୮।୨

ଦେଶାତ୍ମବୋଧକ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ଗାଇଲେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ସୋମବାର କଟକର ଏକ ଷ୍ଟୁଡିଓରେ ଏହି ଗୀତରେ ରାଜ୍ୟପାଳ ନିଜେ କଣ୍ଠଦାନ କରିଛନ୍ତି। ଓଡ଼ିଆରେ ଗୀତ ଗାଇ ରାଜ୍ୟପାଳ ବେଶ୍ ଖୁସି ପ୍ରକଟ କରିଛନ୍ତି। ଏ ନେଇ ସେ କହିଛନ୍ତି, ପ୍ରଭୁ ଜଗନ୍ନାଥଙ୍କ ପ୍ରଦେଶରେ ଥିବା ଏହି ଭାଷା ସାଧାରଣ ନୁହେଁ। ଏହା ପ୍ରଭୁ ଜଗନ୍ନାଥଙ୍କର ଭାଷା ବୋଲି ମୋର ବିଶ୍ୱାସ। ଏହା ଈଶ୍ୱରୀୟ ଭାଷା ଓ ବହୁ ମଧୁର। ଏହି ଭାଷାକୁ ସର୍ବଦା ଶିଖିବାକୁ ଚେଷ୍ଟା କରେ। ଅମ୍ବିକା ପ୍ରସାଦଙ୍କ କଣ୍ଠରୁ ଓଡ଼ିଆ ଭଜନ ଶୁଣିବାକୁ ଭଲ ଲାଗେ ବୋଲି ସେ କହିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଏହି ଗୀତର ନିର୍ଦ୍ଦେଶନା ଦେଇଥିବାବେଳେ ରାଜ୍ୟପାଳଙ୍କ ସହ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଦୀପ୍ତିରେଖା ଓ ଛାତ୍ରୀମାନେ ଗାଇଛନ୍ତି। ଏହା ଆସନ୍ତା ଏପ୍ରିଲ ୧ ଅର୍ଥାତ ଉତ୍କଳ ଦିବସରେ ରିଲିଜ କରାଯିବ। ଦୁଇଟି ଟେକ୍ରେ ରାଜ୍ୟପାଳ ଏହା ଗାଇଛନ୍ତି । ଗୀତର ସମୟ ସୀମାକୁ ୩ ମିନିଟ ୨୦ ସେକେଣ୍ଡରେ ସୀମିତ ରଖାଯାଇଛି ବୋଲି ନିର୍ଦ୍ଦେଶକ ପ୍ରେମ୍ଆନନ୍ଦ କହିଛନ୍ତି।



# ସିବିଆଇ ଜାଲରେ ଖଣି ସିକ୍ୟୁରିଟି ଇନ୍ଚାର୍ଜ

ତାଳଚେର,୨୮।୨(ନି.ପ୍ର.): ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍ସିଏଲ୍ର ବଳରାମ କୋଇଲା ଖଣିରେ କାର୍ଯ୍ୟରତ ସୁରକ୍ଷା ଅଧିକାରୀ (ସିକ୍ୟୁରିଟି ଇନ୍ଚାର୍ଜ) ଜୟନ୍ତ କୁମାର ବାରିକ ସୋମବାର ସିବିଆଇ ଜାଲରେ ପଡ଼ିଛନ୍ତି। ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ତାଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଖଣିରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ମହେଶ ନାଏକଙ୍କ ଓଭର ଟାଇମ୍ (ଓଟି) ବଢାଇବା ପାଇଁ ଇନଚାର୍ଜ ଜୟନ୍ତ ୪୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ମହେଶ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ମହେଶ ୩୦୦୦ ଟଙ୍କା ଦେବାବେଳେ ସିବିଆଇ ଟିମ୍ ଜୟନ୍ତଙ୍କୁ କାବୁ କରି ନେଇଥିଲେ। ଭୁବନେଶ୍ୱରରୁ ଯାଇଥିବା ସିବିଆଇର ୧୦ ଜଣିଆ ଟିମ୍ ଜୟନ୍ତଙ୍କ ଅଫିସ, ପୈତୃକ ଘର କଳମଛୁଇଁରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।



ଗିରଫ ସିକ୍ୟୁରିଟି ଇନ୍ଚାର୍ଜ ଜୟନ୍ତ କୁମାର ବାରିକ।


## QUOTATION CALL NOTICE

LEPRA Society invite sealed quotations with EMD amount of Rs 20,000/- in favour of LEPRA Society, Payable at Bhubaneswar from interested parties for Construction of building on 3,300 Sq.ft. area (approx.) at Bhubaneswar.
Interested parties may visit Bhubaneswar State office for work details between 11 AM to 6 PM on any working day. Quotations may be submitted within 7 days of publication to LEPRA Society, State Office, Plot No-N1/89, Nayapali, Bhubaneswar, Pin-751015, Tel. 7681837599/9437107197.

## OFFICE OF THE CHIEF ENGINEER & BASIN MANAGER, MAHANADI BASIN, BURLA, SAMBALPUR

e-mail: cebmumbburla@rediffmail.com
No. CE&BM/MB/T/165-1112 Dated: 28.02.2022
No. A-847

### Cancellation of Bid

1. Bid Identification No. : UMB-02/2021-22 (Online) Dated: 07.07.2022
2. Tender ID : 2021_CEBBU_69767_1
3. Name of the Work : Construction of Barrage-cum-Bridge across river Koel near Village Hamirpur on "EPC-TURN KEY" basis including power connectivity system and operation and maintenance of complete commissioned project for five years.

The tender for the above work is hereby cancelled as per the order of Government in DoWR vide Letter No. 4422 dated 23.02.2022.

Sd./- Chief Engineer & Basin Manager
Mahanadi Basin, Burla
OIPR-32048/11/0021/2122

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

No.O-1731:
Phone-0680-2404096, E-Mail: eerwgmt@yahoo.co.in
Government of Odisha, e-Procurement Notice
Bid Identification No. Online Tender/27/SERWD-II/2021-22
No...........1718........................../RWD-IIGB, Date 28.02.22

| | | | |
|---|---|---|---|
| 1 | Name of the work | :: | Road Work |
| 2 | Estimated cost | :: | Rs. 29.50 lakh |
| 3 | Period of Completion | :: | 15 (Fifteen) days as per Annexure |
| 4 | Date & Time of availability of Bid documents in the Portal | :: | From 02.03.22 at 10.00 A.M. to 08.03.22 upto 5.00 P.M. |
| 5 | Last Date/ Time for receipt of Bids in the Portal | :: | 08.03.22 upto 5.00 P.M. |
| 6 | Name and address of the Officer Inviting Bid | | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in/nicgep/app
Sd./- Superintending Engineer
R.W.Division-II, Ganjam, Berhampur
OIPR-25073/11/0023/2122

## NOTICE

No.C-1949:Sri Deepak Kumar Choudhury, Near Gayatri Temple At/Po-Sundargarh, Dist.-Sundargarh who is registered as a "C" Class Contractor vide Regd. No. 65 of 02.-03 dt. 29.08.2002 under S.E. P.H. Circle, Sambalpur and his Registration Certificate is hereby cancelled as per his written request and his onetime deposit in shape of NSC will be refunded to him.
This notice is requested to be published for information of all Govt. Deptt./ Offices where they have executed the work. If any Govt. dues/ Materials are outstanding against the contractor which are due to be recovered, may please be reported to the undersigned within 30 (thirty)days from the date of publication of this notice for recovery/ adjustment to Govt. accounts.
In case no report from any office/ Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released/ refunded to them without any further notice.
If any Govt. dues/ materials detected by any office beyond the stipulated time, it will be their responsibility for the lapses what so ever.

Sd./- Additional Chief Engineer
P.H.Circle,Sambalpur
OIPR-13018/11/0003/2122

## ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ.

କାଜୁ ଭବନ, ଘାଟିକିଆ, ଭୁବନେଶ୍ୱର – ୭୫୧୦୨୯
ଫୋନ୍ ନଂ.: 0674-2387193, Website: www.oscdc.com

### ଇ-ନିଲାମ ଇସ୍ତାହାର କ୍ର.ନଂ. ୫ମ/ନିଲାମ/୨୧-୨୨

No. CAD-3015: ଏତଦ୍ଦ୍ୱାରା ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃର ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳ ମଣ୍ଡଳ ଅଧୀନରେ ଥିବା ବଳକା କାଜୁ ଉଦ୍ୟାନଗୁଡ଼ିକର ତ୍ରୟବାର୍ଷିକ ଇ-ନିଲାମ ସୂତ୍ରେ ୨୦୨୧-୨୨ (୨୦୨୨, ୨୦୨୩ ଓ ୨୦୨୪ ଫସଲ ବର୍ଷ) ଏବଂ ମୟୂରଭଞ୍ଜ, କୋରାପୁଟ ଓ ସୁନ୍ଦରଗଡ଼ ମଣ୍ଡଳ ଅଧୀନରେ ଥିବା କାଜୁ ଉଦ୍ୟାନଗୁଡ଼ିକର ବାର୍ଷିକ ଇ-ନିଲାମ ସୂତ୍ରେ ୨୦୨୧-୨୨ (୨୦୨୨ ଫସଲ ବର୍ଷ) ମଞ୍ଜି ସଂଗ୍ରହ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/କାଜୁ ପ୍ରକ୍ରିୟାକରଣ ସଂସ୍ଥାମାନଙ୍କଠାରୁ ନିମ୍ନଲିଖିତ ସମୟ ସାରଣୀ ମଧ୍ୟରେ ଇ-ଟେଣ୍ଡର ଆହ୍ୱାନ କରାଯାଉଅଛି। ଇ-ନିଲାମ ପାଇଁ ଆବେଦନ କେବଳ www.neml.in ମାଧ୍ୟମରେ କରିବା ବାଞ୍ଛନୀୟ।

ଇ-ନିଲାମର ସମୟ ସାରଣୀ

| Sl. No. | Publication | DD/MM/YYYY | Hrs./Mins. |
|---|---|---|---|
| 1 | Publication Date | 02/03/2022 | 10.00 Hrs. |
| 2 | Document Submission/Payment Start Date | 02/03/2022 | 10.00 Hrs. |
| 3 | Document Submission/Payment End Date | 08/03/2022 | 18.00 Hrs. |
| 4 | Document/Payment Approval Start Date | 08/03/2022 | 18.00 Hrs. |
| 5 | Document Submission (Hard Copy) Last Date | 09/03/2022 | 14.00 Hrs. |
| 6 | Document/Payment Approval End Date | 09/03/2022 | 18.00 Hrs. |
| 7 | Auction Start Date | 10/03/2022 | 10.00 Hrs. |
| 8 | Auction End Date | 10/03/2022 | 17.00 Hrs. |

ଏଥିନିମନ୍ତେ ସବିଶେଷ ବିବରଣୀ ୱେବସାଇଟ୍ (www.neml.in)ରେ ଉପଲବ୍ଧ। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଚଳିତ ବର୍ଷ ଅତି ସତର୍କତାର ସହିତ ଉପରୋକ୍ତ ୱେବ୍ସାଇଟ୍ରେ ଉପଲବ୍ଧ ତଥ୍ୟ ଆଧାରରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଇ-ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁରୋଧ।
ଅଧିକ ବିବରଣୀ ନିମନ୍ତେ ନିଗମର ଟେଲିଫୋନ ନଂ. ୦୬୭୪-୨୩୮୭୧୯୪ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।
OIPR-01049/11/0016/2122
ସ୍ୱା./– ପରିଚାଳନା ନିର୍ଦ୍ଦେଶକ

## ODISHA PUBLIC SERVICE COMMISSION, CUTTACK

### NOTICE

No.2007/PSC, Dt.28.02.2022
(2PE-06-21/22) (DR-I)

No.D-334:It is for information of all concerned that, 56 (fifty six) candidates bearing following PPSAN/Reference nos. have been called for the physical verification of original certificates/ documents to determine their eligibility and suitability for recruitment to the post of **Assistant Professor, Teacher Education (Political Science)**, pursuant to Advt. No. 09 of 2021-22.

### PROGRAMME OF DOCUMENT VERIFICATION

| Date | Time | PPSAN/Reference No. of Candidates |
|---|---|---|
| 04.03.2022 | 10.30 A.M. | 00086670,00031599, 00096516, 00112738, 00111972, 00094550,00112737,00112257,00077575,00112354,00094955,00097602,00023135, 00090493,00093719 = 15 candidates. |
| | 02.30 P.M. | 00112474,00089016,00112206,00016594,00112249 00031424, 00095419, 00111212, 00112516, 00112653 =10 candidates |
| 07.03.2022 | 10.30 A.M. | 00097757,00112554,00045793,00090248,00091797, 00086891, 00089529, 00096188, 00111071, 00050554 , 00100226, 00112451, 00112693, 00051478, 00112856=15 candidates |
| | 02.30 P.M. | 00081596, 00094130, 00053133, 00065853, 00048537, 00111786, 00042533, 00088938, 00112176, 00093699 =10 candidates. |
| 08.03.2022 | 10.30 A.M. | 00074648, 00112595,00060969,00112487,110,115 = 06 candidates |

**The candidates are required to bring one set of self-attested photocopies of all documents along with all original documents for verification as mentioned below:-**
1. **Hard copy of the online application form.** 2. Three passport size photographs. 3. Duly filled in & attested **"Attestation form"** and duly filled in **"Bio-data form"** (to be downloaded from the website of the Commission). 4. **H.S.C.** or equivalent certificate in support of declaration of age issued by the concerned Board/ Council. 5. **Bachelor's Degree** marksheet. 6. **B.Ed. Degree** marksheet. 7. **Master's Degree** marksheet. 8. M. Phil marksheet. 9. **NET/JRF/SET/ SLET** qualified certificate. 10. **Ph.D.** Degree certificate.
11. **Conversion certificate** from the concerned University indicating the actual equivalent percentage of marks. 12. **Odia Test pass** certificate. 13. **Caste certificate** wherever applicable. 14. **Identity card** issued by the Director of Sports, Odisha in case of Sports person. 15. **Permanent Disability Certificate** (indicating permanent disability of 40% or more). 16. One set Xerox copy of **Published Research Papers**. 17. **Teaching/ Post-Doctoral** experience certificate. 18. **Awards**. 19. **No Objection Certificate** from the competent authority in case of Govt. Servants. 20. Any proof of identity.
**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

Sd./-Secretary
OIPR-12002/11/0269/2122

## इंडियन बैंक Indian Bank
इलाहाबाद ALLAHABAD

ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର
୨ୟ ମହଲା, ଶ୍ୟାମ ଆର୍କେଡ, କ୍ଷେତରାଜପୁର, ସମ୍ବଲପୁର-୭୬୮୦୦୩

### ଦଖଲ ନୋଟିସ୍

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନେ ସେମାନଙ୍କର ଋଣ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ, ପରିକ୍ଷି ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ନିମ୍ନଦର୍ଶିତ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ପରିକ୍ଷି ଶାଖା / ଋଣଗ୍ରହୀତା, ଜାମିନଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ସାଙ୍କେତିକ ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ଅରବିନ୍ଦ ସାହୁ, ଗଜାନନ ମେଡ଼ିକାଲ ଷ୍ଟୋର୍ର ସ୍ୱତ୍ୱାଧିକାରୀ** ପିତା: ଶ୍ରୀ ଭାଗବତ ସାହୁ, ସା.: ତାଳମେଡୀ, ଗ୍ରା.ପ.: କଲ୍ୟାଣପୁର, ପୋ.: ରେମୁଣା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୧୯ / **ଜାମିନ୍ଦାର ଏବଂ ବନ୍ଧକଦାତା: ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ଶ୍ରୀ ବନମାଳି ରାଉତ, ସା.: ମାକନ୍ଦା, ଗ୍ରା.ପ.: କଲ୍ୟାଣପୁର, ପୋ.: ରେମୁଣା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୧୯ / **ସମ୍ପତ୍ତି ମାଲିକମାନଙ୍କ ନାମ: ଶ୍ରୀ ରାମ ଚନ୍ଦ୍ର ରାଉତ / ଆକାଉଣ୍ଟ ନଂ.: ସିସି-୫୦୨୮୩୩୨୬୨୬୬** | **ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ଶ୍ରୀ ବନମାଳୀ ରାଉତଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୬୩, ପ୍ଲଟ୍ ନଂ.: ୬୮୫ ଏବଂ ୬୮୭, କ୍ଷେତ୍ର: ଏକର୦.୫୧୯ଡିସିମିଲି ଏବଂ ଏକର୦.୧୨୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୬୪୩ଡିସିମିଲି,** କିସମ: ଘରବାରି, ମୌଜା: ମାକନ୍ଦା, ଗ୍ରାମ: କଲ୍ୟାଣପୁର, ଥାନା: ରେମୁଣା, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱର, ସମ୍ପତ୍ତିର ଚଉହଦ୍ଦିରେ- ଉତ୍ତର: ଏସ. ପଣ୍ଡା, ଦକ୍ଷିଣ: ପି. ପଣ୍ଡାଙ୍କ ପ୍ଲଟ୍, ପୂର୍ବ: ରାସ୍ତା, ପଶ୍ଚିମ: ଜି.କେ. ସାହାଣୀଙ୍କ ପ୍ଲଟ୍ | ୨୦.୦୭.୨୦୨୧ | ୨୪.୦୨.୨୦୨୨ | ୧୯.୦୭.୨୦୨୧ ସୁଦ୍ଧା ଟ.୨୧,୪୯,୧୨୮/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ: ୨୮.୦୨.୨୦୨୨, ସ୍ଥାନ: ସମ୍ବଲପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

"ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ–ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। **–ଶ୍ରୀଅରବିନ୍ଦ**



# ଭାରତ ଅଧିକ ବିପଦାପନ୍ନ

କୋଭିଡ୍–୧୯ ଭୂତାଣୁ ବିଶ୍ୱକୁ କଲବଲ କରିଦେଇଥିବାରୁ ସବୁ ରାଷ୍ଟ୍ରର ଆର୍ଥିକ ଓ ସ୍ୱାସ୍ଥ୍ୟଜନିତ ସମସ୍ୟା ବଢ଼ିଯାଇଛି। ଏଭଳି ସମୟରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ପୃଥିବୀବ୍ୟାପୀ ଆଲୋଚନା ହେଉଛି। ଏଥିରେ ଦୁଇ ଦେଶର ବହୁ ଧନଜୀବନ ନଷ୍ଟ ହେବା ସହ ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଭୂରାଜନୈତିକ ସ୍ଥିତିକୁ ଦୋହଲାଇ ଦେଇଛି। ଏପରି କି ଆକ୍ରମଣକାରୀ ଦେଶ ରୁଷିଆର ନାଗରିକ ଯୁଦ୍ଧ ନୁହେଁ, ଶାନ୍ତି ଦରକାର ବୋଲି ଲେଖା ଧରି ରାସ୍ତାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ସମସ୍ତେ ଭାବିଥିଲେ ରୁଷିଆର ସୈନ୍ୟମାନେ ଅତି ସହଜରେ ୟୁକ୍ରେନ୍ ଉପରେ ଚଢ଼ାଉ କରି ଦଖଲ କରିନେବେ। ଦୀର୍ଘ ୫ ଦିନ ବିତିଯାଇଥିବା ସତ୍ତ୍ୱେ ତାହା ନ ହୋଇଲା। ଏବେକାର ସ୍ଥିତିରେ ସବୁ ଉନ୍ନତ ଦେଶ ମିଳିତ ଭାବେ ରୁଷିଆକୁ ଅର୍ଥନୈତିକ ପୃଥିବୀରେ ଏକଘରିକିଆ କରିଦେଇଛନ୍ତି। ଏପରି କି ରୁଷିଆର ସାଧାରଣ ନାଗରିକ ବ୍ୟାଙ୍କରୁ ମୁଦ୍ରା ଉଠାଇବାରେ ଅସୁବିଧାର ସମ୍ମୁଖୀନ ହେବାକୁ ଆରମ୍ଭ କଲେଣି। ଅର୍ଥାତ୍ ଆଜିର ପୃଥିବୀରେ କୌଣସି ଦିଗକୁ ଅଣଦେଖା କଲେ ତାହାର କୁପ୍ରଭାବ ସାଧାରଣ ନାଗରିକଙ୍କ ଉପରେ ତତ୍‌କ୍ଷଣାତ୍ ପଡ଼ିଯାଉଛି। ହୁଏତ କିଛିଦିନ ପରେ ସନ୍ଧି ହେଉ ବା ଶାନ୍ତି ଆଲୋଚନା ମଧ୍ୟରେ ଏହି ଯୁଦ୍ଧର ଅବସାନ ଘଟିବ ଏବଂ ପୃଥିବୀ ଧୀରେ ଧୀରେ ପୂର୍ବ ସ୍ଥିତିକୁ ଫେରିବ। କିନ୍ତୁ ୨୮ ଫେବୃୟାରୀରେ ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ ବା ଜଳବାୟୁ ସଂକ୍ରାନ୍ତ ଆନ୍ତଃସରକାରୀ ପ୍ୟାନେଲ (ଆଇପିସିସି) ତା' ଷଷ୍ଠ ସମୀକ୍ଷା ରିପୋର୍ଟର ଦ୍ୱିତୀୟ ଅଂଶକୁ ଉନ୍ମୋଚନ କରି ଯେଉଁ ତଥ୍ୟ ପ୍ରଦାନ କରିଛି, ତାହା ପୃଥିବୀ ପାଇଁ ଯେଉଁ ସମସ୍ୟା ସୃଷ୍ଟି କରିବ ସେଥିରୁ ଫେରିବା ଅସମ୍ଭବ ହୋଇପଡ଼ିବ। ଏଥିରେ ଉଲ୍ଲେଖ କରାଯାଇଛି ଯେ, ୨୦୫୦ ସୁଦ୍ଧା ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ବିଶ୍ୱବ୍ୟାପୀ ବ୍ୟାପକ ରୂପରେ ଅନୁଭୂତ ହେବ। ଭାରତ ସମ୍ପର୍କରେ ଏଥିରେ କୁହାଯାଇଛି, ଏହା ଦ୍ୱାରା ଦେଶର ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା ଘୋର ପ୍ରଭାବିତ ହେବ। ତେଣୁ ଏହି ସଙ୍କଟକୁ ଦୂରୀଭୂତ କରିବା ସକାଶେ କ୍ଷୁଦ୍ର ପଦକ୍ଷେପ ଯଥେଷ୍ଟ ହେବ ନାହିଁ ବୋଲି ଆଇପିସିସି ରିପୋର୍ଟ ସଜାଗ କରାଇଦେବା ବିଶ୍ୱ ପାଇଁ ସତର୍କଘଣ୍ଟି ବୋଲି ବିଚାର କରାଯିବା ଦରକାର।

ଉଲ୍ଲେଖଯୋଗ୍ୟ ଯେ, ଆଇପିସିସି ହେଉଛି ବିଶ୍ୱ ବୈଜ୍ଞାନିକଙ୍କ ଏକ ସଙ୍ଗଠନ। ଏହା ନିର୍ଦ୍ଦିଷ୍ଟ ସମୟରେ ଜଳବାୟୁ ବିଜ୍ଞାନ ଉପରେ ରିପୋର୍ଟ ପ୍ରକାଶ କରିଥାଏ। ଏବେ ଉନ୍ମୋଚନ ରିପୋର୍ଟରେ ଭାରତ ସମେତ ପୃଥିବୀ ସମ୍ମୁଖୀନ ହେବାକୁ ଯାଉଥିବା ସମସ୍ୟା ବିଷୟରେ ଯେଭଳି ବର୍ଣ୍ଣନା କରାଯାଇଛି ତାହାକୁ ଅତି ଗୁରୁତ୍ୱ ଦେଇ ଶକ୍ତିଶାଳୀ ପଦକ୍ଷେପ ନିଆଯିବା ନିତାନ୍ତ ଆବଶ୍ୟକ। ଏଠାରେ ୨୦୨୧ ନଭେମ୍ବରରେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍‌୨୬ ବେଳେ ହୋଇଥିବା ଆଲୋଚନା ସମ୍ପର୍କିତ ବିଷୟବସ୍ତୁକୁ ମନେପକାଇ ଦିଆଯାଇପାରେ। ସେତେବେଳେ ବିକଶିତ ରାଷ୍ଟ୍ରଗୁଡ଼ିକ ଉପରେ ପ୍ରଦୂଷଣ ରୋକିବା ଲାଗି ଆର୍ଥିକ ଖର୍ଚ୍ଚ ବହନ କରିବା ଦିଗରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ଅଙ୍ଗାରକାମ୍ଳ ନିର୍ଗମନ କମାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଦରକାର ବୋଲି ପ୍ରସ୍ତାବ ଦିଆଯାଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ସମ୍ମିଳନୀରେ କହିଥିଲେ, ୨୦୭୦ ସୁଦ୍ଧା ଦେଶ ଶୂନ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ କରିବ। ପ୍ରଧାନମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ୫୦ ବର୍ଷର ଦୀର୍ଘ ବର୍ଷକୁ ଧରି ଭାଷଣ ଦେଇଥିଲେ। ଏବର ଆଇପିସିସି ରିପୋର୍ଟ ଦେଖିଲେ ୨୦୫୦ ଅର୍ଥାତ୍ ମାତ୍ର ୩୦ ବର୍ଷ ଭିତରେ ଭାରତ ଏକ ବଡ଼ ବିପଦର ସମ୍ମୁଖୀନ ହେବାକୁ ଯାଉଛି। ଉଦାହରଣ ଭାବେ ଦେଖିଲେ ଏବେ ମଧ୍ୟ ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଚାଲୁ ରହିଛି। କେହି କହୁନାହାନ୍ତି ଯେ, ୬ ମାସରୁ ବର୍ଷକ ମଧ୍ୟରେ କୋଇଲାରୁ ଉତ୍ପନ୍ନ ଶକ୍ତି ପ୍ରକଳ୍ପଗୁଡ଼ିକୁ ବନ୍ଦ କରିଦିଆଯାଇପାରିବ। କିନ୍ତୁ ନୂଆ ପ୍ରକଳ୍ପକୁ ଏବେ ମଧ୍ୟ ସବୁଜ ସଙ୍କେତ ଦିଆଚାଲିଛି। ନିର୍ମାଣ କ୍ଷେତ୍ରରେ ବ୍ୟବହୃତ ସିମେଣ୍ଟ ହେଉ ବା ପିଚୁ ଉତ୍ପାଦନ ସବୁକିଛି ବେଳେ ଅଙ୍ଗାରକାମ୍ଳ ନିର୍ଗମନ ବ୍ୟାପକ ମାତ୍ରାରେ ହେଉଛି। ସରକାର ସର୍ବଦା ଗ୍ରୀନ୍ ଏନର୍ଜି ବା ସବୁଜ ଶକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ସେହି ଦିଗରେ ସରକାରଙ୍କ ଆନ୍ତରିକତା ଥିବାର ପ୍ରମାଣ ମିଳୁନାହିଁ। ଉଦାହରଣ ସ୍ୱରୂପ, ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି ବୃହତ୍ ସୌରଶକ୍ତି ଉତ୍ପାଦନ ପ୍ରକଳ୍ପ କରାଯିବା ଦିଗରେ ପ୍ରକ୍ରିୟା ଆରମ୍ଭ ହେଉନାହିଁ। କୁହାଯାଇପାରେ ଯେ, ପେଟ୍ରୋଲ ଓ ଡିଜେଲଚାଳିତ ଗାଡ଼ିଗୁଡ଼ିକ ଅପେକ୍ଷା ଇଲେକ୍‌ଟ୍ରିକ୍ ଭେହିକିଲ୍ (ଇଭି)କୁ ପ୍ରାଧାନ୍ୟ ଦିଆଯାଉଛି। ତେବେ ଏହାର ମୂଳକୁ ଦେଖିଲେ ଏହି ଇଭି ମଧ୍ୟ ବିଦ୍ୟୁତ୍ ଶକ୍ତି ଉପରେ ନିର୍ଭରଶୀଳ। ତେଣୁ ବ୍ୟବସ୍ଥିତ ଢଙ୍ଗରେ ବିଶ୍ୱତାପନର ପ୍ରମୁଖ କାରକ ଭାବେ ଥିବା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଦିଗରେ ବିଧିବଦ୍ଧ ନୀତି ପ୍ରସ୍ତୁତ କରାଯିବା ଦରକାର। ଆଜିର ସ୍ଥିତି ଦେଖିଲେ ସିଚୁଏଶନ ରୁମ୍ ବା ୱାର୍ ରୁମ୍‌ରେ ବସି ପୁଟିନ୍ ହୁଅନ୍ତୁ ବା ଜେଲେନ୍‌ସ୍କି ଯେଭଳି ଯୁଦ୍ଧର ମୁକାବିଲା ଲାଗି ରଣକୌଶଳ ପ୍ରସ୍ତୁତ କରୁଛନ୍ତି, ସେହିଭଳି ଯୁଦ୍ଧସମ ପଦକ୍ଷେପ ନିଆ ନ ଗଲେ ଜଳବାୟୁ ପରିବର୍ତ୍ତନର ପରିମାଣକୁ ହ୍ରାସ କରିବା କଷ୍ଟକର ହୋଇପଡ଼ିବ। ସ୍ଥାନୀୟ ସ୍ତରରୁ ଅନ୍ତର୍ଜାତୀୟ ସ୍ତର ଯାଏ ଏ ବିଷୟରେ ଉପଯୁକ୍ତ ଅନୁଶୀଳନ କରାଯାଇ ବୃହତ୍ ପଦକ୍ଷେପ ନିଆ ନ ଗଲେ ବାରମ୍ବାର ଆଇପିସିସି ରିପୋର୍ଟ ପ୍ରକାଶ ପାଉଥିଲେ ମଧ୍ୟ ତାହାର କୌଣସି ସକାରାତ୍ମକ ସମାଧାନ ରାସ୍ତା ବାହାରିପାରିବ ନାହିଁ ଏବଂ ଆମରି ଜୀବନକାଳ ଭିତରେ ଏକ ବିରାଟ ପ୍ରଳୟ ଦେଖିବାର ଆଶଙ୍କା ବୃଦ୍ଧି ପାଇଚାଲିଥିବ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | | | |
| | | 5 | 3 | | | 6 | | 7 |
| 4 | | | | | 7 | | | |
| 6 | 1 | | | | 2 | | 3 | |
| | | 9 | | | 6 | | | |
| | | | 8 | | | | | 6 |
| | | | | | | 4 | 7 | 9 |
| | | 3 | 6 | 9 | | 8 | | |
| | 5 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 6 | 1 | 4 | 5 | 7 | 9 | 3 |
| 1 | 5 | 7 | 3 | 2 | 9 | 6 | 8 | 4 |
| 3 | 4 | 9 | 8 | 6 | 7 | 1 | 2 | 5 |
| 9 | 7 | 4 | 2 | 8 | 3 | 5 | 6 | 1 |
| 2 | 6 | 3 | 9 | 5 | 1 | 4 | 7 | 8 |
| 5 | 1 | 8 | 4 | 7 | 6 | 9 | 3 | 2 |
| 6 | 3 | 1 | 5 | 9 | 2 | 8 | 4 | 7 |
| 7 | 8 | 2 | 6 | 1 | 4 | 3 | 5 | 9 |
| 4 | 9 | 5 | 7 | 3 | 8 | 2 | 1 | 6 |

ଗତକାଲିର ଉତ୍ତର

# ଏମିତି ଫ୍ରି ଆଉ କେତେଦିନ



ଇବ୍ରାର ଖାଁ

ଗାଲା କିଛି ଦଶନ୍ଧି ହେଲା ସମାଜର ଗରିବ, ଦଳିତ, ନିଷ୍ପେଷିତ ବର୍ଗର ଲୋକମାନଙ୍କଠାରୁ ଆରମ୍ଭ କରି କୃଷକ, ଛାତ୍ର, ଭିନ୍ନକ୍ଷମ, ବୃଦ୍ଧ, ବିଧବା ପର୍ଯ୍ୟନ୍ତ ଅନେକଙ୍କୁ କେନ୍ଦ୍ର ଆଉ ରାଜ୍ୟ ସରକାରମାନଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ବାସଗୃହ, ରୋଷେଇ ଗ୍ୟାସ, ପାଇଖାନାଠାରୁ ଆରମ୍ଭ କରି ମୋବାଇଲ ଫୋନ୍, ଲ୍ୟାପ୍‌ଟପ୍, ଛତା, ଜୋତା, ପୋଷାକ, ବହିପତ୍ର, ସାଇକେଲ, ରାଶନ ଦ୍ରବ୍ୟ ଆଉ ମାସିକ ଭତ୍ତା ସହ ଅନ୍ୟାନ୍ୟ ସାମଗ୍ରୀ ଏବେ ମାଗଣାରେ ଯୋଗାଇ ଦିଆଯାଉଛି। କରୋନା ମହାମାରୀର ପ୍ରାଦୁର୍ଭାବରେ ବେରୋଜଗାର ହୋଇପଡ଼ିଥିବା ପାଖାପାଖି ଅଶୀ କୋଟି ଲୋକଙ୍କୁ କେନ୍ଦ୍ର ସରକାର ମୁଣ୍ଡପିଛା ମାସିକ ପାଞ୍ଚକିଲୋ ଚାଉଳ କିମ୍ବା ଗହମ ଆଗାମୀ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିନା ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାର ତିନି କିସ୍ତିରେ ଛ' ହଜାର ଟଙ୍କା ବର୍ଷକରେ ଯୋଗାଇ ଦେଉଥିବାବେଳେ କାଳିଆ ଯୋଜନାରେ ରାଜ୍ୟ ସରକାର ନଗଦ ଅର୍ଥରାଶି ଦେବାର ବ୍ୟବସ୍ଥା କରିଛନ୍ତି। ସମାଜରେ ସାଧାରଣ ବ୍ୟକ୍ତିର ସ୍ୱାସ୍ଥ୍ୟ ଉପଚାର ପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ୍ ଯୋଜନାରେ ହେଉ କିମ୍ବା ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଲାଗି ପ୍ରଚୁର ଅର୍ଥ ବ୍ୟବସ୍ଥାର ପ୍ରାବଧାନ କରାଯାଇଛି।

ନିର୍ବାଚନ ସମୟରେ ପ୍ରତ୍ୟେକ ରାଜନୈତିକ ଦଳର ଘୋଷଣାପତ୍ରମାନଙ୍କରେ ବିଜୁଳି ଶୁଳ୍କ ଛାଡ଼, ଚାଷୀଙ୍କ ଋଣ ମାଫ୍, କଲେଜପଢ଼ୁଆ ଝିଅମାନଙ୍କୁ ସ୍କୁଟି ପ୍ରଦାନ, ମେଧା ଛାତ୍ରୀଛାତ୍ରମାନଙ୍କୁ ସ୍ମାର୍ଟ ଫୋନ୍, ଲ୍ୟାପ୍‌ଟପ୍ ବିତରଣ, ପ୍ରଥମ ଶ୍ରେଣୀରୁ ସ୍ନାତକ ପର୍ଯ୍ୟନ୍ତ ଦେୟମୁକ୍ତ ଶିକ୍ଷା ପ୍ରଦାନ, ଯୁବବର୍ଗଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଏବଂ ଜନସାଧାରଣଙ୍କୁ ଉତ୍ତମ ଶିକ୍ଷା ଆଉ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପରି ଅନେକ ଲୋଭନୀୟ ଘୋଷଣାମାନ କରାଯାଉଥିବାର ଦେଖିବାକୁ ମିଳେ। ନିର୍ବାଚନ ରଣାଙ୍ଗନରେ ପ୍ରାର୍ଥୀ ନିଜ ଜିତାପଟ ପାଇଁ ଯେପରି ବିପୁଳ ପରିମାଣର ଅର୍ଥ ଶ୍ରାଦ୍ଧ କରି ଭୋଟ ହାତେଇବାର ଉଦ୍ୟମ କରନ୍ତି, ତାହା ନିଶ୍ଚୟ ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ନିର୍ବାଚନ ସମୟରେ ସବୁ ରାଜନୈତିକ ଦଳର ତୁଙ୍ଗ ନେତା ବ୍ୟୟବହୁଳ ଜନସଭା, ରାଲି, ରୋଡ଼ ଶୋ' ଇତ୍ୟାଦିର ଆୟୋଜନ କରନ୍ତି। ବ୍ୟାନର, ପୋଷ୍ଟର, ବିଜ୍ଞାପନ ଏବଂ ଇଲେକ୍‌ଟ୍ରୋନିକ୍ ଓ ପ୍ରିଣ୍ଟ ମିଡିଆ ମାଧ୍ୟମରେ ଦଳୀୟ ପ୍ରଚାର ପ୍ରସାର ପାଇଁ ପାଣି ପରି ଅର୍ଥ ବ୍ୟୟ କରାଯିବା ସହ ଜନଗଣଙ୍କ ମୁଖ୍ୟ ପ୍ରସଙ୍ଗ ସବୁକୁ ଗୌଣ କରି ଧାର୍ମିକ ଧ୍ରୁବୀକରଣ ଏବଂ ଜାତିଗତ ସମୀକରଣକୁ ନେଇ ସମାଜରେ ବିଭେଦ ସୃଷ୍ଟି କରି ଭୋଟ ହାସଲ ପାଇଁ ହେଉଥିବା ଉଦ୍ୟମ ସୁସ୍ଥ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ, ଏହା ଯେ କେହି ସ୍ୱୀକାର କରିବେ। ଯାହାର ନଗ୍ନ ଉଦାହରଣ ଏବେ ଦେଶର ପାଞ୍ଚଟି ରାଜ୍ୟରେ ଅନୁଷ୍ଠିତ ହେଉଥିବା ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳେ। ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଏବଂ ମଣିପୁର ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଚାଲିଥିଲେ ମଧ୍ୟ ସମଗ୍ର ଦେଶବାସୀଙ୍କ ନଜର ଏବେ ଉତ୍ତର ପ୍ରଦେଶ ନିର୍ବାଚନ ଉପରେ କେନ୍ଦ୍ରୀଭୂତ ହୋଇଛି। କାରଣ ଏହି ରାଜ୍ୟର ନିର୍ବାଚନ ଫଳାଫଳ ଜାତୀୟ ରାଜନୀତିକ ବହୁଳ ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି।

ଦେଶରେ କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ମୂଳଲକ୍ଷ୍ୟ ହେଲା ସମାଜର ସବୁଠାରୁ ନିମ୍ନସ୍ତରରେ ବସବାସ କରୁଥିବା ଲୋକମାନଙ୍କୁ ଉପକୃତ କରାଇ ସେମାନଙ୍କୁ ଗରିବୀ ରେଖାରୁ ଉପରକୁ ଉଠାଇବା। ଯାହାଫଳରେ ସେମାନେ ସମାଜରେ ସ୍ୱାଭିମାନର ସହ ନିଜ ଜୀବନ ନିର୍ବାହ କରିବାକୁ ସମର୍ଥ ହେବେ। କିନ୍ତୁ ସମାଜର ବାସ୍ତବ ସ୍ଥିତିକୁ ନିରୀକ୍ଷଣ କଲେ ଯୋଜନାଗୁଡ଼ିକର ସଫଳ ରୂପାୟନ କେତେଦୂର ସମ୍ଭବ ହୋଇପାରୁଛି ତାହାହିଁ ବିଚାର୍ଯ୍ୟ। ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରଶାସନିକ ସ୍ତରରେ ସାଧୁତା, ସଚ୍ଚୋଟତା ସହ କର୍ତ୍ତବ୍ୟ ପରାୟଣତାର ନିହାତି ଆବଶ୍ୟକତା ରହିଛି। ଏହା ଆମ ପ୍ରଶାସନିକ ବ୍ୟବସ୍ଥାରେ ଅଛି ତ? ଦେଖିବାକୁ ମିଳେ, ଏହିସବୁ ଯୋଜନାର ଲାଭାର୍ଥୀ ହେବା ପାଇଁ ଯେଉଁ ହିତାଧିକାରୀମାନଙ୍କୁ ଚୟନ କରାଯାଏ, ତାହା ନିଷ୍ପାପର ଭାବରେ ସମ୍ପନ୍ନ ହୋଇ ନ ଥାଏ। କାରଣ ଅନେକ କ୍ଷେତ୍ରରେ ରାଜନୈତିକ ଚାପ ଏବଂ ଅର୍ଥ ଲୋଭ ଦ୍ୱାରା ପ୍ରଲୋଭିତ ଚୟନ କର୍ତ୍ତାମାନେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ନ ବାଛି ଅନେକ ଥିଲାବାଲା ଅଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଯୋଜନାଗୁଡ଼ିକରେ ସଂଶ୍ଲିଷ୍ଟ କରୁଥିବାରୁ ଯୋଜନାର ଅସଲ ଉଦ୍ଦେଶ୍ୟ ବାଟବଣା ହୁଏ। ଗାଁ ଗହଳିରେ ଶୁଣିବାକୁ ମିଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାକୁ ହେଲେ ପାଞ୍ଚରୁ ଦଶ ହଜାର ପର୍ଯ୍ୟନ୍ତ ଏବଂ ବାର୍ଦ୍ଧକ୍ୟ, ବିଧବା ଭତ୍ତା କରାଇଦେବା ପାଇଁ ହଜାରରୁ ପନ୍ଦରଶହ ପର୍ଯ୍ୟନ୍ତ ହାତଗୁଞ୍ଜା ଦେବାକୁ ପଡ଼ିଥାଏ। ସେହିପରି ପାଞ୍ଚ ବଖରା କୋଠାଘର କିମ୍ବା ଦଶ ଏକର ଭୂସମ୍ପତ୍ତିର ମାଲିକ ଥାଇ ତିନି ପୁଅଙ୍କ ନାଁରେ ତିନିଟା ଆବାସ ଯୋଜନାରେ ଘର ହାତେଇବାର ଅନେକ ଉଦାହରଣ ଦେଖିବାକୁ ମିଳେ। ଏହିସବୁ ପ୍ରିୟାପ୍ରୀତି ଦୃଷ୍ଟିରୁ ଆଜି ବି ଅନେକ ଯୋଗ୍ୟ ବ୍ୟକ୍ତି ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ବେଳେ ଅନେକ ଥିଲାବାଲା ଅଯୋଗ୍ୟ ପାତ୍ରମାନେ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି। ଏହାର ସଠିକ୍ ତଦନ୍ତ କରୁଛି କିଏ? ରାଜନୈତିକ ଦଳର ନେତାମାନେ ଏହିସବୁ ସମସ୍ୟା ବିଷୟରେ ସବୁ ଜାଣୁଥିଲେ ମଧ୍ୟ ଭୋଟ ରାଜନୀତି ଦୃଷ୍ଟିରୁ କିଛି ନ ଜାଣିଲା ପରି ଅଭିନୟ କରନ୍ତି।

ଦେଶରେ ରାଜନୀତି ଏବଂ ଜନସେବା ପାଇଁ ସମର୍ପିତ ନ ହୋଇ ଏକ ରକମ ବ୍ୟବସାୟରେ ପରିଣତ ହୋଇ ଯାଇଥିବାରୁ କଳେବଳେ କୌଶଳେ ଅର୍ଥ ଓ ବାହୁବଳ ପ୍ରୟୋଗ କରି ସବୁ ସରକାରୀ ସୁବିଧାକୁ ଥିଲାବାଲା ହାତେଇ ନେଉଥିବାରୁ ବିଚରା ଗରିବ ଅବହେଳିତ ଲୋକଟି ଜଳକା ପରି ଚାହିଁ ରହି ନିଜ କର୍ମକୁ ଦୋଷ ଦିଏ। ଜନସାଧାରଣଙ୍କ ଟିକସ ପଇସାର ଏକ ବଡ଼ଭାଗ ଅପାତ୍ରରେ ଦାନ ହେଉଥିବାରୁ ସ୍ୱାଧୀନତାର ସତୁରି ଦଶନ୍ଧି ପରେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳୁ ଏବେ ବି କୋଟି କୋଟି ଲୋକ ଉପରକୁ ଉଠିବା ପାଇଁ ସମର୍ଥ ହୋଇନାହାନ୍ତି।

ଭୋଟ ରାଜନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ମାଗଣା ଯୋଜନାଗୁଡ଼ିକର ସମାଜ ଉପରେ ବହୁ ନକାରାତ୍ମକ ପ୍ରଭାବ ପଡୁଥିବା ପରି ମନେହୁଏ। ସରକାରଙ୍କ ଦ୍ୱାରା ମାଗଣାଖିଆ ଲାଭାର୍ଥୀମାନେ କର୍ମ ବିମୁଖ ହୋଇ ପଡୁଥିବାରୁ ସମାଜରେ କୌଳିକ ବୃତ୍ତିସବୁ ଏବେ ବୁଡ଼ିବାକୁ ବସିଲାଣି। ଆଜିର ଯୁବପିଢ଼ି ଚାକିରିକୁ ଅନିଷା କରି କାମଚୋର ବନି ଯାଉଥିବାରୁ ଦେଶ ପ୍ରଗତିର ଅଭିବୃଦ୍ଧି ହେବା ପରିବର୍ତ୍ତେ ଦୁର୍ବଳ ହେବାରେ ଲାଗିଛି କହିବା ବାହୁଲ୍ୟ ନୁହେଁ। ଜନଗଣଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାରଙ୍କ ଅନେକ ଯୋଜନା ଋଣ ଆଧାରିତ। କୁକୁଡ଼ା, ବତକ ପାଳନ, ଉନ୍ନତ କିସମର ଗାଈପାଳନ, ଛେଳି, ମେଣ୍ଢା ପାଳନ, ମତ୍ସ୍ୟଚାଷ ଏବଂ ଛୋଟ ବ୍ୟବସାୟ ଇତ୍ୟାଦି ପାଇଁ ହିତାଧିକାରୀମାନଙ୍କୁ ଋଣ ଯୋଗାଣର ବ୍ୟବସ୍ଥା ରହିଛି। ପ୍ରଶାସନିକ ସ୍ତରରେ ଏହିସବୁ ସ୍କିମ୍‌କୁ ଅନୁମୋଦନ କରି ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କକୁ ପଠାଯାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଦେବା ପୂର୍ବରୁ ହିତାଧିକାରୀଙ୍କ ଯୋଗ୍ୟତା, ଅଭିଜ୍ଞତା ଏବଂ ଋଣ ପରିଶୋଧ କରିବାର କ୍ଷମତା ଇତ୍ୟାଦିକୁ ବିଚାରକୁ ନେଇ ଋଣ ପ୍ରଦାନ କରନ୍ତି। କିନ୍ତୁ ଏହି ଋଣ ଗ୍ରହୀତାମାନେ ସରକାରୀ ପ୍ରୋତ୍ସାହନରେ ପାଉଥିବା ଋଣ ଅର୍ଥକୁ ସଠିକ୍ ବିନିଯୋଗ କରି ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ ହେବାର ଖୁବ୍ କ୍ୱଚିତ ଦୃଷ୍ଟାନ୍ତ ପରିଦୃଷ୍ଟ ହୁଏ। ବରଂ ଅଧିକାଂଶ ଋଣଗ୍ରହୀତା ଋଣ ଟଙ୍କାର ଦୁରୁପଯୋଗ କରି ଆଉ ଋଣ ଶୁଝିବା ଅବସ୍ଥାରେ ରହୁ ନ ଥିବାରୁ ବ୍ୟାଙ୍କର ମନ୍ଦଋଣ (NPA) ସମସ୍ୟା ଉତ୍କଟ ଅବସ୍ଥାକୁ ଆସିଗଲାଣି। ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ କର୍ପୋରେଟ୍ ଜଗତର ବଡ଼ ବଡ଼ ଉଦ୍ୟୋଗପତିମାନଙ୍କୁ ହଜାର ହଜାର କୋଟି ଟଙ୍କା ଋଣ ପ୍ରଦାନ କରନ୍ତି। କିନ୍ତୁ ସେହି ଶିଳ୍ପପତିମାନଙ୍କ ମଧ୍ୟରୁ ଅନେକ ବ୍ୟାଙ୍କ ଋଣକୁ ପରିଶୋଧ ନ କରି ଧରପଗଡ଼ ହେବା ପୂର୍ବରୁ ଦେଶ ଛାଡ଼ି ବିଦେଶକୁ ପଳାୟନ କରି ଅୟସର ଜୀବନ ଅତିବାହିତ କରିବାକୁ ସମର୍ଥ ହୁଅନ୍ତି। ଅତୀତରେ କର୍ପୋରେଟ ଜଗତର ଉଦ୍ୟୋଗପତି ମେହୁଲ ଚୌକଶି, ନୀରବ ମୋଦି, ଲଳିତ ମୋଦି ଓ ବିଜୟ ମାଲ୍ୟାଙ୍କ ପରି ଅନେକ ଶିଳ୍ପପତି ବ୍ୟାଙ୍କର ହଜାର ହଜାର କୋଟି ଋଣ ଟଙ୍କାକୁ ପରିଶୋଧ ନ କରି ଏବେ ବିଦେଶରେ ବସବାସ କରୁଛନ୍ତି। ନିକଟରେ ଗୁଜରାଟର ଏକ ପାଣି ଜାହାଜ ମରାମତି କମ୍ପାନୀର ମାଲିକ ସରକାରୀ ଏବଂ ବେସରକାରୀ ପ୍ରାୟ ୨୮ଟି ବ୍ୟାଙ୍କରୁ ୨୨,୮୦୦ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ଜାଲ୍ କାଗଜପତ୍ର ଦର୍ଶାଇ ଠକି ନେଇଥିବାର ଚାଞ୍ଚଲ୍ୟକର ଖବର ପ୍ରସାରିତ ହୋଇଛି, ଯାହାର ତଦନ୍ତ ଏବେ ଚାଲିଛି।

ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଅର୍ଥର ଆବଶ୍ୟକତା ରହିଛି। ସେହି ଅର୍ଥ ଋଣ ସୂତ୍ରେ ହେଉ ଅଥବା ସରକାରୀ ସହାୟତା ଭାବରେ ହେଉ, ଲୋକଙ୍କ ହାତକୁ ଆସି ପ୍ରକୃଷ୍ଟ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ତାହା ନିଶ୍ଚୟ ଲାଭଦାୟକ ହେବ। କିନ୍ତୁ ସେହି ଅର୍ଥର ଯଦି ଦୁରୁପଯୋଗ ହୁଏ, ତେବେ ଲାଭ କଥା ଛାଡ଼ ମୂଳଜମା ବୁଡ଼ିଯିବାର ସମ୍ଭାବନା ଅଧିକ। ତେଣୁ ଏହିସବୁ ଦିଗ ପ୍ରତି ଯତ୍ନଶୀଳ ହେବା ହିତାଧିକାରୀ ପାଇଁ ଯେତିକି ଜରୁରୀ, ଅର୍ଥ ଲଗାଣକାରୀ ସଂସ୍ଥା ଉପଯୁକ୍ତ ଭାବେ ଋଣଟଙ୍କା ବିନିଯୋଗ ହେଉଛି କି ନାହିଁ ତାହା ତଦାରଖ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିଷ୍ଠା ଓ ଆନ୍ତରିକତା ସହ କର୍ତ୍ତବ୍ୟ ପରାୟଣତାର ଆବଶ୍ୟକତା ରହିଛି। ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳତା ପ୍ରକୃତ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚିପାରୁଛି କି ନାହିଁ ତାହା ପ୍ରଶାସନିକ ସ୍ତରରେ ଅନୁଧ୍ୟାନ ହେବା ଉଚିତ। ଯେଉଁ ବର୍ଗଙ୍କ ପାଇଁ ଯୋଜନାଗୁଡ଼ିକ ଅଭିପ୍ରେତ, ତାକୁ ଅନ୍ୟ କେହି ଅପହରଣ କରି ଲାଭବାନ୍ ହେବାର ପରିଦୃଷ୍ଟ ହେଲେ ସେ କ୍ଷେତ୍ରରେ ତୁରନ୍ତ ବିଧିବଦ୍ଧ ତଦନ୍ତ କରାଯାଇ ସେହି ନକଲି ହିତାଧିକାରୀ ବିରୋଧରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଗଲେ ଆର୍ଥିକ ଦୁର୍ଗତିକୁ ରୋକାଯାଇ ପାରିବ।

**ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା**
**ମୋ: ୯୩୩୭୬୦୧୭୦୫**

# ଦେବଦେବ ମହାଦେବ



ଅଲେଖ ଚନ୍ଦ୍ର ମିଶ୍ର

ଦେବତାଙ୍କର ଦେବତା ସେ ମହାନ୍ ଦେବତା, ତେଣୁ ତାଙ୍କ ନାମ ଦେବଦେବ ମହାଦେବ। ସେ ସକଳ ଦେବଦେବୀଙ୍କର ପିତୃତୁଲ୍ୟ। କାରଣ ସୃଷ୍ଟିର ବହୁ ପୂର୍ବରୁ ଏକମାତ୍ର ବିରାଜିତ ଥିବା ଆଦିମାତାଙ୍କର ପତି ସେ। ଏ ବିଷୟରେ ବିସ୍ତୃତ ବର୍ଣ୍ଣନା ଯଶୋବନ୍ତ ଦାସଙ୍କ ରଚିତ ବ୍ରହ୍ମଗୀତାରେ କରାଯାଇଛି, ଯାହାର ସଂକ୍ଷିପ୍ତ ସୂଚନା ଏହିପରି। ଆଦିଶକ୍ତି ଯୋଗମାୟାଙ୍କଠାରୁ ପ୍ରଥମେ ଜନ୍ମ ନେଇଥିଲେ ବ୍ରହ୍ମା, ବିଷ୍ଣୁ ଓ ଶିବ। ଜନ୍ମ ହେଲାପରେ ବ୍ରହ୍ମା ସୃଷ୍ଟି ପ୍ରକ୍ରିୟାରେ ଲାଗିପଡ଼ିଲେ, ବିଷ୍ଣୁ କ୍ରମେ ସର୍ବବ୍ୟାପୀ ହୋଇଗଲେ ଏବଂ ଶିବ ଯୋଗାସନରେ ନିମଗ୍ନ ରହିଲେ। ବହୁକାଳ ପରେ ସୃଷ୍ଟି ପ୍ରକ୍ରିୟାକୁ ଆଗେଇ ନେବାକୁ ଇଚ୍ଛାକରି ଯୋଗମାୟା ବାଳରୁଦ୍ରଙ୍କ ସହିତ ରତିକ୍ରୀଡ଼ା ରଚିଲେ। ଏହାଦେଖି ବ୍ରହ୍ମା ଓ ବିଷ୍ଣୁ ତାଙ୍କୁ ନିନ୍ଦା କରିବାରୁ ଯୋଗମାୟା ସେ ଦୁହିଁଙ୍କୁ ଅଭିଶାପ ଦେଲେ ଯେ ବ୍ରହ୍ମା ଅପୂଜ୍ୟ ରହିବେ ଓ ବିଷ୍ଣୁ ଯୁଗରୁ ଯୁଗ ଯୋନିରୁ ଜନ୍ମ ନେବେ। ଏହାପରେ ତିନିଭ୍ରାତା ନିଜକୁ ଗୁପ୍ତ ରଖିବା ପାଇଁ ଶ୍ରୀକ୍ଷେତ୍ରରେ ବଳଭଦ୍ର(ଶିବ), ସୁଭଦ୍ରା(ବ୍ରହ୍ମା) ଓ ଜଗନ୍ନାଥ(ବିଷ୍ଣୁ) ରୂପରେ ଅବସ୍ଥାନ କଲେ। ଶୂଦ୍ରମୁନି ସାରଳାଦାସ ଶ୍ରୀଚଣ୍ଡୀ ପୁରାଣରେ ଲେଖିଛନ୍ତି,

'ଜୟତୁ ଜୟତୁ ଦେବ ପରଂ ଯୋଗଭ୍ୟାସୀ
ଉଗ୍ରତାରା ଗରଭରୁ ଅଦ୍ଭୁତେ ପ୍ରକାଶି,
ମାତାଙ୍କୁ ହରିଲୁ ଚିହ୍ନି ନ ପାରିଣ ଭୋଳେ
ତେଣୁ ମହାଦେବ ନାମ ତୋର ରବିତଳେ।'

ମହାଦେବ ବି ପିତାଙ୍କ ଭଳି ସନ୍ତାନମାନଙ୍କ ପାଇଁ ସବୁକିଛି ତ୍ୟାଗ କରନ୍ତି, କାହାରିଠାରୁ କିଛି ପ୍ରତ୍ୟାଶା ରଖନ୍ତିନି। ବିପଦ ଆପଦରେ ସମସ୍ତଙ୍କୁ ରକ୍ଷାକରନ୍ତି। ସାଗର ମନ୍ଥନକାଳରେ ସର୍ପରାଜ ବାସୁକୀ ମୁଖନିଃସୃତ ହଳାହଳକୁ ଆକଣ୍ଠ ପାନକରି ସେ ପୃଥିବୀର ଜଳରାଶିକୁ ବିଷମୁକ୍ତ କରିଥିଲେ। ମହିଷାସୁରକୁ ବଧ କଲା ପରେ ଦେବୀ ଚାମୁଣ୍ଡା



ରୂପରେ ତ୍ରିଭୁବନକୁ ଗ୍ରାସ କରିବା ପାଇଁ ଅଗ୍ରସର ହେଉଥିବା ବେଳେ ମହାପ୍ରଭୁ ମହେଶ୍ୱର ହିଁ ତାଙ୍କ ପଥରୁଦ୍ଧ କରି ତ୍ରିପୁରବାସୀଙ୍କୁ ରକ୍ଷା କରିଥିଲେ। ସୁରଦୀର୍ଘିକା ଗଙ୍ଗାଙ୍କର ଧରାବତରଣ ସମୟରେ ତାଙ୍କର ଭୟଙ୍କର ସ୍ରୋତର ପତନ ପୃଥିବୀକୁ ରସାତଳଗାମୀ କରିଦେବାର ଆଶଙ୍କା ଉପୁଜିଥିବା ବେଳେ ସେ ଗଙ୍ଗାଙ୍କୁ ନିଜ ଜଟାରେ ପତିତ ହେବାକୁ ଦେଇ ବିଶ୍ୱକୁ ଧ୍ୱଂସମୁଖରୁ ବଞ୍ଚେଇଥିଲେ। ଏଭଳି ଅନେକ ପ୍ରତିକୂଳ ପରିସ୍ଥିତିରେ ସେ ବିଶ୍ୱକୁ ରକ୍ଷାକରିଥିବାରୁ ତାଙ୍କର ଅନ୍ୟନାମ ବିଶ୍ୱନାଥ।

ମାର୍କଣ୍ଡେୟ ପୁରାଣର ବର୍ଣ୍ଣନା ଅନୁସାରେ ସ୍ୱଳ୍ପାୟୁ ମାର୍କଣ୍ଡେୟ ଋଷିଙ୍କର ଆଦ୍ୟ ଯୌବନରେ ମୃତ୍ୟୁ ଲଭିବାର ଯୋଗଥିଲା। ଅକାଳ ମୃତ୍ୟୁରୁ ନିଜକୁ ବଞ୍ଚାଇବା ପାଇଁ ସମ୍ପୃକ୍ତ ଦିନର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସେ ଶିବଲିଙ୍ଗକୁ କୁଣ୍ଢେଇଧରି ଶିବପଞ୍ଚାକ୍ଷର ମନ୍ତ୍ର (ଓଁ ନମୋ ଶିବାୟ) ଜପିବାକୁ ଲାଗିଲେ। ତା' ଭିତରେ ତାଙ୍କର ମୃତ୍ୟୁ ସମୟ ଆସିବାରୁ ଯମଦୂତମାନେ ତାଙ୍କୁ ନେବାକୁ ଆସି ତାଙ୍କର ସ୍ଥିତିକୁ ଦେଖି ହତାଶ ହୋଇ ଫେରିଗଲେ। ସେମାନେ ଜନ୍ତୁପତିଙ୍କ ନିକଟରେ ନିଜର ଅସାମର୍ଥ୍ୟ ପ୍ରକାଶ କରିବାରୁ ସ୍ୱୟଂ ଯମରାଜ ସେ ସ୍ଥାନକୁ ଆସିଲେ। ହେଲେ ଶିବଲିଙ୍ଗ ସହିତ ଆବଦ୍ଧ ମାର୍କଣ୍ଡେୟଙ୍କୁ ସ୍ପର୍ଶ କରିବାକୁ ସାହସ କରିପାରିଲେନି। ବାଧହୋଇ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ପ୍ରଭୁ ଶିବଙ୍କୁ ପ୍ରାର୍ଥନା କଲେ। ଶିବ ପ୍ରକଟ ହୋଇ କହିଲେ, 'ଏ ବାଳକ ମୋ ସାନ୍ନିଧ୍ୟରେ ଥାଇ ମୋର ନାମ ସ୍ମରଣ କରୁଥିବାରୁ ମୃତ୍ୟୁର ଅତୀତ ହୋଇଯାଇଛି। ମୁଁ ତାକୁ ଏଇ ମୁହୂର୍ତ୍ତରେ ଅମର ବର ଦେଉଛି'। ନିରୁପାୟ ହୋଇ ଦେବଦେବଙ୍କୁ ପ୍ରଣତି ଜଣାଇ ଯମରାଜ ବାହୁଡ଼ିଗଲେ ଏବଂ ମହର୍ଷି ମାର୍କଣ୍ଡେୟ ହୋଇଗଲେ ଚିରଞ୍ଜୀବୀ।

ଶିବ ଉପାସନାର ପବିତ୍ର ତିଥିରେ ସବୁରି ମନରେ ଉଦ୍ରେକ ହେଉ ଦେବଦେବଙ୍କର ଅମୃତ ବାଣୀ 'ମହାମୃତ୍ୟୁଞ୍ଜୟ ମନ୍ତ୍ର' ଯାହା ସକଳ ପାପତାପରୁ ମୁକ୍ତିର ମାର୍ଗ ଦେଖାଏ।

**ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର,**
**ୟୁନିଟ୍–୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ରୋଷେଇ ବାଦ୍ ଷ୍ଟୋଭ୍ ଓଭାନ କାମ କରୁଛି। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ କଥାଟି ସତ। ଏହା କରି ଦେଖାଇଛନ୍ତି ଅବ୍‌ଦୁଲ କରିମ। ସେ ଏହି ଉଦ୍ଭାବନର ନାମ ରଖିଛନ୍ତି ରକେଟ ଷ୍ଟୋଭ୍। ସବୁଠୁ ବଡ଼ କଥା ହେଉଛି, ଏଥିରେ ଇନ୍ଧନ ଭାବେ ବ୍ୟବହୃତ ହେଉଛି ଅଦରକାରୀ କାଗଜ ଓ ଷଢ଼େଇ। ଏର୍ନାକୁଲମରେ ରହୁଥିବା ଅବଦୁଲଙ୍କ ବୟସ ୫୭। କୌଣସି ବୈଷୟିକ ଜ୍ଞାନ ଆହରଣ କରି ନ ଥିବା ଅବଦୁଲ୍ ୨୦୨୦ ଲକ୍‌ଡାଉନ ସମୟରେ ଏହି ଷ୍ଟୋଭ୍ ତିଆରି ଆରମ୍ଭ କରିଥିଲେ ଏବଂ ସୋସିଆଲ ମିଡିଆରୁ ବିଭିନ୍ନ ପ୍ରକାର ଷ୍ଟୋଭର ନିର୍ମାଣଶୈଳୀ ଉପରେ ଅନୁଧ୍ୟାନ କରିବା ପରେ ଶେଷରେ ସଫଳ ହୋଇଛନ୍ତି। ୪୦ବର୍ଷ ହେଲା କୋଚିରେ ତାଙ୍କର ଏକ୍ସଲେଣ୍ଟ ଇଞ୍ଜିନିୟରିଂ କମ୍ପାନୀ ରହିଛି। ଅନେକ ପ୍ରକାର ଶିଳ୍ପ ଉପକରଣ ଏବଂ ବ୍ରଏଲର ସେଠାରେ ନିର୍ମାଣ କରନ୍ତି ଅବଦୁଲ। ସେହି କମ୍ପାନୀରେ ସେ ଉକ୍ତ ଷ୍ଟୋଭ୍‌କୁ ନିର୍ମାଣ କରିଛନ୍ତି। ଏହା ପାଇଁ ଆବଶ୍ୟକ ଉପକରଣ ମଧ୍ୟ ମାର୍କେଟରେ ଉପଲବ୍ଧ ବୋଲି କହନ୍ତି ଅବଦୁଲ।

## ୨୫ ବର୍ଷ ତଳର ଧରିତ୍ରୀ

୧ ମାର୍ଚ୍ଚ ୧୯୯୭

- ପାକିସ୍ତାନର ଦକ୍ଷିଣ–ପଶ୍ଚିମାଞ୍ଚଳ ପ୍ରଦେଶ ବେଲୁଚିସ୍ତାନରେ ବଡ଼ ଧରଣର ଭୂମିକମ୍ପ ଘଟି ୪୦ ମୃତ।
- ବାଂଲାଦେଶର ଉତ୍ତରାଞ୍ଚଳ ମିମେନସିଂର ଭାଲୁକା ଅଞ୍ଚଳରେ ବିଷାକ୍ତ ଖାଦ୍ୟ ଖାଇ ୧୩ ଜଣଙ୍କ ମୃତ୍ୟୁ।
- ଆନ୍ତର୍ଜାତିକ ସୀମା ନିର୍ଦ୍ଧାରଣ ପାଇଁ ଭାରତ ଓ ବାଂଲାଦେଶ ସେମାନଙ୍କର ସର୍ଭେ ଦଳ ସଭ୍ୟ ସଂଖ୍ୟା ବୃଦ୍ଧି କରିବାକୁ ରାଜି ହୋଇଛନ୍ତି।
- ଜଣାଶୁଣା ଚଳଚ୍ଚିତ୍ର ଗୀତିକାର ଇନ୍ଦିବରଙ୍କ ୭୩ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ଥ ଲଗାଣକାରୀ ସଂସ୍ଥା ପ୍ରତି ସାବଧାନ

ମହାଶୟ,

ଏକ ଦୈନିକ ଖବରକାଗଜରୁ ଜାଣିବାକୁ ପାଇଲି ଯେ, 'ମୁଦ୍ରା ଫାଇନାନ୍ସ' ନାମକ ଏକ ସଂସ୍ଥା ୧ ଘଣ୍ଟା ମଧ୍ୟରେ ଋଣ କରିଦେବ। ଖବରକାଗଜରେ ଦିଆଯାଇଥିବା ଫୋନ ନଂ. ସହିତ ଯୋଗାଯୋଗ କଲି। ସେମାନେ ମୋତେ କହିଲେ ଯେ ଆପଣଙ୍କର କେତେ ଋଣ ଦରକାର? ପ୍ରତ୍ୟୁତ୍ତରରେ ୩ଲକ୍ଷ ଟଙ୍କା ଦରକାର ବୋଲି କହିଲି। ମୁଁ ଡାକ ଯୋଗେ ଆବଶ୍ୟକ ଡକ୍ୟୁମେଣ୍ଟ ପଠାଇଦେଲି। ପରେ ପୁଣି କୋର୍ଟ ଫି ବାବଦକୁ ୪୦୦୦ଟଙ୍କା ପଠାଇଲେ ଏକ ବଣ୍ଡ୍ ପେପର ତିଆରି ହେବ ବୋଲି କହିଲେ। ମୁଁ ପୁଣି ଟଙ୍କା ପଠାଇଲି। ସେମାନେ କହିଲେ ଯେ ଆପଣଙ୍କର ଲୋନ ଆପ୍ରୁଭ ହୋଇଯାଇଛି। ଆମେ ଆପଣଙ୍କ ମୋବାଇଲ୍‌କୁ ଡିଟେଲ୍‌ସ ପଠାଉଛୁ। ମୁଁ ମେସେଜ ପଢ଼ିଲା ପରେ ଜାଣିଲି ଯେ, ଋଣ ମଞ୍ଜୁର ହୋଇଯାଇଛି ଓ ଏଥିପାଇଁ ଏକ ପଲିସି ଯାହାକି ୧୭ ହଜାର ଟଙ୍କାର କଲେ, ହେଡ ଅଫିସ୍ ମୋ ଆକାଉଣ୍ଟରେ ଋଣ ଟଙ୍କା ଭରିଦେବେ। ଏହା ଜାଣିଲା ପରେ ମୁଁ ତାଙ୍କୁ ଫୋନ କଲି। ସେମାନେ କହିଲେ ଯେ ଆମ ସଂସ୍ଥାର ନିୟମ ଯେ ୨ ଲକ୍ଷ ଟଙ୍କାରୁ କମ୍ ପରିମାଣର ଲୋନ୍ କଲେ ପଲିସି କରିବାକୁ ହେବ ନାହିଁ। ମାତ୍ର ଆପଣ ୩ଲକ୍ଷ ଟଙ୍କା ଲୋନ୍ କରିଛନ୍ତି, ଅର୍ଥ ପଲିସି ନ କଲେ ହେଡ୍ ଅଫିସରୁ ଟଙ୍କା ଆସିବ ନାହିଁ। ମୁଁ ବାଧ ହୋଇ ୧୭ ହଜାର ଟଙ୍କା ପଠାଇଲି, ତା'ପରେ ଫୋନ୍ ସୁଇଚ୍ ଅଫ୍ ଦେଖାଇଲା।

**–ପ୍ରାଣକୃଷ୍ଣ ବେହେରା, ନୂଆଶାସନ, ପିପିଲି, ପୁରୀ**

### ଇଞ୍ଜିନିୟରିଂ ନ ପଢ଼ିବାର କାରଣ

ଦିନ ଥିଲା ଓଡ଼ିଶାରେ ଘରୋଇ ଇଞ୍ଜିନିୟରିଂ କଲେଜମାନ ଛତୁ ଫୁଟିବା ଭଳି ଖୋଲିଗଲା। ପିଲା ଥରୁଟିଏ ଏଣ୍ଟ୍ରାନ୍ସ ଦେଉଥିଲେ ସିଟ୍ ପୂରଣ ହୋଇଯାଉଥିଲା। ବର୍ତ୍ତମାନ ତିନି ତିନି ଥର ସ୍ପେଶାଲ ଏଣ୍ଟ୍ରାନ୍ସ ପରୀକ୍ଷା ହେଉଥିଲେ ମଧ୍ୟ ସିଟ୍ ପୂରଣ ହେଉ ନାହିଁ। ତା'ର କାରଣ ହେଉଛି, ଯେତିକି ପିଲା ଇଞ୍ଜିନିୟରିଂ ପାସ୍ କରିଥିଲେ, ସେଥିମଧ୍ୟରୁ ଶତକଡ଼ା ନବେ ପ୍ରତିଶତ ପିଲା ଓଡ଼ିଶାରେ ଚାକିରି ପାଇଲେ ନାହିଁ। ସେସବୁ ପିଲା ବାଙ୍ଗାଲୋର, ଚେନ୍ନାଇ ଓ ହାଇଦ୍ରାବାଦକୁ କାମ ଅନ୍ୱେଷଣରେ ଯାଇ ସେଠାରେ କୋଡ଼ିଏ ହଜାର ଟଙ୍କା ମାସକୁ ଦରମାରେ ଚାକିରି କଲେ; ଯାହା କି ସେଠାରେ ଖାଇବା ଖର୍ଚ୍ଚ, ଘରଭଡ଼ା ଓ ଯାତାୟାତକୁ ନିଅଣ୍ଟ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ତୁଳ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ।
-(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୨୦ ବଖରା ଜଳିଗଲା

ଧାମନଗର, ୨୮।୨: ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ଇଛଦା ସୂତାରସାହିରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୨୦ ବଖରାରୁ ଊର୍ଦ୍ଧ୍ୱ ଘର ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଉକ୍ତ ସାହିର ନାରାୟଣ ସୂତାରଙ୍କ ଚାଳଘରେ କୌଣସି କାରଣ ବଶତଃ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ନିଆଁ ବ୍ୟାପୀ ପଡ଼ୋଶୀ ଅନନ୍ତ ସୂତାର, ମହେନ୍ଦ୍ର ସୂତାର, ଦୁର୍ଯ୍ୟୋଧନ ସୂତାର, ବ୍ରହ୍ମାନନ୍ଦ ସୂତାର, ଶରତ ସୂତାର, ଧରଣୀ ସୂତାର, ସୁଶାନ୍ତ ସୂତାର ଓ ଗୋବର୍ଦ୍ଧନ ସୂତାରଙ୍କ ଘର ଜଳିଯାଇଛି। ଧାମନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର, ୨୮।୨(ଡି.ଏନ.ଏ.): କେନ୍ଦୁଝର ଜିଲାର ବଡବିଲସ୍ଥିତ ୨ଟି ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଆରିୟା ଗ୍ରୁପ ଫାଉଣ୍ଡେଶନ ସିଏସ୍‌ଆର୍ କାର୍ଯ୍ୟକ୍ରମରେ ବଡବିଲ ସରସ୍ୱତୀ ଶିଶୁ ମନ୍ଦିର ଏବଂ ଗୁରୁ ନାନକ ଖଲସା ହାଇସ୍କୁଲରେ ମିନି ସାଇନ୍ସ ସେଣ୍ଟରକୁ ସୋମବାର ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଫଳରେ ଛାତ୍ରୀଛାତ୍ର ବିଜ୍ଞାନ ପଢିବା ପ୍ରତି ଆଗ୍ରହ ବଢ଼ିବ। ଉଦ୍‌ଘାଟନୀ ଉତ୍ସବରେ ବଡ଼ବିଲ କଲେଜ ଅଧକ୍ଷ ବନମାଳୀ ଜେନା, ବଡବିଲ ଟ୍ରକ ମାଲିକ ସଂଘର ସଭାପତି ବିକାଶ ସୌରଗୀ, ବଡ଼ବିଲ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ଉମ୍ବରୁଧର ମହାନ୍ତ, ଗୁରୁ ନାନକ ଖଲସା ହାଇସ୍କୁଲର ଅଧକ୍ଷ ମନୋଜ କୁମାର ଝା, ଆରିୟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀର ୟୁନିଟ ହେଡ ସୁରଜ ପ୍ରସାଦ, ସିଏସ୍‌ଆର୍ ଡେପୁଟୀ ମ୍ୟାନେଜର ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ବିଷୟ ଗୁଡିକର ପ୍ରାକ୍ଟିକାଲ ଏବଂ ଥିଓରି ପିଲାଙ୍କୁ ବୁଝାଇବା ପାଇଁ ଏହି କ୍ଷୁଦ୍ର ବିଜ୍ଞାନ କେନ୍ଦ୍ରରେ ଥିବା ବିଭିନ୍ନ ସାମଗ୍ରୀ ଏବଂ ପରୀକ୍ଷଣ ସାହାଯ୍ୟ କରିବ। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ଆରିୟା ଗ୍ରୁପ ଫାଉଣ୍ଡେଶନର ତୃପ୍ତି ଆରିୟାଜୀ, ଡାଇରେକ୍ଟର ପୁନିତ ଆରିୟାଜୀଙ୍କୁ ଧନ୍ୟବାଦ ଦିଆଯାଇଛି।

### ସିଟିଜିରେ ଜାତୀୟ ବିଜ୍ଞାନ ଦିବସ

କେନ୍ଦୁଝର, ୨୮।୨(ଡି.ଏନ୍.ଏ.): ସିଟିଜି ଫାଉଣ୍ଡେଶନ ଦ୍ୱାରା ପରିଚାଳିତ କେନ୍ଦୁଝର ନ୍ୟୁ କଲୋନୀସ୍ଥିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ 'ବିଜ୍ଞାନ ବିନାଶର ମାଧମ ନହେଉ' ପ୍ରକାଶ ପାଇଥିଲା। କଲେଜର ଚେୟାରମ୍ୟାନ ରୋଟାରିୟାନ୍ ଡ. ରାଜେନ୍ଦ୍ର କୁମାର ପଲେଇଙ୍କ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। କଲେଜର ପଦାର୍ଥ ବିଜ୍ଞାନ ଅଧାପକ ଚିନ୍ମୟ କୁମାର ପ୍ରଧାନ ବିଜ୍ଞାନ ଦିବସ ପାଳନ ଅବସରରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ। କଲେଜର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। କଲେଜର ବିଜ୍ଞାନ ବିଭାଗର ଅଧାପିକାଅଧାପକ ରମଣ ଇଫେକ୍ଟ ବିଷୟ ବର୍ଣ୍ଣନା କରିବା ସହିତ ପ୍ରତି ମୁହୂର୍ତ୍ତରେ କିପରି ବିଜ୍ଞାନର ଉପଯୋଗ ହେଉଛି ଏବଂ ମାନବ ସମାଜ ତା' ବିନା ଚଳିବା କଷ୍ଟକର ହୋଇଯିବ ବୋଲି ଅବଗତ କରାଇଥିଲେ।

### ଟାଟା ପାୱାର ଆପ୍‌କୁ ନେଇ ସଚେତନତା

କେନ୍ଦୁଝର, ୨୮।୨(ସ୍ୱ.ପ୍ର.): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଗ୍ରାହକମାନଙ୍କ ଘର ପାଖରେ ଗୁଣାତ୍ମକ ସେବା ପହଞ୍ଚାଇବା ଲକ୍ଷ୍ୟ ଅନୁସାରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାଇଁ ଟାଟା ପାୱାର ଆପ୍‌କୁ ନେଇ ସଚେତନତା ଅଭିଯାନ ଆୟୋଜନ କରାଯାଇଛି।ଏହି ସଚେତନତା ଅଭିଯାନରେ ସନ୍ତୋଷୀ କଲେଜ, ରାଇସୁଆଁ କଲେଜ, ଝୁମ୍ପୁରା କଲେଜ, ତୁରୁମଙ୍ଗା କଲେଜ, ଷଡ଼ଙ୍ଗୀ କଲେଜ, ଲକ୍ଷ୍ମୀ ନାରାୟଣ କଲେଜ, ଆନନ୍ଦପୁର ଆଦି କଲେଜର ୨୦୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ଅଭିଯାନର ଆୟୋଜନ କରି ଛାତ୍ରୀଛାତ୍ରଙ୍କୁ ଘର ପାଖରେ ପ୍ରଦାନ କରାଯାଉଥିବା ବିଦ୍ୟୁତ ସମ୍ପର୍କିତ ସେବାଗୁଡ଼ିକ ବିଷୟରେ ସଚେତନ କରାଯାଇଛି। ଏହା ସେମାନଙ୍କୁ ମାଇଁ ଟାଟା ପାୱାର ଆପ୍‌ର ଉପଯୋଗିତା ଓ ବ୍ୟବହାର ବିଷୟରେ ଜାଣିବାରେ ସହାୟକ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମକୁ କମ୍ପାନୀର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ, ଉପ ପ୍ରବନ୍ଧକ (ମାନବ ସମ୍ବଳ) ଓ ଚିତ୍ତରଞ୍ଜନ ପ୍ରଧାନ, ଉପ ପ୍ରବନ୍ଧକ (ଏଚ୍‌ଆର୍ ଓ ଆଡ୍‌ମିନ୍) ତଥା ପିଆର୍‌ଓ, ଟିପିଏନ୍‌ଓଡିଏଲ୍‌ଙ୍କ ସହଯୋଗରେ ଆୟୋଜନ କରାଯାଇଥିଲା।

# ଏକବାରରେ ଆଖଣ୍ଡଳମଣି ପୀଠରେ ଭିଡ଼

## ଜାଗରରେ ଭକ୍ତ ହେବେ ନିରାଶ



ଆଖଣ୍ଡଳମଣି ମନ୍ଦିର ପରିସରରେ ଶ୍ରଦ୍ଧାଳୁ।

ଆରଡ଼ି,୨୮।୨(ଡି.ଏନ.ଏ.)

ଭଦ୍ରକ ଜିଲାର ଆରଡ଼ି ଆଖଣ୍ଡଳମଣି ପୀଠରେ ସୋମବାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହାଶିବରାତ୍ରିରେ କେବଳ ଆରଡ଼ି, ସୁନ୍ଦରପୁର, ନାନ୍ଦପୁର ଏବଂ ଓଳଗ ୪ ପଞ୍ଚାୟତବାସୀ ପୀଠକୁ ପ୍ରବେଶ କରିବା ସହ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିପାରିବେ ବୋଲି ପ୍ରଶାସନିକ ନିର୍ଦ୍ଦେଶ ରହିଛି। ସେଥିପାଇଁ ଏକବାରରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ପୀଠକୁ ଆସି ଦର୍ଶନ କରିଛନ୍ତି।

**ନିର୍ଦ୍ଧାରିତ ସମୟରେ ହେବ ନୀତିକାନ୍ତି:** ମହାଶିବରାତ୍ରିରେ ପୀଠରେ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସମାପନ କରାଯିବ। ଭୋର ୪ଟାରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି, ୪ଟା ୩୦ରେ କନିକା ରାଜାଙ୍କ ପହିଲି ଘର୍ଷଣ ଲାଗି, ୫ଟାରେ ପାଳିଆ ସେବାୟତଙ୍କ ପକ୍ଷରୁ ଖେଚୁଡ଼ି ଭୋଗ ଲାଗି, ସକାଳ ୫ଟାରୁ ରାତି ୧୧ଟା ଯାଏ ସର୍ବସାଧାରଣ ଦର୍ଶନ, ରାତ୍ର ୧ଟା ୩୦ରେ ସୁନାବେଶ ଦର୍ଶନ, ଭୋର ୪ଟା ୩୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ସୂଚନା ଦେଇଛନ୍ତି।

**ସୋଶିଆଲ ମିଡିଆରେ ଅନୁରୋଧ:** ଭଦ୍ରକ ଉପଜିଲାପାଳ ତଥା ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟି ମନୋଜ କୁମାର ପାତ୍ର ପୀଠ ନିକଟସ୍ଥ ୪ ପଞ୍ଚାୟତକୁ ଛାଡ଼ି ଅନ୍ୟ ସ୍ଥାନର ଭକ୍ତମାନେ କୋଭିଡ୍ କଟକଣା ମାନି ପୀଠକୁ ନ ଆସି ନିଜ ଅଞ୍ଚଳରେ ଥିବା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବାକୁ ସୋଶିଆଲ ମିଡିଆ ମାଧ୍ୟମରେ ଅନୁରୋଧ କରିଛନ୍ତି।

**ନିରାଶ ଭକ୍ତ ଅସନ୍ତୁଷ୍ଟ:** ନିର୍ବାଚନ ପ୍ରକ୍ରିୟାରେ ପୋଲିସ ନିୟୋଜିତ ହୋଇଥିବାରୁ ମହାଶିବରାତ୍ରିରେ ଭିଡ଼ ନିୟନ୍ତ୍ରଣ ହୋଇପାରିବ ନାହିଁ। ସେଥିପାଇଁ ଜିଲା ପ୍ରଶାସନ କୋଭିଡ୍ କଟକଣା ଆଳ ଦେଖାଇ ଏପରି ବ୍ୟବସ୍ଥା କରିଥିବା ଭଦ୍ରକ ବାଉତପୁର ନିବାସୀ ପ୍ରଫୁଲ୍ଲ ପାତ୍ର, କଟକ ବାଙ୍କି ଅଞ୍ଚଳର ମଧୁସ୍ମିତା ପାତ୍ର, ରାଜକନିକାର ସୁମିତ ଜେନା ପ୍ରମୁଖ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

**ସରିଲାନି ବେଢ଼ା ସମ୍ପ୍ରସାରଣ କାର୍ଯ୍ୟ:** ୫ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ମନ୍ଦିର ବେଢ଼ା ସମ୍ପ୍ରସାରଣ କାର୍ଯ୍ୟ ଜାଗର ପୂର୍ବରୁ ଶେଷ ହୋଇପାରି ନାହିଁ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଯଥାଶୀଘ୍ର ସାରିବାକୁ ଜିଲା ପ୍ରସାଶନକୁ ନିବେଦନ କରିଛନ୍ତି।

## ୧୪୪ ଧାରା ଜାରି

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଜନସମାବେଶ ବିନା ଜାଗର ଉତ୍ସବ ତଥା କୋଭିଡ୍ କଟକଣା ମଧ୍ୟରେ ପାଳନ କରାଯିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ମନୋଜ ପାତ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ଆଖଣ୍ଡଳମଣି ମନ୍ଦିର ବାହାରେ ଏବଂ ଭିତରେ ୧୪୪ ଧାରା ଜାରି କରାଯାଇଛି। ଏହି ପୀଠକୁ ଯୋଗାଯୋଗ ଥିବା ଆରଡ଼ିର ସମସ୍ତ ନଦୀଘାଟ ଏବଂ ଅନ୍ୟ ସମସ୍ତ ଗମନାଗମନକୁ ସୋମବାର ସନ୍ଧ୍ୟା ୬ଟାରୁ ଆସନ୍ତା ୨ ତାରିଖ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତାୟାତ ବନ୍ଦ ରହିବ। ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ କେବଳ ସ୍ଥାନୀୟ ୪ ପଞ୍ଚାୟତ ବ୍ୟତୀତ ଅନ୍ୟ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ। ମନ୍ଦିର ଭିତରେ ଜଣେ ସେବାୟତଙ୍କୁ ନୀତିକାନ୍ତି ଲାଗି ଅନୁମତି ମିଳିବ। ଡାକବାଜି ଯନ୍ତ୍ର ବ୍ୟବହାର କରାଯିବ ନାହିଁ। ମହାଦୀପ ଶୋଭାଯାତ୍ରାରେ ମନ୍ଦିର ବେଢ଼ା ପରିସରରେ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ସମସ୍ତ ସେବାୟତ ସାମିଲ ହୋଇପାରିବେ। ସାମାଜିକ ଦୂରତା ଓ ମାସ୍କ ପରିଧାନ ଉପରେ ଗୁରୁତ୍ୱାରୋପ କରାଯାଇଛି।

# ମାଣତ୍ରୀ ଜାଗର: ଭୋର ୪ଟାରେ ଉଠିବ ମହାଦୀପ

ବାରିପଦା ଅଫିସ,୨୮।୨

ମହାଶିବରାତ୍ରି ପାଇଁ ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉତ୍ସବମୁଖର ହୋଇଛି। ସମସ୍ତ ଶୈବପୀଠରେ କୋଭିଡ୍ କଟକଣାରେ ଜାଗର ପାଳନ ସହ ସାମାଜିକ ଦୂରତା ବଜାୟ ରଖି ମାସ୍କ ପରିଧାନ ପୂର୍ବକ ଶୃଙ୍ଖଳିତ ଭାବେ କେବଳ ଦିଅଁ ଦର୍ଶନ ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀ ସ୍ଥିତ ଆରାଧ ଦେବତା ବାବା ଶ୍ରୀ ଶ୍ରୀ କଖାରୁଆ ବୈଦନାଥଙ୍କ ମନ୍ଦିରରେ କଟକଣା ମଧ୍ୟରେ ଜାଗର ଉତ୍ସବ ପାଳନ କରାଯିବ। ମନ୍ଦିରର ନୀତିନିର୍ଘଣ୍ଟ ସମ୍ପର୍କରେ ପରିଚ୍ଛା ପ୍ରଦୀପ ପଣ୍ଡାଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ୪ଟାରେ ପହଡ଼ ଭଙ୍ଗା, ୪ଟା ୩୦ରେ ବାଲ୍ୟ ଭୋଗ ଲାଗି ଓ ସାଧାରଣ ଦର୍ଶନ, ୫ଟାରୁ ସାଧାରଣ ପୂଜା ଆରମ୍ଭ ହେବ। ଅପରାହ୍ନ ୩ଟାରେ ପର୍ବାଣୀର ବିଶେଷ ଭୋଗ ଲାଗି ସାଙ୍ଗକୁ ସନ୍ଧ୍ୟାରେ ଆଳତି କରାଯିବ। ରାତି ୧୧ଟାରେ ସାଧାରଣ ଦର୍ଶନ ବନ୍ଦ ସହ ସରକାରୀ ଖଟଣୀ ଓ ବିଶେଷ ପୂଜା ଆରମ୍ଭ ହୋଇ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟାରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ ସଜାଣୀ, ୩ଟାରୁ ୪ଟାରେ ନଗର କୀର୍ତ୍ତନ ସହ ଭୋର ୪ଟା ପରେ ମହାଦୀପ ଉଠିବ। ବୁଧବାର ସକାଳ ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ। ବୈଶିଙ୍ଗା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟବସ୍ଥା ଗ୍ରହଣ କରାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ମାଣତ୍ରୀ ହାଇସ୍କୁଲ ଓ ବୈଶିଙ୍ଗା–ଉଦଳା ରାସ୍ତାର ଚମ୍ପାଲାଞ୍ଜି ଛକ ପାଖରୁ ମେଳାକୁ ଯାନବାହାନ ନିଷେଧ କରାଯାଇଛି।



ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର।

# ସୁଧ ଖୋର୍ ଋଣ ପ୍ରଦାନକାରୀ ସଂସ୍ଥା ଚାପରେ ଅତିଷ୍ଠ ଟ୍ରକ ମାଲିକ

ଯୋଡ଼ା,୨୮।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଟ୍ରକ ବ୍ୟବସାୟ ଏକ ପ୍ରମୁଖ ରୋଜଗାରର ମାଧମ ହୋଇଥିବା ବେଳେ ଏହି ବ୍ୟବସାୟରେ ଏବେ ମାନ୍ଦା ଅବସ୍ଥା ଦେଖିବାକୁ ମିଳିଛି। ଗୋଟିଏ ପଟେ ଖଣିଜ ପରିବହନରେ ଅଧିକାଂଶ ଖଣିଜ ପରିବହନ ରେଳ ଦ୍ୱାରା ହେଉ ଥିବାରୁ ହଜାର ହଜାର ଟ୍ରକ ମାଲିକ ବିଭିନ୍ନ ଖଣିରୁ ଖଣିଜ ପରିବହନ କାର୍ଯ୍ୟ ପାଇ ପାରୁ ନାହାନ୍ତି। ୨୦୨୦ମସିହାରେ ଖଣି ନିଲାମ ହେବ ପରେ ବହୁ ମୂଲ୍ୟ ଦେଇ ଖଣି ହାତେଇ ଥିବା ଖଣି କମ୍ପାନୀ ମାନେ ଟ୍ରକ୍‌ରେ ଖଣିଜ ପରିବହନ କରିବା ପରିବର୍ତ୍ତେ ମିତବ୍ୟୟିତ। ହେଉଥିବାରୁ ରେଳରେ ଖଣିଜ ପରିବହନ କରୁଛନ୍ତି। ତେଣେ ଟ୍ରକ୍‌ର ସଂଖ୍ୟା ଅଧିକ ଥିବାରୁ ସବୁ ଟ୍ରକ ପ୍ରତିଦିନ କାର୍ଯ ପାଇ ପାରୁ ନାହାନ୍ତି। ଫଳରେ ଟ୍ରକ ବ୍ୟବସାୟ ରେ ଏକ ପ୍ରକାର ମାନ୍ଦା ଅବସ୍ଥା ଦେଖାଦେଇଛି। ତେଣେ ଋଣ କରି ଟ୍ରକ କ୍ରୟ କରିଥିବା ବ୍ୟବସାୟୀଙ୍କ ଉପରେ ଋଣ ପ୍ରଦାନକାରୀ ବିତ୍ତୀୟ ସଂସ୍ଥାଙ୍କ ଚାପ ପଡୁଛି। ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାମାନେ ଏକ ପ୍ରକାର ଟ୍ରକ ମାଲିକଙ୍କ ଉପରେ ଦାଉ ସାଧୁଛନ୍ତି। ଏ ନେଇ ଟ୍ରକ୍ ମାଲିକ ମାନେ ସଂଘ ନିକଟରେ ଅଭିଯୋଗ କରିଛନ୍ତି। ଯୋଡ଼ା ଟ୍ରକ ଓନର୍ ଆସୋସିଏଶନ (ଜାଟୱା) ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତି କରି ଋଣ ପ୍ରଦାନକାରୀ ସଂସ୍ଥାକୁ ଚାପ ପ୍ରୟୋଗ ନ କରିବାକୁ ଅନୁରୋଧ କରାଯାଇଛି।

ଏ ସଂକ୍ରାନ୍ତରେ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି ଯେ, ଋଣ ପ୍ରଦାନକାରୀ ସଂସ୍ଥାମାନେ ଗୋଟିଏ କିମ୍ବା ଦୁଇଟି ମାସିକ କିସ୍ତି ପରିଶୋଧ କରି ନ ପାରିଲେ ରାସ୍ତାଘାଟରେ ଟ୍ରକ୍ ଅଟକାଇ ଜବତ କରୁଛନ୍ତି ଏବଂ ସମ୍ପୂର୍ଣ୍ଣ କିସ୍ତି ରାଶି ଦାବି କରୁଛନ୍ତି। ନ ଦେଇ ପାରିଲେ ଟ୍ରକ୍‌କୁ ବଳ ପୂର୍ବକ ନେଇ ଯାଉଛନ୍ତି। ବର୍ତ୍ତମାନରେ ଆର୍ଥିକ ଅବସ୍ଥା ଶୋଚନୀୟ ଥିବାରୁ ଟ୍ରକ୍ ମାଲିକ ମାନେ ସମୟ ଅନୁଯାୟୀ ଋଣ ପରିଶୋଧ କରିବାରେ ଅସମର୍ଥ ହେଉଥିଲେ ହେଁ ପରବର୍ତ୍ତୀ ସମୟରେ ସୁଧ ସହ ଋଣ ପରିଶୋଧ କରୁଛନ୍ତି। ତେଣୁ ସଂଘ ପକ୍ଷରୁ ବିଭିନ୍ନ ଋଣ ପ୍ରଦାନକାରୀ ବିତ୍ତିୟ ସଂସ୍ଥା ମାନଙ୍କୁ ଋଣ ଗ୍ରସ୍ତ ଟ୍ରକ ମାଲିକ ମାନଙ୍କୁ ହଇରାଣ ନ କରିବା ପାଇଁ ଅନୁରୋଧ କରାଯାଇଛି। ଯୋଡ଼ା ସଂଘରେ ପଞ୍ଜୀକୃତ ଥିବା ପ୍ରାୟ ୧୫୦୦ ଟ୍ରକ ମାଲିକ ମାନେ ଋଣ ପ୍ରଦାନ କାରୀ ସଂସ୍ଥା ମାନଙ୍କର ସୁଧ ଖୋର ମହାଜନୀ କାରବାରରେ ଅତିଷ୍ଠ ହୋଇ ପଡିଛନ୍ତି।

# ୪୬ କେଜି ଗଞ୍ଜେଇ ଜବତ, ୪ ଗିରଫ

## ଅବକାରୀ ଚଢ଼ାଉ

ବାଲେଶ୍ୱର ଅଫିସ, ୨୮।୨

ବାଲେଶ୍ୱର ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମୋଟ ୪୬ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଛି । ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶାନୁସାରେ ଏକାଧିକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ଜିଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ପକ୍ଷରୁ ଶିଳ୍ପାଞ୍ଚଳ ଥାନା ବାମପଦାଠାରେ ଗଞ୍ଜେଇ ନେଇଯାଉଥିବା ୨ଜଣ ବ୍ୟକ୍ତିଙ୍କଠାରୁ ୨୦. ୫୦୦ କି.ଗ୍ରା. ଗଞ୍ଜେଇ ଜବତ ହୋଇଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଜଲାଙ୍ଗୀ ଥାନା ଦୁର୍ଲଭପଡ଼ା ଗ୍ରାମର ମୁସ୍ତାକିନ ମଣ୍ଡଳ ଓ ଚାଉପଡ଼ା ଗ୍ରାମର ବିଜୟ ଚୌଧୁରୀ। ଉଭୟଙ୍କୁ ଗିରଫ କରାଯାଇଛି। ସେହିପରି ସଦର ଅବକାରୀ ବିଭାଗ ପକ୍ଷରୁ ରେମୁଣା ଗୋଲେଇଠାରେ ଚଢ଼ାଉ କରାଯାଇ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ଦୁର୍ଲଭପଡ଼ା ଗ୍ରାମର ସଖୀବୁଲ ଇସଲାମଙ୍କ ନିକଟରୁ ୨୧ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଛି। ଅନ୍ୟପକ୍ଷରେ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ହୋଇଥିବା ଚଢ଼ାଉରେ ୫ କି.ଗ୍ରା. ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଜଣକ ହେଲେ ଜଗତସିଂହପୁର ଜିଲା ନାଉଗାଁ ଅଞ୍ଚଳର ସୌଭାଗ୍ୟ ରଞ୍ଜନ ପାଢ଼ୀ । ତେବେ ସମସ୍ତ ଚଢ଼ାଉରେ ଚୋରାଚାଲାଣ ହେଉଥିବା ମୋଟ ୪୬.୫୦୦ କି.ଗ୍ରା. ଓଜନର ଗଞ୍ଜେଇ ଜବତ ହୋଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ଶତପଥୀ ସୂଚନା ଦେଇଛନ୍ତି। ଅବକାରୀ ଅଧୀକ୍ଷକଙ୍କ ଶତପଥୀଙ୍କ ସହ ସଦର, ମୋବାଇଲ ଓ ନୀଳଗିରିର ଅଧିକାରୀ ଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

# ଭୋଟ ଗଣତି କେନ୍ଦ୍ରରେ ୨ ଏଜେଣ୍ଟ ହାତାହାତି

ଭଦ୍ରକ ଅଫିସ, ୨୮।୨

ଭୋଟ୍ ଗଣତିର ଶେଷଦିନରେ ସୋମବାର ଭଦ୍ରକ ଜିଲାରେ ଉତ୍ତେଜନା ଦେଖାଦେଇଛି। ଭଦ୍ରକ କଲେଜର ଭୋଟ୍ ଗଣତି କେନ୍ଦ୍ରରେ ଦୁଇ ଏଜେଣ୍ଟ ହାତାହାତି ହୋଇଛନ୍ତି। ସୂଚନା ଅନୁଯାୟୀ, ତୃତୀୟ ଦିନରେ ୧୨ଟି ଜିଲା ପରିଷଦ ଜୋନ୍ ଓ ୯୮ ପଞ୍ଚାୟତର ଭୋଟ ଗଣତି ଆରମ୍ଭ ହେବାର କିଛି ସମୟ ପରେ ଭଦ୍ରକ ବ୍ଲକ ଗୁଜିଦରଡ଼ା ପଞ୍ଚାୟତର ଦୁଇପକ୍ଷ ଏଜେଣ୍ଟ କୌଣସି କାରଣକୁ ନେଇ ପିଟାପିଟି ହୋଇଥିଲେ। ଏଥିରେ ଜଣେ ଆହତ ହୋଇଛନ୍ତି। ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ। ତେବେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ ଏଭଳି ଘଟଣା ଗଣତି କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପୁନଃ ଭୋଟ ଗଣତି ଦାବି

କେନ୍ଦୁଝର, ୨୮।୨ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତର ୧୩ ନମ୍ବର ୱାର୍ଡ ବାଙ୍କମାରୁଣୀ ଗ୍ରାମରେ ୱାର୍ଡ ମେମ୍ବର ଦଶମୀ ମୁଣ୍ଡା ନିର୍ବାଚିତ ହୋଇଛନ୍ତି। ତେବେ ତାଙ୍କର ତିନୋଟି ଛୁଆ ଥିଲେ ହେଁ ସେ ଭୂଲ ତଥ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ସୁବାଷ ମୁଣ୍ଡା, ରାଜେଶ ମୁଣ୍ଡା ସମେତ ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତର ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରାର୍ଥୀ ଡାଳିମ୍ବ ମୁଣ୍ଡା ଅଭିଯୋଗ କରିଥିଲେ ହେଁ ନ ଶୁଣିବାରୁ ଜିଲାପାଳଙ୍କ ଠାରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନାକଚ କରିବାକୁ ଦାବି କରିଛନ୍ତି।

# ୧୨ ଜୋନ୍: ବିଜେଡି ଆଗରେ

ଭଦ୍ରକ ଅଫିସ, ୨୮।୨

ଭଦ୍ରକ ଜିଲାର ୭ ବ୍ଲକରେ ସୋମବାର ଶେଷ ପର୍ଯ୍ୟାୟ ଗଣତି ହୋଇଛି। ୧୨ ଜିଲା ପରିଷଦ ଜୋନ୍‌ରେ ଗଣତି ହୋଇଥିବା ବେଳେ ରିପୋର୍ଟ ଲେଖା ହେବା ସୁଦ୍ଧା ୩ ରାଉଣ୍ଡରେ ସମସ୍ତ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଆଗରେ ଅଛନ୍ତି। ସେମାନେ ହେଲେ ଚାନ୍ଦବାଲି ବ୍ଲକର ୪ ନଂ. ଜୋନ୍‌ରେ ସ୍ମରଣିକା ସମଦର୍ଶିନୀ ବଳ, ୫ ନଂ. ଜୋନ୍‌ରେ ବଳଭଦ୍ର ଲେଙ୍କା, ତିହିଡ଼ିର ୮ ନଂ. ଜୋନ୍‌ରେ ସୁମତି ସେଠୀ, ୯ ନଂ. ଜୋନ୍‌ରେ ଅମୂଲ୍ୟ କୁମାର ମାଝି, ଧାମନଗର ବ୍ଲକର ୧୨ନଂ. ଜୋନ୍‌ରେ ଶାରଦା ପ୍ରସନ୍ନ ସାହୁ ଓ ୧୩ ନଂ. ଜୋନ୍‌ରେ ପ୍ରଦୀପ କୁମାର ମଲ୍ଲିକ। ସେହିପରି ବନ୍ତର ୧୬ ନଂ. ଜୋନ୍‌ରେ ମୁନି ମୁଣ୍ଡା, ବାସୁଦେବପୁର ୨୦ ନଂ. ଜୋନ୍‌ରେ ମାନସ କୁମାର ସେଠୀ, ୨୧ ନଂ. ଜୋନ୍‌ରେ ଦିବ୍ୟଲକ୍ଷ୍ମୀ ବାରିକ ଘଡ଼େଇ, ଭଣ୍ଡାରିପୋଖରୀ ୨୪ ନଂ. ଜୋନ୍‌ରେ ଉତ୍କଳ କେଶରୀ ମହାନ୍ତି, ଭଦ୍ରକ ବ୍ଲକର ୨୭ ନଂ. ଜୋନ୍‌ରେ ମଳୟ କୁମାର ଜେନା ଓ ୨୮ ନଂ. ଜୋନ୍‌ରେ ପୂର୍ଣ୍ଣଶଶୀ ପାଣିଗ୍ରାହୀ ଆଗରେ ଅଛନ୍ତି। ବନ୍ତର ୧୬, ବାସୁଦେବପୁରର ୨୧ ଓ ଭଣ୍ଡାରିପୋଖରୀ ୨୪ ନଂ. ଜୋନ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଥିବାବେଳେ ଅବଶିଷ୍ଟ ୯ ଜୋନ୍‌ରେ ଭାଜପା ରହିଛି।



ଭଦ୍ରକ କଲେଜ ଭୋଟ୍ ଗଣତି କେନ୍ଦ୍ରରେ ନିୟୋଜିତ ଅଧିକାରୀ।

# ଭୋଟ ସଂଖ୍ୟାରେ ମିଳୁନି ତାଳମେଳ

କେନ୍ଦୁଝର, ୨୮।୨ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତର ୧୦ ନମ୍ବର ୱାର୍ଡର ପ୍ରାର୍ଥୀ ଦୁଖିନୀ ମୁଣ୍ଡା ଭୋଟଦାନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ଗତ ୨୨ ତାରିଖରେ ଯୋଡ଼ା ବ୍ଲକର ବଳଦା ପଞ୍ଚାୟତରେ ଭୋଟ ଦେଇଥିବା କେତେକ ଯୁବକ ୨୪ ତାରିଖ ଦିନ ୧୦ ନମ୍ବର ୱାର୍ଡ ବୁଥରେ ଭୋଟ ଦେଇଥିବା ସେ ଅଭିଯୋଗ କରିଛନ୍ତି। ୨୪ ତାରିଖ ଦିନ ଉକ୍ତ ଗ୍ରାମର ଭୋଟର ପ୍ରିୟବ୍ରତ ଗିରି ଓ ଅଜୟ ପ୍ରଧାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଭୋଟ ଦେଇଥିବା ସେ କହିଛନ୍ତି। ସମୁଦାୟ ସରପଞ୍ଚ ପଦବୀ ପାଇଁ ୫୦୪ ଜଣ ଭୋଟ ଦେଇଥିବା ଗଣନା ବେଳେ ଜଣାପଡିଥିବା ବେଳେ ଜିଲା ପରିଷଦ ପାଇଁ ଭୋଟ ସଂଖ୍ୟା ୫୦୨, ସମିତି ସଭ୍ୟ ପାଇଁ ୫୦୩ ଓ ୱାର୍ଡ ମେମ୍ବର ପାଇଁ ୫୦୧ଟି ଭୋଟ ଦିଆଯାଇଥିବା ଜଣାପଡିଛି । ଏନେଇ ସନ୍ଦେହ ଉପୁଜିଥିବାରୁ ପୁନଃ ଗଣନା ପାଇଁ ଦୁଖିନୀ ମୁଣ୍ଡା ଦାବି କରିଛନ୍ତି।

# ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା

ବାଲେଶ୍ୱର ଅଫିସ, ୨୮।୨



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଇନଟାକ୍ ବାଲେଶ୍ୱର ଚାପ୍ଟର ପକ୍ଷରୁ 'ଇଣ୍ଡିଆ ଏଟ୍ ୭୫: ହେରିଟେଜ୍ ଇନ୍ ଆୱାର ହ୍ୟାଣ୍ଡସ୍' ଶୀର୍ଷକ ଏକ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୮ଟି ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗୀମାନେ ଏକ ସ୍ୱାଧୀନତା ସମ୍ବନ୍ଧୀୟ ଚିତ୍ରାଙ୍କନ ସହ ଉକ୍ତ ଚିତ୍ର ସମ୍ପର୍କରେ ଏକ ପ୍ରବନ୍ଧ ରଚନା କରିଥିଲେ। ପ୍ରତିଯୋଗିତାର ମୂଲ୍ୟାଙ୍କନ ଇନଟାକ୍‌ର ଦିଲ୍ଲୀଠାରେ ଅବସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା କରାଯିବ। ପ୍ରତିଯୋଗିତା ପ୍ରାରମ୍ଭରେ ଚାପ୍ଟର ଆବାହକ ଉଦୟ ରଞ୍ଜନ ଦାସ ପ୍ରତିଯୋଗୀମାନଙ୍କୁ ବିଷୟବସ୍ତୁ ସମ୍ବନ୍ଧରେ ଅବଗତ କରାଇଥିଲେ। ଉକ୍ତ ପ୍ରତିଯୋଗୀଙ୍କୁ ଇନ୍‌ଟାକ୍‌ର ଅତିରିକ୍ତ ସହଆବାହକ ନିକୁଞ୍ଜ ବିହାରୀ ଦାସ, ଅତିରିକ୍ତ ସହଆବାହକ ଅର୍ଚ୍ଚନା ନନ୍ଦୀ, ଅଖିଳ କୁମାର ଦାସ, ଭାବଗ୍ରାହୀ ମହାନ୍ତି, ସତ୍ୟନାରାୟଣ ନନ୍ଦ, ଯଶୋଦା ନନ୍ଦନ ଆଶ, ଶିତିକଣ୍ଠ ଦିକ୍ଷୀତ ଓ ଗୌରୀଶଙ୍କର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବିଜେଡି ଦଖଲରେ ୫ ଜିଲା ପରିଷଦ

ଭୋଗରାଇ, ୨୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ୬ ଜିଲା ପରିଷଦ ଜୋନ୍‌ରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍ ଗଣନାରେ ୫ଜଣ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହେବାର ସମ୍ଭାବନା ଥିବା ବେଳେ ଗୋଟିଏ ଜିଲା ପରିଷଦ ଜୋନ୍‌ରେ କଂଗ୍ରେସ ବିଜୟୀ ହୋଇଛି। ଗତ ଶନିବାର ୩୦ ଓ ୩୧ନଂ. ଜିଲାପରିଷଦ ଜୋନ୍‌ରେ ବିଜେଡିର ଗିରିଶ ଚନ୍ଦ୍ର ଦତ୍ତ ଓ ଦମୟନ୍ତୀ ସାହୁ ବିଜୟୀ ହୋଇଥିବା ବେଳେ ରବିବାର ୩୨ ଓ ୩୩ ନଂ. ଜିଲାପରିଷଦ ଜୋନ୍‌ରେ ବିଜେଡି ଓ କଂଗ୍ରେସ ବିଜୟୀ ହୋଇଛନ୍ତି। ୩୨ନଂ. ଜିଲା ପରିଷଦ ଜୋନ୍‌ରେ କବିତା ମହାନ୍ତି ଏବଂ ୩୩ନଂ. ଜିଲା ପରିଷଦ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ଜେନା ବାଜିମାତ୍ କରିଛନ୍ତି। ୩୦, ୩୧, ୩୨ ନଂ. ଜିଲାପରିଷଦ ଜୋନ୍‌ରେ ବିଜେଡି ସିଧାସଳଖ କଂଗ୍ରେସ ପ୍ରାର୍ଥୀଙ୍କୁ ପରାଜିତ କରିଥିବା ବେଳେ ୩୩ନଂ. ଜିଲାପରିଷଦ ଜୋନ୍‌ରେ ବିଳମ୍ବିତ ରାତିରେ ଉତ୍କଣ୍ଠାପୂର୍ଣ୍ଣ ଭୋଟଗଣତି ଶେଷରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରେନ୍ଦ୍ର ନାଥ ଦାସଙ୍କୁ ୧୯୬ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ଜିଲାରେ କଂଗ୍ରେସର ଖାତା ଖୋଲିବାକୁ ସକ୍ଷମ ହୋଇଛନ୍ତି।

ସେହିପରି ୩୪ ଓ ୩୫ ନଂ. ଜିଲା ପରିଷଦ ଜୋନ୍‌ରେ ଖବର ଲେଖା ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ନିବେଦିତା ମହାନ୍ତି ଓ ପ୍ରତିମା ଚାନ୍ଦ ବହୁ ଭୋଟ୍‌ରେ ଆଗୁଆ ଥିବା ସୂଚନା ମିଳିଛି।

ଅପରପକ୍ଷରେ ବ୍ଲକର ୫୦ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଦସ୍ୟ ବହୁ ଆଗରେ ଥିବା ବେଳେ କଂଗ୍ରେସ ବହୁ ପଛରେ ରହିଛି। ଭାଜପା କେବଳ ଅନଳିଆ ପଞ୍ଚାୟତ ସରପଞ୍ଚ ପଦବୀରେ ସନ୍ତୁଷ୍ଟ ରହି ପୂର୍ବ ଗଡ଼ ରକ୍ଷା କରିବାରେ ସକ୍ଷମ ହୋଇଛି। ସେହିପରି ବିଜେଡି ସମିତିସଦସ୍ୟ ପ୍ରାର୍ଥୀ ଭାବେ ଅଚ୍ୟୁତାନନ୍ଦ ଦାସ, ବିଶ୍ୱଜିତ୍ ଦାସ, ଜିଲାପରିଷଦ ପ୍ରାର୍ଥୀ ହରେନ୍ଦ୍ର ଦାସ, କଂଗ୍ରେସର ମୀନାରାଣୀ ସୁର, ଭାଜପା ନେତା ସୁନୀଲ କର ପ୍ରମୁଖ ପରାଜିତ ହୋଇଛନ୍ତି। ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ପୁଅ ଓ ମାମୁ ପୁଅ ଭାଇ ପରାସ୍ତ ହୋଇଥିବାରୁ ସବୁଠି ଚର୍ଚ୍ଚା ହେଉଛି।

# ଦିବ୍ୟାଙ୍ଗଙ୍କୁ ଭରସା କରି ଭୋଟର ବାଛିଲେ ୱାର୍ଡ ସଭ୍ୟ

ପାଟଣା,୨୮।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଗୁଲୁଦୀପଶି ଗ୍ରାମ ୧୬ ନମ୍ବର ୱାର୍ଡରେ ଭୋଟରମାନେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସୋମବାର ଗଣତି ପରେ ୱାର୍ଡ ମେମ୍ବର ଭାବେ ନିର୍ବାଚିତ କରିଛନ୍ତି। ସେ ହେଲେ ଟୁଣ୍ଟୁ ନାଏକ। ସୂଚନା ଯୋଗ୍ୟ, ଟୁଣ୍ଟୁଙ୍କର ଜନ୍ମ ରୁ ଦୁଇଟି ହାତ ନ ଥିଲେ ହେଁ ବି ସେ ଗୋଡ଼ ସାହାଯ୍ୟରେ ନିଜ କାମ କରି ସ୍ୱାଭିମାନ ସହ ଜୀବିକା ନିର୍ବାହ କରୁଛନ୍ତି। ତାଙ୍କ ବିପକ୍ଷରେ ଆଉ ୨ ବ୍ୟକ୍ତି ଲଢୁ ଥିଲେ ହେଁ ସେମାନେ ପରାଜିତ ହୋଉଛନ୍ତି। ସୋମବାର ନିର୍ବାଚନୀ ଫଳାଫଳ ଘୋଷଣା ହୋଇଥିବା ବେଳେ ଟୁଣ୍ଟୁ ନାଏକ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ୪ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ବିଜୟ ପରେ ଟୁଣ୍ଟୁ କହିଛନ୍ତି ଲୋକଙ୍କ ଭରଷା ଅତୁଟ ରଖିବେ। ଲୋକଙ୍କ ପାଇଁ କାମ କରିବେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧ ମାର୍ଚ୍ଚ, ୨୦୨୨



### ଖୋଲିଲା ରେମୁଣା ଏନ୍‌ଏସି କାର୍ଯ୍ୟାଳୟ

**ବାଲେଶ୍ୱର ଅଫିସ:** ନିକଟରେ ଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦ (ଏନ୍‌ଏସି)ର କାର୍ଯ୍ୟାଳୟ ସୋମବାର ରେମୁଣା ଗଣେଶ୍ୱରପୁରଠାରେ ଖୋଲିଛି। ପୂର୍ବରୁ ଗଣେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିଲା ସେହିଠାରେ ହିଁ ଏହି ନୂତନ ଏନ୍‌ଏସି କାର୍ଯ୍ୟାଳୟ ଖୋଲାଯାଇଛି। ନବଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦକୁ ମୋଟ ୧୩ଟି ୱାର୍ଡ଼ରେ ବିଭକ୍ତ କରାଯାଇଥିବା ବେଳେ ରେମୁଣା ଏନ୍‌ଏସି ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ଏହି ଅଫିସରେ ହେବ। ଆସନ୍ତା ପୌର ନିର୍ବାଚନରେ ରେମୁଣା ଏନ୍‌ଏସିରେ ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ।

## ସଂକ୍ଷେପରେ

### ବିଜେଡି ପ୍ରଦର୍ଶନ ଉତ୍ସାହଜନକ

**ଭଣ୍ଡାରିପୋଖରୀ, ୨୮।୨ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀରେ ବିଜେଡି ପ୍ରାୟତଃ ସ୍ଥିତି ବଜାୟ ରଖିଛି। ୨୭ ତାରିଖ ଭୋଟ ଗଣତିରେ ବିଜେଡି ୨୩ ନଂ. ଜୋନ୍ ଜିଲା ପରିଷଦ ଆସନ ହାତେଇ ଥିବାବେଳେ ଏଠାରେ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମୀଧର ସାହୁ ୪୬୮୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ଜୋନ ଅଧୀନ ଚର୍ଚ୍ଚିତ ପଞ୍ଚାୟତ ବୟାବନାପୁରରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପୁଅ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣୀତକାନ୍ତ ସାମଲ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସୋମବାର ଶେଷ ଦିନ ଭୋଟ ଗଣତିରେ ୨୪ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଉତ୍କଳ କେଶରୀ ମହାନ୍ତି ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୫୯୪୫ ଖଣ୍ଡ ଭୋଟ ବ୍ୟବଧାନରେ ଆଗୁଆ ଥିବା ଜଣାପଡ଼ିଛି। ଏହାବ୍ୟତୀତ ଜୋନ୍ ଅଧୀନ ୭ ପଞ୍ଚାୟତ ମଧ୍ୟରୁ ୪ଟିରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଆଗରେ ରହିଥିବା ଜଣାଯାଇଛି। ବ୍ଲକର ୩ ଜୋନ୍‌ର ୨୩ ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭଲ ପ୍ରଦର୍ଶନ କରିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କିକୋଟ, ୨୮।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମଞ୍ଜରୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ କ୍ରୀଡା ଶିକ୍ଷୟିତ୍ରୀ ତିଳୋତ୍ତମା ଦେଇ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅବସର ପ୍ରାପ୍ତ ବରିଷ୍ଠ ଶାଖା ପରିଚାଳକ କୁଳମଣି ମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମମତାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୬ରେ ବାର୍ ଆସୋସିଏଶନ ନିର୍ବାଚନ

**ବାଲେଶ୍ୱର ଅଫିସ, ୨୮।୨:** ରାଜ୍ୟରେ ୨୦୨୨-୨୩ ବର୍ଷ ପାଇଁ ଓଡ଼ିଶା ବାର ଆସୋସିଏଶନ ଅନୁବନ୍ଧିତ ସମସ୍ତ ଓକିଲ ସଂଘର ନିର୍ବାଚନ ଏକ ସଙ୍ଗେ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ବାଲେଶ୍ୱର ଜିଲା ବାର୍ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଦାଖଲ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ୭ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବାଲେଶ୍ୱର ବାର୍ ଆସୋସିଏଶନର ନିର୍ବାଚନ ଅଧିକାରୀ କାର୍ତ୍ତିକ ପ୍ରସାଦ ସି ସୂଚନା ଦେଇଛନ୍ତି।ମାର୍ଚ୍ଚ ୮ରେ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ ପାଇବ। ୯ରେ ସମସ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୧୦ରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ୧୧ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସୁଯୋଗ ଦିଆଯିବ। ୧୨ରେ ପଦବୀ ଅନୁଯାୟୀ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୬ ତାରିଖ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ସହ ଅହରାହ୍ନ ୪ଟାରୁ ଭୋଟ ଗଣତି କରାଯିବ। ଭୋଟ ଗଣତି ଶେଷ ହେବାକ୍ଷଣି ବିଜୟୀ ପ୍ରାର୍ଥୀମାନଙ୍କ ତାଲିକା ଘୋଷଣା ହେବ। ତେବେ ଚଳିତ ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ କେବଳ ପ୍ରାକ୍ଟିସ୍‌ରେ ଥିବା ଆଇନଜୀବୀ ମତଦାନ କରିପାରିବେ। ପୂର୍ବରୁ ୩ ବର୍ଷକୁ ଥରେ ନିର୍ବାଚନ ହେଉଥିବା ବେଳେ ସଂଶୋଧିତ ନିୟମ ଏବଂ ଓଡ଼ିଶା ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶାନୁସାରେ ସମଗ୍ର ରାଜ୍ୟରେ ପ୍ରତ୍ୟେକ ଜିଲାରେ ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ଏହି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। କୋଭିଡ୍ କଟକଣା ଅନୁଯାୟୀ ବାର୍ ଆସୋସିଏଶନର ନିର୍ବାଚନ ପରିଚାଳିତ ହେବ ବୋଲି ନିର୍ବାଚନ ଅଧିକାରୀ ସି ସୂଚନା ଦେଇଛନ୍ତି।

### ୪ ଜୋନ୍‌ରେ ଆଗରେ ବିଜେଡି

**ବାରିପଦା ଅଫିସ,୨୮।୨:** ମୟୂରଭଞ୍ଜ ଜିଲାରେ ସୋମବାର ତୃତୀୟ ଦିନରେ ୪ଟି ଜୋନ୍‌ରେ ଭୋଟ୍ ଗଣତି ହୋଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ୪ ଜୋନ୍ ବେତନଟୀ, ବଡ଼ସାହି, କପ୍ତିପଦା ଓ ମୋରଡ଼ା ଜୋନ୍‌ରେ ଆଗରେ ରହିଛି ବିଜେଡି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଭାଜପା ରହିଛି। ବଡ଼ସାହି ୨୪ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଜଗନ୍ନାଥ ମଲ୍ଲିକ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଦୈତାରୀ ମହାଲିକ ଓ ବେତନଟୀ ୩୭ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଧାନୀ କିସ୍କୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ କାରୁ ମୁର୍ମୁଙ୍କଠାରୁ ଆଗରେ ଅଛନ୍ତି। ସେହିପରି ମୋରଡ଼ା ୪୦ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ମୀନାକ୍ଷୀ ସୋରେନ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ଟୁଡୁ ଓ କପ୍ତିପଦା ୫ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିପିନ ସିଂବଦ୍ରା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ମାର୍କଣ୍ଡ ସିଂକେରାଇଙ୍କଠାରୁ ଆଗରେ ରହିଛନ୍ତି।

# ପୁନଃ ଭୋଟଗଣତି ଦାବିରେ ଧାରଣା

**ସିମୁଳିଆ, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ-ଖଇରା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସିମୁଳିଆ ବ୍ଲକର ୪୦ନଂ. ଜୋନ ମାର୍କୋଣା ପଞ୍ଚାୟତର ଭୋଟ୍ ଗଣନାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପୁନଃ ଭୋଟ ଗଣନା ଦାବିରେ ସୋମବାର ସରପଞ୍ଚ ପ୍ରାର୍ଥୀ ପ୍ରଦୀପ କୁମାର ବେହେରା ଓ ସମିତିସଭ୍ୟା ପ୍ରାର୍ଥିନୀ ଦୀପାଲି ସାହୁ ନିଜ ସମର୍ଥକଙ୍କ ସହିତ ଭୋଟଗଣନା କେନ୍ଦ୍ର ସିମୁଳିଆ କଲେଜ ଫାଟକ ନିକଟରେ ଧାରଣାରେ ବସିଥିଲେ। ଅପରାହ୍ନରେ ପିଡ଼ି ରବୀନ୍ଦ୍ର ସାହୁ ପହଞ୍ଚି ସିମୁଳିଆ ଥାନା ଅଧିକାରୀ ଜୟନ୍ତ କୁମାର ବେହେରା, ତହସିଲଦାର ରବିନାରାୟଣ ସାହୁ, ନିର୍ବାଚନ ଅଧିକାରୀ ତଥା ବିଡିଓ ସୁଧୀର କୁମାର ସିଂଙ୍କ ସହିତ ଖବର ଲେଖାଯିବା ପର୍ଯ୍ୟନ୍ତ ଆଲୋଚନା ଜାରି ରଖିଛନ୍ତି ।

ସିମୁଳିଆ ବ୍ଲକର ହେଡ଼କ୍ୱାର୍ଟର୍ସ ରୂପେ ମାର୍କୋଣା ପଞ୍ଚାୟତ ଗୁରୁତ୍ୱ ବହନ କରେ। ଏହି ପଞ୍ଚାୟତର ୧୩



ଭୋଟ ଗଣତି କେନ୍ଦ୍ର ଫାଟକ ନିକଟରେ ଧାରଣା।

**ମାର୍କୋଣା ପଞ୍ଚାୟତ**
■ ଗଣତି କେନ୍ଦ୍ରରେ ବସିଲେ ପୂର୍ବତନ ମନ୍ତ୍ରୀ

ୱାର୍ଡ଼ରେ ୫୫୧୦ଜଣ ଭୋଟର ଅଛନ୍ତି । ତେବେ ଚଳିତ ନିର୍ବାଚନରେ ୪୨୬୬ଜଣ ମତଦାତା ସେମାନଙ୍କର ମତଦାନ କରିଥିଲେ । ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରା ପୁନଃ ପ୍ରାର୍ଥୀ ରୂପେ ନାମାଙ୍କନପତ୍ର ଦାଖଲ କରି ନିର୍ବାଚନ ଲଢ଼ିବା ସହିତ ୨୦୫୩ଖଣ୍ଡ ଭୋଟ ପାଇଥିବା ଦର୍ଶାଯାଇଥିଲା। ତାଙ୍କ ବିପକ୍ଷରେ କମଳାକାନ୍ତ ନାୟକ ଅଧିକ ୧୬ଖଣ୍ଡ ଭୋଟ ଅର୍ଥାତ ୨୦୬୯ ଖଣ୍ଡ ପାଇ ବିଜୟୀ ହୋଇଥିବା ଘୋଷଣା କରାଯାଇଥିଲା । ସେହିପରି ଜିଲା ପରିଷଦ ପ୍ରାର୍ଥୀ ରୂପେ ଦୀପାଲି ସାହୁ ୧୯୩୧ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ବିପକ୍ଷରେ ସ୍ୱପ୍ନାଲିସା ବେହେରା ଅଧିକ ୪ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ଘୋଷଣା କରାଯାଇଥିଲା। ତେବେ ୨୬ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ୪୦ନଂ. ଜୋନ ଅଧୀନ ୧୦ଟି ପଞ୍ଚାୟତର ଭୋଟ ଗଣନା ସକାଳ ୮ଟାରୁ ଆରମ୍ଭ ହୋଇ ୨୭ତାରିଖ ସକାଳ ୮ଟାରେ ଶେଷ ହୋଇଥିଲା। ତେବେ ଶେଷ ପର୍ଯ୍ୟାୟରେ ମାର୍କୋଣା ପଞ୍ଚାୟତର ପାଳି ପଡିବା, ଭୋଟ ଗଣନାକେନ୍ଦ୍ର ମଧ୍ୟରେ ଦଳୀୟ ଭାଜପାର ନେତୃତ୍ୱ ନେଉଥିବା ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ବସିବା, ତାଲିକାରେ ନ ଥିବା କର୍ମଚାରୀଙ୍କୁ ଗଣତି ଡ୍ୟୁଟିରେ ପକାଯିବା ଏପରିକି ପୁନଃ ଗଣତି ପାଇଁ ସେହିଦିନ ସକାଳ ୮ଟା ୩୦ମି. ମଧ୍ୟରେ ବିଡିଓଙ୍କୁ ଦିଆଯାଇଥିବା ଦରଖାସ୍ତକୁ ବିଡିଓ ୧୦ଟାରେ ପାଇଥିବା ଲିଖିତ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏ ସମ୍ପର୍କରେ ସିସିଟିଭି ଫୁଟେଜ ଯାଞ୍ଚ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ପୂର୍ବତନ ମନ୍ତ୍ରୀ ଭିତରକୁ ପଶି ବସିପଡିଥିବା କହିଥିଲେ। ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଇନ ଅନୁସାରେ ଯାହା କିଛି କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ବିଜେଡି ଦଖଲରେ ୨୨, ୨୩ ଜୋନ୍

**ପାଟଣା,୨୮।୨(ସ୍ୱ. ପ୍ର.)**





ରୁନୁ ମହାନ୍ତ ଓ ସୌଭାଗ୍ୟ ମଞ୍ଜରୀ ନାୟକ

କେନ୍ଦୁଝର ଜିଲା ପାଟଣା ବ୍ଲକର ୩ଟି ଓ ସାହାରପଡା ବ୍ଲକର ୨ଟି ଜିଲା ପରିଷଦ ଆସନ ବିଜେଡି ପକ୍ଷରୁ ସୋମବାର ସନ୍ଧ୍ୟାରେ ପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜୟ ଉତ୍ସବ ପାଳିଥିଲେ। ପାଟଣା ବ୍ଲକ ୨୩ ନମ୍ବର ଜୋନରେ ବିଜେଡିର ରୁନୁ ମହାନ୍ତ ୧୨,୬୧୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀଙ୍କ ଠାରୁ ୩୪୦୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ପାଟଣା ବ୍ଲକ ୨୨ ଜୋନ ବିଜେଡି ସୌଭାଗ୍ୟ ମଞ୍ଜରୀ ନାୟକ ୧୦୮୪୭ ଭୋଟ ପାଇଥିବା ବେଳେ ଭଜପାର ଦାଶମତି ଚାତାର ୮୬୬୧ଖଣ୍ଡ ଭୋଟ ପାଇଥିଲେ। ସୌଭାଗ୍ୟ ମଞ୍ଜରୀ ନାୟକ ୨୧୮୬ ଖଣ୍ଡ ଭୋଟ ଆଗରେ ରହି ନିର୍ବାଚିତ ହୋଇଛନ୍ତି।

## ଖବରଦାତାରୁ ସରପଞ୍ଚ

**ବାସୁଦେବପୁର,୨୮।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଆର୍ଡ଼ୁଁ ପଞ୍ଚାୟତରେ ସରପଞ୍ଚ ଭାବେ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ ନିର୍ବାଚିତ ହୋଇଛନ୍ତି। ଖବରଦାତାରୁ ସରପଞ୍ଚ ହୋଇଥିବା ସୁବାସଙ୍କୁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଶୁଭେଚ୍ଛା ଜଣାଇଛନ୍ତି। ସୁବାସ କଂଗ୍ରେସ ସମର୍ଥନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛନ୍ତି। ଜଣେ ଖବରଦାତା ଭାବେ କାର୍ଯ୍ୟରତ ଥାଇ ସେ ପଞ୍ଚାୟତର ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ଦୀର୍ଘଦିନ ଧରି ରହି ଆସିଛନ୍ତି। ତାଙ୍କର ଏହି ବିଜୟ ପଞ୍ଚାୟତବାସୀଙ୍କ ବିଜୟ। ଦଳଗତ ନିର୍ବିଶେଷରେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ସହ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ରହିବେ ବୋଲି ସେ କହିଛନ୍ତି।



ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ।

# ‘ଝିଅ ସହ ହୋଇପାରୁନି ଯୋଗାଯୋଗ’

**ଭଦ୍ରକ ଅଫିସ, ୨୮।୨**

ଯୁକ୍ରେନ୍‌ରେ ଯୁଦ୍ଧ ଚାଲିଛି। ଆଶଙ୍କାରେ ରହିଛନ୍ତି ଯୁକ୍ରେନ୍‌ରେ ଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ପରିବାର ଲୋକେ। ମେଡିକାଲ ଛାତ୍ରୀ ଭଦ୍ରକ ସହର ବନ୍ତ ଛକ ଅଞ୍ଚଳର ଅର୍ଚ୍ଚନା କରଙ୍କ ଘରକୁ ଫେରିବା ଲାଗି ଫ୍ଲାଇଟ ଟିକେଟ ହୋଇସାରିଥିଲା। କିନ୍ତୁ ଆସିବା ପୂର୍ବରୁ ଯୁଦ୍ଧ ଆରମ୍ଭ ହୋଇଗଲା। ସେ ଏବେ ହଷ୍ଟେଲ ଛାଡ଼ି ବଙ୍କରରେ ରହୁଛନ୍ତି। କାଁ ଭାଁ ମୋବାଇଲ ଅନ୍ କରୁଛନ୍ତି। ଗୋଟିଏ ଆଶ୍ୱସ୍ତିକର ଖବର ଯେ ଫଶି ରହିଥିବା ଛାତ୍ରୀଛାତ୍ରଙ୍କ ନିକଟରେ ଓଡ଼ିଶା ସରକାରଙ୍କ ସହାୟତା ପହଞ୍ଚିଛି। ହେଲେ

**ୟୁକ୍ରେନ୍‌ରେ ଭଦ୍ରକର ଅର୍ଚ୍ଚନା**

ସେ ରହୁଥିବା ଅଞ୍ଚଳରେ ଖୁବ୍ କମ୍ ସମୟ ପାଇଁ ବିଜୁଳି ଓ ଇଣ୍ଟରନେଟ୍ ଯୋଗାଇ ଦିଆଯାଉଥିବା ଯୋଗୁ ଠିକ୍ ଭାବେ ଯୋଗାଯୋଗ ହୋଇପାରୁ ନ ଥିବା ଅର୍ଚ୍ଚନାଙ୍କ ବାପା ଉମାକାନ୍ତ କର କହିଛନ୍ତି। ଅର୍ଚ୍ଚନା ରବିବାର ସେଠାକାର ସମୟ ରାତି ୧୧ଟାରେ ଘର ଲୋକଙ୍କ ସହ ଶେଷଥର ପାଇଁ କଥା ହୋଇଥିଲେ। ଏହା ପରଠାରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଥିବାରୁ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତ ଡିସେମ୍ବର ୫ରେ ଅର୍ଚ୍ଚନା ୟୁକ୍ରେନ୍ ଯାଇଥିଲେ। ସେ ଖାର୍କିଭ ନ୍ୟାଶନାଲ ମେଡିକାଲ ୟୁନିଭର୍‌ସିଟିରେ ପ୍ରଥମ ବର୍ଷର ଛାତ୍ରୀ। ସେ ମସ୍କୋଠାରୁ ୧୦୦ କି.ମି. ଦୂର ବୋଲଫାର୍ଡରେ ଅଛନ୍ତି। ୫ଦିନ ହେବ ୯ ମହଲା ହଷ୍ଟେଲ ଛାଡ଼ି ପ୍ରାୟ ୨୦୦ ପିଲା ଗୋଟିଏ ବଙ୍କରରେ ରହୁଛନ୍ତି। ତେବେ ଅର୍ଚ୍ଚନା ରହୁଥିବା ଅଞ୍ଚଳରେ ସ୍ଥାନୀୟ ଲୋକେ ରୁଷ୍‌ର ଜଣେ ମେଜର ଜେନେରାଲଙ୍କୁ ହତ୍ୟା କରିବା ସହ ଗାଡ଼ି ଜାଳିଦେବା ପରେ ସ୍ଥାନୀୟ ଅଞ୍ଚଳରେ ଏୟାର ଷ୍ଟ୍ରାଇକ୍ ଜୋରଦାର ହୋଇଥିବା ଅର୍ଚ୍ଚନା ତାଙ୍କ ପରିବାର ଲୋକଙ୍କୁ ରବିବାର ଭିଡିଓ କଲିଂ ମାଧ୍ୟମରେ କହିଥିଲେ।

## କେନ୍ଦୁଝର: ୯ରେ ବିଜେଡି, ୨ରେ ଭାଜପା ଆଗରେ

**କେନ୍ଦୁଝର, ୨୮।୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ସୋମବାର ୧୧ଟି ଜିଲାପରିଷଦ ଜୋନରେ ଭୋଟଗଣତି ଜାରି ରହିଛି। ରାତି ୯ଟା ସୁଦ୍ଧା ତଥ୍ୟ ଅନୁଯାୟୀ, ୯ଟି ଜୋନରେ ବିଜେଡି ଆଗରେ ଥିବାବେଳେ ୨ଟିରେ ଭାଜପା ଆଗରେ ରହିଛି। ଆନନ୍ଦପୁର ବ୍ଲକର ୩ ନଂ. ଜୋନରେ ଭାଜପା ପ୍ରାର୍ଥୀ ଅସୀମା ମିଶ୍ର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଉର୍ମିଳା ସାହୁଙ୍କଠାରୁ ୧୯୫୬ ଭୋଟରେ ଆଗୁଆ ଥିବାବେଳେ ଯୋଡ଼ା ବ୍ଲକର ୨୮ ନଂ.ରେ ଭାଜପା ପ୍ରାର୍ଥୀ ଡମ୍ବରୁଧର କୁଡ଼ାଡାହ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଦିଲୀପ କୁମାର ନାୟକଙ୍କଠାରୁ ୪୪ ଖଣ୍ଡ ଭୋଟରେ ଆଗରେ ଅଛନ୍ତି। ଚମ୍ପୁଆ ବ୍ଲକର ୧୫ ନଂ.ରେ ବିଜେଡି ପ୍ରାର୍ଥୀ ରମଣୀ ନାୟକ, ଭାଜପା ପ୍ରାର୍ଥୀ ହେମଲତା ଦେହୁରୀଙ୍କଠାରୁ ୭୪୮, ଘସିପୁରା ୧୨ ନଂ.ରେ ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ମଲ୍ଲିକ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ବିରଞ୍ଚି ନାରାୟଣ ଜେନାଙ୍କଠାରୁ ୧୮୦୮୩, ଘଟଗାଁ ବ୍ଲକର ୯ ନଂ.ରେ ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ଜେନା ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରୁଦ୍ର ପ୍ରସାଦ ବେହେରାଙ୍କଠାରୁ ୩୫୨୭, ହରିଚନ୍ଦନପୁର ବ୍ଲକର ୩୩ ନଂ.ରେ ବିଜେଡି ପ୍ରାର୍ଥୀ ମଇନା ସୋରେନ, ନିକଟତମ ପ୍ରାର୍ଥୀ ଦ୍ରୌପଦୀ ମୁଣ୍ଡାଙ୍କଠାରୁ ୫୦୩୯, ହାଟଡିହି ବ୍ଲକର ୩୬ ନଂ.ରେ ବିଜେଡି ପ୍ରାର୍ଥୀ କୌଶଲ୍ୟା ସେଠୀ, ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପୂର୍ଣ୍ଣପ୍ରଭା ଜେନାଙ୍କଠାରୁ ୪୭୬, ହାଟଡିହୀ ବ୍ଲକର ୩୭ନଂ.ରେ ବିଜେଡି ପ୍ରାର୍ଥୀ ବିମ୍ବାଧର ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଜ୍ଞାନେନ୍ଦ୍ର କୁମାର ଜେନାଙ୍କଠାରୁ ୨୫୧୪, ଝୁମ୍ପୁରା ବ୍ଲକ ୧୮ ନଂ.ରେ ବିଜେଡି ପ୍ରାର୍ଥୀ ରାଧାକାନ୍ତ ନାୟକ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରବିର ରଞ୍ଜନ ନାୟକଙ୍କ ଠାରୁ ୯୮୧, କେନ୍ଦୁଝର ସଦର ବ୍ଲକର ୬ ନମ୍ବର ଜୋନରେ ବିଜେଡିର ଆଶୀଷ ଚକ୍ରବର୍ତ୍ତୀ ଭାଜପାର ଦିଲୀପ କୁମାର ପଣ୍ଡାଙ୍କଠାରୁ ୯୨୨୨ଭୋଟରେ ଆଗୁଆ ରହିଥିବା ବେଳେ ପାଟଣା ବ୍ଲକର ୨୩ ନଂ.ରେ ବିଜେଡି ପ୍ରାର୍ଥୀ ରୁନୁ ମହାନ୍ତ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସଙ୍ଗୀତାରାଣୀ ପଣ୍ଡାଙ୍କ ଠାରୁ ୩୪୦୨ ଭୋଟରେ ଆଗୁଆ ଅଛନ୍ତି।

## ସରପଞ୍ଚ ଭୋଟ୍ ପୁନଃ ଗଣତି ଦାବି

**ଖୁଣ୍ଟା, ୨୮।୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଟିଙ୍ଗିଆ ପଞ୍ଚାୟତରେ ଭୋଟ ଗଣତି ଶନିବାର ଶେଷ ହୋଇଥିଲ। ପରାଜିତ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ସୋମବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିବା ସହ ସରପଞ୍ଚ ଭୋଟ ପୁନଃ ଗଣତି ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର ସେମାନେ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁକାନ୍ତି ବାସ୍କେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିତାମଣି ହାଁସଦାଙ୍କଠାରୁ ୫ ଖଣ୍ଡ ଭୋଟ୍‌ରେ ହାରିଛନ୍ତି। ଭୋଟ ଗଣତିରେ ନିରପେକ୍ଷତା ଅବଲମ୍ବନ କରାଯାଇ ନ ଥିବା ସେ ସନ୍ଦେହ କରିଥିଲେ। ବିଡିଓ ସଂଗ୍ରାମ କେଶରୀ ଭୋଳ କହିଛନ୍ତି ତାଙ୍କର କିଛି କ୍ଷମତା ନାହିଁ, ସେମାନେ ନ୍ୟାୟାଳୟରେ ଆଶ୍ରୟ ନେଇପାରନ୍ତି।

# ଛାତ୍ରୀଛାତ୍ରଙ୍କୁ ଚକୋଲେଟ୍ ଦେଇ ସ୍ୱାଗତ



ଛାତ୍ରୀଛାତ୍ରଙ୍କୁ ଫୁଲ ଓ ଚକୋଲେଟ୍ ଦେଇ ସ୍ୱାଗତ କରାଯାଉଛି।

**ବାଲେଶ୍ୱର ଅଫିସ, ୨୮।୨**

ମହାମାରୀ କରୋନା ଯୋଗୁ ଦୀର୍ଘ ଦୁଇ ବର୍ଷ ଧରି ବନ୍ଦ ରହିଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ସୋମବାର ଖୋଲିଛି। ବାଲେଶ୍ୱର ଜିଲାର ପ୍ରାୟ ସମସ୍ତ ସ୍କୁଲର ଛାତ୍ରୀଛାତ୍ରମାନେ ଉତ୍ସାହର ସହ ଶ୍ରେଣୀକୁ ଆସିଥିବା ଲକ୍ଷ୍ୟ କରାଯାଇଛି।

**ଖୋଲିଲା ପ୍ରଥମରୁ ପଞ୍ଚମ**

ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କୁନି କୁନି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଥର୍ମାଲ ସ୍କ୍ରିନିଂ କରାଯିବା ସହ ସାନିଟାଇଜର ଲଗାଯାଇଥିଲା। ପିଲାଙ୍କୁ ସ୍ୱାଗତ କରିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକମାନେ ଫୁଲ ଓ ବେଲୁନରେ ସ୍କୁଲ ପରିସରକୁ ସଜାଇଥିଲେ। ଛାତ୍ରୀଛାତ୍ରଙ୍କୁ ବନ୍ଦାପନା ସହ ଫୁଲ ଓ ଚକୋଲେଟ ଦେଇ ପ୍ରତ୍ୟେକ ଦିନ ସ୍କୁଲ ଆସିବାକୁ ବୁଝାଇଥଲେ। ସମସ୍ତଙ୍କ ମୁହଁରେ ମାସ୍କ ଥିବା ବେଳେ ସାମାଜିକ ଦୂରତା ରକ୍ଷା କରିଥିଲେ। ବିଦ୍ୟାଳୟକୁ ନ ଆସି ସେମାନେ ଅନଲାଇନରେ ପାଠପଢ଼ା ଜାରି ରଖିଥିବା ଛାତ୍ରୀଛାତ୍ରମାନେ କହିଛନ୍ତି । କେତେକ ଅଭିଭାବକ ପିଲାଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବାକୁ ବିଦ୍ୟାଳୟକୁ ଆସିଥିଲେ।

![ODISHA India's Best Kept Secret]
**Department of Tourism**
**Government of Odisha**
**Paryatan Bhawan, Lewis Road, Bhubaneswar - 751014**
**Phone: (0674)2432177 | Fax: (0674) 243887**
**https://dot.odishatourism.gov.in**

**No. 1754/TSM** **Date: 28.02.2022**
**TCT-TSP-MISC-0021-2022**

**TENDER NOTICE**

No. R: "Selection of an agency for Public Relation, Multimedia Content Development & Digital/Social Media Marketing for Department of Tourism, Government of Odisha".

Department of Tourism, Government of Odisha invites proposals from prospective applicants for **"Selection of an agency for Public Relation, Multimedia Content Development & Digital/Social Media Marketing for Department of Tourism, Government of Odisha"**.

Interested bidders may download the RFP document from tender section of Department of Tourism website - **https://odishatourism.gov.in/content/tourism/en/dot/quickLinks/tender.html**.

Due date and time for submission of bids: **3.00 P.M. on 28.03.2022**.

**Sd./- Director & Addl. Secretary to Govt.**
OIPR-37001/11/0027/2122

# ‘ହରିତ୍ ପୃଥିବୀ ନିର୍ମାଣ ଉପରେ ଗୁରୁତ୍ୱ’




ଜାତୀୟ ବିଜ୍ଞାନ ଦିବସରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ, ୨୮।୨**

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ଜାତୀୟ ବିଜ୍ଞାନଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ ଯୋଗଦେଇ ଆଧୁନିକ ପୃଥିବୀରେ ସମ୍ପ୍ରତି ବୈଜ୍ଞାନିକମାନଙ୍କର ଅଭାବ ନାହିଁ, କିନ୍ତୁ ବିଜ୍ଞାନକୁ ବିଶ୍ୱର କଲ୍ୟାଣକର ପରିସ୍ଥିତି ଉଦ୍ଦେଶ୍ୟରେ ଉପଯୋଗ କରିବାର ବିଜ୍ଞାନୀ ମନସ୍କଙ୍କ ଅଭାବ ଲକ୍ଷ୍ୟ କରାଯାଉଛି। ହରିତ୍ ପୃଥିବୀ ନିର୍ମାଣ ବିଜ୍ଞାନ ଦିବସର ପ୍ରତିଶ୍ରୁତି ହେଉ ବୋଲି ମତ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ବିଜ୍ଞାନ ଏବଂ ପ୍ରକୃତି କିପରି ପରସ୍ପର ପରିପୂରକ ତାହା ଦର୍ଶାଇ ଜିଜ୍ଞାସୁ ମନୋବୃତ୍ତି ଜଣେ ସାଧାରଣ ମନୁଷ୍ୟକୁ ସୁଦ୍ଧା ବୈଜ୍ଞାନିକର ସ୍ତରକୁ ଉନ୍ନୀତ ହେବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଭିକାରୀ ଚରଣ ଗୁରୁ ଯୋଗଦେଇ ବିଜ୍ଞାନ ଅନୁସନ୍ଧିତ୍ସୁ ମନ ନେଇ ନିରନ୍ତର ସାଧନା ଓ ପ୍ରୟୋଗର ବିଷୟ। ସମ୍ପ୍ରତି ମନୁଷ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପାରଦର୍ଶିତା ଲାଭ କରି ଉନ୍ନତିର ଚରମ ସୋପାନ ଆରୋହଣ କରିଛି ବୋଲି ଯେତେ ସାବ୍ୟସ୍ତ କଲେ

**ଜାତୀୟ ବିଜ୍ଞାନ ଦିବସ ପାଳନ**

ମଧ୍ୟ ପ୍ରକୃତିର ଶକ୍ତି ଉପରେ ସିଏ କେବେ ବିଜୟଲାଭ କରିପାରିବ ନାହିଁ। ବରଂ ମାଟି, ପାଣି, ପବନ ଆଦି ପ୍ରାକୃତିକ ଉପାଦାନର ସୁରକ୍ଷା ନିମିତ୍ତ ପ୍ରତିଟି ମନୁଷ୍ୟ ବିଶେଷତଃ ଶିକ୍ଷିତ ମନୁଷ୍ୟ ପ୍ରତିଶ୍ରୁତିବଦ୍ଧ ହୋଇପାରିଲେ ପୃଥିବୀରେ ଏକ ସୁସ୍ଥ ଓ ସୁନ୍ଦର ଜୀବନ ବଞ୍ଚିବା ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଜାତୀୟ ବିଜ୍ଞାନ ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କ ଉପସ୍ଥାପନା କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପଦାର୍ଥ ବିଜ୍ଞାନ ଓ କ୍ଷେପଣାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ଡ. ସନ୍ତୋଷ ଅଗ୍ରୱାଲା, ଅଧ୍ୟାପକ ଡ. ବିବେକାନନ୍ଦ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିଟି ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ଶ୍ରେଷ୍ଠ ବିବେଚିତ ହୋଇଥିବା ଜଣେ ଲେଖାଏଁ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ଏଥିରେ ଅନୁସନ୍ଧିତ୍ସୁ ଓ ଗବେଷକ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରି ନିଜ ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ।

**ତହସିଲ କାର୍ଯ୍ୟାଳୟ, ତିରିଂ**
*ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ*
*ଜାତୀୟ ରାଜପଥ ନଂ.୨୨୦-ପ୍ରକଳ୍ପ, ତିରିଂ, ଜିଲ୍ଲା-ମୟୂରଭଞ୍ଜ*
**ସର୍ବସାଧାରଣ ନୋଟିସ**

No.XXI–150:ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956) ର ଧାରା ୩(କ) ଉପଧାରା ୩(୧) ମୁତାବକ ଯେହେତୁ ଭାରତ ସରକାର ସଡକ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ.୨୨୦ ପ୍ରକଳ୍ପ ଓଡିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ତିରିଂ ତହସିଲ ଅନ୍ତର୍ଗତ (ତିରିଂ ଠାରୁ ରାଇରଙ୍ଗପୁର) ୦.୦୦୦ କି.ମି ଠାରୁ ୩୫.୮୪୦ କି.ମି. ପର୍ଯ୍ୟନ୍ତ ସଂପ୍ରସାରଣ ନିମନ୍ତେ EPC ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ନଂ. ଆଇନ)ର ଧାରା ୩(କ) ର ଉପଧାରା ୩ (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ.S.O.୫୨୩୨(E) ତା.୧୬.୧୨.୨୦୨୧ ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି ।

ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଜମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସୂଚନା ପ୍ରକାଶିତ ହେବାର ଏକୋଇଶ (୨୧) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହାହେଲେ ସେ ନିଜେ କିମ୍ୱା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ନଂ.୨୨୦ ପ୍ରକଳ୍ପ ତିରିଂ ତହସିଲଦାରଙ୍କ କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନ ଧାରା ୩(ଗ) ଉପଧାରା ୩(୧) ଅନୁସାରେ ଆପତ୍ତି ଦାଏର କରିପାରିବେ । ଏ ସମ୍ପର୍କରେ ଧାରା ୩(ଗ) ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡାନ୍ତ ବିବେଚିତ ହେବ । ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ-୨୨୦) ତିରିଂ ତହସିଲଦାରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସମାନଙ୍କରେ ନିରୀକ୍ଷଣ କରିବା ନିମନ୍ତେ ଉପଲବ୍ଧ ହେଉଅଛି ।

ସ୍ୱା./-ତହସିଲଦାର ଏବଂ ଭୂଅର୍ଜନ ଅଧିକାରୀ
ତଥା କ୍ଷମତାପନ୍ନ ପ୍ରାଧିକାରୀ
ଜାତୀୟ ରାଜପଥ ନଂ.-୨୨୦ ପ୍ରକଳ୍ପ, ତିରିଂ

**SCHEDULE**

Brief description of the land to be acquired with or without structures falling within the stretch of land from Km 0.000 to Km 35.840 Km of NH 220 (Tiring to Rairangpur Section) on EPC basis in the District of Mayurbhanj in the State of Odisha.

| ରାଜ୍ୟ-ଓଡ଼ିଶା | | | ଜିଲ୍ଲା-ମୟୂରଭଞ୍ଜ | | |
|---|---|---|---|---|---|
| କ୍ର.ସଂ. | ସର୍ଭେ / ପ୍ଲଟ ନଂ. | ଜମିର ପ୍ରକାର | ଜମିର କିସମ | ଜମିର ସ୍ଥାନୀୟ ରକବା (ଏକରରେ) | ଅଧିଗ୍ରହଣ ଜମିର ରକବା (ହେକ୍ଟରରେ) |
| ତହସିଲ-ତିରିଂ | | | | | |
| ମୌଜା-ସାନଡ଼ାଲିମା | | | | | |
| ୧ | ୧୩୩୯ | ଘରୋଇ | ଘରବାରି | ୦.୦୨୫୦୦୦୧ | ୦.୦୧୦୧୧୭୪ |
| ୨ | ୧୩୪୦ | ଘରୋଇ | ଡାହି ଦୁଇ | ୦.୦୯୫୦୦୦୧ | ୦.୦୩୮୪୪୬୦ |
| | | | ମୋଟ | ୦.୧୨୦୦ | ୦.୦୪୮୬ |
| | | [F.NO. RO/BBSR/11011/220/ORS/2019-20/618/BPD/3A] RAJESH GUPTA, Director | | | |

**Sd./- Tahasildar, Tiring-cum-CALA Tiring, N.H.-220**
**OIPR-24093/14/0004/2122**

# ପଞ୍ଚାୟତ ଜନାଦେଶ-୨୦୨୨

## ଦ୍ୱିତୀୟ ଦିନ ଗଣତିର ବିଜୟୀ ପ୍ରାର୍ଥୀ



### ଅନୁଗୋଳ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଅନୁଗୋଳ-୨ | ବିଜେଡି | ରେବତୀ ନାଏକ | ୧୬୮୧୩ | ୬୮୦୮ |
| ଆଠମଲିକ-୨ | ବିଜେଡି | ଯୁଧିଷ୍ଠିର ସିଂ | ୧୫୩୮୮ | ୭୮୦୩ |
| ବଅଁରପାଳ-୨ | ବିଜେଡି | ସୁଶୀଳା ନାଏକ | ୧୬୧୨୦ | ୩୪୭୦ |
| ଛେଣ୍ଡିପଦା-୨ | ଭାଜପା | ଯଶୋବନ୍ତ ପି. ବେହେରା | ୧୨୭୫୬ | ୨୮୯ |
| କଣିହାଁ-୨ | ବିଜେଡି | ରଞ୍ଜନ କୁମାର ସାହୁ | ୧୫୩୦୬ | ୬୪୧୦ |
| କିଶୋରନଗର-୨ | ବିଜେଡି | ଅନୁପମା ସାହୁ | ୧୩୧୩୮ | ୫୬୦୮ |
| ପାଲଲହଡା-୨ | ବିଜେଡି | ସାବିତ୍ରୀ ମାଝି | ୧୧୧୫୭ | ୯୧୩ |
| ତାଳଚେର-୨ | ବିଜେଡି | ବିଭୁପ୍ରସାଦ ପତି | ୧୨୨୫୮ | ୧୬୭୦ |

### ବାଲେଶ୍ୱର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାହାନଗା-୨ | ବିଜେଡି | ବୀଣାପ୍ରଭା ଶିଅଳ | ୧୬୪୪୨ | ୭୯୬୦ |
| ବାଲେଶ୍ୱର-୨ | ବିଜେଡି | ସୋନାଲି ବିଶ୍ୱାଳ | ୧୪୯୫୯ | ୧୪୫୯ |
| ବାଲେଶ୍ୱର-୩ | ବିଜେଡି | ବନଲତା ସେଠୀ | ୧୫୪୨୧ | ୧୫୭୩ |
| ବାଲିଆପାଳ-୨ | ବିଜେଡି | ନିଶାକର ସେଠୀ | ୧୫୧୩୭ | ୫୧୬୫ |
| ବସ୍ତା-୨ | ବିଜେଡି | ଦେବିକା ସୋରେନ | ୧୭୪୮୧ | ୯୯୨୮ |
| ଭୋଗରାଇ-୩ | ବିଜେଡି | କବିତା ମହାନ୍ତି | ୧୬୯୪୯ | ୯୨୧୧ |
| ଭୋଗରାଇ-୪ | କଂଗ୍ରେସ | ସନ୍ତୋଷ କୁମାର ଜେନା | ୧୦୮୬୯ | ୧୯୮ |
| ଜଳେଶ୍ୱର-୨ | ବିଜେଡି | ଗୌରାଙ୍ଗ ସିଂ | ୧୮୨୩୯ | ୧୧୭୧୪ |
| ଖଇରା-୨ | ବିଜେଡି | ରଶ୍ମିତା ମହାପାତ୍ର | ୧୨୯୪୯ | ୭୮୯ |
| ନୀଳଗିରି-୨ | ବିଜେଡି | ରଞ୍ଜିତା ସିଂ | ୧୩୧୯୩ | ୯୫୨ |
| ଔପଦା-୨ | ଭାଜପା | ଉଷାରାଣୀ ରାଉଳ | ୧୧୫୪୪ | ୧୯୩୩ |
| ରେମୁଣା-୨ | ବିଜେଡି | କଲ୍ୟାଣୀ ବାରିକ | ୧୦୬୬୮ | ୨୧୧୧ |
| ସିମୁଳିଆ-୨ | ବିଜେଡି | ସାବିତ୍ରୀ ପହି | ୧୧୭୫୮ | ୧୮୯୨ |
| ସୋର-୨ | ବିଜେଡି | ଜୟନ୍ତ କୁମାର ସ୍ୱାଇଁ | ୧୩୬୧୯ | ୪୨୧୬ |

### ବରଗଡ଼

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଅତାବିରା-୨ | ବିଜେଡି | ରଞ୍ଜିତ ସାହୁ | ୮୯୫୭ | ୩୯୫୮ |
| ବରଗଡ଼-୨ | ବିଜେଡି | ପ୍ରଭାସିନୀ ପଧାନ | ୧୧୬୪୧ | ୧୬୩୪ |
| ବରପାଲି-୨ | ବିଜେଡି | ଅନନ୍ତ ସେଠୀ | ୧୧୪୨୩ | ୨୭୧୭ |
| ଭେଡେନ-୨ | ବିଜେଡି | ସତ୍ୟଜିତ ପୁରୋହିତ | ୧୨୭୨୩ | ୪୭୩୭ |
| ବିଜେପୁର-୨ | ଭାଜପା | ସୁଶାନ୍ତ ଗଡତିୟା | ୭୯୬୧ | ୧୩୯୧ |
| ଗାଇସିଲେଟ-୨ | ଭାଜପା | ଝରଣା ପାଣିଗ୍ରାହୀ | ୧୧୮୮୪ | ୧୭୯୧ |
| ଝାରବନ୍ଧ-୨ | ବିଜେଡି | ସନ୍ତୋଷ କୁମାର ବେହେରା | ୧୨୪୬୯ | ୫୦୯୪ |
| ପାଇକମାଳ-୨ | ଭାଜପା | ସୁରେନ୍ଦ୍ର ପ୍ରତାପ ସିଂବରିହା | ୧୦୫୫୯ | ୬୬ |
| ରାଜବୋଡାସମ୍ବର-୨ | ବିଜେଡି | ପୂର୍ଣ୍ଣିମା ରଣା | ୧୩୧୦୬ | ୨୫୮୮ |
| ସୋହେଲା-୨ | ବିଜେଡି | ମିତା ବିଶି | ୨୦୪୩୩ | ୧୨୪୮୪ |

### ଭଦ୍ରକ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାସୁଦେବପୁର-୨ | ବିଜେଡି | ଜୟକୃଷ୍ଣ ନାୟକ | ୧୧୭୦୮ | ୩୫୩୧ |
| ଭଦ୍ରକ-୨ | ବିଜେଡି | ଗୀତାରାଣୀ ମଲ୍ଲିକ | ୨୧୨୮୩ | ୧୧୬୦୯ |
| ଭଣ୍ଡାରିପୋଖରୀ-୨ | ବିଜେଡି | ଲକ୍ଷ୍ମୀଧର ସାହୁ | ୧୩୯୨୭ | ୪୬୮୫ |
| ବନ୍ତ-୨ | ବିଜେଡି | ପ୍ରଫୁଲ୍ଲ କୁମାର ଯେନା | ୧୮୩୩୩ | ୯୩୮୬ |
| ଚାନ୍ଦବାଲି-୨ | ବିଜେଡି | ରଞ୍ଜନ କୁମାର ସାହୁ | ୧୫୩୯୪ | ୩୬୪୭ |
| ଚାନ୍ଦବାଲି-୩ | ବିଜେଡି | ଗୀତାଞ୍ଜଳି ଦାସ | ୯୩୬୧ | ୩୦୮୯ |
| ଧାମନଗର-୨ | ବିଜେଡି | ଉର୍ମିଳା ବିଶ୍ୱାଳ | ୧୮୨୪୪ | ୫୩୬୧ |
| ତିହିଡି-୨ | ବିଜେଡି | ବିଦ୍ୟୁତଲତା ନାୟକ | ୧୫୬୯୧ | ୪୪୧୬ |
| ବାସୁଦେବପୁର-୩ | ବିଜେଡି | ଯଦୁନାଥ ନାୟକ | ୧୨୧୫୩ | ୩୩୬୧ |

### ବଲାଙ୍ଗୀର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଆଗଲପୁର-୨ | ବିଜେଡି | ବୀଣାପାଣି ଦାଶ | ୧୩୫୮୪ | ୫୩୦୮ |
| ବଲାଙ୍ଗୀର-୨ | ବିଜେଡି | ସଙ୍ଗୀତା ସୁନା | ୧୫୦୩୦ | ୪୬୫୯ |
| ବଙ୍ଗୋମୁଣ୍ଡା-୨ | ଭାଜପା | ଦାମ ସୁନା | ୧୨୭୯୯ | ୬୨୨ |
| ବେଲପଡା-୨ | ଭାଜପା | ଶବ୍ଦ ମିର୍ଦ୍ଧା | ୮୭୪୩ | ୭୩ |
| ଦେଓଗାଁ-୨ | ବିଜେଡି | ସୁମତୀ ସେଠ୍ | ୧୫୯୭୭ | ୨୮୮୨ |
| ଗୁଡଭେଲା-୨ | ବିଜେଡି | ରାମନିବାସ ଅଗ୍ରୱାଲ | ୬୨୮୨ | ୧୨୨ |
| ଖପ୍ରାଖୋଲ-୨ | ବିଜେଡି | ପ୍ରମିଳା ପାଥର୍ | ୧୨୮୯୧ | ୨୬୦୯ |
| ମୁରିବାହଲ-୨ | ବିଜେଡି | ନିରୁପମା ଗହୀର | ୬୮୦୭ | ୫୬୭ |
| ପାଟଣାଗଡ-୨ | ବିଜେଡି | କସ୍ତୁରୀ ସେଠ୍ | ୧୧୪୮୯ | ୨୨୭୪ |
| ପୁଇଁତଲା-୨ | ବିଜେଡି | କୁମାରମଣି ସେଠ୍ | ୧୧୮୧୩ | ୬୬୪୮ |
| ସଇଁତଲା-୨ | ବିଜେଡି | ରୀତାରାଣୀ ହାତୀ | ୧୧୨୭୬ | ୫୫୫୧ |
| ଟିଟିଲାଗଡ-୨ | ବିଜେଡି | ସଞ୍ଜୟ କୁମାର ବେହେରା | ୧୧୩୫୦ | ୧୦୬୭ |
| ତୁରେକେଲା-୨ | କଂଗ୍ରେସ | କୌଶିକ ମେହେର | ୮୫୪୮ | ୧୨୧୧ |
| ଲୋଇସିଂହା-୨ | ବିଜେଡି | ସଞ୍ଜୁକ୍ତା ବରିହା | ୧୦୩୬୦ | ୫୧୦ |

### ବୌଦ୍ଧ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବୌଦ୍ଧ-୨ | ବିଜେଡି | ଉର୍ମିଳା ଝାଙ୍କର | ୧୭୨୧୩ | ୮୪୯୭ |
| ହରଭଙ୍ଗା-୨ | ବିଜେଡି | ତାରାମଣି ପ୍ରଧାନ | ୧୪୭୭୮ | ୪୬୦୩ |
| କଣ୍ଟାମାଳ-୨ | ଭାଜପା | ପଦ୍ମାଳୟା ପ୍ରଧାନ | ୧୩୨୮୨ | ୨୩୩ |

### କଟକ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଆଠଗଡ-୨ | ବିଜେଡି | ମିନତି ଗାଗାରାଏ | ୨୪୨୩୮ | ୧୬୬୧୭ |
| ବଡମ୍ବା-୨ | ବିଜେଡି | ରବୀନ୍ଦ୍ର କୁମାର ସାହୁ | ୧୯୬୫୪ | ୯୮୩୮ |
| ବାଙ୍କୀ-୨ | ବିଜେଡି | ସଞ୍ଜୟ କୁମାର ପାତ୍ର | ୧୪୯୨୨ | ୭୬୮୨ |
| ବାଙ୍କୀ ଡମପଡା-୨ | ବିଜେଡି | ଆଶିଷ କୁମାର ସାହୁ | ୧୮୧୭୬ | ୧୨୧୯୪ |
| ବାରଙ୍ଗ-୨ | ବିଜେଡି | ପ୍ରଦୀପ୍ତ କୁମାର ଭୋଇ | ୧୭୩୫୧ | ୯୯୭୭ |
| କଟକ ସଦର-୨ | ବିଜେଡି | ପ୍ରଦୀପ୍ତ କୁମାର ମାହାଲି | ୧୬୬୮୧ | ୧୧୫୬୮ |
| କଣ୍ଟାପଡ଼ା-୨ | ବିଜେଡି | କ୍ରିଷ୍ଣାରାଣୀ ବେହେରା | ୧୭୮୬୦ | ୭୮୬୩ |
| ମାହାଙ୍ଗା-୨ | ବିଜେଡି | ସୁସ୍ମିତା ଦାସ | ୧୬୨୩୮ | ୩୬୫୦ |
| ନରସିଂହପୁର-୨ | ବିଜେଡି | ଗୀତାଞ୍ଜଳି ପାତ୍ର | ୧୫୬୩୫ | ୮୪୧୦ |
| ନିଆଳି-୨ | ବିଜେଡି | ସୌଦାମିନୀ ମହାପାତ୍ର | ୧୩୬୫୩ | ୮୯୧୮ |
| ନିଶ୍ଚିନ୍ତକୋଇଲି-୨ | ବିଜେଡି | ବିଳାସ କୁମାର ଭୋଇ | ୧୪୧୦୪ | ୬୪୨୫ |
| ନିଶ୍ଚିତକୋଇଲି-୩ | ବିଜେଡି | ଜସ୍ମିତା ସେଠୀ | ୧୬୧୪୮ | ୫୩୩୧ |
| ସାଲେପୁର-୨ | ବିଜେଡି | ରଞ୍ଜିତା ସେଠୀ | ୨୨୬୬୯ | ୧୨୬୬୦ |
| ଟାଙ୍ଗୀ ଚୌଦ୍ୱାର-୨ | ବିଜେଡି | ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ | ୧୧୦୪୭ | ୨୪୧୩ |
| ତିଗିରିଆ-୨ | ବିଜେଡି | ସସ୍ମିତା ରାଉତ | ୧୫୭୧୬ | ୯୭୮୮ |

### ଢେଙ୍କାନାଳ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଭୁବନ-୨ | ବିଜେଡି | ରମେଶଚନ୍ଦ୍ର ସାହୁ | ୧୨୩୦୫ | ୩୬୦୦ |
| ଢେଙ୍କାନାଳ ସଦର-୨ | ବିଜେଡି | ଝରାସ୍ମିତା ଦେହୁରୀ | ୧୪୧୪୫ | ୮୦୨୫ |
| ଗଁଦିଆ-୨ | ବିଜେଡି | ମମତା ମଞ୍ଜରୀ ବେହେରା | ୧୬୩୬୬ | ୭୪୬୧ |
| ହିନ୍ଦୋଳ-୨ | ବିଜେଡି | ସୁମନ୍ତ ଦେହୁରୀ | ୧୨୬୨୭ | ୫୫୯୨ |
| କାମାକ୍ଷାନଗର-୨ | ବିଜେଡି | ଅଶୋକ ବେହେରା | ୧୧୫୮୭ | ୬୨୧ |
| କଙ୍କଡ଼ାହାଡ଼-୨ | ବିଜେଡି | ରିନା ହେସା | ୧୨୯୩୮ | ୫୦୮୫ |
| ଓଡ଼ାପଡ଼ା-୨ | ବିଜେଡି | ବାଳକୃଷ୍ଣ ସାହୁ | ୧୬୮୫୩ | ୬୫୯୬ |
| ପରଜଙ୍ଗ-୨ | ବିଜେଡି | ନିରାକାର ପ୍ରଧାନ | ୧୪୯୦୪ | ୧୬୫୩ |

### ଗଜପତି

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ପାରଳାଖେମୁଣ୍ଡି-୨ | ବିଜେଡି | ପି. ଲିଲାବତୀ | ୧୨୪୭୦ | ୩୧୩୨ |
| ଗୁମ୍ମା-୨ | ବିଜେଡି | ସନ୍ଧ୍ୟା ସବର | ୧୨୫୫୬ | ୨୮୧୦ |
| କାଶୀନଗର-୨ | ବିଜେଡି | ଗବର ତିରୁପତି ରାଓ | ୧୦୨୯୯ | ୧୮୫୬ |
| ମୋହନା-୨ | ବିଜେଡି | ଚନ୍ଦ୍ର କୁମାର ମଲିକ | ୧୦୪୨୫ | ୪୪୦୨ |
| ଆର.ଉଦୟଗିରି-୨ | ଭାଜପା | ଦଣ୍ଡପାଣି ମଡ଼ମୁଣ୍ଡି | ୫୦୮୭ | ୧୩୯ |
| ରାୟଗଡ଼-୨ | ବିଜେଡି | ପୀତାମ୍ବର ନାୟକ | ୯୦୪୭ | ୬୬୬ |

### ଗଞ୍ଜାମ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଆସ୍କା-୨ | ବିଜେଡି | ଅନୀମା ପରିଡ଼ା | ୧୪୯୫୭ | ୧୨୫୩୯ |
| ବେଗୁନିଆପଡ଼ା-୨ | ବିଜେଡି | ମଧୁମିତା ସାହୁ | ୧୫୦୯୨ | ୮୭୪୬ |
| ବେଲଗୁଣ୍ଠା-୨ | ଭାଜପା | ସୁଧୀର କୁମାର ଜେନା | ୧୦୫୫୩ | ୫୦୦ |
| ଭଞ୍ଜନଗର-୨ | ବିଜେଡି | ବିକ୍ରମ କେଶରୀ ଆରୁଖ | ୧୩୦୬୮ | ୨୪୦୫ |
| ବୁଗୁଡ଼ା-୨ | ବିଜେଡି | ଗଙ୍ଗାପାଣି ଜେନା | ୧୧୫୫୫ | ୪୭୨୦ |
| ଛତ୍ରପୁର-୨ | ବିଜେଡି | ଏମ୍. ଧନଞ୍ଜୟ ରେଡ୍ଡୀ | ୧୧୯୭୨ | ୩୭୩୧ |
| ଚିକିଟି-୨ | ବିଜେଡି | ଏମ୍.ନାଗରାଜୁ | ୧୮୫୬୦ | ୧୫୨୮୪ |
| ଧରାକୋଟ-୨ | ବିଜେଡି | ଟୁକୁନା ଗୌଡ଼ | ୧୧,୦୯୪ | ୩,୭୬୮ |
| ଦିଗପହଣ୍ଡି-୨ | ବିଜେଡି | ବିପିନ ଚନ୍ଦ୍ର ପ୍ରଧାନ | ୧୦,୧୬୮ | ୩,୧୧୪ |
| ଗଞ୍ଜାମ-୨ | ବିଜେଡି | ସନାତନ ବେହେରା | ୧୬,୧୨୫ | ୯,୫୮୬ |
| ହିଞ୍ଜିଳିକାଟୁ-୨ | ବିଜେଡି | ଏଲା. ସୁଦର୍ଶନ | ୧୪,୧୩୧ | ୯,୫୭୪ |
| ଜଗନ୍ନାଥ ପ୍ରସାଦ-୨ | ବିଜେଡି | ସୁମିତ୍ରା ପ୍ରଧାନ | ୧୪,୨୪୪ | ୬,୭୫୧ |
| କବିସୂର୍ଯ୍ୟନଗର-୨ | ବିଜେଡି | ସଙ୍ଗୀତା ସ୍ୱାଇଁ | ୯,୭୨୩ | ୩,୩୧୭ |
| ଖଲ୍ଲିକୋଟ-୨ | ବିଜେଡି | ଚନ୍ଦନ କୁମାର ସେଠୀ | ୨୧,୪୩୬ | ୧୪,୧୨୩ |
| କୁକୁଡ଼ାଖଣ୍ଡି-୨ | ବିଜେଡି | ମମତା ଦାଶ | ୧୨,୫୭୯ | ୫,୭୫୪ |
| ପାତ୍ରପୁର-୨ | ବିଜେଡି | ଯଶୋଦା ଶବର | ୧୨,୫୩୨ | ୩,୩୮୩ |
| ପୋଲସରା-୨ | ବିଜେଡି | ଝୁନୁ ଦାସ | ୧୫,୦୬୮ | ୮,୨୭୮ |
| ପୁରୁଷୋତ୍ତମପୁର-୨ | ବିଜେଡି | ଭଜମନ ବେହେରା | ୧୭,୮୫୮ | ୧୧,୧୫୮ |
| ରଙ୍ଗେଇଲୁଣ୍ଡା-୨ | ବିଜେଡି | ଦୀପକ କୁମାର ସାମନ୍ତ | ୧୬,୩୭୪ | ୫,୬୬୧ |
| ସାନଖେମୁଣ୍ଡି-୨ | ବିଜେଡି | ମାମିନୀ ପାତ୍ର | ୧୦,୯୧୫ | ୨,୭୯୩ |
| ଶେରଗଡ଼-୨ | ବିଜେଡି | ନିବେଦିତା ପ୍ରଧାନ | ୧୬,୨୦୭ | ୧୨,୮୪୦ |
| ସୋରଡ଼ା-୨ | ବିଜେଡି | ରାମ ଶବର | ୧୨,୮୪୧ | ୮,୭୧୬ |

### ଜଗତ୍‌ସିଂହପୁର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାଲିକୁଦା-୨ | ବିଜେଡି | ଜଟାଧାରୀ ଦାଶ | ୧୪,୦୦୦ | ୫,୩୭୫ |
| ବିରିଡ଼ି-୨ | ବିଜେଡି | ଚନ୍ଦ୍ରଶେଖର ଦାସ | ୧୬,୪୧୬ | ୯,୩୯୨ |
| ଏରସମା-୨ | ବିଜେଡି | ରାଣୀ ଟୁଡୁ | ୧୫,୮୯୪ | ୯,୫୧୩ |
| ଜଗତ୍‌ସିଂହପୁର-୨ | ବିଜେଡି | କନକ ସ୍ୱାଇଁ | ୧୪,୧୫୫ | ୮,୧୭୧ |
| କୁଜଙ୍ଗ-୨ | ବିଜେଡି | ରବିନାରାୟଣ ସାହୁ | ୧୪,୨୨୪ | ୭,୮୨୬ |
| ନୂଆଗାଁ-୨ | ବିଜେଡି | ମମତା ପରିଡ଼ା | ୧୪,୬୫୨ | ୪,୫୩୯ |
| ରଘୁନାଥପୁର-୨ | ବିଜେଡି | ଇତିଶ୍ରୀ ମଲ୍ଲିକ | ୧୪,୯୩୧ | ୫,୬୮୮ |
| ତିର୍ତ୍ତୋଲ-୨ | ବିଜେଡି | ସୁଜାତା ମହାନ୍ତି | ୧୪,୬୪୬ | ୮,୮୦୬ |

### ଯାଜପୁର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବଡ଼ଚଣା-୨ | ବିଜେଡି | ଗଣେଶ୍ୱର ବରାଳ | ୧୫,୨୬୫ | ୬,୩୮୫ |
| ବଡ଼ଚଣା-୩ | ବିଜେଡି | ସସ୍ମିତା ମହାନ୍ତି | ୧୬,୭୨୭ | ୫,୫୫୫ |
| ବରୀ-୨ | ବିଜେଡି | ଦିଲୀପ କୁମାର ମହାନ୍ତି | ୯,୪୨୬ | ୮୬୭ |
| ବିଞ୍ଝାରପୁର-୨ | ବିଜେଡି | ନନ୍ଦକିଶୋର ସାମଲ | ୧୭,୬୬୫ | ୧୦,୩୭୫ |
| ଦାନଗଦି-୨ | ବିଜେଡି | ଟିନା ହାଇବ୍ରୁ | ୧୩,୦୩୮ | ୩,୭୬୨ |
| ଦଶରଥପୁର-୨ | ବିଜେଡି | ମନସ୍ୱିନୀ ଦାସ | ୧୯,୪୪୨ | ୧୦,୪୭୪ |
| ଧର୍ମଶାଳା-୨ | ବିଜେଡି | ପ୍ରଣତୀ ଲେଙ୍କା | ୧୭,୭୬୧ | ୭,୫୨୬ |
| ଧର୍ମଶାଳା-୩ | ବିଜେଡି | ସ୍ମୃତିରେଖା ବେହେରା | ୧୯,୮୪୮ | ୧୨,୩୧୬ |
| ଯାଜପୁର-୨ | ବିଜେଡି | ସୁନୀତା ରାଉତ | ୧୯,୯୬୨ | ୧୪,୪୨୨ |
| କୋରେଇ-୨ | ବିଜେଡି | ଉମାକାନ୍ତ ମାଝି | ୧୬,୬୯୯ | ୬,୯୧୧ |
| ସୁକିନ୍ଦା-୨ | ବିଜେଡି | ସାଧୁ ଚରଣ ଟିୟୁ | ୧୪୪୫୬ | ୪୦୩୬ |
| ରସୁଲପୁର-୨ | ବିଜେଡି | ମମତା ଖୁଣ୍ଟିଆ | ୧୯୭୧୧ | ୭୪୭୯ |

### ଝାରସୁଗୁଡ଼ା

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଝାରସୁଗୁଡା-୨ | ବିଜେଡି | ଦିଗାମ୍ବର ଭୋଇ | ୧୫୯୦୨ | ୯୦୮୫ |
| ଲଇକେରା-୨ | ବିଜେଡି | ଅଂଯୁକ୍ତା ବେହେରା | ୮୪୯୨ | ୨୧୯୦ |
| ଲଖନପୁର-୨ | ବିଜେଡି | ଅକ୍ଷୟ କୁମାର ସାହୁ | ୧୭୭୩୫ | ୧୦୭୭୩ |

### କଳାହାଣ୍ଡି

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଭବାନୀପାଟଣା-୨ | ବିଜେଡି | ଦୟାନିଧି ନାୟକ | ୧୦୮୭୨ | ୨୮୮୪ |
| ଧର୍ମଗଡ଼-୨ | ବିଜେଡି | ଶଙ୍କର ପ୍ରସାଦ ଜୁଏଦ୍ | ୧୩୧୯୭ | ୬୪୮୫ |
| ଗୋଲାମୁଣ୍ଡା-୨ | ବିଜେଡି | ସରିତା ମାଝି | ୧୧୨୬୫ | ୧୭୪୩ |
| ଜୟପାଟଣା-୨ | ବିଜେଡି | ଦେବ ପୁଝାରୀ | ୧୧୭୦୨ | ୪୯୭୦ |
| ଜୁନାଗଡ଼-୨ | ବିଜେଡି | ସାମୁକାରାଣୀ କୁମାର | ୧୨୮୭୪ | ୪୮୩୮ |
| କଲମପୁର-୨ | ବିଜେଡି | ନିବେଦିତା ହଂସ | ୭୬୩୫ | ୧୮୩୮ |
| କର୍ଲାମୁଣ୍ଡା-୨ | କଂଗ୍ରେସ | ସୁରେଶ ଚୌଧୁରୀ | ୭୩୧୦ | ୨୧୧୨ |
| କେସିଙ୍ଗା-୨ | ବିଜେଡି | ନରୋତ୍ତମ ଭଟି | ୧୪୦୭୫ | ୯୯୬୬ |
| କୋକସରା-୨ | ବିଜେଡି | ତ୍ରିନାଥ ବାଗ୍ | ୧୧୫୧୭ | ୩୬୬୨ |
| ଲାଞ୍ଜିଗଡ଼-୨ | ବିଜେଡି | ପରିକ୍ଷିତ ନାୟକ | ୧୦୫୦୧ | ୨୫୪୪ |
| ଏମ୍.ରାମପୁର-୨ | ବିଜେଡି | ମଞ୍ଜୁଲତା ଧାରୁଆ | ୧୨୩୨୨ | ୭୦୦୯ |
| ନର୍ଲା-୨ | ବିଜେଡି | ହରିଶଙ୍କର ମାଝି | ୧୨୩୪୨ | ୫୧୦୨ |
| ଥୁ.ରାମପୁର-୨ | ବିଜେଡି | ଟୁନି କୋଶଲା | ୧୩୧୯୬ | ୭୫୪୪ |

### କେନ୍ଦୁଝର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଆନନ୍ଦପୁର-୨ | ବିଜେଡି | ଜିତେନ୍ଦ୍ର କୁମାର ସାମଲ | ୧୦୫୪୨ | ୨୫୬୯ |
| ବାଂଶପାଳ-୨ | ବିଜେଡି | ଅରୁଣ କୁମାର ବାରିକ | ୧୩୮୪୭ | ୬୪୫୯ |
| ଚମ୍ପୁଆ-୨ | ବିଜେଡି | ପ୍ରଦୀପ କୁମାର ପ୍ରଧାନ | ୧୧୨୧୦ | ୧୪୨୪ |
| ଘସିପୁରା-୨ | ବିଜେଡି | ମନୋଜ ମଞ୍ଜରୀ ରାଉତ | ୧୮୨୨୬ | ୧୦୦୫୨ |
| ହରିଚନ୍ଦନପୁର-୨ | ବିଜେଡି | ଲକ୍ଷ୍ମୀଧର କିଶନ | ୧୪୭୯୩ | ୩୨୩୦ |
| ହାଟଡିହୀ-୨ | ବିଜେଡି | ସୁକାନ୍ତି ଜେନା | ୧୩୯୦୨ | ୬୩୬୮ |
| ଝୁମ୍ପୁରା-୨ | ବିଜେଡି | ସୋମବାରୀ ମୁର୍ମୁ | ୧୧୮୩୫ | ୫୭୪୪ |
| ଯୋଡ଼ା-୨ | ବିଜେଡି | ସୁକୁମାରୀ ଦେହୁରୀ | ୨୦୦୯୩ | ୧୬୬୯୭ |
| କେନ୍ଦୁଝର-୨ | ବିଜେଡି | ରଥ ମୁଣ୍ଡା | ୧୮୨୧୩ | ୬୬୪୩ |
| ପାଟଣା-୨ | ବିଜେଡି | ସୌଭାଗ୍ୟ ମଞ୍ଜରୀ ନାୟକ | ୧୦୮୪୭ | ୨୧୮୬ |
| ସାହରପଡ଼ା-୨ | ବିଜେଡି | ଚମ୍ପାବତୀ ଟୁଡୁ | ୧୩୬୦୨ | ୨୬୬୬ |
| ତେଲକୋଇ-୨ | ବିଜେଡି | କେଦାର ଚନ୍ଦ୍ର ପ୍ରଧାନ | ୧୩୬୮୭ | ୧୫୬୦ |

### କନ୍ଧମାଳ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାଲୁଗୁଡା-୨ | ବିଜେଡି | ଆଶିଷ ଦିଗଲ | ୪୫୬୩ | ୯୬୮ |
| ଦାରିଙ୍ଗବାଡ଼ି-୨ | କଂଗ୍ରେସ | ଦୀପିକା ମୁଠାମାଝୀ | ୧୩୮୧୯ | ୧୨୨୩ |
| ଖଜୁରିପଡ଼ା-୨ | ବିଜେପି | ଉର୍ବଶୀ ଦିଗଲ | ୮୨୪୧ | ୩୦୩୩ |
| ଫିରିଙ୍ଗିଆ-୨ | ବିଜେଡି | ଜୟଶ୍ରୀ କହଁର | ୧୪୪୭୫ | ୮୭୬୫ |
| ଟିକାବାଲି-୨ | ବିଜେଡି | ନମିତା କହଁର | ୫୩୫୨ | ୨୩୬୭ |
| ରାଇକିଆ-୨ | ବିଜେଡି | ମମତାରାଣୀ ପ୍ରଧାନ | ୬୭୪୬ | ୧୦୯୩ |

### କେନ୍ଦ୍ରାପଡ଼ା

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଆଳି-୨ | ବିଜେଡି | ଭୀଷ୍ମ ମହାନ୍ତି | ୧୩୦୨୪ | ୮୦୮୮ |
| ଗରଦପୁର-୨ | ବିଜେଡି | ସତ୍ୟାନନ୍ଦ ରାଉତ | ୧୧୩୩୪ | ୬୩୦୫ |
| କେନ୍ଦ୍ରାପଡ଼ା-୨ | ବିଜେଡି | ନିର୍ମଳା ମହାନ୍ତି | ୧୪୦୫୯ | ୮୭୭୩ |
| ମହାକାଳପଡ଼ା-୨ | ବିଜେଡି | ସୁବୋଧ କୁମାର ଲେଙ୍କା | ୧୨୨୮୩ | ୩୬୧୨ |
| ମହାକାଳପଡ଼ା-୩ | ବିଜେଡି | ଅନୁରାଧା ସ୍ୱାଇଁ | ୧୪୨୭୧ | ୨୦୩୯ |
| ମାର୍ଶାଘାଇ-୨ | ବିଜେଡି | ଦୁର୍ଗାବତୀ ପ୍ରଧାନ | ୧୩୫୪୫ | ୫୯୦ |
| ପଟ୍ଟାମୁଣ୍ଡାଇ-୨ | ବିଜେଡି | ଜ୍ୟୋତିର୍ମୟୀ ବେହେରା | ୧୦୮୯୬ | ୩୩୯୬ |
| ରାଜକନିକା-୨ | ବିଜେଡି | ପ୍ରତାପ କୁମାର ବେହେରା | ୧୫୫୦୧ | ୪୫୮୨ |
| ରାଜନଗର-୨ | ବିଜେଡି | ଅଶୋକ କୁମର ପ୍ରତିହାରୀ | ୧୬୩୮୭ | ୧୮୯୩ |
| ଡେରାବିଶ-୨ | ବିଜେଡି | ଗୀତାଞ୍ଜଳି ସେଠୀ | ୧୮୭୦୫ | ୯୨୭୫ |

### ଦେବଗଡ଼

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାରକୋଟ-୨ | ବିଜେଡି | ସମରେନ୍ଦ୍ର କୁମାର ଜିତ୍ | ୧୩୨୪୨ | ୮୨୫୬ |
| ରିଆମାଳ-୨ | ବିଜେଡି | ବାସନ୍ତୀ ବେହେରା | ୨୦୮୨୯ | ୧୧୦୪୮ |
| ତିଲେଇବଣୀ-୨ | ବିଜେଡି | ପୁଷ୍ପାଞ୍ଜଳି ସାମଲ | ୧୬୦୭୦ | ୧୧୩୩୬ |

### ଖୋର୍ଦ୍ଧା

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାଲିଅନ୍ତା-୨ | ବିଜେଡି | କୁନୁମୁନ୍ ଲେଙ୍କା | ୧୬୨୩୭ | ୭୭୫୦ |
| ବାଲିପାଟଣା-୨ | ବିଜେଡି | ସୁକନ୍ୟା ସେଠୀ | ୧୬୫୫୭ | ୮୩୦୩ |
| ବାଣପୁର-୨ | ବିଜେପି | ରୋଜିତା ପ୍ରଧାନ | ୧୨୮୫୩ | ୧୬୮୪ |
| ବେଗୁନିଆ-୨ | ବିଜେଡି | ଅନାଦି ସାହୁ | ୧୫୪୨୦ | ୬୬୦୭ |
| ବୋଲଗଡ଼-୨ | ବିଜେଡି | ସୁବାସ ଚନ୍ଦ୍ର ରାୟଗୁରୁ | ୧୭୦୫୬ | ୧୧୦୪୧ |
| ଚିଲିକା-୨ | ବିଜେଡି | ରୀନା ବେହେରା | ୧୩୮୯୨ | ୧୭୨୧ |
| ଜଟଣୀ-୨ | ବିଜେଡି | ରୋନିତା ଦଳେଇ | ୧୫୮୯୦ | ୯୨୨୯ |
| ଖୋର୍ଦ୍ଧା-୨ | ବିଜେଡି | କଇସରା ବେଗମ | ୨୦୨୭୭ | ୧୩୨୮୦ |
| ଟାଙ୍ଗୀ-୨ | ବିଜେଡି | ବିଜୟ କୁମାର ଜେନା | ୧୦୬୬୨ | ୨୦୫୮ |
| ଭୁବନେଶ୍ୱର-୨ | ବିଜେଡି | ସୁବାସ କୁମାର ସୁନ୍ଦରାୟ | ୧୪୬୨୩ | ୪୭୯ |

### କୋରାପୁଟ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବନ୍ଧୁଗାଁ-୨ | ବିଜେଡି | ମାଝି ହିମିରିକା | ୫୯୭୬ | ୪୬୬ |
| ବୈପାରିଗୁଡା-୨ | କଂଗ୍ରେସ | ମାନି ଜାନି | ୧୨୪୪୭ | ୧୭୨୮ |
| ବୋରିଗୁମା-୨ | ବିଜେଡି | ମଞ୍ଜୁଲା ଘସି | ୧୧୬୮୩ | ୨୦୫୬ |
| ଦଶମନ୍ତପୁର-୨ | କଂଗ୍ରେସ | ଧନପତି ସଉନ୍ତ | ୯୦୧୯ | ୨୦୦୨ |
| ଜୟପୁର-୨ | ବିଜେଡି | ଆସ୍ଥା ନାୟକ | ୯୯୪୬ | ୧୦୬୪ |
| କୋରାପୁଟ-୨ | କଂଗ୍ରେସ | କେ. ମିହିର କୁମାର | ୯୬୯୦ | ୪୫୮୦ |
| କୋଟପାଡ-୨ | ବିଜେଡି | ଗୀତା ମାଝୀ | ୧୧୫୮୭ | ୨୭୪୫ |
| କୁନ୍ଦ୍ରା-୨ | ବିଜେଡି | କନକଲତା ପେଣ୍ଠିଆ | ୭୫୦୧ | ୧୩୬୧ |
| ଲମତାପୁଟ-୨ | କଂଗ୍ରେସ | ଗୀତାରାଣୀ ମହଲା | ୮୪୪୭ | ୨୭୧୩ |
| ଲକ୍ଷ୍ମୀପୁର-୨ | କଂଗ୍ରେସ | ପିଙ୍କି ହିମିରିକା | ୯୬୩୪ | ୪୨୨୧ |
| ନନ୍ଦପୁର-୨ | ବିଜେଡି | ନମନ୍ତି ଖିଲ | ୧୩୩୨୭ | ୪୦୩୮୦ |
| ପଟ୍ଟାଙ୍ଗୀ-୨ | ବିଜେଡି | ଲାଇଚାନ୍ଦ ଖରା | ୭୮୫୭ | ୬୮ |
| ସିମିଳିଗୁଡ଼ା-୨ | କଂଗ୍ରେସ | ମୋହନ ଚଇନି | ୮୬୩୭ | ୧୪୮୫ |

### ମାଲକାନଗିରି

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଚିତ୍ରକୋଣ୍ଡା-୨ | ବିଜେଡି | ସମୀର ତାଙ୍ଗୁଲ | ୮୮୯୮ | ୫୬୭୬ |
| କାଲିମେଳା-୨ | ବିଜେଡି | ମମତା ପଦ୍ମିମୀ | ୧୪୧୬ | ୮୭୧୭ |
| କୋରୁକୋଣ୍ଡା-୨ | କଂଗ୍ରେସ | ମଙ୍ଗୁ ଖିଲ | ୬୬୮୪ | ୦୪ |
| ମାଲକାନଗିରି-୨ | ବିଜେଡି | ମୁକ ମାଡ଼କାମୀ | ୯୦୩୮ | ୨୭୫୬ |
| ମାଥିଲି-୨ | ବିଜେଡି | ହିରଣ୍ୟ ମୁଦୁଲି | ୭୨୯୧ | ୨୦୧୪୫ |

### ମୟୂରଭଞ୍ଜ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବଡ଼ସାହି-୨ | ବିଜେଡି | ସୁବାସିନୀ ନାଏକ | ୧୪୩୧୦ | ୪୮୫୮ |
| ବହଳଦା-୨ | ବିଜେଡି | ସରୋଜମଣି ହାଁସଦା | ୧୧୭୪୦ | ୪୬୪୩ |
| ବାଙ୍ଗିରୀପୋଷି-୨ | ବିଜେଡି | ରାମଚନ୍ଦ୍ର ମୁର୍ମୁ | ୧୪୬୬୪ | ୨୪୧୯ |
| ବାରିପଦା-୨ | ବିଜେଡି | ନରେନ୍ଦ୍ର ହାଁସଦା | ୭୮୫୯ | ୨୫୪୦ |
| ବେତନଟୀ-୨ | ବିଜେଡି | ସବିତା ଦାସ | ୧୪୭୩୭ | ୨୩୭୫ |
| ବିଜାତଳା-୨ | ଜେଏନ୍‌ଏମ୍ | ମୀନା ସୋରେନ୍ | ୬୭୯୮ | ୯୧୯ |
| ବିଶୋଇ-୨ | ଜେଏନ୍‌ଏମ୍ | ବିଦୁସ୍ମିତା ଦେଓ | ୮୧୨୩ | ୧୨୫୩ |
| ଗୋପବନ୍ଧୁନଗର-୨ | ବିଜେଡି | ଉର୍ମିଳା ସେଠୀ | ୧୪୧୮୧ | ୭୪୭୮ |
| ଜାମଦା-୨ | ବିଜେଡି | ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି | ୭୯୧୮ | ୨୭୬୪ |
| ଯଶିପୁର-୨ | ବିଜେଡି | ଲଳିତ ମୁଣ୍ଡୁୟା | ୧୨୮୬୫ | ୪୯୯୯ |
| କପ୍ତିପଦା-୨ | ବିଜେଡି | ମକୁ ସିଂ | ୧୭୭୦୩ | ୭୯୦୮ |
| କରଞ୍ଜିଆ-୨ | ବିଜେଡି | ଜ୍ୟୋତ୍ସ୍ନାରାଣୀ ନାଏକ | ୧୨୧୫୫ | ୨୬୦୮ |
| ଖୁଣ୍ଟା-୨ | ବିଜେଡି | ସୁନୀତ ମାରାଣ୍ଡି | ୧୦୧୦୧ | ୪୧୪୨ |
| କୁଲିଆଣା | ବିଜେଡି | ଆନନ୍ଦ ଚନ୍ଦ୍ର ଟୁଡୁ | ୧୧୫୩୬ | ୨୮୩୨ |
| କୁସୁମୀ-୨ | ବିଜେଡି | ରାମଚନ୍ଦ୍ର ମୁର୍ମୁ | ୧୧୦୫୪ | ୩୭୮୧ |
| ମୋରଡ଼ା-୨ | ବିଜେଡି | ଝରଣା ମୁର୍ମୁ | ୮୪୪୪ | ୨୩୧୨ |
| ରାଇରଙ୍ଗପୁର-୨ | ବିଜେଡି | ଲିପିକା ମଣ୍ଡଳ | ୭୧୧୭ | ୨୦୧୦ |
| ରାସଗୋବିନ୍ଦପୁର-୨ | ବିଜେଡି | ସତ୍ୟମ୍‌ସୁନ୍ଦର ଡାକୁଆ | ୧୬୩୨୯ | ୯୭୦୩ |
| ସାରସକଣା-୨ | ବିଜେଡି | ମିତାରାଣୀ ନାଏକ | ୧୩୫୭୬ | ୪୩୨୦ |
| ସୁକୃଳି-୨ | ବିଜେଡି | ବିକାଶ ରଞ୍ଜନ ସି | ୯୧୪୭ | ୨୭୪୮ |
| ଶୁଳିଆପଦା-୨ | ବିଜେଡି | ନାଗେନ୍ଦ୍ର ନାଥ କିସ୍କୁ | ୧୫୩୭୪ | ୫୧୩୩ |
| ଠାକୁରମୁଣ୍ଡା-୨ | ବିଜେଡି | ପ୍ରହଲ୍ଲାଦ ମଡେଇ | ୧୬୨୦୪ | ୪୭୪୫ |
| ତିରିଙ୍ଗ-୨ | ବିଜେଡି | ଜୟନ୍ତ ବାସା | ୬୩୮୭ | ୨୯୬୫ |
| ଉଦଳା-୨ | ବିଜେଡି | ଲଳିତ ବିଶୋଇ | ୧୧୭୪୫ | ୨୪୩୨ |
| ଶାମାଖୁଣ୍ଟ-୨ | ବିଜେଡି | ଭାରତୀ ହାଁସଦା | ୧୧୯୪୦ | ୩୭୧୫ |

### ନବରଙ୍ଗପୁର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଚନ୍ଦାହାଣ୍ଡି-୨ | ବିଜେଡି | କେତକୀ ମାଲିଆଗୌଡ଼ | ୧୪୮୧୫ | ୯୦୩୧ |
| ଡାବୁଗାଁ-୨ | ବିଜେଡି | ଗୁପ୍ତା ବିଶୋଇ | ୭୦୩୭ | ୧୪୨୪ |
| ଝରିଗାଁ-୨ | ବିଜେଡି | ଶ୍ୟାମସୁନ୍ଦର ନାୟକ | ୧୦୦୯୮ | ୧୭୪୫ |
| କୋସାଗୁମୁଡ଼ା-୨ | ବିଜେଡି | ଦନେଇ ଭତ୍ରା | ୧୪୮୦୪ | ୫୯୯୧ |
| ନବରଙ୍ଗପୁର-୨ | ବିଜେଡି | ପରିଜା ଭତ୍ରା | ୧୦୧୨୦ | ୨୪୦୯ |
| ନନ୍ଦାହାଣ୍ଡି-୨ | ବିଜେଡି | ଅରୁଣ କୁମାର ମିଶ୍ର | ୯୩୫୪ | ୩୬୧୬ |
| ପାପଡ଼ାହାଣ୍ଡି-୨ | କଂଗ୍ରେସ | ଲିପିକା ମାଝି | ୧୪୨୧୩ | ୪୦୭୪ |
| ରାଇଘର-୨ | ବିଜେଡି | ନନରା ଖରା | ୧୧୧୩୬ | ୨୬୨୩ |
| ତେନ୍ତୁଳିଖୁଣ୍ଟି-୨ | ବିଜେଡି | ରତିକାନ୍ତ ପଣ୍ଡା | ୮୭୭୨ | ୨୪୧୩ |
| ଉମରକୋଟ-୨ | ବିଜେଡି | ଛାୟା ବିଶ୍ୱାସ | ୧୫୩୩୮ | ୨୨୩୯ |

### ନୟାଗଡ଼

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଭାପୁର-୨ | ବିଜେଡି | ସୁଶାନ୍ତ କୁମାର ସାହୁ | ୧୫୫୫୯ | ୯୦୦୬ |
| ଦଶପଲ୍ଲା-୨ | ବିଜେଡି | ସତ୍ୟଭାମା ନାୟକ | ୮୪୪୫ | ୪୦୯୦ |
| ଖଣ୍ଡପଡ଼ା-୨ | ଆଇଏନ୍‌ଡିପି | ଉଜ୍ଜ୍ୱଳ ମହାରଣା | ୧୧୨୨୪ | ୩୮୬୪ |
| ନୟାଗଡ଼-୨ | ବିଜେଡି | କ୍ଷୀରୋଦ କେ. ମହାପାତ୍ର | ୧୫୯୧୧ | ୬୨୧୮ |
| ନୂଆଗାଁ-୨ | ବିଜେଡି | ପ୍ରତିମା ଦଳବେହେରା | ୧୬୨୬୬ | ୬୧୮୬ |
| ଓଡ଼ଗାଁ-୨ | ବିଜେଡି | ବିରଜାଲକ୍ଷ୍ମୀ ସାହୁ | ୧୪୧୨୬ | ୭୭୩୨ |
| ରଣପୁର-୨ | ବିଜେଡି | ଦେବାଶିଷ ପଟ୍ଟନାୟକ | ୧୫୦୧୫ | ୪୭୦୦ |

# କାଳ ହେଲା ଭାଜପାର ଦୃଢ଼ ଆତ୍ମବିଶ୍ୱାସ

ଯାଜପୁର ଅଫିସ,୨୮।୨

**ଯାଜପୁର ଜିଲା ପଞ୍ଚାୟତ ନିର୍ବାଚନ**

- ବିଜେଡି ପୋଛି ନେଇଛି ୩୯ ଜିଲା ପରିଷଦ ଆସନ
- ବରୀ, ବିଞ୍ଝାରପୁରରେ କଡ଼ା ଟକ୍କର

ଯାଜପୁର ଜିଲାରେ ୨୦୧୭ ପଞ୍ଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ସଫଳତା ବିଜେଡି ଶିବିରକୁ ଦୋହଲାଇ ଦେଇଥିଲା। ଏଥିରେ ଭାଜପା ନେତା ଓ କର୍ମୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିଥିଲା । ପରବର୍ତ୍ତୀ ନିର୍ବାଚନରେ ଦଳ ଆହୁରି ଅଧିକ ଭୋଟ ପାଇବ ବୋଲି ଦଳୀୟ ନେତାମାନେ ଆଶା କରିଥିଲେ । ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ଭାଜପା ନେତା ଓ କର୍ମୀମାନଙ୍କ ସେହି ଦୃଢ଼ ଆତ୍ମବିଶ୍ୱାସ ଧୂଳିସାତ୍ ହୋଇଛି । ଭାଜପାର ତୁଙ୍ଗ ନେତାମାନେ ପଞ୍ଚାୟତ ନିର୍ବାଚନଠାରୁ ଦୂରେଇ ରହି ଅନ୍ୟ ରାଜ୍ୟର ନିର୍ବାଚନ ଦାୟିତ୍ୱ ନେଇଥିଲେ। ଏହାର ସୁଯୋଗରେ ବିଜେଡି ଠିକ୍ ଗୋଟି ଚାଳନା କରିବାରୁ ବିରୋଧୀ ଧରାଶାୟୀ ହୋଇଛନ୍ତି। ଜିଲାର ୩୯ଟି ଜିଲା ପରିଷଦ ଆସନରୁ ୩ ରୁ ୪ଟିକୁ ବାଦ୍ ଦେଲେ ଅନ୍ୟ ସବୁଠି ବଡ଼ ବ୍ୟବଧାନରେ ଭାଜପା ପରାଜୟ ବରଣ କରିଛି। ଏହାବାଦ୍ ତୈଳ ଦର ବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରା ନ ଯିବା, ବେକାର ସମସ୍ୟାର ସମାଧାନ ଦିଗରେ ବିଫଳତା ଇତ୍ୟାଦି ଏହି ପରାଜୟ ପାଇଁ ଦାୟୀ ବୋଲି ମତ ପ୍ରକାଶ ପାଇଛି । ଅନ୍ୟପକ୍ଷେ କଂଗ୍ରେସ ୬ ଜୋନ୍‌ରେ ୨ ହଜାରରୁ ୬ ହଜାର ପର୍ଯ୍ୟନ୍ତ ଭୋଟ ପାଇ କିଛିଟା ଭୋଟମୁଣିକୁ ବୃଦ୍ଧି କରିବା ଘଟଣା ଭାଜପା ପାଇଁ ଚିନ୍ତାର କାରଣ ହୋଇଛି।

ଗତ ସାଧାରଣ ନିର୍ବାଚନର ଫଳାଫଳ ବିଜେଡି ପାଇଁ ସତର୍କ ଘଣ୍ଟି ବୋଲି ମତ ପ୍ରକାଶ ପାଇଥିଲା। ବିଜେଡି ୪୯.୮୧%, ଭାଜପା ୪୦.୫% ଓ କଂଗ୍ରେସ ପ୍ରାର୍ଥୀ ୭.୬୩% ଭୋଟ ପାଇଥିଲେ। ଭାଜପା ୨୦୧୪ ନିର୍ବାଚନରେ ୧୫.୫୩%ରୁ ୫ ବର୍ଷରେ ୪୦.୫%କୁ ଲମ୍ଫ ମାରିଥିଲା। ୨୦୧୭ରେ ଜିଲା ଭାଜପା ସଙ୍ଗଠନ ସେତେଟା ସୁଦୃଢ ନ ଥିଲେ ହେଁ ପଞ୍ଚାୟତ ନିର୍ବାଚନରେ ଦଳ ୬ ଏବଂ ବିଜେଡି ୩୩ ଜିଲା ପରିଷଦ ଆସନ ହାତେଇଥିଲେ। ଜିଲା ପରିଷଦ ଆସନ ଦଳୀୟ ଚିହ୍ନରେ ମିଳିଥିବା ଜନାଦେଶରୁ ଭାଜପାର ଭୋଟ ହାର ୧୬ ପ୍ରତିଶତରୁ ପ୍ରାୟ ୩୧ ପ୍ରତିଶତକୁ ବୃଦ୍ଧି ଘଟିଥିଲା। ଏହା ୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ଭାଜପା ଜିଲାରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଥିଲା । ଜିଲାର ବଡ଼ଚଣା ଓ ବରୀ ନିର୍ବାଚନମଣ୍ଡଳୀରେ କଡ଼ା ଟକ୍କର ହୋଇଥିଲା । ବଡ଼ଚଣାରେ ଭାଜପା ପ୍ରାର୍ଥୀ ମାତ୍ର ୧୪୮୫ ଭୋଟ ଓ ବରୀରେ ଭାଜପା ପ୍ରାର୍ଥୀ ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ହାରିଥିଲେ।। ବିଶେଷକରି ଯାଜପୁର, ଧର୍ମଶାଳା, କୋରେଇ ଓ ବିଞ୍ଝାରପୁରରେ ମତଦାନ ହାର ହ୍ରାସ ପାଇଥିଲାବେଳେ ସୁକିନ୍ଦା, ବରୀ ଓ ବଡ଼ଚଣାରେ ସାମାନ୍ୟ ମତଦାନ ହାର ବୃଦ୍ଧି ଘଟିଥିଲା । ତଥାପି ୨୦୧୯ ନିର୍ବାଚନରେ ବିଜେଡି ବିଜୟୀ ହୋଇଥିବାରୁ ଏହି ଜନାଧାରକୁ ବଜାୟ ରଖିବାକୁ ଦଳ ପକ୍ଷରୁ ଅନେକ ଜନହିତକର ଯୋଜନା ହାତକୁ ନିଆଯାଇଥିଲା। ବିଜେଡି ନେତା ଓ କର୍ମୀ ନିୟମିତ ଭାବେ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କ ଅତି ନିକଟତର ହୋଇଥିଲେ। କିନ୍ତୁ ଭାଜପା ନେତା ଓ କର୍ମୀମାନେ ନୀରବରେ ବସି ରହି କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱା ଉପରେ ଭରସା କରିଥିଲେ।

୨୨ ବର୍ଷର ବିଜେଡି ଶାସନକୁ ଅବଲୋକନ କଲେ ଅପପୁଷ୍ଟି, ପାନୀୟ ଜଳ ସମସ୍ୟା, ଗମନାଗମନା କ୍ଷେତ୍ରରେ ମଧ୍ୟ ଜିଲା ବହୁ ପଛରେ ରହିଛି । କିନ୍ତୁ ଭାଜପାରେ ବଳିଷ୍ଠ ନେତୃତ୍ୱର ଅଭାବ ଓ ଉପଯୁକ୍ତ ଭାବେ ଦୁର୍ନୀତି ସମେତ ବିଭିନ୍ନ ଅନିୟମିତତାର ପ୍ରତିବାଦ କରି ନ ପାରିବାରୁ ଭାଜପାର ଜନମତ ପୁଣି ହ୍ରାସ ପାଇଛି। ଏହାସହ କେତେକ ବରିଷ୍ଠ ନେତା ଓ ଜିଲା ପରିଷଦ ସଭ୍ୟ ବିଜେଡିରେ ମିଶିଥିଲେ ହେଁ ସେମାନଙ୍କ ଶୂନ୍ୟସ୍ଥାନ ପୂରଣ କରିବାକୁ ଭାଜପା ଆଦୌ ଉଦ୍ୟମ କରି ନ ଥିଲା। ଏହା ଦଳର ବିପର୍ଯ୍ୟୟର ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଉଛି । ପ୍ରାୟ ସମସ୍ତ ଜିଲା ପରିଷଦ ଆସନରେ ବିଜେଡି ୨ ହଜାରରୁ ୩ ହଜାର ଭୋଟ ବ୍ୟବଧାନରେ ବିଜୟୀ ହେଉଛି। ଏହାସହ ୧୦ ପଞ୍ଚାୟତ ସମିତି ମଧ୍ୟ ବିଜେଡି ଅକ୍ତିଆର କରିପାରେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ କଂଗ୍ରେସ କୋରେଇ ବ୍ଲକ ୧ନଂ.ଜୋନ୍‌ରେ ୪,୬୫୪, ବରୀ ବ୍ଲକ ୧ନଂ. ଜୋନ୍‌ରେ ୩୬୯୨, ବଡ଼ଚଣା ବ୍ଲକ ୧ନଂ. ଜୋନ୍‌ରେ ୨୦୮୬, ବରୀ ବ୍ଲକ ୨ନଂ. ଜୋନ୍‌ରେ ୫୪୦୮, ବିଞ୍ଝାରପୁର ୨ନଂ. ଜୋନ୍‌ରେ ୩୩୯୬, କୋରେଇ ୨ନଂ. ଜୋନ୍‌ରେ ୬୨୩୬ ଭୋଟ ପାଇ କିଛି ଆଖିଦୃଶିଆ ସଫଳତା ଆଣି ପାରିଛି। ହେଲେ ଅର୍ଥବଳ, ବାହୁବଳ ସମେତ ପ୍ରଶାସନିକ କଳକୁ ବ୍ୟବହାର କରି ବିଜେଡି ସବୁଠି ଜିତି ପାରିଛି ବୋଲି ଭାଜପା କର୍ମୀ ଓ ନେତାମାନେ ଅଭିଯୋଗ କରି ସନ୍ତୁଷ୍ଟ ହେଉଥିବା ଆଲୋଚନାର ବିଷୟ ହୋଇଛି।

# ଭୋଟ ଗଣତି କେନ୍ଦ୍ରରେ ଧସେଇପଶିଲେ ଲୋକେ

ଭୋଗରାଇ, ୨୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଆରଆଇଏଚଏସ ମହାବିଦ୍ୟାଳୟ ଭୋଟ ଗଣତି କେନ୍ଦ୍ରରେ ନାରଣମହାନ୍ତିପଡିଆ ପଞ୍ଚାୟତରେ ଜଣେ ପ୍ରାର୍ଥୀ ବିଜୟୀ ହେବା ପରେ ପୁନଃ ଗଣତି ଦାବି କରି ସୋମବାର ରାତିରେ ଦୁଇ ଦଳ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଭୋଟ ଗଣତି କେନ୍ଦ୍ର କଲେଜ ମୁଖ୍ୟ ଫାଟକ ଠେଲି ପଶିବା ପରେ ନିର୍ବାଚନ ଅଧିକାରୀଙ୍କୁ ଖୋଜି ହୋହଲ୍ଲା କରିଥିଲେ। ଜଣେ ପ୍ରାର୍ଥୀଙ୍କ ସମର୍ଥନକାରୀମାନେ କଲେଜ ଫାଟକ ସମ୍ମୁଖ ରାସ୍ତାକୁ ଟାୟାର ଜାଳି ରାସ୍ତା ଅବରୋଧ କରି ନାରାବାଜି ପ୍ରଦର୍ଶନ କରିଥିଲେ। ପୋଲିସ ପହଞ୍ଚି ସ୍ଥିତି ଉପରେ ନଜର ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଛି।



ଭୋଟ ଗଣତି କେନ୍ଦ୍ରକୁ ଉତ୍ତ୍ୟକ୍ତ ଲୋକେ ଧସେଇ ପଶୁଛନ୍ତି।

## ବିଜେଡିରେ ମିଶିଲେ ଅନୁଗୋଳ ଭାଜପା, କଂଗ୍ରେସର ନେତା, କର୍ମୀ

ଭୁବନେଶ୍ୱର, ୨୮।୨(ବ୍ୟୁରୋ): ଅନୁଗୋଳ ମ୍ୟୁନିସିପାଲିଟିର ଭାଜପା ଓ କଂଗ୍ରେସର ନେତା ଓ ଶତାଧିକ କର୍ମୀ ସୋମବାର ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ସମସ୍ତ କଂଗ୍ରେସ ଓ ଭାଜପା ନେତୃବୃନ୍ଦଙ୍କୁ ସ୍ୱାଗତ କରିଛନ୍ତି। ବିଜେଡିର ଅନୁଗୋଳ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଏମ୍‌ପି ମହେଶ ସାହୁ, ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ମୁଦୁଲି ଓ ଅନୁଗୋଳ ଜିଲା ସଭାପତି ମହେନ୍ଦ୍ର କୁମାର ବସ୍ତିଆ, ଲୁଲୁ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିଟାମାଟି ପାଇଁ ବିଜେଡିକୁ ପ୍ରତ୍ୟାଖ୍ୟାନ

ବାଲେଶ୍ୱର ଅଫିସ, ୨୮।୨

**୧ ଜିଲା ପରିଷଦରେ କଂଗ୍ରେସ ଆଗୁଆ**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ୨୪ ନଂ. ଜୋନ୍‌ର ଭୋଟରେ ଭିଟାମାଟି ସୁରକ୍ଷା ପାଇଁ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଥିବା ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳରେ ସ୍ପଷ୍ଟ ହୋଇଛି। ଶସ୍ୟ ଶ୍ୟାମଳା ଉର୍ବର ଜମିରେ ବନ୍ଦର କରାଇବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ୨୦୦୮ରୁ ଆଜି ଯାଏ ଉପକୂଳ ଭିଟାମାଟି ସୁରକ୍ଷା କମିଟି ନେତୃତ୍ୱରେ ଦକ୍ଷିଣ ବାଲିଆପାଳ ଅଞ୍ଚଳର ସମୁଦ୍ରକୂଳିଆ ୬ଟି ପଞ୍ଚାୟତ ଜମ୍ବିରିଆ, ନୂଆଗାଁ, ଅଳାଡିହା, ରଡେଇ, ଡଗରା ଓ ଚୌମୁଖର ୬୦ହଜାରରୁ ଅଧିକ ଲୋକ ବିରୋଧ କରିଆସୁଛନ୍ତି। ମାତ୍ର ସରକାରୀ ଦଳର ନେତା ପୋଲିସ ମାଧ୍ୟମରେ ଲୋକଙ୍କ ଉପରେ ବର୍ବରତା ଆଚରଣ କରୁଛନ୍ତି। ଇଡ୍‌କୋ ମାଧ୍ୟମରେ ଜମି ଅଧିଗ୍ରହଣ କରି ଶିଳ୍ପାଞ୍ଚଳ ଗଢ଼ିବା ପାଇଁ ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ମୁହାଣରୁ ହର୍ଷପୁରା ମୁହାଣ ପର୍ଯ୍ୟନ୍ତ ୨୫କି.ମି. ଜମି ଅଧିଗ୍ରହଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ୬ଟି ପଞ୍ଚାୟତରେ ଲୋକଙ୍କର ଥିବା ପ୍ରାୟ ୩ହଜାର ୩ଶହ ଏକରରୁ ଊର୍ଦ୍ଧ୍ୱ ଧାନ, ପାନ ଓ ମୀନ ଯୋଗାଉଥିବା ଜମି ହରାଇବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଦିନ ଥିଲା ପୂର୍ବରୁ କଂଗ୍ରେସ ସରକାରଙ୍କ ସମୟରେ କ୍ଷେପଣାସ୍ତ୍ର ଘାଟି ପାଇଁ ଦୀର୍ଘଦିନ ଆନ୍ଦୋଳନ କରି କଂଗ୍ରେସକୁ ପ୍ରତ୍ୟାଖାନ କରିଥିବା ଲୋକମାନେ ଜନତା ଦଳକୁ ଆପଣାଇଥିଲେ। କିନ୍ତୁ ଆଜି ସେହି ଲୋକମାନେ ପେଟ୍ରୋ କେମିକାଲ୍ସ ଓ ଇଡ୍‌କୋ ଜମି ଅଧିଗ୍ରହଣକୁ ବିରୋଧ କରି ବିଜେଡିକୁ ପ୍ରତ୍ୟାଖାନ କରିଥିବାର ଜଣାପଡ଼ିଛି।

ସୋମବାର ଶେଷ ଦିନରେ ବାଲିଆପାଳ ୨୪ ନଂ. ଜୋନ୍‌ରେ ଗଣତି ହୋଇଥିଲା। ସାରା ରାଜ୍ୟରେ ବିଜେଡି ଏକକ ଭାବରେ ବିଜୟ ଲାଭ କରୁଥିବା ବେଳେ ଏହି ଜୋନ୍‌ର ଲୋକମାନେ ବିଜେଡିକୁ ପ୍ରତ୍ୟାଖାନ କରି କଂଗ୍ରେସ ପ୍ରାର୍ଥୀ ବାବାଜୀ ଦେହୁରୀ ଗଣତିରେ ଆଗୁଆ ଥିବାରୁ ସ୍ଥାନୀୟ ଲୋକେ କଂଗ୍ରେସକୁ ଆପଣାଇଥିବା ପରିଲକ୍ଷିତ ହୋଇଛି।

# ଫାଇଦାରେ ଜେଏମ୍ଏମ୍

ବାରିପଦା ଅଫିସ,୨୮।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳରେ ମୟୂରଭଞ୍ଜ ଜିଲାରେ ଭାଜପା ଓ କଂଗ୍ରେସ ନିଶ୍ଚିହ୍ନ ହୋଇଯାଇଛି । ବିଜେଡି ବାଜିମାତ୍ କରିଥିବା ବେଳେ ଜେଏମ୍ଏମ୍‌ର ଭଲ ପ୍ରଦର୍ଶନ କରି ସମ୍ମାନ ବଜାୟ ରଖିଛି। ୫୬ଆସନ ମଧ୍ୟରୁ ୫୨ଟିରେ ଫଳାଫଳ ପ୍ରକାଶ ପାଇଛି। ସେଥିମଧ୍ୟରୁ ୩ଟିରେ ଜେଏମ୍ଏମ୍ ବିଜୟୀ ହୋଇଥିବା ବେଳେ ଅବଶିଷ୍ଟ ୪୯ଟି ଆସନକୁ ବିଜେଡି ଅକ୍ତିଆର କରି ସାଙ୍ଗଠନିକ ସଫଳତାକୁ ପ୍ରମାଣିତ କରିପାରିଛି।

ବିଶୋଇ ବ୍ଲକର ୩୩, ୩୪ ନଂ. ଦୁଇଟି ଯାକ ଆସନ ଓ ବିଜାତଳାର ୩୨ନଂ. ଆସନରେ ଜେଏମ୍ଏମ୍ ପ୍ରାର୍ଥୀ ନିର୍ବାଚିତ ହୋଇ ସମ୍ମାନ ରକ୍ଷା କରିପାରିଛି। ଅବଶିଷ୍ଟ ୪ଟି ଜୋନରେ ବିଜେଡି ଆଗୁଆ ରହିଥିବା ବେଳେ ଫଳାଫଳକୁ ନେଇ ୫୩ ଆସନ ହାତେଇବାକୁ ସକ୍ଷମ ହେବ ବୋଲି ପୂର୍ବାନୁମାନ କରାଯାଇଛି । ଭାଜପା ଗଡ଼ରେ ଶଙ୍ଖନାଦ କରି ବିଜେଡିକୁ ପୂର୍ଣ୍ଣ ଜନାଦେଶ ମିଳିଛି । ୫୬ରୁ ୫୬କୁ ଅକ୍ତିଆର କରିବା ପାଇଁ ଦଳ ଚଳାଇଥିବା ଗୋଟି ଚାଳନାରେ ଜେଏମ୍ଏମ୍‌କୁ ସଫଳତା ମିଳିଛି। ଜେଏମ୍ଏମ୍ ଦଳର ମଙ୍ଗ ଧରିଥିବା ରାଜ୍ୟ ସଭାପତି ତଥା ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭଉଣୀ ଅଞ୍ଜନୀ ସୋରେନଙ୍କ ପାଇଁ ସମ୍ମାନ ବଜାୟ ରହିଛି। ଜେଏମଏମ୍‌କୁ ସୁସଙ୍ଗଠିତ କରି ଆଗାମୀ ନିର୍ବାଚନରେ ଉତ୍ତମ ପ୍ରଦର୍ଶନ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ତେବେ ୨୦୧୭ ନିର୍ବାଚନରେ ୪୯ ଆସନ ହାତେଇଥିବା ଭାଜପାକୁ ଶକ୍ତ ଝଟ୍‌କା ମିଳିଛି।

# ପ୍ରକଳ୍ପ ବିରୋଧରେ ଜନମତ

କେନ୍ଦ୍ରାପଡ଼ା ଅଫିସ, ୨୮।୨

**ଖରସ୍ରୋତା ନଦୀ ପାଣି ବିବାଦ**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଖରସ୍ରୋତା ନଦୀ ପାଣି ବିବାଦର ପ୍ରଭାବ ଦେଖିବାକୁ ମିଳିଛି। ବିଜେଡିର ବହୁ ଉଦ୍ୟମ ଏଠାରେ ଭୋଟରଙ୍କୁ ଆକର୍ଷିତ କରିପାରିନାହିଁ। ପ୍ରକଳ୍ପ ସ୍ଥାନ ରାଜକନିକା ବ୍ଲକ ବରୁଣାଡିହା, ଭାରିଗଦା ପଞ୍ଚାୟତର ପ୍ରକଳ୍ପ ବିରୋଧୀ ଜନମତ ଭୋଟ ମାଧ୍ୟମରେ ଲୋକେ ଦେଇଛନ୍ତି। ଦୁଇ ପଞ୍ଚାୟତରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର କାର୍ଯ୍ୟକର୍ତ୍ତା ସମିତିସଭ୍ୟ ଓ ସରପଞ୍ଚ ସମେତ ବହୁ ୱାର୍ଡସଭ୍ୟଙ୍କୁ ଜିତାଇ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ରବିବାର ଏହି ଦୁଇ ପଞ୍ଚାୟତର ଭୋଟ ଗଣତି ହୋଇଥିଲା। ବରୁଣାଡିହା ପଞ୍ଚାୟତରେ ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ସରପଞ୍ଚ ଓ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ସମିତିସଭ୍ୟ ଭାବେ ଭୋଟର ଜିତାଇଛନ୍ତି। ଏଥିସହ ସଂଗ୍ରାମ ସମିତି କାର୍ଯ୍ୟକର୍ତ୍ତା ପ୍ରତିମା ରାଉତ, ଅନନ୍ତ ଚରଣ ନାୟକ, କଲ୍ୟାଣ ସେଠୀ, ନରହରି ବେହେରା, ହେମନ୍ତ କୁମାର ପାତ୍ର, ଗୀତାଞ୍ଜଳି ନାୟକ, ବାସନ୍ତୀଲତା ସାହୁ, ହେମଲତା ସାହୁ, ଅପର୍ଣ୍ଣା ମହାନ୍ତି, ଅଭିରାମ ବେହେରା, ଅର୍ଚ୍ଚିତା ନାୟକ, ନକୁଳି ମଲିକଙ୍କୁ ୱାର୍ଡସଭ୍ୟ ଭାବେ ନିର୍ବାଚିତ କରିଛନ୍ତି। ସେହିପରି ଭାରିଗଦା ପଞ୍ଚାୟତରେ ଶରତ କୁମାର ରାଉତଙ୍କୁ ସମିତିସଭ୍ୟ ଓ ମୀନା କୁମାରୀଙ୍କୁ ସରପଞ୍ଚ ଭାବେ ଲୋକେ ବାଛିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରଦୀପ କୁମାର ତରାଇ, ପ୍ରତାପ କୁମାର ପାଢ଼ୀ ପ୍ରମୁଖ କହିଛନ୍ତି, ଭଦ୍ରକ ଜିଲାର ନୂଆହାଟଠାରେ ଏକ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ହେଉଛି। ଏହି ପ୍ରକଳ୍ପକୁ ପାଣି ଯୋଗାଣ ପାଇଁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ଓ ଭାରିଗଦା ନିକଟସ୍ଥ ଖରସ୍ରୋତା ନଦୀରୁ ପାଣି ଉଠାଇବାକୁ ଇନ୍‌ଟେକ ୱେଲ୍ ନିର୍ମାଣ କାର୍ଯ୍ୟ କରୁଛି। ତେବେ ସ୍ଥାନୀୟ ଲୋକେ ପ୍ରକଳ୍ପକୁ ଦୀର୍ଘ ଦୁଇବର୍ଷ ହେଲା ବିରୋଧ କରୁଛନ୍ତି। ଏହାସତ୍ତ୍ୱେ ରାଜ୍ୟ ସରକାର ପ୍ରକଳ୍ପ ବନ୍ଦ କରୁନାହାନ୍ତି। ଏହାକୁ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଚଳିତ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରାଯାଇଥିଲା। ଅପରପକ୍ଷେ ପ୍ରକଳ୍ପ ସପକ୍ଷରେ ଜନମତ ଥିବା ଦର୍ଶାଇବା ପାଇଁ ବିଜେଡି ପକ୍ଷରୁ ବହୁ ଉଦ୍ୟମ ହୋଇଥିଲା। ଏପରି କି ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇଲେ ୨ ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନୟନ କାର୍ଯ୍ୟ ପାଇଁ ବ୍ଲାଙ୍କ୍ ଚେକ୍ ପ୍ରଦାନ କରାଯିବ ବୋଲି ପ୍ରଚାର ପ୍ରସାର କରାଯାଇଥିଲା। ଏହାସତ୍ତ୍ୱେ ଦୁଇ ପଞ୍ଚାୟତରେ ପ୍ରକଳ୍ପ ବିରୋଧରେ ଜନମତ ଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ଏ ସମ୍ପର୍କରେ ସଂଗ୍ରାମ ସମିତିର ସଭାପତି ମହାନ୍ତି ଓ କର୍ମକର୍ତ୍ତା ରାଉତ ପ୍ରମୁଖ କହିଛନ୍ତି, ପ୍ରକଳ୍ପ ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ।

## ସମର୍ଥକଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି: ଟିକାଇ

ପଟ୍ଟାଙ୍ଗୀ, ୨୮।୨(ଡି.ଏନ୍.ଏ.)

କୋରାପୁଟ ଜିଲାର ୨୯ ଜିଲା ପରିଷଦ ଆସନ ମଧ୍ୟରୁ ୧୬ ବିଜେଡି ଓ ୧୨ ଆସନ କଂଗ୍ରେସକୁ ମିଳିଛି। ସେହିଭଳି ପଟ୍ଟାଙ୍ଗୀ ବ୍ଲକର ୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଭାବେ ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲ ନିର୍ବାଚିତ ହୋଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ଆସନ ବିଜେଡିର ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। କଂଗ୍ରେସ ଏଠାରେ ବିରୋଧୀ ଦଳଭାବେ କାର୍ଯ୍ୟ କରିବ। ତଥାପି ମଧ ନିଜ ଆସନ ସଂଖ୍ୟା ବଢ଼ାଇବାକୁ ସ୍ୱାଧୀନ ପ୍ରାର୍ଥୀଙ୍କୁ ନିଜ ଦଳକୁ ନେବାକୁ ବିଜେଡି ଓ କଂଗ୍ରେସ ଚେଷ୍ଟା କରିବେ ବୋଲି ଚର୍ଚ୍ଚା ହେଉଛି। ନିର୍ବାଚନ ପୂର୍ବରୁ ଟିକାଇ ଗେମେଲଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। କିନ୍ତୁ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ପ୍ରମୁଖ ତିନି ଦଳର ଜିଲା ମୁଖିଆମାନେ ତରବରିଆ ଭାବେ ନିଷ୍ପତ୍ତି ନେଇ ମମତା ଜାନିଙ୍କୁ ସର୍ବଦଳୀୟ ପ୍ରାର୍ଥୀଭାବେ ଚୟନ କରିଥିଲେ। ତେବେ ସମର୍ଥକଙ୍କ ସହ ଆଲୋଚନା କରି କେଉଁ ଦଳକୁ ସମର୍ଥନ କରିବେ ସେ ନେଇ ନିଷ୍ପତ୍ତି ନେବେ ବୋଲି ଟିକାଇ କହିଛନ୍ତି।

## ନୂଆପଡ଼ା

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଖରିଆର-୨ | ବିଜେଡି | ତନୟା ଶବର | ୯୩୦୪ | ୨୦୦୯ |
| କୋମନା-୨ | ବିଜେଡି | ଅବନୀ ରଞ୍ଜନ ଯୋଶୀ | ୧୩୦୯୦ | ୨୭୨୮ |
| ନୂଆପଡ଼ା-୨ | ବିଜେଡି | ଭାନୁପ୍ରତାପ ସିଂ ମାଝି | ୯୩୫୫ | ୫୬୮ |
| ସିନାପାଲି-୨ | ବିଜେଡି | ଯାଜ୍ଞସେନୀ କଟା | ୧୦୬୩୭ | ୧୩୬୮ |
| ବୋଡେନ୍-୨ | ବିଜେଡି | ସ୍ମୃତିସିଂ ମାଝି | ୯୦୯୩ | ୩୩୯୩ |

## ପୁରୀ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଅସ୍ତରଙ୍ଗ-୨ | ବିଜେଡି | ବନିତା ବେହେରା | ୧୫୫୨୯ | ୬୪୬୫ |
| ବ୍ରହ୍ମଗିରି-୨ | ବିଜେଡି | ସ୍ୱପ୍ନାରାଣୀ ସ୍ୱାଇଁ | ୧୭୮୯୦ | ୪୦୨୮ |
| ଡେଲାଙ୍ଗ-୨ | ବିଜେଡି | ପ୍ରସନ୍ନ କୁମାର ସାହୁ | ୧୦୩୪୯ | ୧୨୯୮ |
| ଗୋପ-୨ | ବିଜେଡି | ପୁଷ୍ପାରାଣୀ ସ୍ୱାଇଁ | ୧୩୮୧୭ | ୪୧୨୪ |
| କଣାସ-୨ | ବିଜେଡି | ଭୀମସେନ ପାଇକରାୟ | ୧୧୨୪୧ | ୨୦୧ |
| କୃଷ୍ଣପ୍ରସାଦ-୨ | ବିଜେଡି | ସନ୍ଦୀପ କୁମାର ଜେନା | ୧୩୯୪୮ | ୧୦୬୯ |
| ନିମାପଡ଼ା-୨ | ବିଜେଡି | ପ୍ରତାପ କୁମାର ଖଟୋଇ | ୧୮୭୫୫ | ୬୭୮୨ |
| ପୁରୀସଦର-୨ | ବିଜେଡି | ମାମିନା ଦାସ | ୧୯୨୪୮ | ୫୨୯୪ |
| ସତ୍ୟବାଦୀ -୨ | ବିଜେପି | ବିଷ୍ଣୁପ୍ରିୟା ବରାଳ | ୧୦୬୮୫ | ୨୪୪ |
| କାକଟପୁର-୨ | ବିଜେଡି | ସଞ୍ଜୁକ୍ତା ଦୀକ୍ଷିତ | ୧୨୮୮୧ | ୬୩୪୧ |
| ପିପିଲି-୨ | ବିଜେଡି | ସୁଶାନ୍ତ କୁମାର ମଲ୍ଲିକ | ୧୭,୩୩୨ | ୪୩୦୩ |

## ରାୟଗଡ଼ା

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବିଷମକଟକ-୨ | ବିଜେଡି | ବିଜୟଶାନ୍ତି କୁମ୍ବ୍ରିକା | ୧୦,୬୮୩ | ୪୧୧୦ |
| ଗୁଣୁପୁର-୨ | କଂଗ୍ରେସ | କୁନି ନିମଲା | ୦୯,୪୭୨ | ୨୮୦୭ |
| କେ.ସିଂହପୁର-୨ | ବିଜେଡି | ବୋମି ଗୌରିଦେବୀ | ୦୮,୯୩୪ | ୨୩୯୨ |
| କାଶୀପୁର-୨ | କଂଗ୍ରେସ | ରଞ୍ଜିତ ନାଏକ | ୧୦,୩୩୨ | ୧୮୬୧ |
| କୋଲନରା-୨ | କଂଗ୍ରେସ | ସୁନୀତା ତାଡ଼ିଙ୍ଗି | ୧୦,୫୭୭ | ୫୦୧୦ |
| ମୁନିଗୁଡ଼ା-୨ | ବିଜେଡି | ମାଧବୀ କନ୍ଧପାଣି | ୧୧,୬୭୦ | ୪୧୬୯ |
| ପଦ୍ମପୁର-୨ | ବିଜେଡି | ରବିନାରାୟଣ ଆଚାର୍ଯ୍ୟ | ୦୭,୩୨୯ | ୨୬୧୬ |
| ରାମନାଗୁଡ଼ା-୨ | ବିଜେଡି | ସୁରେଶ କୁମାର ଗମାଙ୍ଗ | ୦୭,୫୫୮ | ୪୨୪୯ |
| ରାୟଗଡ଼ା-୨ | କଂଗ୍ରେସ | ପଦ୍ମାବତୀ ମାଣ୍ଡାଙ୍ଗୀ | ୧୨,୦୬୫ | ୨୨୮୨ |

## ସମ୍ବଲପୁର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାମରା-୨ | ବିଜେଡି | କୁମୁଦିନୀ ନାୟକ | ୧୪,୨୬୭ | ୭୧୨୯ |
| ଧନକଉଡ଼ା-୨ | ବିଜେଡି | ସୁଦର୍ଶନ ହରିପାଲ | ୦୮,୫୫୧ | ୪୩୬୦ |
| ଜମନକିରା-୨ | ବିଜେଡି | ତନ୍ମୟ ଧୁରୁଆ | ୧୪,୪୮୧ | ୨୧୭୦ |
| ଝୁଝୁମୁରା-୨ | ବିଜେଡି | ମାଧବ ମିର୍ଦ୍ଧା | ୧୧,୮୨୪ | ୪୬୯୦ |
| କୁଚିଣ୍ଡା-୨ | ବିଜେପି | ଦିବ୍ୟରାଜ କିଷାନ | ୧୨,୨୧୫ | ୨୪୧୨ |
| ମାନେଶ୍ୱର-୨ | ବିଜେଡି | ଗୀତାଞ୍ଜଳି ପାଣ୍ଡେ | ୧୦,୯୦୯ | ୩୯୫୨ |
| ନାକଟିଦେଉଳ-୨ | ବିଜେଡି | ଟିକେଶ୍ୱରୀ ମେହେର | ୧୧,୯୧୪ | ୪୯୧୨ |
| ରେଢ଼ାଖୋଲ-୨ | ବିଜେପି | ଶରତ କୁମାର ପ୍ରଧାନ | ୦୮,୭୨୬ | ୧୫୫୫ |
| ରେଙ୍ଗାଲି-୨ | ବିଜେଡି | ଦେନାରାୟଣ ତିୱାରୀ | ୧୪,୫୨୬ | ୮୭୬୦ |

## ସୁବର୍ଣ୍ଣପୁର

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବିନିକା-୨ | ବିଜେଡି | ବଶିଷ୍ଠ ଭରସାଗର | ୧୦,୩୫୬ | ୧୧୫୨ |
| ବିରମହାରାଜପୁର-୨ | ବିଜେଡି | ଚନ୍ଦ୍ରକାନ୍ତୀ ଦନ୍ତା | ୧୩,୦୧୫ | ୧୩୫୫ |
| ଡୁଙ୍ଗୁରିପାଲୀ-୨ | ବିଜେଡି | ମଞ୍ଜୁଶ୍ରୀ ମାଝି | ୧୫,୪୫୪ | ୭୪୨୯ |
| ସୋନପୁର-୨ | ବିଜେଡି | ମଧୁସୂଦନ ଓତା | ୧୬,୦୩୪ | ୮୫୮୨ |
| ତରଭା-୨ | ବିଜେଡି | ଶକୁନ୍ତଳା ପୃଷ୍ଟି | ୧୧,୧୭୨ | ୨୧୩୯ |
| ଉଲୁଣ୍ଡା-୨ | ବିଜେଡି | ଝସକେତନ ବଘାର | ୧୩,୨୨୧ | ୫୬୦୦ |

## ସୁନ୍ଦରଗଡ଼

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ବାଲିଶଙ୍କରା-୨ | ବିଜେଡି | ଜୟନ୍ତୀ ଟପ୍ପୋ | ୧୦,୧୩୧ | ୦୪୫୩ |
| ବଡ଼ଗାଁ-୨ | ବିଜେଡି | ସୋନାଲି ହେସ | ୦୯,୧୩୬ | ୨୯୪୨ |
| ବିଶ୍ରା-୨ | ବିଜେଡି | ଦଶମୀ ମିଞ୍ଜ | ୧୨,୪୯୨ | ୩୦୯୪ |
| ବଣାଇଗଡ଼-୨ | ବିଜେଡି | ରାମଚନ୍ଦ୍ର ସାହୁ | ୦୯,୯୩୨ | ୨୯୧୧ |
| ଗୁରୁଣ୍ଡିଆ-୨ | ବିଜେଡି | କମଲ ଲାକ୍ରା | ୦୬,୫୧୪ | ୦୯୪୧ |
| ହେମଗିର-୨ | ବିଜେଡି | ମହିମା ସେଠ୍ | ୧୫,୧୦୪ | ୭୯୦୩ |
| କୋଇରା-୨ | ବିଜେଡି | ଅଶୋକ କୁମାର ନାଏକ | ୧୦,୬୦୬ | ୪୮୬୦ |
| କୁଆଁରମୁଣ୍ଡା-୨ | ବିଜେଡି | ରାଜେନ୍ଦ୍ର କୁଜୁର୍ | ୧୪,୨୫୩ | ୭୧୬୩ |
| କୁତ୍ରା-୨ | ବିଜେଡି | ଗଙ୍ଗାରାମ ମିଞ୍ଜ | ୦୯,୧୬୯ | ୪୦୩୩ |
| ଲହୁଣିପଡ଼ା-୨ | ବିଜେଡି | ସୁଶୀଳା ନାୟକ | ୧୧,୮୫୫ | ୬୩୫୮ |
| ଲାଠିକଟା-୨ | ବିଜେଡି | ସଞ୍ଜୁକ୍ତା ବିନ୍ଦୁ ବାର୍ଲା | ୦୮,୬୮୯ | ୧୯୬୩ |
| ଲେଫ୍ରିପଡ଼ା-୨ | ବିଜେଡି | ଅଞ୍ଜଳି ଘୋଷ | ୧୭,୦୧୫ | ୯୭୫୦ |
| ନୂଆଗାଁ-୨ | ବିଜେପି | ସଞ୍ଜିତା କିସ୍‌ପୋଟା | ୧୨,୫୬୩ | ୦୮୫୭ |
| ରାଜଗାଙ୍ଗପୁର-୨ | ବିଜେଡି | ଜ୍ୟୋତି କୁଜୁର୍ | ୦୮,୧୯୩ | ୦୩୪୬ |
| ସବ୍‌ଡେଗା-୨ | ବିଜେଡି | ଜନନୀ କେର୍କେଟା | ୧୦,୧୮୫ | ୩୬୯୦ |
| ସୁନ୍ଦରଗଡ଼-୨ | ବିଜେଡି | ମଞ୍ଜୁଲତା ନାଏକ | ୧୧,୭୫୩ | ୫୦୪୦ |
| ଟାଙ୍ଗରପାଲି-୨ | ବିଜେଡି | କୁନ୍ତି ପ୍ରଧାନ | ୧୧,୦୪୯ | ୩୨୮୦ |

# ୨ ଭୋଟରେ ଜିତିଲେ ସରପଞ୍ଚ ପ୍ରାର୍ଥୀ

ସମ୍ବଲପୁର,୨୮।୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ମାତ୍ର ୨ଖଣ୍ଡ ଭୋଟରେ ଜଣେ ସରପଞ୍ଚ ପ୍ରାର୍ଥୀ ବିଜୟ ହେବା ଘଟଣା ଆଲୋଚନାର ବିଷୟ ହୋଇଛି। ଚଳିତ ନିର୍ବାଚନରେ ଝୁଝୁମୁରା ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ପଣ୍ଡା ଝାଙ୍କରପାଲି ପଞ୍ଚାୟତ ଓ ଧନକଉଡ଼ା ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ କଳାମାଟି ପଞ୍ଚାୟତରୁ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ଅନ୍ୟପଟେ ଜିଲା ପରିଷଦ ଅଧ୍ୟକ୍ଷ ଥିବା ରାଧେଶ୍ୟାମ ବାରିକ ଭାଜପା ପ୍ରାର୍ଥୀ ଭାବେ ରେଙ୍ଗାଲି ବ୍ଲକ ଜୋନ୍-୨ରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ହେଲେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଦେଓନାରାୟଣ ତିୱାରୀଙ୍କଠାରୁ ଶୋଚନୀୟ ଭାବେ ପରାଜିତ ହୋଇଛନ୍ତି। ଏଠାରେ ବିଜେଡି ପ୍ରାର୍ଥୀ ତିୱାରୀ ୮୭୬୬ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ଏହାକୁ ନେଇ ସହରରେ ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଝାଙ୍କରପାଲି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ବ୍ଲକ ଉପାଧ୍ୟକ୍ଷ ପଣ୍ଡା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଯତୀନ୍ ବାରିକଙ୍କଠାରୁ ମାତ୍ର ୨ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ପଣ୍ଡା ଯତୀନଙ୍କଠାରୁ ବହୁ ପଛରେ ଥାଇ ଶେଷ ରାଉଣ୍ଡରେ ରୋମାଞ୍ଚକର ବିଜୟ ହାସଲ କରିଛନ୍ତି। ସେହିପରି ବ୍ଲକ ଉପାଧ୍ୟକ୍ଷା ସାହୁ କଳାମାଟି ପଞ୍ଚାୟତର ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୁନି ମିଶ୍ରଙ୍କଠାରୁ ଅଧିକ ୧୨୬୪ ଭୋଟ ପାଇଛନ୍ତି। ଅନ୍ୟପଟେ ଝାଙ୍କରପାଲି ପଞ୍ଚାୟତର ପରାଜିତ ପ୍ରାର୍ଥୀ ବାରିକ ପୁନଃ ଗଣତି ପାଇଁ ଜିଲା ପ୍ରଶାସନ ଓ ଝୁଝୁମୁରା ବ୍ଲକ ବିଡିଓ ସୁରଜ ବିଶ୍ୱାଳଙ୍କୁ ଅନୁରୋଧ କରିଛନ୍ତି।

# ଧର୍ମଗୁଳାରେ ବିଜୟୀ

ରାଜନଗର, ୨୮।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତର ୧୪ ନଂ. ୱାର୍ଡ ବାଲିକଣା ଗାଁରେ ୱାର୍ଡ ସଭ୍ୟା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁମିତ୍ରା ସାମଲ ଓ ସଂଯୁକ୍ତା ନାୟକ ଉଭୟ ୧୩୧ ଖଣ୍ଡ ଲେଖାଏ ଭୋଟ ପାଇଥିଲେ। ଧର୍ମଗୁଳାରେ ନିଷ୍ପତ୍ତି ନିଆଯିବ ବୋଲି ରାଜନଗର ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ କହିଥିଲେ। ପରେ ବ୍ଲକ ନିର୍ବାଚନ ଅଧିକାରୀ ପ୍ରଧାନ, ରାଜନଗର ଆଇଆଇସି ତପନ କୁମାର ନାୟକ ଓ ସେହି ପଞ୍ଚାୟତର ଉଭୟ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଧର୍ମଗୁଳା ପଡିଥିଲା। ଏଥିରେ ସୁମିତ୍ରା ସାମଲ ବିଜୟୀ ହୋଇ ହୋଇଛନ୍ତି।

**ସଞ୍ଜୟ ପାଣ୍ଡେ ହେଲେ ମୁମ୍ବାଇ ପୋଲିସ କମିଶନର**

ମହାରାଷ୍ଟ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ ପାଣ୍ଡେଙ୍କୁ ମୁମ୍ବାଇର ନୂଆ ପୋଲିସ କମିଶନର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ହେମନ୍ତ ନଗ୍ରଲେଙ୍କ ସ୍ଥାନରେ ସଞ୍ଜୟ ପୋଲିସ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନଗ୍ରଲେଙ୍କୁ ମହାରାଷ୍ଟ୍ର ରାଜ୍ୟ ସୁରକ୍ଷା ସହଯୋଗର ପରିଚାଳନା ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ବର୍ଷକରୁ କମ୍ ସମୟ ମଧ୍ୟରେ ମୁମ୍ବାଇ ପୋଲିସ କମିଶନର ୩ ଥର ବଦଳିଲେଣି।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ଅବଧି ବଢ଼ିଲା

**ନୂଆଦିଲ୍ଲୀ,୨୮।୨:** ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ଅବଧିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସୋମବାର ଏନେଇ ସର୍କୁଲାର ଜାରି ହୋଇଛି। କରୋନା ମହାମାରୀ ଆରମ୍ଭହେବା ପରେ ୨୦୨୦ ମାର୍ଚ୍ଚ ୨୩ରୁ ଭାରତ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରଖିଥିଲା। ୨୦୨୦ ଜୁଲାଇରୁ ଭାରତ ଓ ୪୫ଟି ଦେଶ ମଧ୍ୟରେ ସ୍ୱତନ୍ତ୍ର ଯାତ୍ରୀବାହୀ ବିମାନ ଚଳାଚଳ କରୁଛି। ଗତ ଜାନୁୟାରୀ ୧୯ରେ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦକୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ଏହି ସମୟସୀମାକୁ ପୁନର୍ବାର ବୃଦ୍ଧି କରାଯାଇଛି। ତେବେ କାର୍ଗୋ ବିମାନ ଏବଂ ଡିଜିସିଏ ଦ୍ୱାରା ସ୍ୱତନ୍ତ୍ର ଭାବେ ଅନୁମୋଦିତ ବିମାନ ଚଳାଚଳରେ କୌଣସି କଟକଣା ଲାଗୁ ହେବନାହିଁ ବୋଲି ସର୍କୁଲାରରେ କୁହାଯାଇଛି।

### କେସିଆର୍‌ଙ୍କ ପାଇଁ କାମ କରିବେ ପ୍ରଶାନ୍ତ କିଶୋର

**ତେଲଙ୍ଗାନା,୨୮।୨:** ଆସନ୍ତା ବର୍ଷ ଡିସେମ୍ବରରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ବିରୋଧରେ ମେଣ୍ଟ ଗଠନ ଲାଗି ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଉଦ୍ୟମ ଚଳାଇଛନ୍ତି। ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ରାଜନୈତିକ ପରାମର୍ଶଦାତା ଟିମ୍ ଆଇପିଏସି କେସିଆରଙ୍କ ପାଇଁ କାର୍ଯ୍ୟ କରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ଆନୁଷ୍ଠାନିକ ଭାବେ ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାପଡ଼ିଛି। ହାଇଦ୍ରାବାଦ ଉପକଣ୍ଠରେ ଥିବା ଫାର୍ମ ହାଉସ୍‌ରେ ପ୍ରଶାନ୍ତ କିଶୋର କେସିଆର୍‌ଙ୍କୁ ଭେଟିବା ପରେ ସେ ଟିଆର୍‌ଏସ୍ ପାଇଁ କାର୍ଯ୍ୟ କରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତାମିଲନାଡୁରେ ଡିଏମ୍‌କେର ନିର୍ବାଚନ ପ୍ରଚାରକୁ ସଫଳ କରାଇବାରେ ପ୍ରଶାନ୍ତଙ୍କର ମୁଖ୍ୟ ଭୂମିକା ଥିଲା। ପୂର୍ବରୁ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ପାଇଁ ସେ କାର୍ଯ୍ୟ କରିଥିଲେ।

**ଭୟାବହ ହେବ ଜଳବାୟୁ ପରିବର୍ତ୍ତନର ପ୍ରଭାବ**

# ୩୬୦ କୋଟି ଅସୁରକ୍ଷିତ

**ଆଇପିସିସି ରିପୋର୍ଟ**

**ନୂଆଦିଲ୍ଲୀ,୨୮।୨**



ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଭୟାବହ ହେବ। ଏହା ଯେତିକି ପ୍ରଭାବ ପକାଇବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା, ତାହା ତୁଳନାରେ ଯଥେଷ୍ଟ ଅଧିକ ବିପର୍ଯ୍ୟୟ ସୃଷ୍ଟି କରିବ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃସରକାରୀ କମିଟି (ଆଇପିସିସି) ପକ୍ଷରୁ ଏଭଳି ଆକଳନ କରାଯାଇଛି। ଜାତିସଂଘ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ଉକ୍ତ ରିପୋର୍ଟ ଅନୁଯାୟୀ ଜଳବାୟୁ ପରିବର୍ତ୍ତନର ବ୍ୟାପକ ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିବ। ୩୬୦ କୋଟି ଲୋକ ଅଧିକ ଅସୁରକ୍ଷିତ ବୋଲି ରିପୋର୍ଟରେ କୁହାଯାଇଛି। ମନୁଷ୍ୟକୃତ କାର୍ଯ୍ୟ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଏଥିପାଇଁ ବିପଜ୍ଜନକ ସ୍ଥିତି ସୃଷ୍ଟି ହେବା ସହ ପ୍ରକୃତିରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ରିପୋର୍ଟରେ କୁହାଯାଇଛି।

ଆଇପିସିସି ହେଉଛି ବୈଜ୍ଞାନିକମାନଙ୍କର ଏକ ବିଶ୍ୱ ସଂଗଠନ ଯାହା ସମୟାନ୍ତରରେ ଜଳବାୟୁ ବିଜ୍ଞାନର ସମୀକ୍ଷା କରିଥାଏ। ଗତବର୍ଷ ଅଗଷ୍ଟରେ ଜଳବାୟୁ ପରିବର୍ତ୍ତନ ଉପରେ ଏହାର ରିପୋର୍ଟର ପ୍ରଥମ ଭାଗ ପ୍ରକାଶ ପାଇଥିଲା। ୨୦୪୦ ପୂର୍ବରୁ ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ ବୋଲି ଏଥିରେ ସତର୍କ କରିଦିଆଯାଇଥିଲା। ସୋମବାର ପ୍ରକାଶିତ ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ବିପଦ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଉତ୍ତାପ ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ଲାଗି ପର୍ଯ୍ୟାପ୍ତ ପଦକ୍ଷେପ ନିଆଗଲେ ମଧ୍ୟ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱର ବିଭିନ୍ନ ଭାଗରେ ଅନେକ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ପୂର୍ବ ରିପୋର୍ଟରେ ସତର୍କ କରିଦିଆଯାଇଥିଲା। ଯଦି ସାମୟିକ ଭାବେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ବଢ଼ିଯାଏ, ତେବେ ଏହାର ଅତିରିକ୍ତ ଗୁରୁତର ପ୍ରଭାବ ପଡ଼ିବ। ସେଥିରୁ କେତେକ ଅପରିବର୍ତ୍ତନୀୟ ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ସମାଜ ପାଇଁ ବିପଦ ବଢ଼ିବା ସହ ଭିତ୍ତିଭୂମି ଏବଂ ନିମ୍ନ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ଅସୁରକ୍ଷିତ ବୋଲି ଆଇପିସିସି ରିପୋର୍ଟରେ ଦର୍ଶାଯାଇଛି। ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ପଦକ୍ଷେପ ନ ନେବାର ପରିଣାମ ସମ୍ପର୍କରେ ରିପୋର୍ଟରେ ସତର୍କ କରିଦିଆଯାଇଥିବା ଆଇପିସିସି ଅଧ୍ୟକ୍ଷ ହୁଏସୁଙ୍ଗ୍ ଲି କହିଛନ୍ତି।

**ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ**

### ୭ ଜଣଙ୍କ ନାଁରେ ମାମଲା

**ପ୍ରୟାଗରାଜ,୨୮।୨(ପି.ଟି.)**

ଉତ୍ତରପ୍ରଦେଶର ହାଣ୍ଡିଆ ନିର୍ବାଚନ ମଣ୍ଡଳୀରେ ଏକ ସାଧାରଣ ସଭା ଚାଲିଥିବା ବେଳେ 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେଇଥିବା ୭ ଜଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସମାଜବାଦୀ ପାର୍ଟି ପକ୍ଷରୁ ଏହି ସଭା କରାଯାଇଥିଲା ବୋଲି ପୋଲିସ ପ୍ରାଥମିକ ଅନୁଧ୍ୟାନରୁ ଜାଣିବାକୁ ପାଇଛି। ତେବେ ଭିଡିଓରେ ଦଳୀୟ ପ୍ରାର୍ଥୀ ଦେଖାଯାଉ ନାହାନ୍ତି। ସ୍ଲୋଗାନ ଦେଇଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲେ ହେଁ, ରବିବାର ମତଦାନ ଚାଲିଥିବାରୁ ସେମାନଙ୍କୁ ଗିରଫ କରାଯାଇ ନ ଥିଲା। ଖୁବ୍‌ଶୀଘ୍ର ସେମାନେ ଗିରଫ ହେବେ ବୋଲି ହାଣ୍ଡିଆ ସର୍କଲ ଅଫିସର ଭୀମକୁମାର ଗୌତମ କହିଛନ୍ତି। ନିର୍ବାଚନକୁ ହିନ୍ଦୁ ବନାମ ମୁସଲମାନ କରିବା ଲାଗି ଭାଜପା ଲୋକଙ୍କ ଦ୍ୱାରା ଏଭଳି ଭିଡିଓ ପ୍ରସ୍ତୁତ କରାଯାଇଥିବା ଉକ୍ତ ଆସନର ଏସ୍‌ପି ପ୍ରାର୍ଥୀ ହାକିମ ଲାଲ୍ ବିନ୍ଦ୍ କହିଛନ୍ତି।

# ମଣିପୁରରେ ୭୮% ମତଦାନ

**ଇମ୍ଫାଲ,୨୮।୨(ପି.ଟି.)**

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

- ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ
- ନିଜ ବନ୍ଧୁକରୁ ଗୁଳି ଫୁଟି ପୋଲିସ କର୍ମଚାରୀଙ୍କ ମୃତ୍ୟୁ



ମଣିପୁର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ସୋମବାର ୩୮ ଆସନରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟା ସୁଦ୍ଧା ସେଠାରେ ୭୮.୦୩ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ପର୍ଯ୍ୟାୟରେ ୧୨.୦୯ ଲକ୍ଷ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ମତଦାନ ବେଳେ କେତେକ ସ୍ଥାନରେ ହିଂସା ଦେଖାଯାଇଥିଲା। ଚୁରାଚାନ୍ଦପୁର ଜିଲାର ତିପାଇମୁଖ ନିର୍ବାଚନ ମଣ୍ଡଳୀରେ ପୋଲିଂ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ନାଓରେମ୍ ଇବୋଚୌବାଙ୍କ ସର୍ଭିସ୍ ରାଇଫଲ୍‌ରୁ ଅକସ୍ମାତ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ରାଜେଶ ଅଗ୍ରୱାଲ କହିଛନ୍ତି।

ଚୁରାଚାନ୍ଦପୁର ଜିଲାରେ ଦୁଇ ଦଳ ମଧ୍ୟରେ ସଂଘର୍ଷରୁ ଜଣେ ଆହତ ହୋଇଥିବାବେଳେ ଦୁର୍ବୃତ୍ତମାନେ ଇଭିଏମ୍ ଭାଙ୍ଗିଦେଇଥିଲେ। ସେହିପରି ଇମ୍ଫାଲ ପଶ୍ଚିମ ଜିଲାର କକ୍‌ୱା ଅଞ୍ଚଳରେ ଏକ ପୋଲିଂ ବୁଥ୍‌କୁ କଂଗ୍ରେସ କର୍ମୀ ଭଙ୍ଗାରୁଜା କରିଛନ୍ତି। ଏନ୍‌ପିପି ପ୍ରାର୍ଥୀଙ୍କ ଏକ ଗାଡ଼ିକୁ ବିରୋଧୀ ଗୋଷ୍ଠୀର ସମର୍ଥକମାନେ ଭାଙ୍ଗିଦେଇଛନ୍ତି। କଙ୍ଗ ପୋକ୍‌ପି ଜିଲାର ଏକ ବୁଥ୍‌କୁ ଭାଜପା ଦଖଲ କରିଥିବା କଂଗ୍ରେସ ଅଭିଯୋଗ କରିବା ପରେ ଏହାକୁ ନେଇ ଉତ୍ତେଜନା ଦେଖାଯାଇଥିଲା। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ପାଇଁ ସୁରକ୍ଷା ବଳ ଫାଙ୍କା ଗୁଳିଚାଳନା କରିଥିଲା। ୫ ଜିଲାର ୧,୭୨୧ ବୁଥ୍‌ରେ ସକାଳ ୭ରୁ ମତଦାନ ଆରମ୍ଭ ହୋଇଥିଲା। ଏହି ପର୍ଯ୍ୟାୟରେ ୧୫ ମହିଳାଙ୍କ ସମେତ ମୋଟ ୧୭୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ସୋନିଆ, ରାହୁଲଙ୍କୁ ନୋଟିସ

**ନୂଆଦିଲ୍ଲୀ,୨୮।୨**

**ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା**



ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲାରେ ଦିଲ୍ଲୀ ହାଇକୋର୍ଟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଏଏପି ନେତା ମନିଷ ସିସୋଡିଆ ଏବଂ ଅମନତୁଲ୍ଲା ଖାନ୍‌ଙ୍କୁ ସୋମବାର ନୋଟିସ ଜାରି କରିଛନ୍ତି। ୨୦୨୦ର ଏହି ଦଙ୍ଗା ପୂର୍ବରୁ ଉପରୋକ୍ତ ନେତାମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବା ଅଭିଯୋଗ ହୋଇଥିଲା। ସେମାନଙ୍କୁ ମାମଲାରେ ପକ୍ଷଭାବେ ସାମିଲ କରିବା ସହ ସେମାନଙ୍କ ବିରୋଧରେ ଏତଲା ଦାଏର ପାଇଁ ହାଇକୋର୍ଟରେ ରିଟ୍ ପିଟିଶନ ଦାଏର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଆଇଏମ୍‌ଆଇଏମ୍ ନେତା ୱାରିସ୍ ପଠାନ, ଆକବରୁଦ୍ଦିନ ଓୱାଇସି, ମେହମୁଦ୍ ପ୍ରାଚା, ହର୍ଷ ମନ୍ଦର ଏବଂ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କୁ ମଧ୍ୟ ନୋଟିସ ଜାରି ହୋଇଛି। ରିଟ୍ ପିଟିଶନରେ ସେମାନଙ୍କୁ କାହିଁକି ପକ୍ଷଭୁକ୍ତ କରା ନ ଯିବ, ସ୍ପଷ୍ଟୀକରଣ ଦେବାକୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ଏକ ପିଟିଶନ ଆଧାରରେ ଭାଜପା ନେତା କପିଲ ମିଶ୍ରା, ଅନୁରାଗ ଠାକୁର, ପର୍ଭେଶ ବର୍ମା ଏବଂ ଅଭୟ ବର୍ମାଙ୍କୁ ମଧ୍ୟ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୨୩ରେ ଆରମ୍ଭ ହୋଇଥିବା ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗାରେ ୫୩ ଜଣଙ୍କ ମୃତ୍ୟୁ ହେବା ସହ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା।

## ରାଜ୍ୟ ଖବର

# ଭାଜପାର ନୈରାଶ୍ୟଜନକ ଫଳକୁ ନେଇ ପ୍ରଶ୍ନ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**



ରାଜ୍ୟରେ ୫ଟି ପର୍ଯ୍ୟାୟରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗତ ୨୪ ତାରିଖରୁ ଶେଷ ହୋଇସାରିଥିବା ବେଳେ ସୋମବାର ସୁଦ୍ଧା ୩ ପର୍ଯ୍ୟାୟ ଭୋଟ ଗଣତି ସରିଛି। ଦୁଇ ପର୍ଯ୍ୟାୟର ଗଣତି ପରେ ଫଳାଫଳ ଏକ ପ୍ରକାର ସ୍ପଷ୍ଟ ହୋଇସାରିଛି। ଅନ୍ୟପଟେ ତୃତୀୟ ପର୍ଯ୍ୟାୟର ସମ୍ପୂର୍ଣ୍ଣ ଫଳ ଆସିବାକୁ ବାକି ରହିଛି। ହେଲେ ଭୋଟ ଗଣତି ଏବଂ ଫଳାଫଳ ପ୍ରକାଶରୁ ଗୋଟିଏ କଥା ଦେଖିବାକୁ ମିଳିଛି ଭାଜପା ଏବଂ କଂଗ୍ରେସ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଯାଇଛନ୍ତି। ଭାଜପାକୁ ନେଇ ଯେଉଁ କଳ୍ପନାଜଳ୍ପନା କରାଯାଉଥିବା ତାହା ସମ୍ପୂର୍ଣ୍ଣ ଫେଲ୍ ହୋଇଯାଇଛି। ଶୋଚନୀୟ ଭାବେ ପଞ୍ଚାୟତ ନିର୍ବାଚନରେ ଭାଜପା ହାରିବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ଆସିଥିବା ରିପୋର୍ଟ ମୁତାବକ ପ୍ରଥମ ଦୁଇଟି ପର୍ଯ୍ୟାୟ ଫଳାଫଳ ଅନୁଯାୟୀ, ରାଜ୍ୟର ୬୨୦ ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡି ୫୫୨ଟିରେ ବିଜୟୀ ହୋଇସାରିଥିବା ବେଳେ ଭାଜପା ୩୧, କଂଗ୍ରେସ ୩୦, ସ୍ୱାଧୀନ ଏବଂ ଅନ୍ୟାନ୍ୟ ଦଳ ୭ ଆସନରେ ବିଜୟୀ ହୋଇଛି। ବର୍ତ୍ତମାନ ଚାଲିଥିବା ୨୩୧ ଆସନ ମଧ୍ୟରୁ ବିଜେଡି ୨୧୦ ଆସନରେ ଆଗୁଆ ଥିବା ବେଳେ ଭାଜପା ୧୫ ଏବଂ କଂଗ୍ରେସ ୬ଟି ଆସନରେ ଆଗୁଆ ଅଛନ୍ତି। ଅର୍ଥାତ୍ ଏହି ଫଳାଫଳ ଅନୁଯାୟୀ ଯଦି ଦେଖାଯାଏ ରାଜ୍ୟରେ ଏକପାଖିଆ ଭାବେ ବିଜେଡି ସବୁ ଦଳକୁ ମାତ୍ ଦେଇ ନିଜ ଶକ୍ତିର ପ୍ରମାଣ ଦେଇଛି। ତେବେ ଗତଥର ରାଜ୍ୟରେ ୨୯୭ ଆସନରେ ବିଜୟୀ ହୋଇଥିବା ଭାଜପା ଏତେ ତଳକୁ କିପରି ଚାଲିଗଲା ଏବଂ ଏହାର କାରଣ କ'ଣ ବୋଲି ସବୁଆଡ଼େ ଚର୍ଚ୍ଚା ଲାଗି ରହିଛି। ଭାଜପାର ବରିଷ୍ଠ ନେତାମାନେ ମଧ୍ୟ ଏଭଳି ଫଳାଫଳକୁ ଦେଖି ନୀରବିଯିବା ସାଙ୍ଗକୁ ଦଳର ରଣନୀତି ତ୍ରୁଟି ବିଷୟରେ ବଖାଣିଛନ୍ତି। ତେବେ ରାଜ୍ୟବାସୀ ଭାଜପା ପ୍ରାର୍ଥୀଙ୍କ ଉପରେ କାହିଁକି ବିଶ୍ୱାସ କରିପାରିଲେନାହିଁ ତାହା ମଧ୍ୟ ସବୁଠୁ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ବରିଷ୍ଠ ନେତା ତଥା ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଅନେକ ରଣନୀତି କରି ଯେଉଁ କାର୍ଯ୍ୟ କରିବା କଥା ସେଇଟା ଦଳ ତରଫରୁ ଅଭାବ ରହିଲା। ଫ୍ଲୋର ମ୍ୟାନେଜମେଣ୍ଟର ଅଭାବ ମଧ୍ୟ ରହିଲା। ଆକ୍ରମଣାତ୍ମକ ରଣନୀତିରେ ଅଭାବ ରହିଲା ଭଳି ଲାଗୁଛି ବୋଲି ଜୟନାରାୟଣ କହିଛନ୍ତି।

ରାଜନୈତିକ ମହଲରେ ଚାଲିଥିବା ଆଲୋଚନା ମୁତାବକ, ଗତଥର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଓଡ଼ିଶାର ସାଙ୍ଗଠନିକ ଦାୟିତ୍ୱ ମିଳିଥିବା ମନକୁ ଜଣାପଡ଼ିଯାଉଥିଲା। ଧର୍ମେନ୍ଦ୍ର ବି ଅନେକ ସମୟରେ ଓଡ଼ିଶା ଆସି ଦଳର କାର୍ଯ୍ୟକ୍ରମ ଏବଂ ଶାସକ ଦଳ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଥିଲେ। ହେଲେ କିଛିଦିନ ହେବ ଧର୍ମେନ୍ଦ୍ର ଉତ୍ତର ପ୍ରଦେଶ ଦାୟିତ୍ୱ ନେବାପରେ ସେଭଳି ଆଉ କୌଣସି ଭାଜପା ନେତା ସେତେଟା କାର୍ଯ୍ୟକ୍ରମ କରି ଦେଖାଇ ପାରିନାହାନ୍ତି। ସେହିପରି ପଞ୍ଚାୟତ ନିର୍ବାଚନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଶଂସା କରିବା, ନିର୍ବାଚନ ପ୍ରଚାରରେ କୌଣସି କେନ୍ଦ୍ରୀୟ ନେତା କିମ୍ବା ଭାଜପାର ପ୍ରଭାବୀ ନେତାଙ୍କ ଦେଖା ନ ମିଳିବା ଭଳି ଅନେକ ଭିନ୍ନଭିନ୍ନ ଘଟଣା ନଜରକୁ ଆସିଛି। ତେଣୁ ଏଥର ପଞ୍ଚାୟତ ନିର୍ବାଚନ ଦଳ କାହା ନେତୃତ୍ୱରେ ଲଢୁଥିଲା ବୋଲି ବହୁ ନେତା ପ୍ରଶ୍ନ ଉଠାଉଛନ୍ତି। ଅନ୍ୟପଟେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭଲ ଫଳାଫଳ ଏବଂ ୨୦୧୯ ନିର୍ବାଚନରେ ମଧ୍ୟ ଦଳର ସଫଳତା ପରେ ଭାଜପା ଆଗକୁ ଆହୁରି ଭଲ କରିପାରେ ବୋଲି ଆଶା କରାଯାଉଥିଲା। ଉପରୋକ୍ତ ସଫଳତା ଯୋଗୁ ରାଜ୍ୟରେ ଭାଜପା ପ୍ରମୁଖ ବିରୋଧୀ ଦଳ ମାନ୍ୟତା ପାଇବାକୁ ସକ୍ଷମ ହେଲା। ହେଲେ ବର୍ତ୍ତମାନ ସ୍ଥିତିରେ କଂଗ୍ରେସ ଫଳାଫଳ ସହ ସମାନ ହୋଇଯାଇଛି ଭାଜପା। ଗତ ପଞ୍ଚାୟତ ନିର୍ବାଚନରେ ମାଲକାନଗିରି, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର, ଦେବଗଡ ଓ ମୟୂରଭଞ୍ଜରେ ଭାଜପା ଜିଲା ପରିଷଦ ଗଠନ କରିଥିଲା। ଏଥର ଜିଲା ପରିଷଦ ଗଠନ ଦୂରର କଥା କୌଣସି ଗୋଟିଏ ଜିଲାରେ ମଧ୍ୟ ଭାଜପା ଦୁଇଟି ଆସନ ହାତେଇ ପାରିନାହିଁ।

ଭାଜପା ଏମ୍‌ପି ତଥା ବରିଷ୍ଠ ନେତା ସୁରେଶ ପୂଜାରୀ କହିଛନ୍ତି, ଓଡ଼ିଶାରେ ଅସଫଳତାର କାରଣ ଖୋଜି ବାହାର କରିବୁ। ରାଜ୍ୟ ନେତୃତ୍ୱ ତୁରନ୍ତ ଏ ବାବଦରେ ଚିନ୍ତା କରନ୍ତୁ। ବୁଥ୍ ୱାରି ସାରା ରାଜ୍ୟର ରେକର୍ଡ ମିଳିବା ପରେ ପଞ୍ଚାୟତ ୱାରି ତଥ୍ୟ କାଢୁଛୁ। ଏହାପରେ ଭାଜପା ରାଜ୍ୟସ୍ତରୀୟ ବିଫଳତାର ସମୀକ୍ଷା କରିବ। ରାଜ୍ୟ ସରକାରଙ୍କ ଯେଉଁ ବିଫଳତା ତାକୁ ସଫଳତାର ସହ ଲୋକଙ୍କ ପାଖରେ ପହଞ୍ଚିବାରେ ବିଫଳ ହେଲୁ। ଏତେ ବଡ ପରାଜୟର ଅର୍ଥ ଦଳର ଯେଉଁ ରଣନୀତି ଥିଲା ଅନେକ ପ୍ରସଙ୍ଗ ଉଠାଉଥିଲୁ ହେଲେ ତାହା ଶେଷ ପର୍ଯ୍ୟନ୍ତ ନେବାରେ କେବେ ମଧ୍ୟ ସଫଳ ହେଲୁନାହୁଁ। ଠିକ୍ ପ୍ରସଙ୍ଗ ଉଠାଇ ତାହା ଠିକ୍ ଢଙ୍ଗରେ ଶେଷ ସୋପାନ ପର୍ଯ୍ୟନ୍ତ ନେବାର ଆବଶ୍ୟକତା ରହିଛି ବୋଲି ପୂଜାରୀ କହିଛନ୍ତି। ବରିଷ୍ଠ ନେତା ଧୀର ଖାରବେଳ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଳି କିମ୍ବା ତାଙ୍କଠାରୁ ଅଧିକ ଭଲ ଭାବମୂର୍ତ୍ତି ଥିବା ନେତା ଅନ୍ୟ ଦଳ ତିଆରି କରିପାରି ନାହାନ୍ତି। ଯଦି ତାହା କରିଦେବେ ତେବେ ନିଶ୍ଚୟ ଦଳ ଜିତିଯିବ। ଅନ୍ୟ ଦଳର ଦୁର୍ବଳତାରୁ ବିଜେଡି ଏଭଳି ସଫଳତା ପାଉଥିବା ଖାରବେଳ କହିଛନ୍ତି।

### ଟେକା ମାଡ଼ ସହ ଫୁଟିଲା ଗୁଳି : ୬ ଗୁରୁତର





ଆହତ ବ୍ୟକ୍ତି

**ବୌଦ୍ଧ/କନ୍ଧମାଳ /ବାଉଁଶୁଣୀ, ୨୮।୨ (ସ୍ୱ.ପ୍ର./ଡି.ଏନ.ଏ.)**

**ନିର୍ବାଚନ ପରବର୍ତ୍ତୀ ହିଂସା**

ବୌଦ୍ଧ ଜିଲା ମନମୁଣ୍ଡା ଥାନାର ଦହ୍ୟାଠାରେ ସୋମବାର ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି । ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜି ଗୁଳିମାଡ଼ ହୋଇଛି । ଏଥିରେ ଉଭୟ ପକ୍ଷର ୬ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ, ଅପରାହ୍ନରେ ଦହ୍ୟା ପଞ୍ଚାୟତର ବିଜୟୀ ସରପଞ୍ଚ ପ୍ରାର୍ଥୀ ଓ ସମର୍ଥକଙ୍କ ପକ୍ଷରୁ ହଦ୍ୟା ହାଟପଦା ଛକଠାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା । ଏହାପରେ କୌଣସି କାରଣକୁ ନେଇ ବିଜୟୀ ସରପଞ୍ଚ ଓ ପରାଜିତ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ, ଘଟଣାସ୍ଥଳରେ ଗୁଳିମାଡ଼ ହୋଇଥିଲା । ଏହାଛଡା ଉଭୟ ପକ୍ଷ ପରସ୍ପରକୁ ଟେକାପଥର ମାଡ କରିଥିଲେ । ଗୁଳିମାଡ଼ରେ ଆହତ ୬ ଜଣଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଗଣ୍ଡଗୋଳ ଯୋଗୁ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ଠପ୍ ହୋଇଯାଇଥିଲା । ଖବର ପାଇ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ, ମନମୁଣ୍ଡା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଓ ପୋଲିସ ଫୋର୍ସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି । ପ୍ରକାଶ ଥାଉ କି ପଞ୍ଚାୟତ ନିର୍ବାଚନ ପୂର୍ବରୁ କନ୍ଧମାଳ ନିର୍ବାଚନମଣ୍ଡଳୀର ବହୁ ସ୍ଥାନରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଥିଲା । ରକ୍ସା (ଦହ୍ୟା) ପଞ୍ଚାୟତର ଚଉଁରିଆପଦର ଠାରେ ମତଦାନ ବେଳେ ବୁଥ୍ ଜବରଦଖଲ ହୋଇଥିବାରୁ ଗତ ୨୩ ତାରିଖରେ ସେଠାରେ କଡ଼ା ସୁରକ୍ଷା ମଧ୍ୟରେ ସାନି ମତଦାନ ହୋଇଥିଲା ।

### ଧର୍ମଗୁଳାରେ ଜିତିଲେ ସରପଞ୍ଚ

**ଆଠଗଡ଼,୨୮।୨(ସ୍ୱ.ପ୍ର.)**

ଆଠଗଡ଼ ଧାଇପୁର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ମୀନାକ୍ଷୀ ସାହୁ ଧର୍ମଗୁଳା ଜରିଆରେ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ରଶାନ୍ତ ସାହୁ ଥିଲେ। ଭୋଟ ଗଣତି ଶେଷବେଳକୁ ଉଭୟଙ୍କୁ ୮୧୯ଟି ଲେଖାଏ ଭୋଟ୍ ମିଳିଥିଲା। ଏନେଇ ଧର୍ମଗୁଳା ମାଧ୍ୟମରେ ଫଳାଫଳ ନିର୍ଣ୍ଣୟ କରିବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ଉଭୟ ପ୍ରାର୍ଥୀଙ୍କ ସମେତ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ ବିଭିନ୍ନ ପଦାଧିକାରୀଙ୍କ ଉପସ୍ଥିତିରେ ଲଟେରି ହୋଇଥିଲା।

### ସମୟାନୁବର୍ତ୍ତୀ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଉ

**କଟକ ଅଫିସ,୨୮।୨**

- ଆର୍‌ଡିସି ଗୋପବନ୍ଧୁ ଶତପଥୀ, ଅତିରିକ୍ତ ସଚିବ ରାଜ କିଶୋର ଶାସ୍ତ୍ରୀଙ୍କ ଅବସର ଗ୍ରହଣ
- ଷ୍ଟାଫ୍ କମିଟି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଗୋପବନ୍ଧୁ ଶତପଥୀ ସୋମବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେହିପରି ଆର୍‌ଡିସିଙ୍କ ଅତିରିକ୍ତ ସଚିବ ରାଜକିଶୋର ଶାସ୍ତ୍ରୀ ମଧ୍ୟ ଅବସର ନେଇଛନ୍ତି। ଏହି ଅବସରରେ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଶତପଥୀ ଏବଂ ଅତିରିକ୍ତ ସଚିବ ଶାସ୍ତ୍ରୀଙ୍କୁ ଷ୍ଟାଫ୍ କମିଟି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆର୍‌ଡିସି ଶତପଥୀ ସାଧାରଣ ଜନତାଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ସହ ସରକାରୀ ସେବା ପ୍ରଦାନରେ ପ୍ରାଥମିକତା ଦେବାକୁ ଅଧିକାରୀ ଓ କର୍ମଚାରୀମାନଙ୍କୁ କହିଥିଲେ। ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ସେବା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆର୍‌ଡିସି ଭାବେ ସ୍ୱଳ୍ପ ସମୟ ଆତ୍ମୀୟତାପୂର୍ଣ୍ଣ ଓ ସହଯୋଗୀମୂଳକ ଥିଲା ବୋଲି ସେ କହିଥିଲେ। ସେହିପରି ଅତିରିକ୍ତ ସଚିବ ଶାସ୍ତ୍ରୀ କହିଥିଲେ, ଆତ୍ମା, ଚିନ୍ତା ଓ ଚେତନାରେ ନିର୍ମଳ ରହିଲେ ସମସ୍ତ କର୍ମଚାରୀ ସଫଳତା ପାଇବେ। ପଦପଦବୀ କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ। ଏଣୁ କିଛି ଭଲ କାମ କରିପାରିଲେ ଆତ୍ମସନ୍ତୋଷ ଲାଭ କରିହେବ ବୋଲି ସେ ପ୍ରକାଶ କରିଥିଲେ। ଆର୍‌ଡିସିଙ୍କ କାର୍ଯ୍ୟାଳୟର ଷ୍ଟାଫ୍ କମିଟି ସଭାପତି ବିଦେଶୀ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ହୃଷିକେଶ ଘଡ଼ାଇ, ସହକାରୀ ସଚିବ ଶ୍ରୀବତ୍ସ ବେହେରାଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୋପବନ୍ଧୁ ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

### ମାର୍ଚ୍ଚ ୩୧ ସୁଦ୍ଧା ପିସିସି ଅନୁସୂଚିତ ଜାତି ବିଭାଗର ସଭ୍ୟ ସଂଗ୍ରହ

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ ପାଇଁ ପିସିସି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ସୋମବାର କଂଗ୍ରେସ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଡିଜିଟାଲ ସଭ୍ୟ ପାଇଁ ପ୍ରତି ୪୦ ବୁଥ୍ ପାଇଁ ଜଣେ ଚିଫ୍ ଏନ୍‌ରୋଲର, ବୁଥ ସ୍ତରରେ ଜଣେ ପୁରୁଷ ଓ ଜଣେ ମହିଳା ଏନ୍‌ରୋଲର ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚ ୩୧ ସୁଦ୍ଧା ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ କାର୍ଯ୍ୟ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଅନ୍ୟ ନେତୃବୃନ୍ଦଙ୍କ ମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଏଆଇସିସି ସମ୍ପାଦକ ଜି. ରୁଦ୍ର ରାଜୁ, ପିସିସି ପଛୁଆବର୍ଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରା ଓ ସଂଖ୍ୟା ଲଘୁ ବିଭାଗର ଅଧ୍ୟକ୍ଷ ଜିଆ ଉଲ୍‌ହକ ଯୋଗ ଦେଇଥିଲେ।

**ଶେୟାର ବଜାରରେ ଉତ୍ସାହ**

**ମୁମ୍ବାଇ:** ଗତ କିଛି ଦିନର ଶେୟାର ବଜାର କାରବାର ଫଳାଫଳ ନିବେଶକଙ୍କୁ ବର୍ତ୍ତମାନ ମଧ୍ୟ ଆଶା ଓ ଆଶଙ୍କା ମଧ୍ୟରେ ରଖିଛି। ଏଭଳି ସ୍ଥିତିରେ ଦଲାଲ ଷ୍ଟ୍ରିଟର ଶେୟାର ବଜାରର କାରବାରକୁ ନେଇ ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍ସେକ୍ସ ୩୮୯ ପଏଣ୍ଟ ବୃଦ୍ଧି ଘଟି ୫୬,୨୪୭ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ନିଫ୍ଟ ୫୦ରେ ୧୩୫ ପଏଣ୍ଟ ବଢ଼ି ୧୬,୭୯୪ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍ଇର ସୂଚନା ଅନୁସାରେ ସେନ୍ସେକ୍ସ ୩୮୮.୭୬ ପଏଣ୍ଟ (୦.୭%) ବୃଦ୍ଧି ଘଟି ୫୬,୨୪୭.୨୮ ରେ କାରବାର ଶେଷ କରିଥିବାବେଳେ ନିଫ୍ଟିରେ ମଧ୍ୟ ୧୩୫.୫୦ ପଏଣ୍ଟ (୦.୮୧%) ବଢ଼ି ୧୬,୭୯୩.୯୦ ଅଙ୍କରେ ରହିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ରିଅଲ୍‌ମି ନାର୍‌ଜୋ ୫୦ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୮।୨: ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମିର ନୂତନ ସ୍ମାର୍ଟଫୋନ ରିଅଲ୍‌ମି ନାର୍‌ଜୋ ୫୦ରେ ଶୁଭାରମ୍ଭ ସୋମବାର ହୋଇଯାଇଛି। ଏ ସମ୍ପର୍କରେ ରିଅଲ୍‌ମି ଗ୍ରୁପ୍‌ର ଅଧ୍ୟକ୍ଷ ମାଧବ ସେଠ୍ କହିଛନ୍ତି, ଏହି ନୂତନ ସ୍ମାର୍ଟଫୋନ୍ ସହିତ ଉପଭୋକ୍ତାମାନେ ଉକ୍ତ ସେଗ୍‌ମେଣ୍ଟର ସର୍ବୋତ୍ତମ ପ୍ରୋସେସର- ମିଡିଆଟେକ୍ ହେଲିଓ ଜି୯୬ ପ୍ରୋସେସର କାରଣରୁ ରୋମାଞ୍ଚକର ଗେମିଂ ସେସନର ଅନୁଭୂତି ପାଇପାରିବେ। ସେହିଭଳି ଉକ୍ତ ସେଗ୍‌ମେଣ୍ଟର ସର୍ବୋତ୍ତମ ଗେମିଂ ପ୍ରୋସେସର ଥିବା ରିଅଲ୍‌ମି ନାର୍‌ଜୋ ୫୦ ମିଡିଆଟେକ୍ ହେଲିଓ ଜି୯୬ ଦ୍ୱାରା ପରିଚାଳିତ। ଏହି ସ୍ମାର୍ଟଫୋନ୍‌ରେ ୫୦୦୦ଏମ୍ଏଏଚ୍ ବ୍ୟାଟେରି ସହ ୩୩ ୱାଟ୍ ଡାର୍ଟ ଚାର୍ଜିଂ ରହିଛି।

### ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୮।୨: ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ ନୂଆ ଆକ୍ସିସ୍ ନିଫ୍‌ଟି ସ୍ମଲ୍‌କ୍ୟାପ୍ ୫୦ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇଣ୍ଡେକ୍ସ ଫଣ୍ଡ୍ ଯାହା ନିଫ୍‌ଟି ସ୍ମଲ୍‌କ୍ୟାପ୍ ୫୦ସୂଚକାଙ୍କକୁ ଟ୍ରାକ୍ କରିବ। ଏହାର ନୂଆ ଫଣ୍ଡ୍ ଅଫର ୨୦୨୨ ଫେବୃୟାରୀ ୨୧ ରେ ଖୋଲି ୨୦୨୨ ମାର୍ଚ୍ଚ ୭ ରେ ବନ୍ଦ ହେବ। ଏଥିରେ ସର୍ବନିମ୍ନ ଆବେଦନ ରାଶି ୫୦୦୦ ଟଙ୍କା ରହିଛି। ଏହା ପରେ ନିବେଶକମାନେ ୧ଟଙ୍କାର ଗୁଣିତକ ହିସାବରେ ଆଗକୁ ବଢ଼ିପାରିବେ। ଏହି ସମସ୍ତ କମ୍ପାନୀ ନିଫ୍‌ଟି ସ୍ମଲ୍‌କ୍ୟାପ୍ ୨୫୦ରେ ରହିଛନ୍ତି। ଆକ୍ସିସ୍ ନିଫ୍‌ଟି ସ୍ମଲ୍‌କ୍ୟାପ୍ ୫୦ ଇଣ୍ଡେକ୍ସ ଫଣ୍ଡ୍‌ର ଢାଞ୍ଚାକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ଯେତେବେଳେ ସ୍ମଲ୍‌କ୍ୟାପ୍ କମ୍ପାନୀ କଥା ବିଚାର କରାଯାଏ, ଯେଉଁମାନେ ହେଉଛନ୍ତି ମିଡ୍‌କ୍ୟାପ୍ ଓ ଲାର୍ଜକ୍ୟାପ୍ ପାଇଁ ଭିତ୍ତି ପ୍ରସ୍ତର କେବଳ ଭଲ ମାନର କମ୍ପାନୀ ଏହି ରୂପାନ୍ତର ଆଣିପାରନ୍ତି।

# ୩ୟ ତ୍ରୈମାସରେ ୫.୪% ଜିଡିପି ବୃଦ୍ଧି

ନୂଆଦିଲ୍ଲୀ, ୨୮।୨




କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ କ୍ୱାର୍ଟର ମାସର ଜିଡିପି ରିପୋର୍ଟ ଜାରି କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଅକ୍ଟୋବର-ଡିସେମ୍ବର ମାସରେ ୫.୪% ବୃଦ୍ଧି ହୋଇଥିବା ସତ୍ତ୍ୱେ ଏହା ପୂର୍ବ କ୍ୱାର୍ଟର ଅର୍ଥାତ୍ ଜୁଲାଇ-ସେପ୍ଟେମ୍ବର ମାସରେ ହୋଇଥିବା ଜିଡିପି ବୃଦ୍ଧିଠାରୁ କମ୍ ରହିଛି। ଦ୍ୱିତୀୟ କ୍ୱାର୍ଟର ମାସରେ ଜିଡିପି ହାର ୮.୫% ରହିଥିବା ବେଳେ ପ୍ରଥମ କ୍ୱାର୍ଟର ଅର୍ଥାତ୍ ଏପ୍ରିଲ୍-ଜୁନ୍ ମାସରେ ଜିଡିପି ହାର ୨୦.୩ ପ୍ରତିଶତ ରହିଥିଲା। ଏନ୍ଏସ୍ଓର ଅନୁମାନ ଅନୁସାରେ, ୨୦୨୧-୨୨ ଆର୍ଥିକ ବର୍ଷରେ ଜିଡିପି ବୃଦ୍ଧି ହାର ୮.୯ ପ୍ରତିଶତ ଥିବାବେଳେ ଜାନୁଆରୀ ମାସ ପାଇଁ ଲଗାଯାଇଥିଲା। ତେବେ ଜାନୁଆରୀରେ ପୁଣିଥରେ ଏନ୍ଏସ୍ଓ ପକ୍ଷରୁ ଲଗାଯାଇଥିବା ଅନୁମାନ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଜିଡିପି ବୃଦ୍ଧି ହାର ୯.୨ ପ୍ରତିଶତ ରହିବ ବୋଲି ଆଶା କରାଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏଥିରେ ୬.୬% ହ୍ରାସ ଘଟିଥିଲା। ସୂଚନାଯୋଗ୍ୟ, ଅକ୍ଟୋବର-ଡିସେମ୍ବର କ୍ୱାର୍ଟର ମାସରେ ଚୀନ୍‌ର ଜିଡିପି ବୃଦ୍ଧି ୪% ରହିଛି। ଗତ ଆର୍ଥିକ ବର୍ଷ (୨୦୨୦-୨୧) ରେ କୋଭିଡ ସଂକ୍ରମଣ ଯୋଗୁ ଜିଡିପି ସଙ୍କୋଚନର ଏନଏସଓ ଏହାର ଆକଳନକୁ ୬.୬%କୁ ସଂଶୋଧନ କରିଛି। ଏହା ପୂର୍ବରୁ ଏହି ଆକଳନ ୭.୩% ସଂକୋଚନ ରେ ଥିଲା। ୨୦୨୦ ଏପ୍ରିଲ-ଜୁନରେ ଭାରତୀୟ ଅର୍ଥନୀତି ୨୩.୮% ଏବଂ ୨୦୨୦ ଜୁଲାଇ-ସେପ୍ଟେମ୍ବରର ତ୍ରୈ ମାସରେ ୬.୬% ଚୁକ୍ତି କରିଛି। ୨୦୨୧-୨୨ ଆର୍ଥିକ ବର୍ଷର ୩ୟ ସ୍ତରରେ ଏକ ପ୍ରତିକୂଳ ଆଧାର ଅଭିବୃଦ୍ଧି ହେବାର ଆଶା କରାଯାଉଥିଲାବେଳେ ଏନଏସଓର ପ୍ରାରମ୍ଭିକ ଆକଳନ ଆମ ଆଶା ଠାରୁ କମ୍ ରହିଛି ବୋଲି ଆଇସିଆରଏର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି।

# ଓଏସ୍‌ଏଲ୍‌କୁ ଶ୍ରେଷ୍ଠ ଲଜିଷ୍ଟିକ୍ କମ୍ପାନୀ ପୁରସ୍କାର



କଟକ,୨୮।୨

ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍)କୁ ନିକଟରେ 'ଇଷ୍ଟ କୋଷ୍ଟ ମାରିଟାଇମ୍ ଫୋରମ୍-୨୦୨୨'ର ୭ମ ସଂସ୍କରଣରେ ବିବିଧ ଲଜିଷ୍ଟିକ୍ କାର୍ଯ୍ୟଧାରାର ବିପୁଳ ସଫଳତା ପାଇଁ ବର୍ଷର ଶ୍ରେଷ୍ଠ ଲଜିଷ୍ଟିକ୍ କମ୍ପାନୀର ପୁରସ୍କାର ପ୍ରଦାନ କରାଯାଇଛି। କୋଲକତାର ଇଏକ୍ସଆଇଏଏମ୍ ଇଣ୍ଡିଆ ଶିପିଙ୍ଗ୍ ଟାଇମ୍ସ ପକ୍ଷରୁ ଫେବୃୟାରୀ ଶେଷ ସପ୍ତାହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଏସ୍‌ଏଲ୍‌ର ଉପସଭାପତି (ମାର୍କେଟିଂ ଆଣ୍ଡ କୋର୍ଡିନେଶନ) ଲିଙ୍ଗରାଜ ପାଣିଗ୍ରାହୀ, ବରିଷ୍ଠ କାର୍ଯ୍ୟନିର୍ବାହୀ ଦିନେଶ ପରିଡ଼ାଙ୍କ ଉପସ୍ଥିତିରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଡେପୁଟି ଚେୟାରମ୍ୟାନ୍ ଆଶିଷ କୁମାର ବୋଷ, ଶିପିଙ୍ଗ୍ କର୍ପୋରେଶନ ଅଫ୍ ଇଣ୍ଡିଆର ପୂର୍ବତନ ସିଏମ୍‌ଡି ହରଜିତ କୌର ଜୋଷୀଙ୍କ ଠାରୁ ଓଏସ୍‌ଏଲ୍ ଗ୍ରୁପ୍ ପକ୍ଷରୁ ହରିହର ଦାଶ ଏବଂ ସୁବାସ ଆଚାର୍ଯ୍ୟ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଓଏସ୍‌ଏଲ୍ ମଧ୍ୟ ଚଳିତ ବର୍ଷର ଶ୍ରେଷ୍ଠ ଷ୍ଟିଭେଡର୍ସ କମ୍ପାନୀ ପୁରସ୍କାର ଲାଭ କରିଛି। ସୂଚନାଯୋଗ୍ୟ, ଇଏକ୍ସଆଇଏମ୍ ଇଣ୍ଡିଆ ଶିପିଙ୍ଗ୍ ଟାଇମ୍ସର ବିଚାରକମାନେ ବହୁ ସଂଖ୍ୟକ କମ୍ପାନୀର ପ୍ରଦର୍ଶନ ଆଧାରରେ ଚୟନ କରିଥିଲେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଓଏସ୍‌ଏଲ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ମହିମାନନ୍ଦ ମିଶ୍ର କହିଛନ୍ତି, କମ୍ପାନୀ ଠିକ୍ ପଥରେ ଅଗ୍ରସର ହେଉଥିବା ଉକ୍ତ ପୁରସ୍କାରରୁ ଏହା ପ୍ରମାଣିତ ହେଉଛି। ଚଳନ୍ତି ବଜାରରେ ଆମେ ଶ୍ରେଷ୍ଠ ମାନ ଏବଂ କାର୍ଯ୍ୟଧାରା ବଜାୟ ରଖି ଏ କ୍ଷେତ୍ରରେ ସୁନାମ ହାସଲ କରିଚାଲିଛୁ।

# ଅଲ୍ ନ୍ୟୁ ସ୍କୋଡିଆ ୧.୦ ଟିଏସ୍‌ଆଇର ବଜାର ପ୍ରବେଶ

ନୂଆଦିଲ୍ଲୀ,୨୮।୨




ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ସୋମବାର ତା'ର ଅଲ୍ ନ୍ୟୁ ସ୍ଲାଭିଆ ୧.୦ ଟିଏସ୍‌ଆଇ ସେଡାନର ବଜାର ପ୍ରବେଶ କରାଯାଇଛି। ଭାରତରେ ୨୦ ବର୍ଷରୁ ଅଧିକ ବିଶ୍ୱସ୍ତରୀୟ ସେଡାନ ଉପଲବ୍ଧ ଜାରି ରହିଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜେକ୍ ହଲିସ କହିଛନ୍ତି, ଆମର ଗ୍ରାହକଙ୍କୁ ନ୍ୟୁ ଅଲ୍ ସ୍ଲାଭିଆ ୧.୦ ଟିଏସ୍‌ଆଇ ସହିତ ଅବିଶ୍ୱସନୀୟ ମୂଲ୍ୟ ପ୍ରଦାନ କରୁଛୁ। ଯେହେତୁ ଆମେ କାର୍ ପ୍ରଦର୍ଶନ କରୁଛୁ ତେଣୁ ଏହି ପ୍ରିମିୟମ ମିଡ୍ ସାଇଜ ସେଡାନର ଡିଜାଇନ ପାଇଁ ଉଲ୍ଲେଖନୀୟ ମତାମତ ଗ୍ରହଣ କରିଛୁ। ଏହା ଏକ ଉନ୍ନତ, ଦକ୍ଷ ଇଞ୍ଜିନ ଦ୍ୱାରା ପରିଚାଳିତ ଯାହା ଆବଶ୍ୟକ ଶକ୍ତି ଏବଂ ଟର୍କ ଯୋଗାଇ ଦେଇଥାଏ। ସ୍ଲାଭିଆ ୧.୦ ଟିଏସ୍‌ଆଇ ମୂଲ୍ୟ ଚାର୍ଟରେ ମଧ୍ୟ ଉଲ୍ଲେଖନୀୟ। ମାଲିକାନା ଏବଂ ରକ୍ଷଣାବେକ୍ଷଣ ମୂଲ୍ୟ ଉପରେ ଏକ ତୀକ୍ଷ୍ଣ ଧ୍ୟାନ ଦେଇ ଆମେ ଏହି ସେଡାନକୁ ଇଞ୍ଜିନିୟରିଂ ଜ୍ଞାନକୌଶଳ ଆଧାରରେ ବିକଶିତ କରିଛୁ। କୁଶାକ୍ ସହିତ ଅଲ୍ ନ୍ୟୁ ସ୍ଲାଭିଆ ଆମ ପାଇଁ ଭଲ୍ୟୁମ ଡ୍ରାଇଭର ସାବ୍ୟସ୍ତ ହେବ। ଆମେ ଭାରତରେ ସ୍କୋଡା ବ୍ରାଣ୍ଡର ବିକାଶ ପାଇଁ ଆଶାକ ରଖିଛୁ। ମେଡ୍-ଫର୍-ଇଣ୍ଡିଆ ଏମ୍‌କ୍ୟୁବି-ଏ-୦-ଇନ୍ ପ୍ଲାଟ୍‌ଫର୍ମରେ ୨୦୨୧ରେ ବଜାର ପ୍ରବେଶ ହୋଇଥିବା କୁଶାକ ଏସ୍‌ୟୁଭି ବିକଶିତ ହୋଇଥିଲା। ଅଲ୍ ନ୍ୟୁ ସ୍ଲାଭିଆ ୧.୦ ଟିଏସ୍‌ଆଇରେ ୧ ଲିଟର, ତିନି ସିଲିଣ୍ଡର ଟୁର୍ବୋ ପେଟ୍ରୋଲ ଇଞ୍ଜିନ ଦ୍ୱାରା ଚାଳିତ। ଏହାର ୬-ସ୍ପିଡ୍ ମାନୁଆଲ କିମ୍ବା ୬-ସ୍ପିଡ୍ ଟର୍କ କନଭର୍ଟର ଅଟୋମେଟିକ୍ ମାଧ୍ୟମରେ ୮୫ କିଲୋୱାଟ୍ (୧୧୫ ପିଏସ୍) ଶକ୍ତି ଏବଂ ୧୭୮ ଏନ୍ଏମ୍ ଟର୍କ ଉପଲବ୍ଧ କରାଇଥାଏ। ଟିଏସ୍‌ଆଇ ଇଞ୍ଜିନ ୧୯.୪୭ କିଲୋମିଟର- ଲିଟର ପର୍ଯ୍ୟନ୍ତ ଇନ୍ଧନ ଦକ୍ଷତା ଯୋଗାଇ ଦେଇଥାଏ। ୧୦.୭ ସେକେଣ୍ଡରେ ଏହା ଘଣ୍ଟା ପ୍ରତି ୧୦୦ କିଲୋମିଟର ବେଗରେ ଗତି କରିବାକୁ ସକ୍ଷମ।

# ସେବିର ନୂଆ ଅଧ୍ୟକ୍ଷ ନିଯୁକ୍ତ



ମାଧବୀ ପୁରୀ ବୁଚ୍

ନୂଆଦିଲ୍ଲୀ, ୨୮।୨

ବରିଷ୍ଠ ପ୍ରଶାସିକା ମାଧବୀ ପୁରୀ ବୁଚ୍‌ଙ୍କୁ କେନ୍ଦ୍ର ସରକାର ସୋମବାର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିଛନ୍ତି। ଏହାପୂର୍ବରୁ ବୁଚ୍‌ଙ୍କୁ ୨୦୧୭ ମାର୍ଚ୍ଚରେ ୩ବର୍ଷ ପାଇଁ ସେବିର ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା। ପରେ ତାଙ୍କ ପଦବୀକୁ ୬ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସେହିପରି ୨୦୨୦ ଅଗଷ୍ଟରେ ମଧ୍ୟ ପୁନର୍ବାର ତାଙ୍କ କାର୍ଯ୍ୟକାଳକୁ ୧୮ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

# ପିଏମ୍‌ଏଫ୍‌ବିୱାଇର ବୀମା ଅଭିଯାନ

ମୁମ୍ବାଇ,୨୮।୨

ଦେଶର ପ୍ରମୁଖ ଘରୋଇ ଜେନେରାଲ ଇନ୍ସ୍ୟୁରାନ୍ସ କମ୍ପାନୀ ରିଲାଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଆରଜିଆଇସିଏଲ୍) ପକ୍ଷରୁ 'ଆଜାଦି କା ଅମୃତ୍ ମହୋତ୍ସବ କ୍ୟାମ୍ପେନ୍-ଇଣ୍ଡିଆ ୭୫' ଅଧୀନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଜାତୀୟସ୍ତରୀୟ ଫସଲ ବୀମା ବିତରଣ ଅଭିଯାନ 'ମେରି ପଲିସି ମେରେ ହାଥ୍'ରେ ଏହାର ଅଂଶଗ୍ରହଣ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହି ଅଭିଯାନକୁ ପୂର୍ଣ୍ଣ ସମର୍ଥନ ଦେଉଥିବା ବେଳେ କୃଷକଙ୍କ ପାଇଁ ଏକ ଉନ୍ନତ ଆର୍ଥିକ ଇକୋସିଷ୍ଟମ ନିର୍ମାଣ କରିବାରେ ଏହାର ଭୂମିକା ନିଭାଇବା ଦିଗରେ ପ୍ରତିବଦ୍ଧ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ସିଇଓ ରାକେଶ ଜୈନ୍ କହିଛନ୍ତି, ଦେଶର ପ୍ରାୟ ୬୦% ଲୋକଙ୍କୁ କୃଷି ଜୀବିକା ପ୍ରଦାନ କରୁଛି। ତେବେ ପ୍ରାକୃତିକ ବିପର୍ଯ୍ୟୟ, ବୃହତ୍ ବର୍ଷାଜଳ ପ୍ରବାହିତ ଅଞ୍ଚଳ, କୀଟନାଶକ ଓ ରୋଗ କୃଷିକୁ ଅତ୍ୟଧିକ ଅସ୍ଥିର କ୍ଷେତ୍ରରେ ପରିଣତ କରିଛି। ତେଣୁ ଏଭଳି ଅପ୍ରତ୍ୟାଶିତ ଘଟଣାଗୁଡ଼ିକ ବିରୋଧରେ ଚାଷୀଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଶୁଭାରମ୍ଭ କରାଯାଇଛି।

## ଫୁର୍‌ସତ୍

# ଯୁଦ୍ଧର ଡକୁମେଣ୍ଟାରି କରୁଛନ୍ତି ସିନ୍ ପେନ୍

ନୂଆଦିଲ୍ଲୀ



ରୁଷିଆ- ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲୁ ରହିଛି। ତେବେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ୟୁକ୍ରେନ୍ ମାଟିରେ ଚାଲିଛି ଡକୁମେଣ୍ଟାରି ଫିଲ୍ମ ଶୁଟିଂ। ଶୁଣିବାକୁ ମିଛ ଲାଗୁଥିଲେ ବି ଏହା ସତ। ହଲିଉଡ୍ ଅଭିନେତା ତଥା ପ୍ରଯୋଜକ ସିନ୍ ପେନ୍ ଏପରି ଦୁଃସାହସିକ କାମ କରୁଛନ୍ତି। ତାଙ୍କର ଏହି କାମକୁ କେହି କେହି ପାଗଳାମୀ କହୁଥିବାବେଳେ ଆଉ କେତେକେ ଏହାକୁ ସାହସିକତା ବୋଲି କହି ତାଙ୍କୁ ପ୍ରଶଂସା କରୁଛନ୍ତି। ଯୁଦ୍ଧ ବେଳର ଦୃଶ୍ୟକୁ ନିଜ କ୍ୟାମେରାରେ କଏଦ କରିବାକୁ ନିଜେ ସିନ୍ ୟୁକ୍ରେନ୍‌ରେ ପହଞ୍ଚିଛନ୍ତି। ସେ ନିଜ ସହିତ ତାଙ୍କ କ୍ୟାମେରା ଟିମ୍‌କୁ ମଧ୍ୟ ସାଙ୍ଗରେ ନେଇଛନ୍ତି। ସିନ୍‌ଙ୍କ ଏପରି କାର୍ଯ୍ୟକୁ ୟୁକ୍ରେନ୍ ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ ଫେସ୍‌ବୁକ୍‌ରେ ପୋଷ୍ଟ କରି ପ୍ରଶଂସା କରାଯାଇଛି। ପୋଷ୍ଟରେ କୁହାଯାଇଛି, ୟୁକ୍ରେନ୍‌ରେ ଘଟୁଥିବା ସମସ୍ତ ଘଟଣାକୁ ରେକର୍ଡ କରି ଆକ୍ରମଣର ସତ୍ୟତା ନିଜ ଫିଲ୍ମ ମାଧ୍ୟମରେ ସିନ୍ ସାରା ଦୁନିଆକୁ କହିବେ। ଏହି ଯୁଦ୍ଧର କାହାଣୀ କେବେ ପରଦାରେ ପ୍ରଦର୍ଶନ କରାଯିବ ସେ ନେଇ ଏବେ କୌଣସି ସୂଚନା ମିଳିନାହିଁ।

# ନାଗରିକ ସୁରକ୍ଷାକୁ ପ୍ରାଥମିକତା

**ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ**




ପ୍ରତିକୂଳ ପରିସ୍ଥିତିରେ ନାଗରିକଙ୍କ ସୁରକ୍ଷା ପାଇଁ ବିଶ୍ୱର ବିଭିନ୍ନ ଦେଶ ପ୍ରୟାସ କରିଥା'ନ୍ତି। ନାଗରିକ ସୁରକ୍ଷାକୁ ଦିଆଯାଇଛି ପ୍ରାଥମିକତା। ମାନବ ସମ୍ବଳ ସୁରକ୍ଷିତ ରହିଲେ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କ୍ଷୟକ୍ଷତିର ପୁନଃ ନିର୍ମାଣ ସହଜ ହୋଇଥାଏ। ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମାର୍ଚ୍ଚ ୧ରେ ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ ପାଳିତ ହୋଇଥାଏ।

ଅନ୍ତର୍ଜାତୀୟ ସିଭିଲ ଡିଫେନ୍ସ ଅର୍ଗାନାଇଜେସନ (ଆଇସିଡିଓ) ହେଉଛି ଏକ ଅନ୍ତର୍ଜାତୀୟ ସଂଗଠନ, ଯାହାର ଉଦ୍ଦେଶ୍ୟ ହେଉଛି ବିଶ୍ୱର ବିଭିନ୍ନ ଦେଶର ବିକାଶରେ ସହଯୋଗ କରିବା ଏବଂ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବା। ପ୍ରାକୃତିକ ତଥା ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ସମ୍ପତ୍ତି ଏବଂ ପରିବେଶକୁ ସୁରକ୍ଷିତ ରଖିବା ଏହି ସଂଗଠନର ମୁଖ୍ୟ ଲକ୍ଷ୍ୟ। ୧୯୭୨ରେ ଆଇସିଡିଓର ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ ପାଳନ ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ସେହିବର୍ଷ ମାର୍ଚ୍ଚ ୧ଠାରୁ ଲାଗୁ କରାଯାଇଥିଲା।

ସଚେତନତା ସୃଷ୍ଟି କରିବା ଏବଂ ନାଗରିକ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱକୁ ବିଶ୍ୱ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହିଦିନ ପାଳନ କରାଯାଇଥାଏ। ଏହିଦିନଟି ଅତ୍ୟନ୍ତ ସ୍ୱତନ୍ତ୍ର। କାରଣ ଏହି ଦିନ ପ୍ରତ୍ୟେକ ନାଗରିକଙ୍କୁ ଜରୁରିକାଳୀନ ସ୍ଥିତିର ପ୍ରତିରୋଧ ତଥା ଆତ୍ମରକ୍ଷା ପାଇଁ ପ୍ରସ୍ତୁତି ବିଷୟରେ ସଚେତନତା ସୃଷ୍ଟି କରିଥାଏ। ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସାଧାରଣ ନାଗରିକଙ୍କୁ ଜରୁରିକାଳୀନ ପରିସ୍ଥିତିରେ ନିଜକୁ ତଥା ଅନ୍ୟମାନଙ୍କୁ ରକ୍ଷା କରିବା ପାଇଁ ନାଗରିକ ପ୍ରତିରକ୍ଷା, ନାଗରିକ ସୁରକ୍ଷା ଏବଂ ଜରୁରିକାଳୀନ ପରିଚାଳନା ବିଷୟରେ ସଚେତନତା ସୃଷ୍ଟି କରାଇବା।


**MISSING**



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଲ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଲ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.

ଧ-୨୩୨୧୮


# ଆକ୍ସନ ମୋଡ୍‌ରେ ବଲିଉଡ୍ କୁଇନ୍



ମୁମ୍ବାଇ

ବର୍ତ୍ତମାନ ବଲିଉଡ୍ ଦୁନିଆରେ ଟପ୍ ଅଭିନେତ୍ରୀ ଭାବେ କଙ୍ଗନା ରଣାୱତ୍ ବହୁ ପ୍ରସିଦ୍ଧ। ତାଙ୍କ ଆଗାମୀ ଫିଲ୍ମ 'ଧାକଡ'ର ରିଲିଜ୍ ନେଇ ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି। ଫଟୋରେ ଯୁଦ୍ଧକ୍ଷେତ୍ରରେ ଆକ୍ସନ ମୋଡ୍‌ରେ ନଜରକୁ ଆସିଛନ୍ତି କଙ୍ଗନା। ରଜନୀଶ ରଜି ଘାଇଙ୍କ ନିର୍ଦ୍ଦେଶିତ ସିନେମା ଚଳିତ ବର୍ଷ ମେ ୨୭ରେ ୪ଟି ଭାଷା- ହିନ୍ଦୀ, ତାମିଲ, ତେଲୁଗୁ ଏବଂ ମାଲୟାଲମ୍‌ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏଥିରେ କଙ୍ଗନାଙ୍କ ସହିତ ଅର୍ଜୁନ ରାମପାଲ, ଦିବ୍ୟା ଦତ୍ତା, ଶରିବ ହାସ୍‌ମି ନଜରକୁ ଆସିବେ। ପୂର୍ବରୁ ଏହା ଏପ୍ରିଲରେ ରିଲିଜ୍ ହେବାର ଥିଲା। କିନ୍ତୁ କରୋନା ମହାମାରୀ ପ୍ରଭାବରୁ ଏହାକୁ ସ୍ଥଗିତ ରଖାଯାଇଥିଲା। କଙ୍ଗନାଙ୍କ ପୂର୍ବ ସିନେମା 'ଥଲାଇଭି' ପରେ ଏହା ଦ୍ୱିତୀୟ ବଡ ଫିଲ୍ମ ହେବ। କଙ୍ଗନାଙ୍କ କହିବା ମୁତାବକ, ଭାରତରେ ଏପରି ଆକ୍ସନ ମୁଭି ବହୁତ କମ୍ ତିଆରି ହେଉଛି। ଏହାର କାହାଣୀ ଆକର୍ଷଣୀୟ ରହିଛି। ଏହି ଚଳଚ୍ଚିତ୍ରକୁ ଅଧିକରୁ ଅଧିକ ଦର୍ଶକ ଦେଖିବା ଉଚିତ। ମୁଭିଟି ୪ଟି ଭାଷାରେ ରିଲିଜ୍ ହେଉଥିବା ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି।


## ମନେ ପଡ଼ନ୍ତି

**୨୨ତମ ସ୍ମୃତି ଦିବସ ଶ୍ରଦ୍ଧାଞ୍ଜଳି**



**ସ୍ୱ. କନକଲତା ବେହେରା**

ସ୍ୱାମୀ: ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ପୁଅ: ଓମ୍ ପ୍ରକାଶ, ସତ୍ୟ ପ୍ରକାଶ, ବୋହୂ: ସନ୍ତୋଷୀ, ପିଙ୍କି, ଝିଅ: ରଶ୍ମିତା, ଜ୍ୱାଇଁ: ଡାଃ ଜଗଦୀଶ, ନାତି, ନାତୁଣୀ, ଯାଆ, ଦେଢ଼ଶୁର, ପୁତୁରା, ଝିଆରୀମାନେ।

ନାରାୟଣ ମେଡ଼ିକାଲ ଷ୍ଟୋର, ରାଇକିଆ

ତିରୋଧାନ: ମହାଶିବରାତ୍ରି, ୨୦୦୦

ତୁମର ସ୍ମୃତି ଆମ୍ଭମାନଙ୍କଠାରେ ଅଭୁଲା ହୋଇ ରହିବ। ତୁମର ଆଦର୍ଶ, କର୍ତ୍ତବ୍ୟ ପରାୟଣ, ଅନାବିଳ ସ୍ନେହ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଧ-୨୩୨୭୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱକାହ୍ନୁ ଚରଣ ପ୍ରଧାନ**

(ତଳମାଳିସାହି, ପୁରୀ)

ଆବିର୍ଭାବ: ୦୭।୦୬।୧୯୫୮
ତିରୋଧାନ: ୧୯।୦୨।୨୦୨୨

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା, ତ୍ୟାଗ, ପରୋପକାରିତା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

ଶୋକସନ୍ତପ୍ତ ପୁତ୍ର: ସରାଂଶୁ, ଝିଅ: ସତ୍ୟସ୍ୱରୀ, ପତ୍ନୀ: ସରଳା, ବନ୍ଧୁ ଓ ପରିବାରବର୍ଗ।

ଧ-୨୩୨୭୮

**CLASSIFIED DISPLAY**

**MORE SPACE • SAME PRICE**

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact: 0674-2580385
8637280816, 7894447167, 9338226625

**ବାଲାଜୀ ଫାଇନାନ୍ସ**
ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ପର୍ସନାଲ, ସବୁ ପ୍ରକାର ଋଣ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ।
40% ଛାଡ଼।
ଘରେ ବସି ମାତ୍ର 1 ଦିନରେ।
ଠକମାନଙ୍କ ପ୍ରତି ସାବଧାନ।
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
77038 98439

**!! LOAN !! LOAN !!**
ଫୋନ୍ ମାଧ୍ୟମରେ ଲୋନ୍ କରାଯାଏ ନାହିଁ, ବ୍ୟାଙ୍କକୁ ଯିବା ଆବଶ୍ୟକ।
ଓଡିଶାର ସମସ୍ତ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ ଯଦି ଆପଣଙ୍କର କର୍ମଚାରୀଙ୍କ ଦରମା ସ୍ଲିପ୍ ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ଲାଇସେନ୍ସ ଅଛି। ତେବେ ଆପଣ ଆପଣଙ୍କର ସ୍ଥାନୀୟ ବ୍ୟାଙ୍କରୁ ୫ଲକ୍ଷ ରୁ ୪୦ଲକ୍ଷ ପର୍ଯ୍ୟନ୍ତ ୮% ରୁ ୧୦% ସିକ୍ୟୁରିଟି ରେ ୧୨-୧୫ ଦିନ ମଧ୍ୟରେ ଲୋନ୍ ନେଇପାରିବେ।
ନୋଟ୍- ୧.ପ୍ରଥମେ ଲୋନ୍ ନିଅନ୍ତୁ, ତା ପରେ କମିସନ ଦିଅନ୍ତୁ। ୨.ପର୍ସନାଲ କିମ୍ବା କମ୍ପାନୀ ନାମରେ ଲୋନ୍ ନିଅନ୍ତୁ - କୌଣସି ଫାଇଲ୍ ଚାର୍ଜେସ୍, ବୀମା କିମ୍ବା ଅନ୍ୟ କୌଣସି ଚାର୍ଜେସ୍ ଦେଇ ଠକାମିର ଶୀକାର ହୁଅନ୍ତୁ ନାହିଁ।
+91 9038258863
+91 7797044021

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ବେରୋଜଗାରରୁ ସ୍ୱାବଲମ୍ବୀ ହୁଅନ୍ତୁ**
ନିଜ ଘରେ ଡିସ୍‌ପୋଜେବଲ୍, ପ୍ଲାଷ୍ଟିକ୍ କପ୍, ପ୍ଲେଟ୍, ଗ୍ଲାସ୍, ମାସ୍କ, ଜୋତା, ଚପଲ, ମୋବାଇଲ ଚାର୍ଜର, ପାଣି ବୋତଲ, ୱାଲପେପର୍, ଏଲ୍ଇଡି ବଲ୍‌ବ, ଟିଶାର୍ଟ, ଚିପ୍ସ, କୁର୍‌କୁରେ, ସର୍ଫ, ସାବୁନ, କ୍ୟାରି ବ୍ୟାଗ୍, ଟବ୍, ବାଲ୍‌ଟି ଆଦିର ଫ୍ୟାକ୍ଟ୍ରି ବସାନ୍ତୁ।
କମ୍ପାନୀ ଘରେ ବସି କାମ ଦେବ କେବଳ ମାଲ୍ ତିଆରି କରନ୍ତୁ ଓ ତିଆରି ମାଲ୍ କମ୍ପାନୀକୁ ବିକନ୍ତୁ
ଛୋଟ ମେଶିନ୍, ବଡ଼ ଫାଇଦା, ଥରେ ସେଟ୍ ଅପ୍ କରନ୍ତୁ ସାରା ଜୀବନ ରୋଜଗାର କରନ୍ତୁ
ଦୈନିକ 12000+ ରୋଜଗାର କରନ୍ତୁ
ଛୋଟ ଚାକିରି ଛାଡ଼ି ନିଜ କମ୍ପାନୀର ମାଲିକ ହୁଅନ୍ତୁ
Contact: 7827633638

# ମଙ୍ଗଳମୟୀ



**ନାରୀ ପାଇଁ ପରିବାର ହେଉଛି ସବୁକିଛି। ସମସ୍ତଙ୍କର ମଙ୍ଗଳ ପାଇଁ ସେ ବାରମାସରେ କରେ ତେରପର୍ବ। ନିଜେ ପୂଜା ଉପାସନା କରିବା ସହିତ ପରିବାରକୁ ବି ଆଧ୍ୟାତ୍ମିକତାରେ ବ୍ରତୀ କରିଥାଏ। ଆଉ ସେମାନଙ୍କର ଏହି ଆଧ୍ୟାତ୍ମିକ ଭାବଧାରା ଘରେ ସୃଷ୍ଟି କରିଥାଏ ଏକ ସୁନ୍ଦର ପରିବେଶ...**

ଝିଅରୁ ବୋହୂ ହେବା ଯାଏ ନାରୀମାନେ ବିଭିନ୍ନ ପ୍ରକାରର ପୂଜା ଉପାସନା କରିଥା'ନ୍ତି। ବିଶ୍ୱାସ ଥାଉ କି ନ ଥାଉ, ଏସବୁର ମନସ୍ତାତ୍ତ୍ୱିକ ପ୍ରଭାବ ବି ରହିଥାଏ। ମନକୁ ଶାନ୍ତ ଓ ଏକାଗ୍ର ରଖିବାରେ ସେମାନଙ୍କର ଏହି ଆଧ୍ୟାତ୍ମିକ ଭାବନା ବିଶେଷ ଭୂମିକା ନେଇଥାଏ। ଆଧ୍ୟାତ୍ମିକ ଚେତନା ସହିତ ଜଡ଼ିତ ରହିଲେ ନାରୀର ବ୍ୟବହାର ଓ କଥାବାର୍ତ୍ତା ବି ମାର୍ଜିତ ତଥା ସଂସ୍କାରିତ ହୋଇଥାଏ। ଆଉ ଭଲ ସଂସ୍କାରର ପ୍ରଭାବ ପରିବାରରୁ ଆରମ୍ଭ ହୋଇ ଏକ ସୁସ୍ଥ ସମାଜ ଗଢ଼ିବାରେ ବିଶେଷ ଭୂମିକା ନେଇଥାଏ।

**ସ୍ୱାସ୍ଥ୍ୟ ଓ ସମ୍ପତ୍ତି:** ଗୃହିଣୀଟିଏ ପୂଜା ଉପାସନା କରି ପରିବାରରେ ସମସ୍ତଙ୍କର ସ୍ୱାସ୍ଥ୍ୟ ଆଉ ସମ୍ପତ୍ତିର ଉନ୍ନତି କାମନା କରିଥାଏ। ପୂଜା ମାଧ୍ୟମରେ ସଠିକ୍ ଢଙ୍ଗରେ ଉପବାସ କରି ନିଜ ସ୍ୱାସ୍ଥ୍ୟକୁ ଠିକ୍ କରି ହେବ ବୋଲି ଏବେ ବିଜ୍ଞାନ ମଧ୍ୟ ପ୍ରମାଣ କରିଛି। ଏହା ସହିତ ପୂଜାପର୍ବରେ ସାତ୍ତ୍ୱିକ ଭୋଜନର ମଧ୍ୟ ସମସ୍ତଙ୍କ ଉପରେ ଭଲ ପ୍ରଭାବ ପଡିଥାଏ। ତା' ସହ ପୂଜା ଦିନମାନଙ୍କରେ ନାରୀମାନେ ଘର ପରିବେଶକୁ ସବୁ ପ୍ରକାରରେ ଭିନ୍ନ କରିବା ପାଇଁ ଚେଷ୍ଟା କରିଥା'ନ୍ତି, ଯାହା ସମସ୍ତଙ୍କ ମାନସିକ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି କରିଥାଏ।

**ମଜଭୁତ ବନ୍ଧନ:** ସାଧାରଣତଃ ଘରେ କୌଣସି ପୂଜା ହେଉଥିଲେ ମନକୁ ଏକ ଭିନ୍ନ ଧରଣର ଶାନ୍ତି ମିଳିଥାଏ। ପିଠାପଣା, ମିଠା ଆଦି ତିଆରି ହୋଇଥାଏ। ସେଥିପାଇଁ ପୂଜାର୍ଚ୍ଚନା ସମୟରେ ମନର କ୍ରୋଧ ଅନେକାଂଶରେ ନିୟନ୍ତ୍ରିତ ହୋଇଥାଏ। ଖାଲି ସେତିକି ନୁହେଁ, ପୂଜା ପରିବେଶରେ ବନ୍ଧୁବାନ୍ଧବ କିମ୍ବା ସାହିପଡ଼ିଶା ଲୋକଙ୍କ ସହିତ ଏକାଠି ହେବାର ସୁଯୋଗ ମିଳେ। ତେଣୁ ଜୀବନର ସାମାଜିକ ମୂଲ୍ୟବୋଧ ବି ବଢ଼ିଥାଏ।

**ସଂସ୍କୃତିର ସ୍ମୃତି:** ଘରେ ମହିଳାଙ୍କର ଆଧ୍ୟାତ୍ମିକ ଭାବନା ଥିଲେ ସେମାନେ ବିଭିନ୍ନ ସମୟରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହା ଫଳରେ ସଂସ୍କୃତି ବଞ୍ଚି ରହିଥାଏ ଓ ଘରର ବୟସ୍କମାନେ ମଧ୍ୟ ସନ୍ତୁଷ୍ଟ ହୋଇଥା'ନ୍ତି। କାହିଁକିନା ଘରେ ନାରୀମାନେ ପୂଜା ମାଧ୍ୟମରେ ସେମାନଙ୍କର ପୁରୁଣା ଦିନକୁ ମନେପକାଇ ଦେଇଥାଆନ୍ତି। ତେଣୁ ସେମାନଙ୍କ ଭଲପାଇବା ଓ ଆଶୀର୍ବାଦ ଫଳରେ ଘରେ ସନ୍ତୁଷ୍ଟିର ଏକ ପରିବେଶ ସୃଷ୍ଟି ହୋଇଥାଏ।



### ଏମାନେ କ'ଣ କହନ୍ତି...

**ସଜ ହେବାକୁ ଭଲ ଲାଗେ:** ଆମ ଓଡ଼ିଆ ଘରର ସବୁ ଓଷା ପର୍ବକୁ ମୁଁ ଘରେ ପାଳନ କରେ। ସିଏ ଶିବରାତ୍ରି ହେଉ କି ମାଣବସା। ପୂଜା ଦିନମାନଙ୍କରେ ନୂଆ ଶାଢ଼ି ପିନ୍ଧି ଅଲଗା ଭାବେ ସଜ ହେବାକୁ ବି ମତେ ଭଲ ଲାଗେ। ସେଥିପାଇଁ ମୁଁ ବିଶେଷ ପୂଜା ଦିନଗୁଡ଼ିକରେ ସମସ୍ତଙ୍କ ପାଇଁ ଭଲ ଖାଇବା ପ୍ରସ୍ତୁତ କରେ ଓ ପିଲାମାନଙ୍କୁ ନୂଆ ଡ୍ରେସ୍ ପିନ୍ଧାଇଥାଏ। ସେଥିପାଇଁ ତ ଘରେ ସମସ୍ତେ ଖୁସି ହୁଅନ୍ତି।

**–ସରସ୍ୱତୀ ରାଉତ**
*ଭଞ୍ଜସାହି, ସାନ କୃଷ୍ଣପୁର, ବାସୁଦେବପୁର, ଭଦ୍ରକ*

**ସମସ୍ତେ ଏକାଠି ହେଉ:** ଘରେ କିଛି ପୂଜା ହେଲେ ସମସ୍ତେ ଖୁସି ହେଇଯା'ନ୍ତି। କାହିଁକିନା ସେଦିନ ମୋ ସ୍ୱାମୀ ଆମ ଘରକୁ ତାଙ୍କ ସାଙ୍ଗମାନଙ୍କୁ ଡାକନ୍ତି, ନଚେତ୍ ଆମେ କାହା ଘରକୁ ବୁଲିବାକୁ ଯାଉ। ସେଦିନ ଘରେ ନିଶ୍ଚିତଭାବେ କିଛି ଭଲ ଖାଦ୍ୟ ତିଆରି ହୁଏ। ତେଣୁ ଏକାଠି ହୋଇ ପିଠାପଣା ଖାଇବାର ଏକ ଭିନ୍ନ ଆନନ୍ଦ ମିଳେ। ଏଇ ମାଧ୍ୟମରେ ଆମର ବନ୍ଧୁତା ବୃଦ୍ଧିପାଏ ଓ ମନର ଉତ୍ସାହ ବି ବଢ଼ିଯାଏ।

**–ପ୍ରଣତି ନାୟକ**
*ଗୃହିଣୀ, ମେହରୌଲି, ନୂଆଦିଲ୍ଲୀ–୩୦*

**ପ୍ରସ୍ତୁତିରେ ସାହାଯ୍ୟ କରନ୍ତି:** କର୍ମଜୀବୀ ହୋଇଥିଲେ ବି ମୁଁ ଶିବରାତ୍ରି, ଦୁର୍ଗାଷ୍ଟମୀ, ଲକ୍ଷ୍ମୀଙ୍କ ପୂଜା ଆଦି ସବୁ କରେ। ସେଥିପାଇଁ ମୋ ଶାଶୁଘରେ ମତେ ସମସ୍ତେ ଭଲପାଆନ୍ତି। ପୂଜା ପାଇଁ ମୁଁ ସମୟ ବାହାର କରିଥାଏ ବୋଲି ଖାଣ୍ଟି ଓଡ଼ିଆଣୀ ବୋହୂ କହନ୍ତି। ସେଥିପାଇଁ ଯେକୌଣସି ପୂଜା ଆସିଲେ ମୋ ସହ ପ୍ରସ୍ତୁତିରେ ସମସ୍ତେ ସାହାଯ୍ୟ ସହଯୋଗ କରନ୍ତି।

**–ଅନୁପମା ପରିଡା**
*କର୍ମଜୀବୀ, ଓଲଡ ଏଜି କଲୋନୀ, ଭୁବନେଶ୍ୱର*

**ମନକୁ ଶାନ୍ତି ଦେଉଛି:** ବାହାଘର ପୂର୍ବରୁ ଖୁସିରେ ଜାଗର, ଜନ୍ମାଷ୍ଟମୀ ଭଳି ଓଷା କରୁଥିଲି। ସେହି ଅଭ୍ୟାସରୁ ଆଜିଯାଏଁ କରୁଛି ଆଉ ଏହା ମନରେ ଶାନ୍ତି ଦେଉଛି। ମୋ ସହିତ ଏବେ ମୋ ସ୍ୱାମୀ ମଧ୍ୟ ଶିବରାତ୍ରି ଉପବାସ କରୁଛନ୍ତି। ଆମେ ଏକାଠି ମନ୍ଦିର ଯାଇ ପୂଜା କରୁ। ମୋ ମତରେ ଓଡ଼ିଆ ଘରର ସବୁ ନାରୀମାନେ ପୂଜା ଉପାସନା କରିବା କଥା। କାହିଁକିନା ଏହା ଫଳରେ ଘରେ ସମସ୍ତଙ୍କ ମନ ଆଧ୍ୟାତ୍ମିକ ଭାବଧାରା ଆଡ଼କୁ ଢଳିଥାଏ ଓ ପରିବାରରେ ସମସ୍ତଙ୍କ ମଧ୍ୟରେ ବନ୍ଧନ ମଜଭୁତ ହୋଇଥାଏ।

**–ଅନ୍ନପୂର୍ଣ୍ଣା ବିଶ୍ୱାଳ**
*ଲିଙ୍ଗପଡା, ସୋର, ବାଲେଶ୍ୱର*


ଅନ୍ନପୂର୍ଣ୍ଣା


ପ୍ରଣତି


ଅନୁପମା


ସରସ୍ୱତୀ

# ବଢ଼ାନ୍ତୁ ପିଲାଙ୍କ ଉଚ୍ଚତା



**ପିଲାଙ୍କ ଖାଦ୍ୟରେ ଠିକ୍ ମାତ୍ରାରେ ପୋଷଣ ନ ରହିଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିବା ସହିତ ଶାରୀରିକ ବିକାଶ ମଧ୍ୟ ହୋଇ ପାରି ନ ଥାଏ। ତେଣୁ କେଉଁଭଳି ଖାଦ୍ୟ ଖାଇଲେ ପିଲାଙ୍କର ଉଚ୍ଚତା ବୃଦ୍ଧି ପାଇବ ଜାଣି ରଖନ୍ତୁ...**

- କ୍ଷୀରରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ୍ ଓ ପ୍ରୋଟିନ୍ ରହିଛି। ତେଣୁ ପିଲାଙ୍କୁ ପ୍ରତିଦିନ ଅତିକମ୍‌ରେ ଏକ ଗ୍ଲାସ କ୍ଷୀର ପିଇବାକୁ ଦିଅନ୍ତୁ। କ୍ଷୀର ବ୍ୟତୀତ ଦହି, ପନିର, ଘିଅ ଆଦି ସମସ୍ତ ପ୍ରକାରର ଡାଏରୀ ପ୍ରଡକ୍ଟ ମଧ୍ୟ ଦିଅନ୍ତୁ। ଏହା ଫଳରେ ହାଡ଼ ଶକ୍ତ ହେବା ସହିତ ପିଲାଙ୍କ ଉଚ୍ଚତା ମଧ୍ୟ ବୃଦ୍ଧି ପାଇବ।
- ମେଥି, ପାଳଙ୍ଗ, ବନ୍ଧାକୋବି ଆଦି ବିଭିନ୍ନ ପ୍ରକାରର ଶାଗ ଓ ସବୁଜ ପନିପରିବାରେ ଭିଟାମିନ୍–ସି, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ଭିଟାମିନ୍–କେ ଭଳି ପୋଷକ ତତ୍ତ୍ୱ ରହିଛି। ତେଣୁ ଏସବୁ ଖାଦ୍ୟ ଶରୀରକୁ ପୋଷଣ ଦେବା ସହିତ ଉଚ୍ଚତା ବଢ଼ାଇବାରେ ସାହାଯ୍ୟ କରିଥାଏ।
- ଅଣ୍ଡାକୁ ପୋଷକ ତତ୍ତ୍ୱର ପାୱାର ହାଉସ୍ କୁହାଯାଏ। ତେଣୁ ପ୍ରତିଦିନ ଅଣ୍ଡା ଖାଇଲେ ପିଲାଙ୍କର ଶାରୀରିକ ଓ ମାନସିକ ବିକାଶ ହୋଇଥାଏ।
- ସୋୟାବିନ୍ ମଧ୍ୟ ପ୍ରୋଟିନ୍‌ର ଏକ ସୁନ୍ଦର ଉତ୍ସ। ତେଣୁ ପିଲାଙ୍କ ଖାଦ୍ୟରେ ଏହାକୁ ସାମିଲ କଲେ ସେମାନଙ୍କ ହାଡ଼ ଶକ୍ତ ହେବା ସହ ଉଚ୍ଚତା ମଧ୍ୟ ବଢ଼ିଥାଏ।
- କନ୍ଦମୂଳରେ ଭିଟାମିନ୍–ସି, ଭିଟାମିନ୍ ବି୬ ଏବଂ ପୋଟାସିୟମ୍ ଅଧିକ ରହିଛି। ତେଣୁ ପିଲାଙ୍କ ଉଚ୍ଚତା ବଢ଼ାଇବା ପାଇଁ ଏହା ଖାଇବାକୁ ଦିଅନ୍ତୁ।
- ପିଲାଙ୍କ ହାଡ଼, ମାଂସପେଶୀର ବିକାଶ ସହ ଉଚ୍ଚତା ବଢ଼ାଇବା ପାଇଁ ମାଛ ଓ ମାଂସ ଖାଇବାକୁ ଦିଅନ୍ତୁ।
- ଭିଟାମିନ୍–ସି ଥିବା ଅଁଳା ମଧ୍ୟ ପିଲାଙ୍କ ଉଚ୍ଚତା ବଢ଼ାଇବାରେ ସାହାଯ୍ୟ କରେ।
- ଓଟ୍‌ସ ଏବଂ ଆଲମଣ୍ଡ ମଧ୍ୟ ପିଲାଙ୍କ ହାଇଟ୍ ବଢ଼ାଇବାରେ ସହାୟକ ହୋଇଥାଏ। ଷ୍ଟ୍ରବେରୀ, ବ୍ଲାକ୍‌ବେରୀ ଆଦିରେ ଭିଟାମିନ୍ ସି ଓ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ତେଣୁ ଏହା ପିଲାଙ୍କ ଉଚ୍ଚତା ବଢ଼ାଇଥାଏ। ଏହା ସହିତ ଡାଲି ମଧ୍ୟ ପିଲାଙ୍କ ଉଚ୍ଚତା ବଢ଼ାଇଥାଏ।





## ଆଳୁ ପୁରି

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ–** ଅଟା– ୧ କପ୍, ସୁଜି– ଅଧାକପ୍, ଶିଝା ଆଳୁ– ୨ଟି, ଅଦା– ଛୋଟ ଖଣ୍ଡେ, କଞ୍ଚାଲଙ୍କା– ୨–୩ଟି, ଧନିଆପତ୍ର କଟା– ୧ ଚାମଚ, ଲଙ୍କାଗୁଣ୍ଡ– ଅଳ୍ପ, ହଳଦୀଗୁଣ୍ଡ– ଅଳ୍ପ, ଚିଲି ଫ୍ଲେକ୍ସ– ୧ ଚଉଠ ଚାମଚ, ଜୁଆଣି ଓ ଖାଇବା ସୋଡ଼ା– ୧ ଚଉଠ ଚାମଚ ଲେଖାଏଁ, ଗୁଆଘିଅ– ୨ ଚାମଚ, ହେଙ୍ଗୁ ଓ ଜିରା– ଅଳ୍ପ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଆଳୁରୁ ଚୋପା ଛଡ଼ାଇ ଚକଟି ରଖନ୍ତୁ। ଅଦାକୁ ବାଟି ରଖନ୍ତୁ। ଧନିଆପତ୍ର ଓ କଞ୍ଚା ଲଙ୍କାକୁ ଛୋଟ ଛୋଟ କାଟି ରଖନ୍ତୁ। ଆଳୁ ଚକଟା ସହିତ ସୁଜି, ଅଟା, ହେଙ୍ଗୁ, ଲୁଣ, ଜିରା, ଲଙ୍କାଗୁଣ୍ଡ, ହଳଦୀ, ଖାଇବା ସୋଡ଼ା, ଜୁଆଣି, ଚିଲି ଫ୍ଲେକ୍ସ, ଅଦା ବଟା, କଞ୍ଚାଲଙ୍କା, ଧନିଆ ପତ୍ର ଓ ୨ଚାମଚ ଗୁଆଘିଅ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ଏକ ଓଦା କପଡ଼ାରେ ଏହାକୁ ୧୫ ମିନିଟ୍ ଘୋଡ଼ାଇ ରଖନ୍ତୁ।

ଏହାପରେ କଡ଼େଇରେ ତେଲ ପକାଇ ଚୁଲିରେ ବସାଇ ଗରମ କରନ୍ତୁ। ଏବେ ଚକଟା ହୋଇଥିବା ଅଟାକୁ ଛୋଟ ଛୋଟ ଗୁଳା କରି ତାକୁ ପୁରି ଭଳି ବେଲି ଦିଅନ୍ତୁ। ତେଲ ଭଲ ଭାବେ ଗରମ ହେବା ପରେ ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ପୁରି। ଏହାକୁ ଚଟଣି କିମ୍ବା ତରକାରି ସହିତ ଖାଇଲେ ଭଲ ଲାଗିବ।



# କହୁଣି ଦିଶିବ ସୁନ୍ଦର

**କହୁଣି ଅଧିକ କଳା ଏବଂ ରୁକ୍ଷ ହେଲେ ହାତର ସୌନ୍ଦର୍ଯ୍ୟ କମି ଯାଇଥାଏ। ତେଣୁ କହୁଣିର କଳାପଣକୁ ଦୂର କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଟିପ୍ସ...**

- କହୁଣିର କଳାଦାଗ ଦୂର କରିବା ପାଇଁ ଲେମ୍ବୁକୁ ଦୁଇଫାଳ କରି ଉଭୟପଟରେ ଘଷନ୍ତୁ। ଲେମ୍ବୁରୁ ରସ ସରିଯିବା ପରେ ପାଣିରେ ଧୋଇ ଦିଅନ୍ତୁ।
- ଚାଉଳଗୁଣ୍ଡ, ଅଟା, ଦହିକୁ ମିଶାଇ ଏକ ସ୍କ୍ରବ୍ ତିଆରି କରନ୍ତୁ ଏବଂ କହୁଣିରେ ଘଷନ୍ତୁ। ଏହି ସ୍କ୍ରବ୍ କହୁଣିରେ ଥିବା ମୃତ କୋଷକୁ କାଢ଼ି ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବ। ସପ୍ତାହକୁ ଅତି କମ୍‌ରେ ଏହି ସ୍କ୍ରବ୍ ୨ ଥର ଲଗାନ୍ତୁ।
- ହରଡ଼ କିମ୍ବା ମୁଗ ଡାଲିରେ ମଧ୍ୟ ପ୍ୟାକ୍ ତିଆରି କରିପାରିବେ। ଏଥିପାଇଁ ଡାଲିକୁ ରାତିରୁ ଭିଜାଇ ଦିଅନ୍ତୁ। ସକାଳୁ ଡାଲିକୁ ଛାଣି କ୍ଷୀର ସହିତ ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହି ପେଷ୍ଟକୁ କହୁଣିରେ ଘଷନ୍ତୁ। କିଛି ସମୟ ପରେ ପାଣିରେ ଧୋଇ ଦିଅନ୍ତୁ।
- କହୁଣିରେ ମାଲିସ୍ କରିବା ନିମନ୍ତେ ଘରେ ସ୍ୱତନ୍ତ୍ର ତେଲ ମଧ୍ୟ ତିଆରି କରିପାରିବେ। ଏଥିପାଇଁ ବାଦାମ ତେଲରେ ସୂର୍ଯ୍ୟମୁଖୀ ତେଲ ମିଶାନ୍ତୁ। ସେଥିରେ କିଛି ଗୋଲାପ କିମ୍ବା ଚନ୍ଦନ ତେଲ ମିଶାନ୍ତୁ। ଏହି ତେଲକୁ କହୁଣି ଉପରେ ଘଷନ୍ତୁ। କିଛି ଦିନ ପରେ ତ୍ୱଚା କୋମଳ ଏବଂ ସୁନ୍ଦର ଦିଶିବ।
- ତ୍ୱଚାକୁ ସୁନ୍ଦର ରଖିବା ନିମନ୍ତେ ବଜାରରେ ବିଭିନ୍ନ ପ୍ରକାରର କ୍ରିମ୍ ଉପଲବ୍ଧ ହେଉଛି। ତେଣୁ ନିଜ ତ୍ୱଚାର ପ୍ରକାର ଅନୁସାରେ କ୍ରିମ୍ ଲଗାନ୍ତୁ।
- ସବୁବେଳେ ଗ୍ଲିସେରିନ୍ ଥିବା ସାବୁନ୍ ବ୍ୟବହାର କରନ୍ତୁ। ଏହା ସହିତ ହଳଦୀ ଗୁଣ୍ଡରେ ଲେମ୍ବୁରସ ମିଶାଇ କହୁଣିରେ ମାଲିସ୍ କରନ୍ତୁ। ଧୀରେ ଧୀରେ ତ୍ୱଚା କୋମଳ ହେବା ସହିତ କଳାପଣ ମଧ୍ୟ କମ୍ ହୋଇଯିବ।
- ସ୍ନାନ ପୂର୍ବରୁ ସବୁବେଳେ ତେଲ ଲଗାଇ ସ୍ନାନ କରନ୍ତୁ। ଏହା ସହିତ ଅଧିକ ଗରମ ଥିବା ପାଣିରେ ସ୍ନାନ କରନ୍ତୁ ନାହିଁ।
- ସ୍ନାନ ପରେ ପରେ ତୁରନ୍ତ ବଡି ଲୋଶନ ଲଗାନ୍ତୁ। ଯଦି ତ୍ୱଚା ଅଧିକ ରୁକ୍ଷ ହୋଇଥାଏ, ତେବେ କ୍ରିମ୍ ଲଗାନ୍ତୁ।





# ଓଡ଼ିଶା ପୋଲିସର ବୃହତ୍ ବିଜୟ

## ଓଡ଼ିଶା ଓମେନ୍ସ ଲିଗ୍‌ରେ ଜବାମଣିଙ୍କ ହ୍ୟାଟ୍ରିକ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)** ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲୁଏଲ୍) ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ୨୨, ୨୩ ଓ ୨୪ତମ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପୋଲିସ, ଇଷ୍ଟକୋଷ୍ଟ ରେଲୱେ ଓ ସ୍ପୋର୍ଟ୍ସ ଓଡ଼ିଶା ବିଜୟ ହାସଲ କରିଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଜବାମଣୀ ଟୁଡୁଙ୍କ ହ୍ୟାଟ୍ରିକ ସହ ୪ ଗୋଲ ବଳରେ ଓଡ଼ିଶା ପୋଲିସ ୯-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି। ଜବାମଣୀ ମ୍ୟାଚର ୨୩, ୫୧, ୫୩ ଓ ୫୮ତମ ମିନିଟରେ ୪ଟି ଗୋଲ ଦେଇଥିଲେ। ଏହା ବ୍ୟତୀତ ସତ୍ୟବତୀ ଖାଡ଼ିଆ ୫୯ ଓ ୬୧ ମିନିଟରେ ୨ଟି ଏବଂ ସୁମିତ୍ରା ଖାଲ୍‌କୋ ୫୪, ସୋନି ବେହେରା ୩୩ ଓ ଜସମଣୀ ସମଦ ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ରେଲୱେ ୩-୦ ଗୋଲରେ ସାଇ-ଏସ୍‌ଟିସିକୁ ହରାଇ ଦେଇଛି। ଦଳ ପକ୍ଷରୁ ଲହରି ମଙ୍ଗରାଜ ୧୮, ତାରା ଖାତୁନ ୮୧ ଓ ପୂର୍ଣ୍ଣିମା ରାଓ ୮୮ତମ ମିନିଟରେ ଗୋଲ୍ ତିନୋଟି ଦେଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୪-୩ ଗୋଲରେ ଓଜିପି କ୍ଲବକୁ ହରାଇଛି। ବିଜୟୀ ଦଳ ପକ୍ଷରୁ ସୁମିତ୍ରା ହେମ୍ବ୍ରମ ୨୬ ଓ ୪୭ ଏବଂ ଶିବାନୀ ମୁଣ୍ଡାରୀ ୫୧ ଓ ୯୦+୨ ମିନିଟରେ ଗୋଲ କରିଥିଲେ।



ଇଷ୍ଟକୋଷ୍ଟ ରେଲୱେ ଓ ସାଇ-ଏସ୍‌ଟିସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।


ପୁରୀ ପରିଦର୍ଶନ ଅବସରରେ ସୋମବାର ଶ୍ରୀମନ୍ଦିର ସମ୍ମୁଖରେ ସ୍ପେନ ମହିଳା ହକି ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

# ପୂଜାରାଣୀ, ସତ୍ୟମ ଶ୍ରେଷ୍ଠ ଖେଳାଳି

## ଆନ୍ତଃଜିଲା ଫୁଟବଲ ଟେନିସ ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)** ସିଟି କ୍ଲବ ଓ ଓଡ଼ିଶା ଫୁଟବଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୫ମ ନରେନ୍ଦ୍ର ଜେନା ସ୍ମାରକୀ ଆନ୍ତଃଜିଲା ଫୁଟବଲ ଟେନିସ ଚାମ୍ପିୟନଶିପ୍ ଗତ ୨ ଦିନଧରି ମମ୍‌ତାଜ ଅଲୀ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହାର ବାଳିକା ବିଭାଗରେ ଯାଜପୁର ଜିଲା ଚାମ୍ପିୟନ ଓ ଭଦ୍ରକ ରନର୍ସଅପ୍ ହୋଇଛି। ସେହିପରି ପୁରୁଷ ବିଭାଗରେ କନ୍ଧମାଳ ଚାମ୍ପିୟନ ଓ ଯାଜପୁର ରନର୍ସଅପ୍ ହୋଇଛି। ଉଭୟ ବିଭାଗରେ ଯଥାକ୍ରମେ କେନ୍ଦ୍ରାପଡ଼ା ଜିଲା ଓ ଜେଡି ବୟେଜ ଭୁବନେଶ୍ୱର ତୃତୀୟ ସ୍ଥାନ ଅଧିକାର କରିଛି। ବାଳିକା ବିଭାଗରେ ଭଦ୍ରକର ପୂଜାରାଣୀ ଦାସ ଓ ପୁରୁଷରେ ଭୁବନେଶ୍ୱରର ସତ୍ୟମ ସିଂ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଏବଂ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରାଧାକାନ୍ତ ମହାପାତ୍ର, ଭାଗ୍ୟଧର ଜଗଦେବ, ଜୟଶ୍ରୀ ଧଳ, ଫୁଟବଲ ଟେନିସର ରାଜ୍ୟ ସଭାପତି ସମରେନ୍ଦ୍ର ଜେନା, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଗୀତାରାଣୀ ବେହେରା, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ରେଫରି ସୁଜିତ କୁମାର ପାତ୍ର, ରଶ୍ମିତା ମହାନ୍ତି, ତାଜଉଦ୍ଦିନ ଖାଁ ପ୍ରତିଯୋଗିତା ପରିଚାଳନା କରିଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

## ମୟଙ୍କ ଅଗ୍ରୱାଲ ପଞ୍ଜାବ କିଙ୍ଗ୍ସ ଅଧିନାୟକ

**ନୂଆଦିଲ୍ଲୀ, ୨୮।୨ (ପି.ଟି.):** ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଲାଗି ଓପନର ମୟଙ୍କ ଅଗ୍ରୱାଲ ପଞ୍ଜାବ କିଙ୍ଗ୍ସର ଅଧିନାୟକ ମନୋନୀତ ହୋଇଛନ୍ତି। ବେଙ୍ଗାଲୁରୁର ୩୧ ବର୍ଷୀୟ ମୟଙ୍କ ଭାରତୀୟ ଟେଷ୍ଟ ଦଳର ଅନ୍ୟତମ ସଦସ୍ୟ। ଚଳିତ ମାସର ପ୍ରଥମ ଭାଗରେ ମେଗା ନିଲାମ ପୂର୍ବରୁ ପଞ୍ଜାବ କିଙ୍ଗ୍ସ ଯୁବ ପେସ୍ ବୋଲର ଅର୍ଶଦୀପ ସିଂଙ୍କ ବ୍ୟତୀତ ଏହି ଖେଳାଳିଙ୍କୁ ଦଳରେ ରଖିବା ଲାଗି ସ୍ଥିର କରିଥିଲା। ମୟଙ୍କ ୨୦୧୮ରୁ ପଞ୍ଜାବ କିଙ୍ଗ୍ସ ଦଳରେ ରହି ଆସିଛନ୍ତି। ଗତ ସିଜନରେ ସେ ଦଳରେ ସାମୟିକ ଉପଅଧିନାୟକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ବର୍ତ୍ତମାନ ତାଙ୍କୁ ଦଳର ନେତୃତ୍ୱ ଦିଆଯାଇଥିବାରୁ ସେ ଉତ୍ସାହିତ ଥିବା କହିଛନ୍ତି।

# ଓଡ଼ିଶାକୁ ୫ ସ୍ୱର୍ଣ୍ଣ, ୯ ରୌପ୍ୟ, ୬ ବ୍ରୋଞ୍ଜ

## ଜାତୀୟ ହୁଇଲ ଚେୟାର ଫେନ୍‌ସିଂ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ୧୪ତମ ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାକୁ ୫ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ମିଳିଛି। ଅନ୍ତିମ ଦିବସରେ ଓଡ଼ିଶା ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ସିଲା ମନ୍ତ୍ରୀ ମହିଳା କାଟେଗୋରି ଏ(ଇପି)ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଫାଇନାଲରେ ହରିୟାଣାର ରେଖାଙ୍କୁ ୧୦-୪ ବ୍ୟବଧାନରେ ପରାସ୍ତ କରିଛନ୍ତି। ପୁରୁଷ ଓ ମହିଳା ଦଳଗତ ଫଏଲ ବିଭାଗରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ମିଳିଛି। ପ୍ରତିଯୋଗିତାରେ ୧୪ଟି ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପଦକ ବିଜେତା ଓଡ଼ିଶାର ହୁଇଲ ଚେୟାର ଫେନ୍‌ସିଂ ପ୍ରତିଯୋଗୀଙ୍କ ସହ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହ୍ୟାଣ୍ଡବଲ ୨ରୁ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି):** ଯୋଧପୁରର ଭିବିଏସ୍ ବିଶ୍ୱବିଦ୍ୟାଳୟରେ ଆସନ୍ତା ୨ ତାରିଖରୁ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନ୍‌ସିଲ୍ ପକ୍ଷରୁ ୧୨ ଜଣିଆ ଦଳ ଘୋଷଣା କରାଯାଇଛି। ଅଙ୍କିତ୍ ଆରୋସିସଙ୍କ ନେତୃତ୍ୱରେ ଦଳ ସୋମବାର ଯୋଧପୁର ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଶାନ୍ତନୁ ତ୍ରିପାଠୀ, ଅନିଲ କୁମାର ରାଉତ, ସ୍ୱାଗତ ସାଗର ସ୍ୱାଇଁ, ଅବିନାଶ ତ୍ରିପାଠୀ, ଆଲୋକ କୁମାର ଭୋଇ, ଅକ୍ଷୟ କୁମାର ପୂଜାରୀ, ଶରତ ଜେନା, ସତ୍ୟବ୍ରତ ବାରିକ, ବିଶ୍ୱରଞ୍ଜନ ପାତ୍ର, ବିଶ୍ୱଜିତ ବାଘ ଓ ଅଂଶୁମାନ ଶତପଥୀ। ଜାତୀୟ ସ୍ତରର ଖେଳାଳି ସର୍ବେଶ୍ୱର ନାଥ ମ୍ୟାନେଜର ଓ ଗୌରୀ ଶଙ୍କର ମିଶ୍ର କୋଚ୍‌ଭାବେ ଦଳସହ ଯାତ୍ରା କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ, ରେଜିଷ୍ଟ୍ରାର ଅଭୟ କୁମାର ନାୟକ, ସ୍ପୋର୍ଟ୍ସ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ମେଡ୍‌ଭେଡେଭ ହେଲେ ନମ୍ବର ୱାନ୍

**ଲଣ୍ଡନ, ୨୮।୨ (ଏପି):** ରୁଷିଆର ଡାନିଲ ମେଡଭେଡେଭ ୨୭ତମ ଖେଳାଳି ଭାବେ ପୁରୁଷ ଟେନିସ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ଦଖଲ କରିଛନ୍ତି। ମେଡଭେଡେଭ ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ପ୍ରଥମ ସ୍ଥାନରୁ ହଟାଇ ଦେଇଛନ୍ତି, ଯିଏକି ରେକର୍ଡ ମୋଟ ୩୬୧ ସପ୍ତାହ ଧରି ର୍‍ୟାଙ୍କିଙ୍ଗ ତାଲିକାର ଶୀର୍ଷରେ ରହିଥିଲେ। ୧୮ ବର୍ଷ ମଧ୍ୟରେ 'ବିଗ୍ ଫୋର୍' ଭାବେ ପରିଚିତ ଜୋକୋଭିଚ୍, ରୋଜର ଫେଡରର, ରାଫାଲ ନାଡାଲ ଓ ଆଣ୍ଡି ମୁରେଙ୍କ ବ୍ୟତିରେକେ ମେଡଭେଡେଭ ପ୍ରଥମ ଖେଳାଳିଭାବେ ର୍‍ୟାଙ୍କିଙ୍ଗ ତାଲିକାରେ ନମ୍ବର ୱାନ ହୋଇପାରିଛନ୍ତି। ୨୦୦୪ ଫେବୃୟାରୀ ୧ରେ ଆଣ୍ଡି ରଡିକ ୩ ସପ୍ତାହ ଓ ୬ ଦିନ ପାଇଁ ନମ୍ବର ୱାନ ହୋଇପାରିଥିଲେ। ୟେଭଜେନି କାଫେଲନିକୋଭ୍ ଓ ମାରାଟ ସାଫିନଙ୍କ ପରେ ମେଡଭେଡେଭ ତୃତୀୟ ରୁଷୀୟ ଖେଳାଳି ଭାବେ ଏହି ସଫଳତା ହାସଲ କରିଛନ୍ତି।

# ମିଜୋରାମ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

## ପୂର୍ବାଞ୍ଚଳ ଟେବୁଲ ଟେନିସ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି):** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେବୁଲ ଟେନିସ (ପୁରୁଷ) ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଥମସ୍ଥାନ ଅଧିକାର କରି ମିଜୋରାମ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। କୋଲକାତାର ଆଦାମାସ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ୟୁନିଭର୍ସିଟି ଅଫ୍ ନର୍ଥ ବେଙ୍ଗଲ ତୃତୀୟ ଓ ଦରଭଙ୍ଗାର ଏଲଏନ୍ ମିଥିଳା ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସର୍ବଭାରତୀୟ ଟେନିସ (ପୁରୁଷ) ଚାମ୍ପିୟନଶିପ୍‌ର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିରେ ଓସମାନିଆ ଓ ଗୁଜରାଟ ବିଶ୍ୱବିଦ୍ୟାଳୟ ମଧ୍ୟରେ ମୁକାବିଲା ହେବ। ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ପାଇଁ ଶ୍ରୀ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟକୁ ଭେଟିବ।



ଚାମ୍ପିୟନ ମିଜୋରାମ ବିଶ୍ୱବିଦ୍ୟାଳୟ ଦଳ ଅତିଥିଙ୍କ ସହ।

## ରୁଷିଆକୁ କ୍ରୀଡ଼ାରୁ ବାଦ୍ ଦେବାକୁ ଆଇଓସିର ଆହ୍ୱାନ

**ଜେନେଭା, ୨୮।୨ (ଏପି):** ୟୁକ୍ରେନ ଉପରେ ଆକ୍ରମଣ ପରେ ରୁଷିଆକୁ ଏକ ଘରିଆ କରିବା ସହ ନିନ୍ଦା କରିବା ଉଚିତ୍ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) କହିଛି। ଏହି ଦେଶର ଆଥଲେଟ ଓ ଅଫିସିଆଲଙ୍କୁ ସମସ୍ତ ଅନ୍ତର୍ଜାତୀୟ ଇଭେଣ୍ଟରୁ ବାଦ୍ ଦେବାଲାଗି ମଧ୍ୟ ଆହ୍ୱାନ ଦେଇଛି। ବିଶ୍ୱ କ୍ରୀଡ଼ା ପ୍ରତିଯୋଗିତାରେ ଅଖଣ୍ଡତା ଓ ସମସ୍ତ ଅଂଶଗ୍ରହଣକାରୀଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ଆଇଓସି କହିଛି। ଏହି ନିଷ୍ପତ୍ତି ମାର୍ଚ୍ଚ ୨୪ରେ ଖେଳାଯିବାକୁ ଥିବା ଏକ ବିଶ୍ୱକପ୍ କ୍ୱାଲିଫାଇଙ୍ଗ ମ୍ୟାଚରୁ ରୁଷିଆକୁ ବାଦ୍ ଦେବାରେ ଅନ୍ତର୍ଜାତୀୟ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ପାଇଁ ଆଉ କୌଣସି ଅସୁବିଧା ରହିବ ନାହିଁ। ରୁଷିଆ ସେ ଦିନ ଏହି ମ୍ୟାଚ ପୋଲାଣ୍ଡ ବିପକ୍ଷରେ ଖେଳିଥାନ୍ତା। ମାତ୍ର ୟୁକ୍ରେନ ଉପରେ ଆକ୍ରମଣ ଘଟଣାକୁ ନେଇ ପୋଲାଣ୍ଡ ବର୍ତ୍ତମାନ ଏହି ମ୍ୟାଚ ଖେଳିବାକୁ ମନା କରିଦେଇଛି। ରୁଷିଆ ବ୍ୟତୀତ ବେଲାରୁଷ ବିପକ୍ଷରେ ମଧ୍ୟ ସମାନ ପଦକ୍ଷେପ ନେବାକୁ ଆଇଓସି ଆହ୍ୱାନ ଦେଇଛି। କାରଣ ଏହି ଦେଶ ୟୁକ୍ରେନ ଆକ୍ରମଣ ପାଇଁ ନିଜ ଅଞ୍ଚଳକୁ ବ୍ୟବହାର କରିବା ଲାଗି ରୁଷିଆକୁ ଅନୁମତି ଦେଇଛି। ରୁଷିଆ ସୈନ୍ୟ ବେଲାରୁଷରେ ଡେରା ପକାଇ ୟୁକ୍ରେନ୍ ଉପରେ ଆକ୍ରମଣ କରୁଛନ୍ତି।

# ଭାରତୀୟ କୋର୍ ଗ୍ରୁପ୍‌ରେ ଓଡ଼ିଶାରୁ ୫

## ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)** ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଏପ୍ରିଲ ୧ରୁ ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ସୋମବାର ୨୮ ଜଣିଆ କୋର୍ ଗ୍ରୁପ୍ ଖେଳାଳି ତାଲିକା ପ୍ରକାଶ ପାଇଛି। ସେଥିରେ ଓଡ଼ିଶାର ୫ ଖେଳାଳି ମାଧୁରୀ କିଣ୍ଡୋ, ଜ୍ୟୋତି ଛତ୍ରି, ଆଜମିନା କୁଜୁର, ନିକିତା ଟପ୍ପୋ ଓ ଜିଓ୍ୱନ କିଶୋରୀ ଟପ୍ପୋ ସ୍ଥାନ ପାଇଛନ୍ତି। ଭାରତୀୟ ଦଳର ପ୍ରସ୍ତୁତି ଶିବିର ସୋମବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଦଳର ଅନ୍ତିମ ପର୍ଯ୍ୟାୟ ପ୍ରସ୍ତୁତି ସମ୍ପର୍କରେ ମତ ଦେବାକୁ ଯାଇ ଭାରତୀୟ ମହିଳା ହକି କୋଚ୍ ଜାନେକେ ସ୍କୁପମାନ କହିଛନ୍ତି ଯେ, ''ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ଆଗାମୀ ବିଶ୍ୱକପ ପାଇଁ ଖେଳାଳିମାନେ ପ୍ରସ୍ତୁତିରେ କୌଣସି ହେଳା କରିବାକୁ ଚାହାନ୍ତି ନାହିଁ। ଗତ କିଛି ସପ୍ତାହଧରି କ୍ୟାମ୍ପ ବେଙ୍ଗାଲୁରୁରେ ଚାଲିଥିଲା। ଏବେ ଏହା ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଛି। ଏଠାରେ ସିନିୟର ମହିଳା ଦଳର ପ୍ରୋ ଲିଗ୍ ମ୍ୟାଚ ଦେଖି ସେମାନେ ଅନେକ କିଛି ଶିଖି ପାରିବେ''।

ଗୋଲକିପର: ବିଚୁ ଦେବୀ ଖାରିବାମ୍, ଖୁସ୍‌ବୁ, ମାଧୁରୀ କିଣ୍ଡୋ।
ଡିଫେଣ୍ଡର: ମାରିନା ଲାଲରାମଙ୍ଘାକି, ପ୍ରୀତି, ପ୍ରିୟଙ୍କା, ଇଶିକା ଚୌଧାରୀ, ଆଶାଲତା ଆବାସୋ ଦେଖଲେ, ନୀଲମ।
ମିଡ୍‌ଫିଲ୍ଡର: ବୈଷ୍ଣବୀ ଫାଲ୍‌କେ, ସାଲିମା ଟେଟେ, ରୀତ୍, ମଞ୍ଜୁ ଚୌରାସିଆ, ଜ୍ୟୋତି ଛତ୍ରି, ଆଜମିନା କୁଜୁର, ଶର୍ମିଳା ଦେବୀ, ଲାଲରେମସିଆମି, ବଲଜିତ କୌର, ନିକିତା ଟପ୍ପୋ।
ଫରୱାର୍ଡ: ଋତୁଜା ପିସାଲ, ଅନୁ, ଲାଲରିଣ୍ଡିକି, ଜିଓ୍ୱନ କିଶୋରୀ ଟପ୍ପୋ, ମୁମତାଜ ଖାଁ, ବିୟୁଟି ଡୁଙ୍ଗଡୁଙ୍ଗ, ଦୀପିକା, ସଙ୍ଗୀତା କୁମାରୀ, ଦୀପିକା ସୋରେଙ୍ଗ।

## ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

**ଖ୍ରୀଷ୍ଟଚର୍ଚ୍ଚ, ୨୮।୨ (ଏପି):** କାଇଲ ଭରେନିଙ୍କ ପ୍ରଥମ ଟେଷ୍ଟ ଶତକ ସହାୟତାରେ ଦକ୍ଷିଣ ଆଫ୍ରିକା ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିପାରିଛି। ଭରେନି ୧୩୬ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ଚା'ପାନ ବିରତି ପୂର୍ବରୁ ୩୫୪/୯ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଏଥି ସହିତ ଦଳ ନ୍ୟୁଜିଲାଣ୍ଡ ପାଇଁ ୪୨୫ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିପାରିଛି।

# ଆଶୀର୍ବାଦ, ପଙ୍କଜ, ସଞ୍ଜୟ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)** କଟକ ବିଶ୍ୱଭାରତୀ କ୍ରିକେଟ କ୍ଲବର ୪୫ତମ ପୂର୍ତ୍ତି ଅବସରରେ ଏସ୍‌ସିବି ମେଡିକାଲ କଲେଜ ପଡ଼ିଆରେ ରବିବାର ରାତି ୭ଟାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ପକ୍ଷରୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ପ୍ରତିଷ୍ଠାତା ଏବଂ ସଦସ୍ୟ ପ୍ରଦୀପ୍ତ କୁମାର ଖୁଣ୍ଟିଆ ଓ ଏସ୍‌ସିବି ମେଡିକାଲ କଲେଜ ଶିକ୍ଷକ ତାରିଣୀ ପ୍ରସାଦ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ସୌମିତ୍ର ଚୌଧାରୀ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି, ସହକାରୀ ସମ୍ପାଦକ ନୃସିଂହ ଚରଣ ଚୌଧାରୀ, ଆର. ଆର. ଦାସ, ସୁବିତ ବିଶ୍ୱାଳ, ସୁଚିତ୍ରା ମହାପାତ୍ର, ବିଷ୍ଣୁଦେବ ମହାନ୍ତି, ଧୀରେନ୍ଦ୍ର ରାଉତ, ହୃଷୀକେଶ ବଙ୍ଗାରି, ତନ୍ମୟ ପଟ୍ଟନାୟକ, ସୁଦର୍ଶନ ଦାସ, ଶୁଭାଶିଷ ଦାସ, ବସନ୍ତ ଦାସ, ଏନ. ପରିଡ଼ା, ଏ. କାନୁନ୍‌ଗୋ, ଡି. ତ୍ରିପାଠୀ, ପ୍ରଦୀପ ଦାସ, ପି.ଆର. ସିହ୍ନା, ଆର. ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଏହି କ୍ଲବରୁ ସଞ୍ଜୟ ରାଉଳ, ସୁବିତ ବିଶ୍ୱାଳ ଏବଂ ହୃଷୀକେଶ ବଙ୍ଗାରିଙ୍କ ପରି ଖେଳାଳି ନିଜ ପ୍ରଦର୍ଶନ ଦ୍ୱାରା ରାଜ୍ୟ ଏବଂ ଦେଶରେ ନାଁ କରିଛନ୍ତି।




ବିଶ୍ୱଭାରତୀ କ୍ରିକେଟ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ ହେବା ଅବସରରେ ପଙ୍କଜ ଲୋଚନ ମହାନ୍ତି, ସଞ୍ଜୟ ବେହେରା ଓ ଆଶୀର୍ବାଦ ବେହେରା।

## ଜାତୀୟ ଜୁନିୟର, ସବ୍‌ଜୁନିୟର ସିପକ୍‌ଟାକ୍ରରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)** ରାଜସ୍ଥାନର ଜୟପୁରଠାରେ ୨୫ତମ ଜାତୀୟ ଜୁନିୟର (ବାଳିକା/ବାଳକ) ଓ ୨୪ତମ ସବ୍‌ଜୁନିୟର (ବାଳିକା/ ବାଳକ) ସିପକ୍‌ଟାକ୍ର ଚାମ୍ପିୟନଶିପ୍ ମାର୍ଚ୍ଚ ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳର ଖେଳାଳି ମନୋନୟନ ଶିବିର ଆସନ୍ତା ୫ ଓ ୬ ତାରିଖ ଦୁଇଦିନଧରି କଟକ ବାରବାଟୀ ଷ୍ଟାଡିୟମ ପରିସରରେ ଆୟୋଜିତ ହେବ। ଏଥିରେ ଭାଗନେବାକୁ ଆଗ୍ରହୀ ଥିବା ଖେଳାଳିମାନେ ଅଧିକ ବିବରଣୀ ଜାଣିବା ପାଇଁ ଉପସଭାପତି ମହମଦ ଗୁଲଫାମଙ୍କ ସହ ଯୋଗାଯୋଗ କରିବାକୁ ଓଡ଼ିଶା ରାଜ୍ୟ ସିପକ୍‌ଟାକ୍ର ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

# ସର୍ବଭାରତୀୟ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

## ସୁକୋକାଇ କରାଟେ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)** ସୁକୋକାଇ କରାଟେ ଶୈଳୀର ସର୍ବଭାରତୀୟ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ୭୫ ପ୍ରଶିକ୍ଷକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଶିବିରରେ ଆତ୍ମରକ୍ଷା କୌଶଳ ଓ କରାଟେ କ୍ରୀଡ଼ା ନିମନ୍ତେ ଆବଶ୍ୟକ ଦକ୍ଷତା, ଶାରୀରିକ ଇଞ୍ଜୁରିର ପ୍ରତିରୋଧ ଏବଂ ଇଞ୍ଜୁରି ଅବସ୍ଥାର ନିରାକରଣ ନିମନ୍ତେ ଆବଶ୍ୟକ ଉପଚାରର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କ୍ରୀଡ଼ାରେ ଉତ୍କର୍ଷତା ନିମନ୍ତେ ଆବଶ୍ୟକ ପଦ୍ଧତିକୁ ଆପଣେଇବା ଓ କରାଟେ କ୍ରୀଡ଼ାର ସାମୂହିକ ଶିକ୍ଷା ପ୍ରଦାନରେ କିଭଳି ବିଜ୍ଞାନସମ୍ମତ ଉପାୟରେ ପ୍ରଶିକ୍ଷାର୍ଥୀଙ୍କ ଶାରୀରିକ ଓ ମାନସିକ ବିକାଶ କରାଯାଇପାରିବ ତା' ଉପରେ ଆଲୋକପାତ କରାଯାଇଥିଲା। ସୁକୋକାଇ ଶୈଳୀର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ହରିପ୍ରସାଦ ପଟ୍ଟନାୟକ ଏହି ଶିବିରକୁ ପରିଚାଳନା କରିଥିଲେ ଏବଂ ଗୌରୀ ମହାନ୍ତି ସହଯୋଗ କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବିଭିନ୍ନ ରାଜ୍ୟର କରାଟେକା।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ